# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୪/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, October 24/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 328 | ମୂଲ୍ୟ₹୭/-







KP GROUP
Quality Since 1965
Safal
PAN MASALA
କେ.ପି. ସମୂହ ତରଫରୁ ଆପଣ ସମସ୍ତଙ୍କୁ
ଦୀପାବଳିର
ହାର୍ଦ୍ଦିକ ଶୁଭକାମନା।
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ସୁରକ୍ଷିତ ରୁହନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୪/୨୦୨୨ | Bhubaneswar, Monday, October 24/2022 | ପୃଷ୍ଠା-୧




**ମେଣ୍ଡିସ ପ୍ଲେୟର ଅଫ୍ ଦି ମ୍ୟାଚ**

ଆୟର୍ଲାଣ୍ଡ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଶ୍ରୀଲଙ୍କାର କୁଶାଲ ମେଣ୍ଡିସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୨

୦୫

**‘ଧନୀ ନୁହନ୍ତି ଜାହ୍ନବୀ’**

ପ୍ରଡ୍ୟୁସରଙ୍କୁ ଟଙ୍କା ଦେଇ ଫିଲ୍ମ ତିଆରି କରିବା ଲାଗି ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ପାଖରେ ଟଙ୍କା ନ ଥିବା କହିଛନ୍ତି।





କଟକ ଖାନନଗର ପୂଜା ମଣ୍ଡପରେ ରୁପା ମେଢ଼ ଓ ସୁନା ମୁକୁଟରେ ଝଲସୁଛନ୍ତି ମା’ ଶ୍ୟାମାକାଳୀ।

# ସୁରକ୍ଷା ଖୋଜୁଛି ସୁରକ୍ଷାକବଚ

- **ହେନ୍ତାଳବଣ ସୁଦୃଢ଼ ପାଇଁ ମିଳିତ ପ୍ରୟାସ ଲୋଡ଼ା**
- **ସ୍ଥାୟୀ ବିଶେଷଜ୍ଞ କମିଟି ଗଠନ ଆବଶ୍ୟକ**

**ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷୟ ହେଉଥିବା ଉପକୂଳ ଅଞ୍ଚଳକୁ ସୁରକ୍ଷିତ ରଖୁଥିବା ହେନ୍ତାଳ ବଣକୁ ସୁରକ୍ଷା କବଚ କୁହାଯାଏ। ଏହାର ସୁରକ୍ଷା ଯେତିକି ଜରୁରୀ ଏହି ବୃକ୍ଷର ଔଷଧୀୟ ଗୁଣ ମାନବ ସମାଜ ପାଇଁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଏହି ସୁରକ୍ଷାକବଚ ପ୍ରତି ମାନବୀୟ କାର୍ଯ୍ୟକଳାପ ବିପଦ ସୃଷ୍ଟି କରିଛି। ଏହାର ନିରାକରଣ ପାଇଁ ସରକାରୀ ତତ୍ପରତା ସହ ପ୍ରତ୍ୟେକ ସ୍ତରରେ ସାମୂହିକ ଉଦ୍ୟମ ଆବଶ୍ୟକ ହୋଇପଡ଼ିଛି।**

ଭୁବନେଶ୍ୱର(ବ୍ୟୁରୋ)/ ରାଜନଗର, ୨୩।୧୦(ଡି.ଏନ୍.ଏ)

ହେନ୍ତାଳ ହେଉଛି ଲବଣ ପ୍ରତିରୋଧୀ ପ୍ରଜାତିର ବୃକ୍ଷ, ଯାହାକି ସମୁଦ୍ର ଉପକୂଳ ଏବଂ ନଦୀ ମୁହାଣରେ ଥିବା ଆର୍ଦ୍ର ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହା ବାତ୍ୟା, ଜୁଆର ସମୟରେ ମାଡ଼ି ଆସୁଥିବା ସମୁଦ୍ର ପାଣିରୁ ଉପକୂଳକୁ ସୁରକ୍ଷା ଦେଇଥାଏ। ସମୁଦ୍ର କୂଳରେ ମୃତ୍ତିକା କ୍ଷୟରୁ ମଧ୍ୟ ଏହି ହେନ୍ତାଳ ବଣ ରକ୍ଷା କରିଥାଏ। ହେନ୍ତାଳ ବନାଞ୍ଚଳରେ ଜୈବ ବିବିଧତା ବିଶେଷଭାବେ



ବିକଶିତ ହୋଇଥାଏ। ଏହି ଅଞ୍ଚଳରେ ଚିଙ୍ଗୁଡ଼ି, କଙ୍କଡ଼ା, ମାଛ, କଇଁଛ ଭଳି ବିଭିନ୍ନ ପ୍ରଜାତିର ସାମୁଦ୍ରିକ ଜୀବ ଅଣ୍ଡାଦାନ କରିବା ସହ ବଂଶବୃଦ୍ଧି କରିଥାନ୍ତି। ଏହା ଉପକୂଳ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷା ଦେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ଉପାର୍ଜନରେ ସହାୟକ ହୋଇଥାଏ। ୨୦୨୧ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ ଅନୁସାରେ ଓଡ଼ିଶା ଉପକୂଳରେ ହେନ୍ତାଳ ବନ ବୃଦ୍ଧି ପାଇଛି। ହେନ୍ତାଳ ବନୀକରଣ ବୃଦ୍ଧିରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ୨୦୧୮ ସୁଦ୍ଧା ରାଜ୍ୟରେ ୨୫୧ ବର୍ଗ କି.ମି. ଅଞ୍ଚଳରେ ହେନ୍ତାଳବନ ପରିବ୍ୟାପ୍ତ ☞ପୃଷ୍ଠା-୨


**ଦୀପାବଳି ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକା ପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।


**ଧରିତ୍ରୀର ଛୁଟି**

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୨୪।୧୦।୨୦୨୨ ରିଖ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୨୬।୧୦।୨୦୨୨ ରିଖ ବୁଧବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

କ୍ଷମତା ଲୋଭ






## ଦୀପାବଳିରେ ଭିଜିବ ଉପକୂଳ

### ଆଜି ବଙ୍ଗୋପସାଗରରେ ସୃଷ୍ଟି ହେବ ବାତ୍ୟା

ଭୁବନେଶ୍ୱର,୨୩।୧୦ (ବ୍ୟୁରୋ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଥିବା ଅବପାତ ୬ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ରବିବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି। ଘଣ୍ଟାପ୍ରତି ୧୭ କି.ମି. ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୧୨ଘଣ୍ଟା ଯାଏ ନିଜ ଗତିର ଦିଗ ବଜାୟ ରଖିବା ସହ ପରେ କେନ୍ଦ୍ରୀୟ ବଙ୍ଗୋପସାଗର ☞ପୃଷ୍ଠା-୨

## ଚାଇନାରେ ପୁଣି ଜିନ୍‌ପିଙ୍ଗ୍ ଶାସନ

### ମହିଳା ଶୂନ୍ୟ ନୂଆ କ୍ୟାବିନେଟ୍

ବେଜିଂ, ୨୩।୧୦

ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ରବିବାର ୬୯ ବର୍ଷୀୟ ଶି ଜିନ୍‌ପିଙ୍ଗଙ୍କୁ ଦଳର ମହାସଚିବ ନିର୍ବାଚିତ କରିଛି। ଫଳରେ ଜିନ୍‌ପିଙ୍ଗ୍ କ୍ରମାଗତ ୩ୟ ଥର ପାଇଁ ଚାଇନାର ରାଷ୍ଟ୍ରପତି ହୋଇଛନ୍ତି। ମାଓ ଜେଡୋଙ୍ଗଙ୍କ ପରେ ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ସବୁଠାରୁ ଶକ୍ତିଶାଳୀ ନେତା ହେବା ସହ ତୃତୀୟ ଥର ପାଇଁ ଶାସନରେ ରହିବାରେ ରେକର୍ଡ କରିଛନ୍ତି। ସପ୍ତାହେ ଧରି ଚାଲିଥିବା ସିପିସି ବୈଠକରେ ଶନିବାର ଜିନ୍‌ପିଙ୍ଗ୍ ଶକ୍ତିଶାଳୀ ସେଣ୍ଟ୍ରାଲ କମିଟିକୁ ମନୋନୀତ ହୋଇଥିଲେ। ରବିବାର ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ଅଧିବେଶନରେ ୨୦୩ ସିପିସି



ଶି ଜିନ୍‌ପିଙ୍ଗ

ସେଣ୍ଟ୍ରାଲ କମିଟି ସଦସ୍ୟ ଏବଂ ୧୬୮ ଅନ୍ୟ ମେମ୍ବର ଉପସ୍ଥିତ ଥିଲେ। ଏହି ଅବସରରେ ଜିନ୍‌ପିଙ୍ଗଙ୍କୁ ସିପିସି ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି)ର ଅଧ୍ୟକ୍ଷ ଭାବେ ମଧ୍ୟ ନାମିତ କରାଯାଇଥିଲା। ☞ପୃଷ୍ଠା-୨

# ଟିମ୍ ଇଣ୍ଡିଆର ଦୀପାବଳି ଭେଟି

ମେଲବୋର୍ନ, ୨୩।୧୦(ପି.ଟି.)

ଟୁର୍ନାମେଣ୍ଟ ଟି୨୦ କ୍ରିକେଟ ବିଶ୍ୱକପ୍ ଏବଂ ହାଇପ୍ରୋଫାଇଲ ମ୍ୟାଚ୍ ଭାରତ ବନାମ ପାକିସ୍ତାନ। ଭାରତ ଆଗରେ ଲକ୍ଷ୍ୟ ଥିଲା ୧୬୦ ରନ୍। ମାତ୍ର ୩୧ ରନ୍ ମଧ୍ୟରେ ୪ ଉଇକେଟ ହରାଇ ବିପଦକୁ ଆସିଯାଇଥିଲା ଟିମ୍ ଇଣ୍ଡିଆ। କୋଟି କୋଟି ଭାରତୀୟ ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ବଢ଼ିଚାଲିଥିଲା। ଆରମ୍ଭ ହୋଇଯାଇଥିଲା ପୂଜାର୍ଚ୍ଚନା ଆଉ ପ୍ରାର୍ଥନା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଗର୍ଜିଲା କିଙ୍ଗ୍ କୋହଲି ବିରାଟଙ୍କ ବ୍ୟାଟ୍। ସାଥ୍ ଦେଲେ ହାର୍ଦ୍ଦିକ ପାଣ୍ଡ୍ୟା। ସାକ୍ଷୀ ରହିଲେ ଷ୍ଟାଡିୟମରେ ଉପସ୍ଥିତ ୯୦,୦୦୦ ଦର୍ଶକ। ନୂଆ ନୂଆ



**ଟି୨୦ ବିଶ୍ୱକପ୍**

- **ମେଲବୋର୍ନରେ କୋହଲି କରିସ୍ମା**
- **ପାକିସ୍ତାନକୁ ହରାଇ**

**ଭାରତର ଅଭିଯାନ ଆରମ୍ଭ**

ରଣନୀତି ଆପଣାଇଲେ ପାକିସ୍ତାନ ବୋଲର। ମାତ୍ର ସବୁ କିଛି ଫେଲ୍ ମାରିଲା। କୋହଲି ନିଜ ବିରାଟ ନାମର ଯଥାର୍ଥତା ପ୍ରତିପାଦନ କଲେ। ରୋମାଞ୍ଚକ ଏବଂ ଲୋମହର୍ଷଣକାରୀ ମ୍ୟାଚ୍‌ରେ ବିଜୟ ମୁକୁଟ ପିନ୍ଧିଲା ଟିମ୍ ଇଣ୍ଡିଆ। ଏଥିସହ ଦେଶବାସୀଙ୍କୁ ଦେଲା ଦୀପାବଳି ଭେଟି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ☞ପୃଷ୍ଠା-୨







ପବିତ୍ର ଦୀପାବଳି-୨୦୨୨ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS - 52

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)

OIPR-15001/13/0154/2223



ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା

DADLS - 52

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0154/2223



ପବିତ୍ର ଦୀପାବଳି - ୨୦୨୨ ଉପଲକ୍ଷେ ବାର୍ତ୍ତା

DADLS - 52

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ସମସ୍ତଙ୍କର ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପୂରିଉଠୁ ଏହା ମୋର ମା’ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0154/2223

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୪୮,୨୫,୯୭୨ | ୬୫,୮୨,୫୮୩ | ୬୧,୧୬,୬୯,୮୫୪ |
| ଭାରତ | ୪,୪୬,୪୨,୭୪୨ | ୫,୨୮,୯୬୧ | ୪,୪୦,୯୦,୩୪୯ |
| ଓଡ଼ିଶା | ୧୩,୩୫,୮୬୧ | ୯୨୦୩(+୫୩) | ୧୩,୨୬,୧୭୦ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୭ ଟ୍ରମା କେୟାର ଫାସିଲିଟି କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

■ ଓଡ଼ିଶାରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁହାର
■ ମୃତ୍ୟୁହାର ୪୮% ରୁ ୧୦%କୁ କମାଇବାକୁ ନିଷ୍ପତ୍ତି

ଯାଜପୁର ଅଫିସ,୨୩।୧୦

ରାଜ୍ୟରେ ପ୍ରତିବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟୁଛି। ମୃତ୍ୟୁହାର ୪୮%, ଯାହାକି ସାରା ଭାରତ ବର୍ଷରେ ସର୍ବାଧିକ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ସଡ଼କ ସୁରକ୍ଷା ସୁପ୍ରିମକୋର୍ଟ କମିଟି ଏହି ମୃତ୍ୟୁହାରକୁ ୧୦%କୁ କମାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ, ଜାତୀୟ ରାଜପଥ ପ୍ରାଧିକରଣ, ରୋଡ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ, ଏନଫୋର୍ସ ଏଜେନ୍ସି, ପୋଲିସ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ପ୍ରତି ଜିଲାରେ କିମ୍ବା ୫୦ କିମି ଦୂରତା ମଧ୍ୟରେ ଏକ ଟ୍ରମା କେୟାର ଫାସିଲିଟି (ଟିସିଏଫ୍) ପ୍ରତିଷ୍ଠା କରିବାକୁ କମିଟି ଗୁରୁତ୍ୱାରୋପ କରିଛି। ଏହି କ୍ରମରେ ରାଜ୍ୟରେ ନିର୍ମାଣାଧୀନ ୭ ଟିସିଏଫ୍ ଯେତେ ଶୀଘ୍ର କାର୍ଯ୍ୟକ୍ଷମ ହେବ, ସେହି ଅନୁପାତରେ ମୃତକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଶା କରାଯାଇଛି। ତେଣୁ ନିର୍ମାଣାଧୀନ ଉକ୍ତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସାରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଟ୍ରମା କେୟାର ସମୀକ୍ଷା ବୈଠକରେ ପରାମର୍ଶ ଦିଆଯାଇଛି।

ଓଡ଼ିଶାର ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୦୨୨ ଜାନୁୟାରୀରୁ ଜୁନ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ଗତବର୍ଷ ଅପେକ୍ଷା ୧୧% ବୃଦ୍ଧି ଘଟିଛି। ରିପୋର୍ଟ ଅନୁସାରେ ୨୦୨୦ ଅପେକ୍ଷା ୨୦୨୧ରେ ଦୁର୍ଘଟଣା ଜନିତ ମୃତ୍ୟୁ ହାର ୭.୨୪% ବୃଦ୍ଧି ପାଇଥିଲା। ୨୦୨୦ରେ ମୋଟ ୯୮୧୭ଟି ଦୁର୍ଘଟଣାରୁ ୪୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ୨୦୨୧ରେ ମୃତ୍ୟୁ ସଂଖ୍ୟା ୫୦୮୧ରେ ପହଞ୍ଚିଥିଲା। ଏଥିରୁ ବିଭିନ୍ନ ସମୟରେ ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକର ନିଷ୍ପତ୍ତିଗୁଡ଼ିକୁ ଉପଯୁକ୍ତ ଭାବେ ପାଳନ କରାଯାଉ ନ ଥିବା ସ୍ପଷ୍ଟ ମନେହେଉଛି। ଏହାକୁ ନେଇ ବାଣିଜ୍ୟ ଓ ପରିବହନ (ସି ଆଣ୍ଡ ଟି) ବିଭାଗ ପକ୍ଷରୁ ଦୁର୍ଘଟଣା ହ୍ରାସ କରିବାକୁ ବୈଷୟିକ, ଚଢାଉ, ଶିକ୍ଷା ଏବଂ ଟ୍ରମା କେୟାର ଫାସିଲିଟିରେ ଜରୁରିକାଳୀନ ଚିକିତ୍ସା ସେବା ଆଦି ତ୍ରୁଟି ଉପରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ନିର୍ମାଣାଧୀନ ଏକାଧିକ ରାସ୍ତା କାମରେ ବିଳମ୍ବ, ଅତି ଖରାପ ରାସ୍ତା ଏବଂ ନୈରାଶ୍ୟଜନକ ରାସ୍ତା ମରାମତି ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧିର କାରଣ ବୋଲି ପରିଷଦ ପକ୍ଷରୁ ମତପ୍ରକାଶ ପାଇଛି। ଏହି କ୍ରମରେ ନିର୍ମାଣାଧୀନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଖରାପ ଅବସ୍ଥା ଥିବା ରାସ୍ତା ତୁରନ୍ତ ମରାମତି କରିବାକୁ ଭାରତ ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ର ସିଜିଏମ୍‌ଙ୍କୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ୧୬।୯।୨୦୨୨ ପରିଷଦ ବୈଠକର ଉପରୋକ୍ତ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସି ଆଣ୍ଡ ଟି ବିଭାଗର ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ୨୭।୯।୨୦୨୨ରେ କଟକ ପରିବହନ ସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହିସବୁ ନିଷ୍ପତ୍ତି କାର୍ଯ୍ୟକାରିତା ଉପରେ ବିଭାଗୀୟ କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ନିର୍ଭର କରିବ ବୋଲି ମତପ୍ରକାଶ ପାଇଛି। ଦୁର୍ଘଟଣାଜନିତ ଗୁରୁତର ଆହତମାନଙ୍କୁ ଠିକ ସମୟରେ ଟ୍ରମା କେୟାରରେ ଚିକିତ୍ସା କରାଗଲେ ଭଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ। କିନ୍ତୁ ରାଜ୍ୟରେ ବର୍ତ୍ତମାନ ମାତ୍ର ୪୪ଟି ଟ୍ରମା କେୟାର ସେଣ୍ଟର ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ରାଜଧାନୀ ହସ୍ପିଟାଲରେ ଏଲ ଆଣ୍ଡ ଟି ପକ୍ଷରୁ ଗୃହ ନିର୍ମାଣ ହେଉଥିବାବେଳେ ଯାଜପୁର ଜିଲା ପାଣିକୋଇଲିଠାରେ ନିର୍ମାଣାଧୀନ ଗୃହ କାମ ୫୦% ସରିଛି। ନୂଆପଡ଼ାରେ ଏଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ରାୟଗଡ଼ାର ନିର୍ମାଣ କାମ ନିମିଟାଲ ପର୍ଯ୍ୟନ୍ତ ହୋଇଛି। ଏହାସହ ନୂତନ ମେଡିକାଲ କଲେଜରେ ୨୫ଟି ଲେଖାଏ ଟ୍ରମା କେୟାର ବେଡ ସୁବିଧା କରାଯିବ। କଟକ ମେଡିକାଲ କଲେଜ ଏବଂ ଏମ୍ସରେ ମଧ୍ୟ ଟ୍ରମା କେୟାର ୟୁନିଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ହେଲେ ଯେଉଁସବୁ ନିଷ୍ପତ୍ତି ଗ୍ରହଣ କରାଯାଉଛି, ସେସବୁର କାମ ମନ୍ଥର ଗତିରେ ଚାଲିଥିବାରୁ ରାଜ୍ୟରେ ଦୁର୍ଘଟଣା ସଂଖ୍ୟା ହ୍ରାସ ଲକ୍ଷ୍ୟ ପରାହତ ହେଉଛି ବୋଲି ମତପ୍ରକାଶ ପାଇଛି।


ଯାଜପୁର ଜିଲା ପାଣିକୋଇଲିଠାରେ ନିର୍ମାଣାଧୀନ ଟ୍ରମା କେୟାର ଫାସିଲିଟି ସେଣ୍ଟର।

# କୋଣାର୍କ ହେବ ଦେଶର ଦ୍ୱିତୀୟ ସୋଲାର ସିଟି

କୋଣାର୍କ, ୨୩।୧୦(ଡି.ଏନ୍.ଏ)



ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଦେଶର ଦ୍ୱିତୀୟ ସହର ଭାବେ ପ୍ରସ୍ତାବିତ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭାରତ ସରକାରଙ୍କ ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ସୌରଶକ୍ତି ପ୍ରକଳ୍ପ ସହର ଭାବେ ଗୁଜରାଟର ମୋଢେରାରେ ପ୍ରସ୍ତାବିତ ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କୋଣାର୍କରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଣାର୍କ ସୂର୍ଯ୍ୟମନ୍ଦିର ସମେତ ଆଖପାଖ ଅଞ୍ଚଳ ସୌରଶକ୍ତି ଆଲୋକ ଦ୍ୱାରା ଆଲୋକିତ ହେବ। ଗତ ୪ବର୍ଷ ଧରି କୋଣାର୍କଠାରେ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରହିଥିଲା। ତେବେ ଏଥିଲାଗି କୋଣାର୍କରେ ୫ ଏକର ଜମି ଅଧିଗ୍ରହଣ ହୋଇପାରି ନ ଥିଲା। ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ କଳାହାଣ୍ଡିର ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦାଠାରେ ୧୦ ମେଗା ୱାଟ ବିଶିଷ୍ଟ ସୌରଶକ୍ତି ପାୱାର ପ୍ଲାଣ୍ଟ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ଓପିଟିସିଏଲ୍ ଏହି ୧୦ ମେଗାୱାଟ୍ ଶକ୍ତି ନେଇ କୋଣାର୍କ ସୂର୍ଯ୍ୟମନ୍ଦିର ସମେତ ଆଖପାଖ ଅଞ୍ଚଳକୁ ଆଲୋକୀକରଣ କରିବ। ଏହାଦ୍ୱାରା କୋଣାର୍କ ଗୁଜରାଟର ମୋଢେରା ପରେ ଦ୍ୱିତୀୟ ସୋଲାର ସିଟି ଭାବେ ପରିଚୟ ପାଇବ। ଏ ନେଇ କୋଣାର୍କ ବାସିନ୍ଦା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଦୋକାନରୁ ଟାଣିଆଣି ଯୁବକଙ୍କୁ ହାଣିଲେ

## ଉଗ୍ରରୂପ ନେଲା ବେଆଇନ ବାଲିଘାଟ ବିବାଦ



## ଜଣେ ମୃତ, ଜଣେ ଗୁରୁତର

ମଙ୍ଗୁଳି,୨୩।୧୦(ଡି.ଏନ୍.ଏ.)

ବେଆଇନ ବାଲିଘାଟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ଲାଗିରହିଥିବା ବିବାଦ ରବିବାର ଉଗ୍ରରୂପ ନେଇଛି। ଦିନ ଦ୍ୱିପ୍ରହରରେ ଟାଙ୍ଗୀ ଗୋବିନ୍ଦପୁର ଛକରେ ଦୁଇ ଯୁବକଙ୍କୁ ଦୋକାନରୁ ଟାଣିଆଣି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଛି। କଟକ ବଡ଼ ମେଡିକାଲରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକ ହେଲେ ଟାଙ୍ଗୀ ଥାନା ଜରିପଡା ଗ୍ରାମ ମହାନ୍ତିସାହିର ବିଜ୍ଞାନ ଭୂଷଣ ମହାନ୍ତି ଓରଫ ହାପି ଏବଂ ଗୁରୁତର ଥିବା ଯୁବକ ହେଉଛନ୍ତି ଜରିପଡ଼ା କୁମ୍ଭାରସାହିର ଦୀପକ ବେହେରା।

ସୂଚନା ମୁତାବକ, ରବିବାର ସକାଳ ପ୍ରାୟ ସାଢ଼େ ୧୧ଟା ସମୟରେ ହାପି ଓ ଦୀପକ ଗୋବିନ୍ଦପୁର ଛକ ନିକଟ ଏକ ଜଳଖିଆ ଦୋକାନରେ ଖାଇବାକୁ ବସିଥିବା ବେଳେ କିଛି ଯୁବକ ଏକ ବୋଲେରୋ ଗାଡ଼ିରେ ଆସି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଦୋକାନ ଭିତରେ ମାଡ଼ ମାରିବା ସହିତ ଟାଣି ଆଣି ଦୋକାନ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ହାଣି ପକାଇଥିଲେ। ଟାଙ୍ଗୀ ପୋଲିସ ପହଞ୍ଚିବା ପୂର୍ବରୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଦୁଇ ଯୁବକଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦେଇଥିଲେ। ଅପରାହ୍ନ ସାଢ଼େ ୩ଟାରେ ହାପିଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଜରିପଡା ପଞ୍ଚାୟତ ଅନ୍ତର୍ଗତ ନାଳୀକୂଳ ବିରୂପା ନଦୀ ଘାଟରୁ ବେଆଇନ ବାଲି ଚାଲାଣକୁ କେନ୍ଦ୍ରକରି ହାପିଙ୍କ ସହ ସ୍ଥାନୀୟ ରସିକନଗର ଅଞ୍ଚଳର କିଛି ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଛି। ଆକ୍ରମଣ କରିଥିବା ଯୁବକମାନେ ଫେରାର ଅଛନ୍ତି। ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ଗୋବିନ୍ଦପୁର ବଜାର ବନ୍ଦ ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଟାଙ୍ଗୀ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି। ହାପି ମୃତ୍ୟୁ ଘଟଣାରେ ମଙ୍ଗଳାବାଗ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୨୩୨୨/୨୨) ରୁଜୁ କରିଛି।

# ମନ୍ଦିରରେ ରଖିଦେଲେ ଚୋରି ସାମଗ୍ରୀ

## ବଦଳିଲା ଚୋରଙ୍କ ମନୋଭାବ

ଯୋଡ଼ା,୨୩।୧୦(ଡି.ଏନ.ଏ)

ପରିସ୍ଥିତିରେ ପଡ଼ି ହେଉ କିମ୍ବା ଅଳ୍ପ ପରିଶ୍ରମରେ ଅଧିକ ରୋଜଗାର ଆଶାରେ କେହି କେହି ଚୋରି ଭଳି ଖରାପ ବାଟକୁ ବାଛିଥାନ୍ତି। ଏମିତି କିଛି ଲୋକ ଥାଆନ୍ତି, ଯେଉଁମାନେ ଚୋରି ତ କରନ୍ତି କିନ୍ତୁ ପରବର୍ତ୍ତି ସମୟରେ ପଶ୍ଚାତାପ କରି ଚୋରି ସାମଗ୍ରୀ ଫେରାଇଥାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ। ମନ୍ଦିରରୁ ଚୋରି ହୋଇଥିବା କେତେକ ସାମଗ୍ରୀ ଦୁର୍ବୃତ୍ତ ମନ୍ଦିରରେ ପୁଣି ଥୋଇଦେଇଥିବା ଦେଖାଯାଇଛି।

ଯୋଡ଼ାଠାରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତ ପିତ୍ତଳ ଗରା ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପଳାଇ ଥିଲେ। ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ରବିବାର ସକାଳେ ଚୋରି ହୋଇଥିବା ସାମଗ୍ରୀ ମନ୍ଦିର ପରିସରରେ କେହି ଥୋଇଦେଇ ଯାଇଥିବା ଦେଖିବାକୁ ମିଳିଥିଲା। ଚୋର ତାଙ୍କ ମନ ବଦଳାଇ ଅଥବା ଠାକୁରଙ୍କ ପ୍ରତି ଭକ୍ତି ଭାବନାରୁ ଚୋରି ସାମଗ୍ରୀ ଫେରାଇ ଦେଇଥିବା ଆଲୋଚନା ହେଉଛି। ଉଲ୍ଲେଖଯୋଗ୍ୟ, ଉକ୍ତ ମନ୍ଦିରରୁ ପୂର୍ବରୁ ମଧ୍ୟ ଚୋରି ହୋଇଥିଲା। ମାତ୍ର ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ।


ଅଭିଯୁକ୍ତ ମନ୍ଦିର ବେଢ଼ାରେ ଥୋଇଥିବା ପିତ୍ତଳ ସାମଗ୍ରୀ।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

## ଠିକା ନିଯୁକ୍ତି ଉଚ୍ଛେଦ ସହ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଦାବି ପୂରଣ ପାଇଁ ରାଜ୍ୟର ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ ଏକତ୍ର ହୋଇ ଏକ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ଗଠନ କରିଛନ୍ତି। ପ୍ରାଥମିକ ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଏହି ମଞ୍ଚ ସ୍ୱର ଉଠାଇଛି। ରବିବାର ଶିକ୍ଷକ ଭବନ ପରିସରରେ ମିଳିତମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଏଡ୍ ଶିକ୍ଷକ ସଂଘ ସଭାପତି ଅଜୟ କୁମାର ଧଳ, ମିଳିତମଞ୍ଚ ଆବାହକ ମଣ୍ଡଳୀ ଆର୍ତ୍ତଭଞ୍ଜନ ସାହୁ, ସୁନିଲ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷକଙ୍କ ଠିକାନିଯୁକ୍ତି ଉଚ୍ଛେଦ ପାଇଁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଠିକା ନିଯୁକ୍ତି ଉଚ୍ଛେଦ କରିଥିବାବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷା ସହାୟକଙ୍କ ଠିକା ନିଯୁକ୍ତିକୁ ଉଚ୍ଛେଦ କଲେ ନାହିଁ। ସରକାର ତୁରନ୍ତ ଠିକା ନିଯୁକ୍ତି ଉଚ୍ଛେଦ ନ କଲେ ଆଗାମୀ ଦିନରେ ସାରା ଓଡ଼ିଶାର ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ ମିଳିତ ଭାବେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରାଥମିକ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କ କ୍ଷେତ୍ରରେ ଠିକା ପ୍ରଥା ଉଚ୍ଛେଦ ସହ ମୂଳ ଚାକିରିରେ ୬ବର୍ଷ ଯୋଗ କରିବା ଓ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ମିଳିତମଞ୍ଚ ଦାବି କରିଛି। ଆସନ୍ତା ୧୦ଦିନ ଭିତରେ ସରକାର ଦାବି ପୂରଣ ନ କଲେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଳିତମଞ୍ଚ ଚେତାବନୀ ଦେଇଛି।

# ଭିଜିଲାନ୍ସ ଜାଲରେ କୋଟଗଡ଼ ଆଇଆଇସି

କୋଟଗଡ, ୨୩।୧୦(ଡି.ଏନ.ଏ.)

କନ୍ଧମାଳ ଜିଲା କୋଟଗଡ଼ ଆଇଆଇସି ଧୀରାଜ ଲେଙ୍କା ରବିବାର ରାତିରେ ଭିଜିଲାନ୍ସ ହାତରେ ବାଲିଗୁଡାଠାରେ ଧରାପଡିଛନ୍ତି। ସେ କୋଟଗଡରୁ ଏକ ବୋଲେରୋରେ ଦୀପାବଳି ପାଳନ ଲାଗି କଟକ ଜିଲା କୁସପଙ୍ଗୀ ଗ୍ରାମକୁ ଯାଉଥିବା ବେଳେ ଗାଡ଼ିରେ ବିପୁଳ ପରିମାଣର ଟଙ୍କା ଥିବା ଜାଣି ଫୁଲବାଣୀ ଭିଜିଲାନ୍ସ ଟିମ୍ ବାଲିଗୁଡା ଜଗନ୍ନାଥ ମନ୍ଦିର ନିକଟରେ ଜଗି ରହିଥିଲା। ରାତି ପ୍ରାୟ ସାଢେ ୭ଟାରେ ବାଲିଗୁଡାରେ ଗାଡ଼ି ପହଞ୍ଚିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଖବର ଲେଖିବାବେଳକୁ ତାଙ୍କଠାରୁ ଗୋଟିଏ ବ୍ୟାଗରେ ଥିବା ୪ଲକ୍ଷ ଟଙ୍କା ଜବତ କରାଯାଇଛି। କିନ୍ତୁ ଗାଡ଼ିରେ ଅଧିକ ଟଙ୍କା ଥିବା ଜଣାପଡ଼ିଛି। ଚଢାଉରେ ଫୁଲବାଣୀ ଭିଜିଲାନ୍ସ ଟିମ୍ କର୍ମଚାରୀ ସାମିଲ ହୋଇଥିଲେ। ଲେଙ୍କାଙ୍କୁ ଫୁଲବାଣୀ ଭିଜିଲାନ୍ସ ଅଫିସକୁ ନିଆଯାଇଥିବା ଜଣାପଡିଛି।


ଧୀରାଜ ଲେଙ୍କା

# ପର୍ଯ୍ୟଟକଙ୍କ ଅପେକ୍ଷାରେ କୁଲଡିହା

## ନଭେମ୍ବର ୧ରୁ ଖୋଲିବ ଅଭୟାରଣ୍ୟ

ନୀଳଗିରି, ୨୩।୧୦(ସ୍ୱ.ପ୍ର.)

ନଭେମ୍ବର ୧ରୁ ଖୋଲିବ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ସୌନ୍ଦର୍ଯ୍ୟମୟୀ କୁଲଡିହା ଅଭୟାରଣ୍ୟ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ଏବେଠୁ ସଜେଇ ହେଲାଣି। କେସିପୁର ପଞ୍ଚାୟତ ବାଲିଆପାଳ ଫାଟକ ନିକଟରେ ବନ ବିଭାଗ ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ଓଡ଼ିଶା ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ରାତ୍ରିଯାପନ କରିବା ପରେ କିପରି ରୋମାଞ୍ଚକର ଅନୁଭୂତି ନେଇ ଫେରିବେ ସେନେଇ ବ୍ୟାପକ ପ୍ରସ୍ତୁତିରେ ଲାଗିପଡିଛି ବନବିଭାଗ। ବାଲେଶ୍ୱର ସହରଠାରୁ ପ୍ରାୟ ୪୦ କି.ମି. ଦୂରରେ ରହିଛି ଏହି ଅଭୟାରଣ୍ୟ। ବର୍ଷାଋତୁ ପାଇଁ ଜୁନ୍ ୧୫ରୁ ଏହା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିବା ବେଳେ ଆସନ୍ତା ନଭେମ୍ବର ୧ରୁ ଜୁନ ୧୫ତାରିଖ ପର୍ଯ୍ୟନ୍ତ ଅଭୟାରଣ୍ୟ ଖୋଲାରହିବ। ବାଲେଶ୍ୱର ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନୀଳଗାଇ, ବଳିଆ କୁକୁର, ବଜ୍ରକାପ୍ତା, ମୟୂର ଆଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। କୁଲଡିହାକୁ ଲାଗିରହିଥିବା ଡ୍ୟାମ୍ ସାତଘାଟି, ରିଷିଆ, ପୁରୁଣାପାଣି, ଜଡ଼ାଚୁଆ, ମୁଖଚତୁରି, କଇମଚତୁରୀ ଅଞ୍ଚଳରେ ୨୫୦ରୁ ଅଧିକ ସଂଖ୍ୟାରେ ଦେଶୀ, ବିଦେଶୀ ପକ୍ଷୀ ଦେଖିବାକୁ ମିଳେ। ଏଠାରେ ପର୍ଯ୍ୟଟନର ବିକାଶ ଲାଗି ଗୋହିରାଭୋଳଠାରେ 'ରିଷିଆ ପ୍ରକୃତି ନିବାସ' ଖୋଲାଯାଇଛି। ରାତ୍ରିରହଣି ନିମନ୍ତେ ୯ଟି ତମ୍ବୁଘର ନିର୍ମାଣ ହୋଇଛି। ଏହାସହ ନେଚର୍ସ କ୍ୟାମ୍ପ କରାଯାଇ ପିଇବା ପାଣି, ଶୌଚାଳୟ ସହ ଆଲୋକ ବ୍ୟବସ୍ଥା ଓ ରୁଚିକର ଖାଦ୍ୟ ଯୋଗାଇବା ଲାଗି ବ୍ୟବସ୍ଥା କରାଯାଇଛି। ସକାଳେ ଚା', ଜଳଖିଆ, ଦ୍ୱିପ୍ରହରେ ଭାତ ଡାଲି, ପରିବା ତରକାରି, ମାଛ, ଅଣ୍ଡା ଏବଂ ରାତିରେ ରୁଟି, ଡାଲି, ଅଣ୍ଡା ଆଦି ଖାଦ୍ୟ ପରଷା ଯିବାର ବ୍ୟବସ୍ଥା ରହିଛି। ତେବେ ଏଠାରେ ମାଦକଦ୍ରବ୍ୟ, ମାଂସ ଉପରେ କଟକଣା ରହିଛି। ବନ୍ୟପ୍ରାଣୀ ପଶି ନ ଆସିବା ପାଇଁ ଏହା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଛି। ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ଲାଗି ରିଷିଆ ଡ୍ୟାମରେ ବୋଟିଂ ବ୍ୟବସ୍ଥା ରହିଛି। ଏହି ନେଚର୍ସ କ୍ୟାମ୍ପରେ ରହି ରାତ୍ରିଯାପନ କରି ପର୍ଯ୍ୟଟକମାନେ ବୁଲିବା ସମୟରେ ୪ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାର ଅତି ନିକଟରୁ କୁଲଡିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବା ସୁବିଧା ରହିଛି। ପୂର୍ବାହ୍ନ ୯ଟା ୩୦ରୁ ଅପରାହ୍ନ ୧ଟା ପ୍ରବେଶ ସହ ୫ଟା ପର୍ଯ୍ୟନ୍ତ ପରିଭ୍ରମଣର ସୁବିଧା ଦିଆଯାଉଛି। ନେଚର୍ସ କ୍ୟାମ୍ପରେ ରହଣି ପାଇଁ ଅନ୍‌ଲାଇନରେ ବୁକିଂ କରିବା ସକାଶେ ୱେବ୍‌ସାଇଟ୍ ଖୋଲାଯାଇଛି। ବିଗତ ୨ବର୍ଷ କୋଭିଡ୍ କଟକଣା ପାଇଁ କମ୍ ପର୍ଯ୍ୟଟକ ଆସିଥିବା ବେଳେ ଚଳିତବର୍ଷ ସଂଖ୍ୟା ଅଧିକ ହେବ ବୋଲି ଟୁରିଷ୍ଟ ଗାଇଡ୍ ତଥା ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ କହିଛନ୍ତି।




# ବନ୍ଦର ପୋତାଶ୍ରୟରେ ଲାଗିଲା ୪୦ରୁ ଊର୍ଦ୍ଧ୍ୱ ବୋଟ୍

## ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ

ପାରାଦୀପ,୨୩।୧୦(ସ୍ୱ.ପ୍ର.)

ସମ୍ଭାବ୍ୟବାତ୍ୟା ପ୍ରଭାବରେ ଶନିବାରଠାରୁ ସମୁଦ୍ର ଅଶାନ୍ତ ହେବାରେ ଲାଗିଛି। ଏହାଦ୍ୱାରା ମହାନଦୀ ମୁହାଣରେ ପ୍ରଖର କରେଣ୍ଟ (ଅନ୍ତଃସ୍ରୋତ) ପ୍ରବାହ ହେଉଛି। ଫଳରେ ସମୁଦ୍ରରେ ଥିବା ମାଛଧରା ବୋଟଗୁଡିକ ଫେରିବାରେ ବାଧା ଉପୁଜିଛି। ଏନେଇ ୪୦ରୁ ଊର୍ଦ୍ଧ୍ୱ ବୋଟ ରବିବାର ପାରାଦୀପ ବନ୍ଦର ପୋତାଶ୍ରୟରେ ଆଶ୍ରୟ ନେଇଛନ୍ତି। ସେହିପରି ଶିବଶକ୍ତି ନାମକ ଗୋଟିଏ ବୋଟ୍ ଏରସମା ସୀମାରେ ସମୁଦ୍ର କୂଳ ବାଲି ଉପରକୁ ଚଢ଼ିଯାଇଛି। ବୋଟ୍‌କୁ ଉଦ୍ଧାର କରିବାକୁ କାଠପଟା ଓ ରଶି ଲଗାଇ ପ୍ରୟାସ କରାଯାଉଛି।


ଏରସମା ସୀମାରେ ସମୁଦ୍ର କୂଳ ବାଲି ଉପରକୁ ଚଢ଼ିଯାଇଥିବା ବୋଟ୍।

# ସିନେମା ହଲରେ ଭାରତ–ପାକିସ୍ତାନ ଲାଇଭ୍ ମ୍ୟାଚ୍

ବ୍ରହ୍ମପୁର ଅଫିସ,୨୩।୧୦

ଭାରତ–ପାକିସ୍ତାନ ମଧ୍ୟରେ ରବିବାର ଅନୁଷ୍ଠିତ ଟି–୨୦ ୱାର୍ଲଡ କପ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ବ୍ରହ୍ମପୁର ସହରର କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପାୟଲ ସିନେମା ହଲରେ ପ୍ରଥମ କରି ବଡ ପରଦାରେ ଲାଇଭ୍ ମ୍ୟାଚ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନ ୧.୩୦ରେ ମ୍ୟାଚ ଆରମ୍ଭ ହୋଇଥିବା ବେଳେ ହଲରେ ଏହା ଦେଖିବାକୁ କ୍ରିକେଟପ୍ରେମୀଙ୍କ ଭିଡ ଜମିଥିଲା। ହଲ ପକ୍ଷରୁ ମ୍ୟାଚ ନିମନ୍ତେ ଟିକଟ ବୁକିଂ ପାଇଁ ସ୍ୱତନ୍ତ୍ର କାଉଣ୍ଟର କରାଯାଇଥିଲା। ବାଲ୍‌କୋନି ଟିକେଟ ମୂଲ୍ୟ ୨୦୦ ଟଙ୍କା ଓ ଫାଷ୍ଟ କ୍ଲାସ ୧୦୦ ଟଙ୍କା ରଖାଯାଇଥିଲା। ଟିକେଟ ମୂଲ୍ୟ ବୃଦ୍ଧି ସତ୍ତ୍ୱେ କ୍ରିକେଟପ୍ରେମୀଙ୍କ ଗହଳି ଜମିଥିଲା। ପ୍ରାୟ ୧୦୦ ଦର୍ଶକ ହଲ ପରିସରରେ ମ୍ୟାଚ ଉପଭୋଗ କରିଥିଲେ। ଉକ୍ତ ମ୍ୟାଚରେ ଇଣ୍ଡିଆ ଟିମ୍ ଜିତିବା ପରେ ହଲ ମଧ୍ୟରେ ଦର୍ଶକ ବିଜୟ ଉତ୍ସବ ପାଳନ କରିଥିଲେ। ପ୍ରଥମ ଥର ପାଇଁ ହଲ ମାଲିକଙ୍କ ପକ୍ଷରୁ ଏଭଳି ପଦକ୍ଷେପକୁ ବହୁ କ୍ରିକେଟପ୍ରେମୀ ଖୁସି ପ୍ରକଟ କରିଛନ୍ତି। ବ୍ରହ୍ମପୁରରେ ବହୁ କ୍ରିକେଟପ୍ରେମୀଙ୍କୁ ଦୃଷ୍ଟିରେ ରଖି ଏଭଳି ବଡ ପରଦାରେ ମ୍ୟାଚ ପ୍ରଦର୍ଶନ କରାଯାଇଥିବା ପାୟଲ ହଲ ମ୍ୟାନେଜର କହିଛନ୍ତି।







ଯାହାକିଛି ତୁମେ କରୁଥାଅ- ଯୋଉ ବାଗରେ ବି କରୁଥାଅ- ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ- ତୁମଙ୍କୁ ଜିତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। -ଶ୍ରୀମା



# କ୍ଷମତା ଲୋଭ

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ୨୩ ଅକ୍ଟୋବର ୨୦୨୨ରେ ତୃତୀୟ ଥର ପାଇଁ ଦେଶର ସର୍ବମୟ କର୍ତ୍ତା ହୋଇଛନ୍ତି। ଫଳରେ ଏହି ୫ ବର୍ଷର ଶାସନ ସମୟକୁ ମିଶାଇଲେ ସେ ୧୫ ବର୍ଷ ରାଷ୍ଟ୍ରପତି ରହିବାର ଗୌରବ ଅର୍ଜନ କରିବେ। ଏହା ପୂର୍ବରୁ ହୁ ଜିଣ୍ଟାଓ ୧୦ ବର୍ଷ, ଜିଆଙ୍ଗ୍ ଜେମିନ୍ ଓ ଲିଉ ସାଓକି ୯ ବର୍ଷରୁ ଊର୍ଦ୍ଧ୍ୱ ଏବଂ ମାଓ ସେତୁଙ୍ଗ୍‌ଙ୍କ ଭଳି ନେତା କେବଳ ୪ ବର୍ଷରୁ ଅଧିକ ସମୟ ରାଷ୍ଟ୍ରପତି ରହିଥିଲେ। ତେବେ ପୂର୍ବତନ ରାଷ୍ଟ୍ରପତି ହୁ ଜିଣ୍ଟାଓ ୨୦୧୨ରେ ଜିନ୍‌ପିଙ୍ଗ୍‌ଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ। ହେଲେ ଏକ ଅସ୍ୱାଭାବିକ ଘଟଣାକ୍ରମରେ ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିସି)ର ସପ୍ତାହବ୍ୟାପୀ ଚାଲିଥିବା ୨୦ତମ ଅଧିବେଶନର ଶେଷ ଦିନ ୨୨ ଅକ୍ଟୋବରରେ ଜିନ୍‌ପିଙ୍ଗ୍‌ଙ୍କ ପାଖରେ ବସିଥିବା ଜିଣ୍ଟାଓଙ୍କୁ ସିକ୍ୟୁରିଟି କର୍ମଚାରୀମାନେ ଜବରଦସ୍ତ ଉଠାଇ ନେଇ ପୋଡିୟମ୍ ବାହାରେ ଛାଡ଼ି ଦେଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହି ସଂକ୍ରାନ୍ତ ଭିଡିଓ ବିଶ୍ୱବ୍ୟାପୀ ପ୍ରସାରିତ ହେବା ପରେ ଜିନ୍‌ପିଙ୍ଗ୍‌ଙ୍କ ନୀରବତାକୁ ସମାଲୋଚନା କରାଯାଇଛି। ଚାଇନା ଗଣମାଧ୍ୟମ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ତେବେ ଗ୍ରେଟ୍ ହଲ୍ ଅଫ୍ ପିପୁଲ୍‌ରେ ଉପସ୍ଥିତ ୨,୩୦୦ ପ୍ରତିନିଧି, ଅଧିକାରୀ ଓ ଗଣମାଧ୍ୟମ ବ୍ୟକ୍ତିଙ୍କ ସମ୍ମୁଖରେ ଏଭଳି ଦୃଶ୍ୟ ଅଭିନୀତ ହେବା ସୂଚାଇ ଦେଉଛି ଯେ ଦୀର୍ଘକାଳୀନ ଶାସନ ଲାଗି ଜିନ୍‌ପିଙ୍ଗ୍ ଯେଉଁ ପ୍ରସ୍ତୁତି ଚଳାଇ ସଫଳ ହୋଇଛନ୍ତି ସେଥିରେ ଏକଛତ୍ରବାଦ ସ୍ପଷ୍ଟ ବାରି ହୋଇପଡୁଛି। ଚାଇନା ସେଣ୍ଟ୍ରାଲ କମିଟି ସଦସ୍ୟଙ୍କ ଅଦଳବଦଳରେ ପ୍ରଧାନମନ୍ତ୍ରୀ ଲି କେକିୟାଙ୍ଗ୍‌ଙ୍କୁ ସେଥିରୁ ବିଦା କରାଯାଇଛି। ଏଥିସହିତ ୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କୌଣସି ଜଣେ ମହିଳାଙ୍କୁ ପ୍ରତିନିଧିମଣ୍ଡଳୀରେ ସାମିଲ କରାଯାଇ ନ ଥିବା ଦେଖିବାକୁ ମିଳିଛି।

> ଜିନ୍‌ପଙ୍ଗ୍ ଓ ପୁଟିନ୍‌ଙ୍କ ଭଳି କ୍ଷମତାଲୋଭୀମାନେ ନିଜ ଲକ୍ଷ୍ୟରେ ସଫଳ ହେଉଥିବା ଦେଖି ଗଣତାନ୍ତ୍ରିକ ଦେଶର ନେତାମାନେ ନିଜ ତରିକାରେ ସେମାନଙ୍କ ପରି ହେବାକୁ ପ୍ରୟାସ କରୁଥିବା ମଧ୍ୟ ଦେଖାଗଲାଣି। କ୍ଷମତା ଲୋଭରେ ପଡ଼ିଯାଉଥିବା ବ୍ୟକ୍ତିମାନେ ଅନ୍ୟ କାହାର କ୍ଷତି ହେଲେ ମଧ୍ୟ କୌଣସି ଚିନ୍ତା କରୁନାହାନ୍ତି।

ସିପିସି ଅଧିବେଶନରେ ଘଟିଥିବା ଘଟଣାକୁ ଦେଖିଲେ ଜିନ୍‌ପିଙ୍ଗ୍‌ଙ୍କ ମନଇଚ୍ଛା କାର୍ଯ୍ୟ ସେଠାକାର ଅନ୍ୟାନ୍ୟ ନେତାଙ୍କୁ ଚାପି ରଖାଯାଇଥିବା ପ୍ରତୀୟମାନ ହେଉଛି। ହୁ ଜିଣ୍ଟାଓଙ୍କ ଭଳି ନେତା, ଯିଏକି ଜିନ୍‌ପିଙ୍ଗ୍‌ଙ୍କୁ ରାଷ୍ଟ୍ରପତି ଆସନରେ ବସିବା ଲାଗି ସହଯୋଗ କରିଥିଲେ ଏବେ ତାଙ୍କୁ ଅପମାନିତ କରାଯାଇଛି। ଏହାର ମୂଳ କାରଣ ହେଉଛି ଜିନ୍‌ପିଙ୍ଗ୍‌ଙ୍କ ନୀତିକୁ ଜିଣ୍ଟାଓ ବିରୋଧ କରି ଆସୁଛନ୍ତି। ତେବେ ସରକାରଙ୍କ ନୀତିଗତ ନିଷ୍ପତ୍ତିକୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ବିରୋଧୀ ଓ ସ୍ଥଳବିଶେଷରେ ଦେଶଦ୍ରୋହୀ ଆଖ୍ୟା ଦିଆଯିବାର ମାନସିକତା ଆଜି ବିଶ୍ୱବ୍ୟାପୀ ଦେଖିବାକୁ ମିଳୁଛି। ଆଜୀବନ ରାଷ୍ଟ୍ରପତି ହେବା ନେଇ ପାର୍ଲାମେଣ୍ଟରେ ଆଇନ ଆଣି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସେଠାରେ ଏକଛତ୍ରବାଦ ଚଳାଇଛନ୍ତି। ଏହାର କୁପ୍ରଭାବ ତାଙ୍କ ଦେଶର ନାଗରିକ ଓ ୟୁକ୍ରେନ୍‌ବାସୀ ଭୋଗୁଥିବା ବେଳେ ବିଶ୍ୱ ମଧ୍ୟ ଏବେ କଲବଲ ହେଉଛି। ଶୁଣିବାକୁ ମିଳୁଛି ୟୁକ୍ରେନ୍ ଉପରେ ପରମାଣୁ ବୋମା ପକାଇବା ପାଇଁ ପୁଟିନ୍ ସେହି ସଂକ୍ରାନ୍ତ କାଗଜପତ୍ରରେ ଦସ୍ତଖତ କରିଛନ୍ତି। କିନ୍ତୁ ସେନା ଅଧିକାରୀମାନେ ପ୍ରସ୍ତୁତ ନ ଥିବା ଜଣାଇବା ପରେ ବସ୍ତୁତଃ ୟୁକ୍ରେନ୍ ଧ୍ୱଂସ ଦ୍ୱନ୍ଦ୍ୱ ମଧ୍ୟରେ ରହିଯାଇଛି। ଏଭଳି ସନ୍ଧିକ୍ଷଣରେ ଏକଛତ୍ରବାଦ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନେ ନିଜ ଦେଶବାସୀଙ୍କ ପାଇଁ ଯେଭଳି ବିପଦ ସୃଷ୍ଟି କରୁଛନ୍ତି, ପଡ଼ୋଶୀ ରାଷ୍ଟ୍ର ସମେତ ବିଶ୍ୱ ସକାଶେ ଏକ ଅସ୍ୱାଭାବିକ ସ୍ଥିତି ଉପୁଜୁଥିବା ସ୍ପଷ୍ଟ ହେଉଛି। ପୂର୍ବରୁ କମ୍ୟୁନିଷ୍ଟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ବ୍ୟକ୍ତିମାନେ ଯେଉଁ ସାମ୍ୟବାଦ କଥା କହୁଥିଲେ, ଏବର ସମୟରେ ସେହି ପରିଭାଷା ବଦଳିବାରେ ଲାଗିଛି। ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟ ହେଉ ନ ଥିବାରୁ ଥରେ ଯେଉଁ ନେତା ଗାଦିରେ ବସୁଛନ୍ତି, ସେ ନିଜକୁ ରାଷ୍ଟ୍ରର ସର୍ବେସର୍ବା ଭାବେ ଗଢ଼ିତୋଳିବାକୁ ଚେଷ୍ଟା କରୁଛନ୍ତି। ଏଭଳି ନେତାଙ୍କ କ୍ଷମତାଲୋଭ ତାଙ୍କୁ ଅନ୍ଧ କରିଦେଉଛି, ଯାହାଫଳରେ ସାଧାରଣ ନାଗରିକର ମଙ୍ଗଳ ହେବା ପରିବର୍ତ୍ତେ ଅମଙ୍ଗଳ ହେଉଛି। ଜିନ୍‌ପଙ୍ଗ୍ ଓ ପୁଟିନ୍‌ଙ୍କ ଭଳି କ୍ଷମତାଲୋଭୀମାନେ ନିଜ ଲକ୍ଷ୍ୟରେ ସଫଳ ହେଉଥିବା ଦେଖି ଗଣତାନ୍ତ୍ରିକ ଦେଶର ନେତାମାନେ ନିଜ ତରିକାରେ ସେମାନଙ୍କ ପରି ହେବାକୁ ପ୍ରୟାସ କରୁଥିବା ମଧ୍ୟ ଦେଖାଗଲାଣି। କ୍ଷମତା ଲୋଭରେ ପଡ଼ିଯାଉଥିବା ବ୍ୟକ୍ତିମାନେ ଅନ୍ୟ କାହାର କ୍ଷତି ହେଲେ ମଧ୍ୟ କୌଣସି ଚିନ୍ତା କରୁନାହାନ୍ତି। ଏହି ଧାରା ଆଗାମୀ ଦିନରେ ବିଶ୍ୱକୁ ଧ୍ୱଂସାଭିମୁଖୀ ଆଡ଼କୁ ନେବାର ଆଶଙ୍କା ଉପୁଜିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଅକ୍ଟୋବର ୧୯୯୭

- ଦକ୍ଷିଣ ପଶ୍ଚିମ ଚୀନରେ ଏକ ପାହାଡ଼ିଆ ରାସ୍ତାରୁ ଗୋଟିଏ ଘରୋଇ ବସ୍ ଖସିପଡ଼ିବା ଫଳରେ ୪୭ ଯାତ୍ରୀଙ୍କ ମୃତ୍ୟୁ।
- ପ୍ରଥମ ଭାରତୀୟ ମହିଳା ଭାବେ ପୋଲିସ ଅଫିସର କିରଣ ବେଦୀ ଯୋଶେଫ ବ୍ୟୁଏସ୍ ପୁରସ୍କାରରେ ସମ୍ମାନିତ।
- ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ସମତାପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ତଥା ଏସ୍‌ପି ଆନନ୍ଦ ମୋହନ ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ସସ୍‌ପେଣ୍ଡ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 7 | | | | | | | |
| | 1 | | | | | 9 | | |
| | | | 8 | | | 4 | | |
| 6 | | 5 | | 3 | | 1 | | |
| | | | | | 8 | | | |
| | | | | 9 | | 3 | 8 | 7 |
| | | 8 | | | | 6 | 5 | |
| 4 | | | 1 | 5 | 2 | | 9 | |
| | | | 3 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 3 | 5 | 7 | 9 | 8 | 1 | 4 |
| 7 | 4 | 9 | 8 | 1 | 2 | 3 | 6 | 5 |
| 8 | 1 | 5 | 3 | 6 | 4 | 9 | 7 | 2 |
| 5 | 8 | 2 | 7 | 4 | 3 | 6 | 9 | 1 |
| 9 | 7 | 1 | 6 | 5 | 8 | 4 | 2 | 3 |
| 3 | 6 | 4 | 9 | 2 | 1 | 7 | 5 | 8 |
| 2 | 5 | 7 | 4 | 8 | 6 | 1 | 3 | 9 |
| 1 | 9 | 8 | 2 | 3 | 7 | 5 | 4 | 6 |
| 4 | 3 | 6 | 1 | 9 | 5 | 2 | 8 | 7 |

ଗତକାଲିର ଉତ୍ତର

# ଜାତିରେ ମୁଁ ଯବନ



ଡ. ଚନ୍ଦନ କୁମାର ସିଂହ

କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ, ହସ୍ତାକନ୍ୟା ନକ୍ଷତ୍ର, ୧୯୨୩ ମସିହା। ଆଗର କଟକ ଜିଲାର ବାଗଲପୁର ଗାଁ। ହାରାମଣି ଦେବୀ ଓ ଖୋସାଲି ଚରଣ ଦାସଙ୍କର କୋଳମଣ୍ଡନ କରିଥିଲେ, ବହୁଜନଙ୍କର ପ୍ରିୟ ଚିତ୍ତଭାଇ, ପ୍ରଫେସର ଚିତ୍ତରଞ୍ଜନ ଦାସ। ଆଭୂମା ବିସ୍ତାରର କାଳଖଣ୍ଡରେ ଏକ ଉଜ୍ଜ୍ୱଳ ନକ୍ଷତ୍ରର ପରାକାଷ୍ଠାରେ ତାଙ୍କର ପରିଚିତ ଠୋ ଠୋ ହୋଇ ହସୁଥିବା ଜଣେ-ଯବନର ପରିଚୟରେ । ଯେ ଯବନର ପରିଚୟ ଏକ ପୂର୍ଣ୍ଣାର୍ଘ ନୈବେଦ୍ୟର ଥାଳି। ସେ ଥାଳିର ପ୍ରତିଟି ଉପାଦାନ ଅତ୍ୟନ୍ତ ମୌଳିକ। ଜାତି ଅଛି ଅଥଚ ଜାତି ନାହିଁ, କାହାରି ରକତର ସ୍ୱୀକାର ନୁହେଁ, ମାତ୍ର ରୁଧିର ଅଛି ବୋଲି ତ ଦେଖୁ ଦେଖୁ କେବା ସହୁ, ଭୂଇଁଟିଏ ଅଛି ସିନା ବୋଲି କେତେ କେତେ ଦେଶ ଦୂରକୁ ନିକଟ ଲାଗନ୍ତି। ପ୍ରତିଟି ବାନା ଶିଖରଶୁମ୍ଭୀ ପତିତପାବନର ସ୍ପର୍ଶ ଦିଅନ୍ତି। ତେଣୁ ଯବନର ଆଘ୍ରାଣ, ଯବନର ସ୍ୱପ୍ନ ଏକ ମିତ୍ରପଣର ଅଭୁଲା ଡୋରରେ ନିଜର ପରିଚୟ କେବେ ବି ଖୋଜି ନ ଥିଲା। ମହିମାର ଗରିମାରେ ସେ ପରିଚୟ ଝରା ଶେଫାଳିକୁ ନେଇ ଆଞ୍ଜୁଳା ପୂର୍ଣ୍ଣ କରିଥିଲା।

ଭିନ୍ନ ଏକ ଧାତୁର ମଣିଷ ଶୁଭଚିନ୍ତକ ପ୍ରିୟ ଚିତ୍ତଭାଇ। ଅକଳ୍ପନୀୟ ଈର୍ଷା-ଅସୂୟାର ଯନ୍ତ୍ରଣାକୁ ବେଖାତିର କରୁଥିବା ନମ୍ର ବନ୍ଧୁତାର ସେ ଏକ ଅଭୁଲା ପରିଚୟ। ଆଜୀବନ ଶିକ୍ଷକତାକୁ ସାଦରେ ବରଣ କରିନେଇଥିବା ସେ ଥିଲେ ଅନନ୍ୟ ବନ୍ଧୁତାର ସ୍ମାରକୀ ଶିଳାଲେଖ। ଖୁବ୍ ଲେଖନ୍ତି ଓ ଖୁବ୍ ପଢ଼ନ୍ତି ମଧ୍ୟ। ଏହି ଦୁଇ କରାୟତ୍ତ ଶୃଙ୍ଖଳାକୁ ସେ ତପସ୍ୟାଲବ୍ଧ କରିଥିଲେ। ତପସ୍ୟା ହେତୁରେ ଜିଜ୍ଞାସା କରିଥିଲେ। ତପଃଶକ୍ତିର ମଞ୍ଜିକୁ ସାଉଁଟି ନେଇଥିଲେ। ତେଣୁ ଯେତିକି ପରିମାଣରେ ବିନୟୀ ଥିଲେ ଠିକ୍ ସେତିକି ପରିମାଣରେ ଉଦାର, ନିର୍ଭୀକ ମଧ୍ୟ ଥିଲେ। ଜରୁରିକାଳୀନ ପରିସ୍ଥିତିରେ 'ଧରିତ୍ରୀ'ର ସମ୍ପାଦକୀୟକୁ ଚିହ୍ନରା-ଲୋକ ଏହା କାହାର ଲେଖା ବୋଲି ଠଉରାଇପାରୁଥିଲେ। ମନେପଡ଼ନ୍ତି ଓଡ଼ିଶାର ପ୍ରିୟ ବ୍ୟକ୍ତିତ୍ୱ ଦାଶରଥି ପଟ୍ଟନାୟକ-ଦାସିଆ ଅଜା। ବିଚାର ଓ ବିବେକକୁ କ୍ଷତାକ୍ତ କରିବାର ଧୂରୀଣ ଶିଳ୍ପୀଙ୍କୁ ସେ ବେଶ୍ ଠଉରାଇ ପାରିଥିଲେ। ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟ, ବିଚ୍‌ପୁରୀରୁ ସେ ଅନେକ ଥର ଚିଠି ଲେଖନ୍ତି ଦାସିଆ ଅଜାଙ୍କୁ ଏବଂ ବୁଲାଇ ନେଇଛନ୍ତି ଅନେକ ଅଭୀପ୍ସୁ ବିଦେଶାଗତ ବନ୍ଧୁଙ୍କୁ ସେହି ସାରସ୍ୱତ ପୁଣ୍ୟପୀଠକୁ।

ଶିକ୍ଷକ ଜୀବନର ଉତ୍ତରଣ ପଥରେ 'ଯବନ'ର ଯେଉଁ ଉଚ୍ଛଳ ଓ ଉଜ୍ଜ୍ୱଳ ଦୃଷ୍ଟିଭଙ୍ଗୀ ସେ ଆହରଣ କରିଥିଲେ, ତାହା ଥିଲା ସକାଳର ପ୍ରାର୍ଥନା। ସକାଳ ଆମ ଭୌତିକ ଜୀବନର ଏକ ପବିତ୍ରତମ କ୍ଷଣ। ମାତ୍ର ସକାଳ ସେତିକିରେ ସୀମାବଦ୍ଧ ନ ଥିଲା, ସେତିକିରେ ପରିପୂର୍ଣ୍ଣ ନ ଥିଲା। ଭିନ୍ନ ଏକ ମନୋଭୂମିରେ ସେ ସକାଳକୁ ପ୍ରତି ନିୟତ ଭରପୂର ଚକ୍ଷୁରେ ଦେଖୁଥିଲେ। ଏକ ଭରପୂର ଖୁସିରେ ଆପ୍ଲୁତ ହୋଇ ବିମୋହିତ ହୋଇ ଦେଖୁଥିଲେ। ଲକ୍ଷ୍ମୀଙ୍କର ମହିମାରେ ପର୍ବତକୁ ଦେଖୁଥିଲେ, ସାଗରକୁ ଦେଖୁଥିଲେ ଏବଂ ସ୍ପର୍ଶଲାଭ କରୁଥିଲେ ମଣିଷର ଅନେକାଂଶ ସମ୍ଭାବନାକୁ ନେଇ। ସେଥିପାଇଁ ସମ୍ଭାବନାର ଘେର ଭିତରେ ଅନେକ କଥା ଓ ବ୍ୟଥାର ବ୍ୟଞ୍ଜନା ତାଙ୍କୁ ଧରାଦେଉଥିଲା।

**ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ**



ଅନନ୍ୟ ଉଚ୍ଚାରଣର ପଥିକ ପ୍ରିୟ ଚିତ୍ତଭାଇଙ୍କର ଗତିପଥକୁ ଛୁଇଁପାରିବାର ଏକ ମାଧ୍ୟମ ତାଙ୍କ ଜେଲ-ଜୀବନର କବିତା ଖାତା ଓ ଟିପା ଖାତାକୁ ଦେଖିଲେ ଜାଣିହୁଏ। କୋଡ଼ିଏ ବର୍ଷର କିଶୋର ପ୍ରାଣରେ ଧରା ଓ ଧାରାର ଅଞ୍ଜନ କିଏ ପିନ୍ଧାଇଥିଲା କେଜାଣି। କଇଁ କଇଁ ହୋଇ ଅଶ୍ରୁ ଢାଳୁଥିବା ସେ ପ୍ରାଣର ନିବେଦନକୁ ବେଶ୍ ପ୍ରତ୍ୟକ୍ଷ କରିହୁଏ, ତାରିଖ ନିର୍ଦ୍ଦିଷ୍ଟ ହୋଇଥିବା ସେ କବିତାଗୁଡ଼ିକରୁ । ଏକଶହରୁ ବେଶି ହେବ ସେ କବିତାଗୁଡ଼ିକର ସଂଖ୍ୟା। ଗୋଟିଏ କବିତା ଖାତାର ସମୟକାଳ ୧୯୪୩ ମସିହା। ଜେଲ୍ ଅଧୀକ୍ଷକ ତହିଁରେ ସ୍ୱାକ୍ଷର କରି ପୃଷ୍ଠାର ନିର୍ଦ୍ଧାରଣ କରିଛନ୍ତି କାରାଗାରର ନିୟମ ଅନୁସାରେ।

ସ୍ୱାଧୀନତା ସଂଗ୍ରାମରେ ନିଜକୁ ଭାଗୀଦାରି କରାଇବା ନ ଥିଲା କେବେହେଲେ ଉନ୍ମାଦନା। ଥିଲା ଜୀବନର ଏକ ପୂର୍ଣ୍ଣ ନିଷ୍ପତ୍ତି। ସେହି ନିଷ୍ପତ୍ତି ଦେଶକୁ ଗଢ଼ିବାର ଏକ ସକରୁଣ ଆଖି ଦେଇଥିଲା, ବ୍ୟାକୁଳତା ବି ଆଣିଦେଇଥିଲା।

ମହାତ୍ମା ଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟଧାରା, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନର ବ୍ୟାପ୍ତି ଓ ଗଭୀରତା ଯୁବକ ଚିତ୍ତରଞ୍ଜନଙ୍କୁ ସେତେବେଳେ ବହୁଭାବରେ ପାଗ କରି ଆଣିଥିଲା। ଦେଶକୁ ଦେଖିବା ସହ ସଂସାରକୁ ବୁଝିବାରେ ସେ ଅନ୍ୟ ଏକ ବାସନାର ବ୍ରତୀ ହୋଇଥିଲେ। ଏହି ବାସନା ସହ ୟୁରୋପର ଭ୍ରମଣ ଏବଂ ଅଧ୍ୟୟନ, ସାମାଜିକ, ଆଧ୍ୟାତ୍ମିକ ବ୍ୟବସ୍ଥା ଚିତ୍ତରଞ୍ଜନଙ୍କ ଚିତ୍ତକୁ ଅନେକ ପୁଞ୍ଜି ଆଣିଦେଇଥିଲା। ସେତେବେଳକୁ ସେ ନିଷ୍ପତ୍ତି ଘେନିଥିଲେ ଶିକ୍ଷକର ଜୀବନକୁ ଆପଣେଇବା ପାଇଁ। ତେଣୁ ୟୁରୋପ ଗସ୍ତ ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଯୁବକ ଚିତ୍ତରଞ୍ଜନଙ୍କ ଯେଉଁ ସୁଖ୍ୟାତି ବିଷୟରେ ଅବଗତ ହୋଇଥିଲେ, ତାହାକୁ କାର୍ଯ୍ୟକାରୀ କରିବା ଲାଗି ସଙ୍ଗେ ସଙ୍ଗେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବାଧିକାରୀ ଜଗଦ୍‌ବନ୍ଧୁ ମହାପାତ୍ରଙ୍କୁ ବିଶେଷଭାବେ ପଠାଇଥିଲେ ରାଷ୍ଟ୍ରଦୂତ ପଦବୀ ଗ୍ରହଣ ଲାଗି। ଥରେ ନୁହେଁ ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଚିଠି ନେଇ ଆସିଲେ ଜଗଦ୍‌ବନ୍ଧୁ ମହାପାତ୍ର ଏବଂ ଫେରିଗଲେ ଶୂନ୍ୟ ହସ୍ତରେ। ଉତ୍ତର ଥିଲା, 'ମୁଁ ଜଣେ ଶିକ୍ଷକ ହେବାକୁ ସ୍ଥିର କରିସାରିଛି।' ସେହି ସୂତ୍ରରେ ଜୀବନ-ବିଦ୍ୟାଳୟର ପ୍ରତିଷ୍ଠା (୧୯୫୪) ଥିଲା ତାଙ୍କ ସ୍ୱପ୍ନ ସାକାର ହେବାର ଉଷାକାଳ। ମାତ୍ର ଓଡ଼ିଶାରେ ଆସ୍ଥାନ କାହିଁ। ଜୀବନ ବିଦ୍ୟାଳୟର ସ୍ମୃତି ସାରା ଜୀବନ ଆପ୍ଲୁତ କରିଥିଲା ଶିକ୍ଷକ ଚିତ୍ତରଞ୍ଜନଙ୍କୁ। ଜୀବନ-ବିଦ୍ୟାଳୟ, ଆଗ୍ରା-ଗ୍ରାମୀଣ ବିଶ୍ୱବିଦ୍ୟାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନ, ବିଦେଶକୁ ପରିଦର୍ଶକ ଅଧ୍ୟାପକ ଜୀବନ (ପଶ୍ଚିମ ଜର୍ମାନୀ) ଏସବୁ ଅନନ୍ୟ ଚିତ୍ତରଞ୍ଜନଙ୍କ ଜୀବନର ଅଲିଭା ଦାଗଭଳି। ଆଉ ଏକ ଦୃଷ୍ଟିରେ ତାଙ୍କୁ ଅନାଉଥିବା ପ୍ରତ୍ୟେକ ସତୀର୍ଥଙ୍କର ଏହା ଏକ ଅବଶ୍ୟ ଆଲୋଚ୍ୟ ବିଷୟ। ଦେଶ ସ୍ୱାଧୀନତାକୁ ଆହ୍ୱାନ ରୂପେ ଗ୍ରହଣ କରିଥିବା ଚିତ୍ତରଞ୍ଜନଙ୍କ ଦେହ ଓ ମନ କେବେହେଲେ ସ୍ୱୀକାର କରୁ ନ ଥିଲା ରାଜନୀତିକ ଓ ପ୍ରଶାସନିକ ଅଙ୍କୁଶର ଅଧୀନ ହେବା ପାଇଁ। ସମ୍ମାନନୀୟ ସୁରେନ୍ଦ୍ରନାଥ ଦ୍ୱିବେଦୀ ରାଜ୍ୟପାଳ ପଦବୀ ଅଳଙ୍କୃତ କରିବା ପରେ ଦିନେ ସାକ୍ଷାତ୍ କରିବାର ଅବସରରେ ପହଞ୍ଚନ୍ତି ବିଶ୍ୱନୀଡ଼ମ୍‌ରେ। ରାଜ୍ୟପାଳଙ୍କ ପାଇଁ ବିଧି-ବ୍ୟବସ୍ଥାକୁ ସେ ଦୂରରେ ଛାଡ଼ି ପହଞ୍ଚିଥିଲେ ଅଗ୍ନି ସ୍ଫୁଲିଙ୍ଗ ଚିତ୍ତରଞ୍ଜନଙ୍କ ନିକଟରେ ଏବଂ ଯାହା ହେବାର ଥିଲା ତାହା ହିଁ ଘଟିଥିଲା। ନିଜର ଖେଦ, ଅସନ୍ତୋଷ ଖୁବ୍ ଆଚ୍ଛା ଆଚ୍ଛା ପ୍ରକାଶ ଚିତ୍ତରଞ୍ଜନଙ୍କ କଣ୍ଠରେ ସେଦିନ ସକ୍ରିୟ ହୋଇଉଠିଥିଲା। ସେଥିପାଇଁ ଯବନର ଜୀବନରେ ଠୋ ଠୋ ହୋଇ ହସିପାରୁଥିଲେ ଚିତ୍ତରଞ୍ଜନ।

ମୌଳିକ ରଚନା, ଅନୁବାଦ ସାହିତ୍ୟ, ଡାଏରୀ, କବିତା ଆଦି ବିଭିନ୍ନ ଦିଗକୁ ସ୍ପର୍ଶ କରି ଚିତ୍ତରଞ୍ଜନଙ୍କ ରଚନା ହାରାହାରି ୨୪୦ ଖଣ୍ଡରୁ ଆହୁରି ବେଶି ହେବ। ମଗ୍ନ ମଣିଷର ବ୍ୟଥା ଓ ବ୍ୟଞ୍ଜନାକୁ ନେଇ ଭରପୂର ତାଙ୍କର ବିଶ୍ଳେଷଣ ଓ ଆଲୋଚନା, କାହା ସହ ତୁଳନା କଲେ ନିରାଶ ହେବାକୁ ପଡ଼େ, ମାତ୍ର ନିଜକୁ ନିଜ ପାପୁଲି ଉପରେ ଦେଖିବାର ସାହସ ଜୁଟାଇ ଆଣେ ସେସବୁ ଲେଖା। ହାଣ୍ଡିକୁ ଟିଙ୍କା ମାରି ତାହାର ନିଦାପଣ ଦେଖିଲା ପରି ଚିତ୍ତରଞ୍ଜନଙ୍କ ଲେଖାର ନିଦାପଣ ଆମ ଅନେକଙ୍କ ପାଖ ମାଡ଼େ ନାହିଁ, ମାତ୍ର ହାତରେ ପଡ଼ିବା ତ ଦୂରର କଥା। ଜଣାପଡ଼େ ସେ ଚାଲିଛନ୍ତି ଆଗେ ଆଗେ ଶିଳାତୀର୍ଥର ସନ୍ଧାନରେ, ମୁଁ ଚାଲିଛି ଆତ୍ମାଭିଭୂତ ହୋଇ ସେ ଯାତ୍ରା ପଥରେ। ତେଣୁ କେବଳ ଓଡ଼ିଆ ସାହିତ୍ୟର ପରାକାଷ୍ଠା ଭିତରେ ତାଙ୍କୁ ଅସ୍ମିତା ଦେବା କେବଳ ଅନ୍ୟାୟ ହେବନାହିଁ ଅଯଥାର୍ଥ ହିଁ ହେବ। କାରଣ ତାଙ୍କ ଜୀବନ-ଉତ୍ତରତାର ଚର୍ଯ୍ୟା ପଦଥିଲା, ନିୟତ ହୋଇ ଉଠିବାରେ, ସାଙ୍ଗଟିଏ ହୋଇ କଥା ଦେବାରେ, କଥା ରଖିବାରେ, କଥା ଶୁଣିବାରେ ଏବଂ ସେହି କଥାକୁ ଗୋଟି ଗୋଟି କରି ଲେଖିଦେବାରେ। କେବଳ ଓଡ଼ିଶା ଭିତରେ କି ଓଡ଼ିଶା ବାହାରେ ନୁହେଁ, ସଂସାର ବୋଲି ଯାହା ବୁଝାପଡ଼େ, ଚିତ୍ତରଞ୍ଜନ ଅନେକଙ୍କ ନିକଟକୁ ଚିଠି ଲେଖିଛନ୍ତି। ହିମାଳୟର ହାଟ କଲ୍ୟାଣୀ ଗାଁ ଠିକଣାର ପ୍ରାପ୍ତି ପ୍ରିୟ ଛାତ୍ର ସଦନଙ୍କୁ କିମ୍ବା ନାଗପୁରର ରମେଶ ଘୋଡ଼େ କିମ୍ବା ମାନପୁରର ଶଶିଭୂଷଣଙ୍କୁ। ସେ ସବୁ ଚିଠିର ମହନୀୟତା ଓ ଔଜ୍ଜ୍ୱଲ୍ୟ ଆଜି ଅନେକଙ୍କ ନିକଟରେ ସୁରକ୍ଷିତ ଏବଂ ସମ୍ମାନସ୍ପଦ ଭାବରେ ସଂରକ୍ଷିତ।

ଦିନ ଚାଲିଯାଏ। ଚିହ୍ନ ରହିଯାଏ। ସାରା ସଂସାର ନିମନ୍ତେ ପ୍ରାର୍ଥନା ପରି ଉକୁଟି ଉଠୁଥିବା ପ୍ରିୟ ଚିତ୍ତଭାଇଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରଣାମ।

**ବିଷମ କଟକ, ରାୟଗଡ଼,**
**ମୋ: ୮୨୪୯୬୫୭୭୭୮**

# ଜାତୀୟ ସଂହତିର ଉତ୍ସବ ଦୀପାବଳି



ବିମଳ ପ୍ରସନ୍ନ ଦାସ

ଆନନ୍ଦ ଓ ଆଲୋକର ଉତ୍ସବ ଦୀପାବଳିର ଆଦର୍ଶ ଓ ଆବେଦନ ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ଗରିମାମୟ। ପ୍ରଥମତଃ ଭାରତୀୟ ଜନମାନସରେ ଦୀପଦାନ ଏକ ପରମ ପୁଣ୍ୟ ପ୍ରଥା ଭାବରେ ସ୍ୱୀକୃତ ହୋଇଛି। ହିନ୍ଦୁ, ଖ୍ରୀଷ୍ଟିଆନ୍, ଶୈବ, ଶାକ୍ତ, ବୌଦ୍ଧ, ଜୈନ ଧର୍ମାବଲମ୍ବୀମାନେ ପ୍ରଦୀପ ପ୍ରଜ୍ୱଳନକୁ ଏକ ମଙ୍ଗଳମୟ କାର୍ଯ୍ୟ ବୋଲି ଗ୍ରହଣ କରିଛନ୍ତି। ମଣିଷକୁ ଏକ ବିକାଶଶୀଳ ଅଭୀପ୍ସାପରାୟଣ ଆତ୍ମା ଭାବରେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ 'ଦିବ୍ୟ ଜୀବନ' ଗ୍ରନ୍ଥରେ ପ୍ରତିପାଦିତ କରିଛନ୍ତି। ମାନବାତ୍ମା ଅହରହ ପ୍ରାର୍ଥନା କରିଛି ଅନ୍ଧକାରରୁ ଆଲୋକ ଅଭିମୁଖେ ଅଗ୍ରସର ହେବା ପାଇଁ। ମୃତ୍ୟୁରୁ ଅମୃତ, ତା'ର ଏକ ବ୍ୟାକୁଳ ତଥା ଅନାହତ ଏବଂ ଆକୁଳତାମୟ ଅଭୀପ୍ସା। ଅନ୍ଧକାର ତା' ପାଇଁ ମୃତ୍ୟୁର ପ୍ରତୀକ। ଭୂତ, ପ୍ରେତ ପ୍ରଭୃତି ଅନିଷ୍ଟକାରୀ ଶକ୍ତିଙ୍କୁ ଭୟ କରୁଥିବା ଆଦିମ ମଣିଷ ସେମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ହୁଏତ ଆଲୋକ ଜଳାଇଥିଲା। ଏହିଠାରୁ ହୁଏତ ଦୀପାବଳିର ଅୟମାରମ୍ଭ ବୋଲି କେହି କେହି ଅନୁମାନ କରନ୍ତି।

ହିନ୍ଦୁ ମହାକାବ୍ୟ ମହାଭାରତ ଅନୁସାରେ, ଦୀପ ଜଳାଇ ମଣିଷ ତେଜସ୍ୱୀ ଓ ଉଚ୍ଚାକାଂକ୍ଷୀ ହୁଏ। ଅନ୍ଧକାରାଚ୍ଛନ୍ନ ଯମଲୋକରୁ ନିଜ ପିତୃପୁରୁଷଙ୍କୁ ଆଲୋକର ରାଜ୍ୟ ଧର୍ମଲୋକକୁ ଫେରାଇ ଆଣିବାକୁ ଜୀବିତ ଲୋକମାନେ ନାନା ପ୍ରକାରର ଆଲୋକ ପ୍ରଜ୍ୱଳନର ବ୍ୟବସ୍ଥା କରିଥା'ନ୍ତି। ଦେବାଲୋକ ସହିତ ସମ୍ପର୍କ ଓ ସୌହାର୍ଦ୍ଦ୍ୟ ସୃଷ୍ଟି ପାଇଁ ଘର ଓ ଦେବପୀଠମାନଙ୍କରେ ଦୀପ ଜଳାଯାଏ।

ଅନ୍ୟତମ ମହାକାବ୍ୟ ରାମାୟଣ ଅନୁସାରେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ପିତୃସତ୍ୟ ପାଳନ ପୂର୍ବକ ଚଉଦବର୍ଷ ବନବାସ ଓ ରାବଣର ନିଧନ କରି ଅଯୋଧ୍ୟା ଫେରିବା ପରେ ଆନନ୍ଦ ଓ ଉଲ୍ଲାସରେ ଅଯୋଧ୍ୟାବାସୀ ଦୀପାବଳିର ଆଲୋକମୟ ଲଗ୍ନରେ ତାଙ୍କର ମହାଭିଷେକ ପର୍ବ ପାଳନ କରିଥିଲେ। ଅନ୍ୟ ମତରେ ଏହି ତିଥିରେ ସୃଷ୍ଟିକର୍ତ୍ତା ବିଷ୍ଣୁଙ୍କ ସହ ଅନ୍ନପୂର୍ଣ୍ଣା ମା' ମହାଲକ୍ଷ୍ମୀଙ୍କର ବିବାହ ସମ୍ପନ୍ନ ହୋଇଥିଲା। କାଳିକା ପୁରାଣ ଅନୁଯାୟୀ, ଏହି ତିଥିରେ ମା' କାଳୀଙ୍କ ସଂହାରମୂର୍ତ୍ତିକୁ ନିଜେ ଶିବ ହିଁ ଶାନ୍ତ କରି ଜଗତର ମଙ୍ଗଳ କହିଥିଲେ। ସୁତରାଂ ଏହା ଉଭୟ ମା' ଲକ୍ଷ୍ମୀ ଓ କାଳୀଙ୍କ ଆରାଧନା ତଥା ଆବାହନର ଉଜ୍ଜ୍ୱଳ ସ୍ମାରକୀ ବହନ କରେ। ଆଜି ଘରେ ଘରେ ଦେବୀଙ୍କର ଆହ୍ୱାନ ଓ ଅର୍ଚ୍ଚନା ତା'ର ପ୍ରତୀକାତ୍ମକ ଅଭିବ୍ୟକ୍ତି।

ଏ ଦେଶର ଇତିହାସ ଦୀପାବଳିର ଐତିହ୍ୟରେ ମୁଖରିତ। ସମ୍ରାଟ୍ ହର୍ଷବର୍ଦ୍ଧନଙ୍କ 'ନାଗନମ' ନାଟକ ଐତିହାସିକ ଆବୁଲ ଫଜଲଙ୍କ 'ଆଇନ-ଇ-ଆକ୍‌ବରୀ' ଦୀପାବଳିର ମହିମାମୟ ଗରିମା ଲିପିବଦ୍ଧ କରିଛି। ସମ୍ରାଟ୍ ଆକବର ନିଜେ ଦୀପଦାନ ପାଳନ କରିଥିବା ଘଟଣାର ଅବତାରଣା ଆଜି ସାମ୍ପ୍ରଦାୟିକତାର ସଂଘର୍ଷରେ ଶାନ୍ତ, କ୍ଳାନ୍ତ ଭାରତୀୟଙ୍କ ପାଇଁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ବରୋଦା ସଂଗ୍ରହାଳୟରେ ସଂରକ୍ଷିତ ଅଛି ବାଦ୍‌ଶାହ ଆକବରଙ୍କର ଏ ପ୍ରଦୀପ ଜାତୀୟ ସଂହତିର ଅମ୍ଳାନ ସ୍ମାରକୀ। ଜାତି, ବର୍ଣ୍ଣ, ଧର୍ମ, ସଂସ୍କୃତି ଓ ସଭ୍ୟତା ନିର୍ବିଶେଷରେ ଦୀପାବଳି ଉତ୍ସବ ଏକ ସାର୍ବଜନୀନ ସର୍ବଭାରତୀୟ ଉତ୍ସବ। ଭାରତ ଭ୍ରମଣରେ ଆସିଥିବା ୟୁରୋପୀୟ ପରିବ୍ରାଜକମାନେ ମଧ୍ୟ ଦୀପଦାନ ଉତ୍ସବର ଅନ୍ତର୍ନିହିତ ମାନସିକତାର ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରଦୀପର ବ୍ୟବହାର ଯେତିକି ନବୀନ, ସେତିକି ପ୍ରାଚୀନ। ରାଜା ଭୃହରିଙ୍କଠାରୁ ମହାକବି କାଳିଦାସଙ୍କ ପର୍ଯ୍ୟନ୍ତ ସମସ୍ତେ ଦୀପାବଳି ସମ୍ପର୍କରେ ନିଜ ସୃଷ୍ଟି ଭିତରେ ଉଲ୍ଲେଖ କରିଛନ୍ତି। ବହୁ ପ୍ରାଚୀନ ସ୍ଥାପତ୍ୟ ଓ ପ୍ରତ୍ନତାତ୍ତ୍ୱିକ କୃତିରେ ପ୍ରଦୀପର ଚିତ୍ର ଦୀପାବଳିକୁ ମହିମାନ୍ୱିତ କରିଛି।

ଦୀପାବଳିର ଧର୍ମଧାରା ଆଜି ଭାରତର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ରୂପରେ ଓ ରଙ୍ଗରେ ଅନୁଭୂତ। ଆମ ରାଜ୍ୟରେ ପୟାଶ୍ରାଦ୍ଧ, ପିଣ୍ଡଦାନ ଓ ଗୋବର୍ଦ୍ଧନ ଉତ୍ସବ ଭାବରେ ଏହା ପାଳିତ ହେଲାବେଳେ ସମଗ୍ର ଦକ୍ଷିଣ ଭାରତରେ ଏହି ପର୍ବ 'ନରକ ଚତୁର୍ଦ୍ଦଶୀ'' ଭାବେ ପାଳିତ ହୁଏ। ଯେଉଁ ନାରକାସୁର ଷୋଳହଜାର ରମଣୀଙ୍କୁ ବନ୍ଦୀ କରି ରଖିଥିଲା, ସେ ଅତ୍ୟାଚାରୀ ରାକ୍ଷସକୁ ଶ୍ରୀକୃଷ୍ଣ ଏହି ଦିନ ହତ୍ୟାକରି ବନ୍ଦିନୀମାନଙ୍କୁ ଉଦ୍ଧାର କରିଥିଲେ ବୋଲି ବିଶ୍ୱାସ କରାଯାଏ। ସେହିପରି ଆନ୍ଧ୍ରପ୍ରଦେଶରେ ଦୀପାବଳି ତିଥିରେ ସର୍ପମାନଙ୍କର ପୂଜା କରାଯାଉଥିବାବେଳେ କେରଳର ଅଧିବାସୀମାନେ ପ୍ରଦୀପ ପ୍ରଜ୍ୱଳନ ଭିତରେ ଏହି ଆଲୋକର ଉତ୍ସବକୁ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ରାଜସ୍ଥାନର ଲୋକେ ଏହି ତିଥିକୁ ମହାରାଜା ବିକ୍ରମାଦିତ୍ୟଙ୍କର ଅଭିଷେକ ଉତ୍ସବର ସ୍ମାରକୀ ଭାବରେ ପାଳନ କଲାବେଳେ, ମହାରାଷ୍ଟ୍ରରେ ମହାଦାନୀ ରାଜା ବଳିଙ୍କର ପୂଜା କରାଯାଏ। ପ୍ରଜାନୁରଞ୍ଜନ ରାଜା ବଳିଙ୍କ ପ୍ରତି ଭଗବାନ ବିଷ୍ଣୁଙ୍କର ବିଚାରକୁ ଦେବତାମାନେ ପରବର୍ତ୍ତୀ ସମୟରେ ଅବିଚାର ବୋଲି ବିବେଚନା କରି ଗୋଟିଏ ଦିନ ପାଇଁ ତାଙ୍କୁ ତାଙ୍କର ରାଜ୍ୟକୁ ଏହି ତିଥିରେ ଆଣିଥିଲେ ବୋଲି ମଧ୍ୟ ଏମାନେ ବିଶ୍ୱାସ କରନ୍ତି। ଦୀପାବଳି ଉତ୍ସବ ଉତ୍କଳର ଅତୀତ ନୌବାଣିଜ୍ୟର ସ୍ମୃତି ମୁରୁଜ ମାଧ୍ୟମରେ ବହନ କଲାପରି, ଗୁଜରାଟର ବ୍ୟବସାୟୀମାନେ ଏହି ଶୁଭଲଗ୍ନରେ ସେମାନେ ବ୍ୟବସାୟିକ ନୂତନ ଉଦ୍ୟମର ଶୁଭାରମ୍ଭ କରନ୍ତି। ପଞ୍ଜାବରେ ଦୀପାବଳି ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୁଏ। ସ୍ୱର୍ଣ୍ଣମନ୍ଦିର ଏକମାସ ଧରି ବିଭିନ୍ନ ବର୍ଣ୍ଣାଢ଼୍ୟ ଆଲୋକରେ ବିଭୂଷିତ ହୁଏ। ଉଭୟ ମହାଲକ୍ଷ୍ମୀ ଓ ସିଦ୍ଧିଦାତା ଗଣେଶଙ୍କର ଆରାଧନା କରାଯାଏ। ମୋଗଲ ସମ୍ରାଟ୍ ଜାହାଙ୍ଗୀର ଶିଖ୍‌ମାନଙ୍କର ଷଷ୍ଠଗୁରୁ ବନ୍ଦୀ ହରଗୋବିନ୍ଦ ସିଂହଙ୍କୁ ଦୀପାବଳି ତିଥିରେ ଗୋଆଲିଅର ଦୁର୍ଗରୁ ମୁକ୍ତ କରିଥିଲେ। ସେଥିପାଇଁ ପଞ୍ଜାବୀମାନଙ୍କ ନିମନ୍ତେ ଏହି ଉତ୍ସବ ଯେତିକି ଐତିହାସିକ, ସେତିକି ଐତିହ୍ୟପୂର୍ଣ୍ଣ।

ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଦିନଟିକୁ ତଥାଗତ ଶିଷ୍ୟଙ୍କର ପରିନିର୍ବାଣ ଭାବରେ ପାଳନ କଲାବେଳେ, ଜୈନମାନେ ସେମାନଙ୍କର ୨୪ତମ ତୀର୍ଥଙ୍କର ମହାବୀରଙ୍କ ପରିନିର୍ବାଣ ଭାବରେ ପାଳନ କରନ୍ତି। ସୁତରାଂ ଦୀପାବଳି ଯେପରି ଉଭୟ ତତ୍ତ୍ୱର ଜ୍ଞାନାଲୋକର ପ୍ରତୀକ।

ଏହି ଦୃଷ୍ଟିରୁ ଦୀପାବଳି ଯଥାର୍ଥରେ ଜାତୀୟ ସଂହତିର ସ୍ମାରକୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ବିରଳ ପର୍ବ ଯାହା ଶାନ୍ତି, ସଂହତି, ସଦିଚ୍ଛାର ବାର୍ତ୍ତା ବହନ କରେ। ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ 'ଦିବ୍ୟ ଜୀବନ' ଗ୍ରନ୍ଥରେ ସଂହତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରି କହିଛନ୍ତି: 'ସଂହତି ହିଁ ଆଜି ମାନବ ଜୀବନ ତଥା ସମାଜର ସମସ୍ୟା'। ଅନୁରୂପ ଭାବରେ ଦିବ୍ୟ ଜନନୀଙ୍କ ଅନୁପମ ଉକ୍ତି ହୋଇଛି। ''ଯାହା ସଂହତି ଦିଗରେ ଆଗେଇ ନିଏ, ତାହାହିଁ ମତେ ସନ୍ତୁଷ୍ଟ କରେ।''

ସଦିଚ୍ଛା ଓ ସଂହତିର ଦୁର୍ଭିକ୍ଷ ଆଜିର ଅର୍ଥ ଓ ସ୍ୱାର୍ଥସର୍ବସ୍ୱ ସମାଜ ଓ ଜୀବନକୁ ଚରମ ଅମାନୁଷିକତା ଆଡ଼କୁ ଠେଲି ନେଉଥିବାବେଳେ ମହାଯୋଗୀ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମା'ଙ୍କ ପବିତ୍ର ବାର୍ତ୍ତା ମଣିଷ ଜାତିକୁ ଅତିମାନସିକତାରେ ଅଭିମନ୍ତ୍ରିତ କରୁ ଏବଂ ଦୀପାବଳିର ଆନନ୍ଦମୟ ଆଲୋକ ତାକୁ ଅମୃତାୟନର ଦିବ୍ୟସ୍ପର୍ଶ ଦେଉ- ଏତିକି ପ୍ରାର୍ଥନା।

**ମୋ: ୯୪୩୮୧୮୬୨୨୬**

## ଏଇ ଭାରତରେ

ଛତିଶଗଡ଼କୁ ମାତା କୌଶଲ୍ୟାଙ୍କ ସହର କୁହାଯାଏ। ଏହା ମଧ୍ୟ ଭଗବାନ ଶ୍ରୀରାମଙ୍କ ଆଈଙ୍କ ଘର। ଶ୍ରୀରାମଙ୍କ ଆଈଙ୍କ ଘରେ ରାମଙ୍କ ଭକ୍ତ ପ୍ରଭୁ ହନୁମାନଙ୍କ ପାଇଁ ଏକ ନୋଟିସ ଜାରି କରାଯାଇଛି। ବଜରଙ୍ଗବାଲିଙ୍କୁ ଏହି ନୋଟିସ ରାୟଗଡ଼ ନଗର ନିଗମ ପକ୍ଷରୁ ପଠାଯାଇଛି। ୱାର୍ଡ ନମ୍ବର-୧୮ ଟିକରାପାରରେ ପ୍ରଭୁ ହନୁମାନଙ୍କ ମନ୍ଦିର ରହିଛି। ପ୍ରଶାସନ ପକ୍ଷରୁ ଜଳକର ନୋଟିସ ଜାରି କରାଯାଇ ପୈଠ ପାଇଁ ୧୫ ଦିନର ଅନୁଗ୍ରହ ଅବଧି ଦିଆଯାଇଛି। ଅଫିସକୁ ହନୁମାନଜୀଙ୍କୁ ଡକାଯାଇଛି। ଯଦି ସେ ଅଫିସକୁ ନ ଆସନ୍ତି ତେବେ ସର୍‌ଚାର୍ଜ ଆଦାୟ ପାଇଁ ଏକ ଚେତାବନୀ ଦିଆଯାଇଛି। ପ୍ରଭୁ ହନୁମାନଙ୍କୁ ନୋଟିସ ଜାରି ହୋଇଥିବା ଖବରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରାୟଗଡ଼ ମ୍ୟୁନିସିପାଲିଟି କର୍ପୋରେଶନ ବଜରଙ୍ଗବାଲିଙ୍କୁ ୪୦୦ଟଙ୍କାର ଜଳ କର ଶୀଘ୍ର ପୈଠ କରିବାକୁ କହିଛି। ମନ୍ଦିର ପ୍ରଶାସନ ପକ୍ଷରୁ କିଛି ବ୍ୟକ୍ତିଙ୍କ ନାମରେ ଏହି ନୋଟିସ ଜାରି କରାଯାଉଥିଲା, କିନ୍ତୁ ନିଗମର କର୍ମଚାରୀମାନେ ପ୍ରଭୁ ହନୁମାନଙ୍କୁ ସେମାନଙ୍କ ଗ୍ରାହକ ଭାବରେ ବିବେଚନା କରି ଏଭଳି କରିଛନ୍ତି। ଭୁଲ ଜଣାପଡ଼ିବା ପରେ କର୍ପୋରେଶନ ପ୍ରଶାସନ ନୋଟିସରେ ସଂଶୋଧନ କରିବାକୁ କହିଛି। କେବଳ ଏତିକି ନୁହେଁ, କିଛିଦିନ ତଳେ ରାୟଗଡ ଜିଲାର ଅତିରିକ୍ତ ତହସିଲଦାର ବିକ୍ରାନ୍ତ ସିଂ ଠାକୁର ଜମି ଜବରଦଖଲ ନେଇ ପ୍ରଭୁ ଶଙ୍କରଙ୍କ ସମେତ ୧୦ଜଣଙ୍କ ବିରୋଧରେ ନୋଟିସ ଜାରି କରିଥିଲେ। ଶୁଣାଣିରେ ହାଜର ନ ହେଲେ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ଲାଗି ଚେତାବନୀ ଦିଆଯାଇଥିଲା। ଏନେଇ ବିବାଦ ସୃଷ୍ଟି ହେବା ପରେ ଜିଲା ପ୍ରଶାସନ ନିଜର ଭୁଲମାନି ଏହାକୁ ସୁଧାର କରିଥିଲା।

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ତିଆଗି ଦେଖାଅ ତୋର
କି ଅଛି ବାକି।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଲିଯାତ୍ରାକୁ ଶୃଙ୍ଖଳିତ କରାଯାଉ

ମହାଶୟ,

କଟକ ବାଲିଯାତ୍ରାରେ ଜନସମାଗମକୁ ଦୃଷ୍ଟି ରଖି ଅପରାଧୀମାନଙ୍କ ଉପରେ କଡ଼ା ନଜର ରହୁ। ଏପରିକି ଲୁଟେରାମାନେ ଲୁଟ୍ କରି ସହଜରେ ଖସି ଯାଆନ୍ତି। ଏଥିରେ ନାବାଳକ-ନାବାଳିକା ସମ୍ପୃକ୍ତ ଥା'ନ୍ତି। ପ୍ରଶାସକ କଡ଼ା ପଦକ୍ଷେପ ସ୍ୱରୂପ ସିସିଟିଭି ଓ ସାଦାପୋଷାକରେ ଜଗିବା ଆବଶ୍ୟକ। ଯାହାଦ୍ୱାରା ବାଲିଯାତ୍ରା ସୁଶୃଙ୍ଖଳ ଓ ପ୍ରୀତିମୟ ହେବ। ପ୍ରତିଦିନ ଖାଦ୍ୟକୁ ଯାଞ୍ଚ କରି ସଦ୍ୟ ଖାଦ୍ୟ ଦେବାକୁ ପରାମର୍ଶ ଦିଆଯାଉ। ଅସାଧୁ ବ୍ୟବସାୟୀମାନେ ଲୋକଙ୍କୁ ଠକିପାରିବେ ନାହିଁ।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସପ୍ତମାତୃକା ଭଦ୍ରକାଳୀ

**ସନାତନ ରାଉତ**
**ଭଦ୍ରକ ଅଫିସ,୨୩।୧୦**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ। ଭଦ୍ରକ ସହରଠାରୁ ୮ କି.ମି. ଦୂର ତଥା ସଦର ବ୍ଲକର ଖଣ୍ଡତରା ପଞ୍ଚାୟତ ଆହାରପଦାଠାରେ ରହିଛି ମା' ଭଦ୍ରକାଳୀଙ୍କ ପୀଠ। ଏଠାରେ ଥିବା ମନ୍ଦିରରେ ମା'ଙ୍କ ମୂର୍ତ୍ତି କଳା ଗ୍ରାନାଇଟ୍। ବିଶ୍ୱମାତା ରୂପେ ମା' ଭଦ୍ରକାଳୀ ପୂଜା ପାଇଆସୁଛନ୍ତି। ପ୍ରସିଦ୍ଧ କାଳୀପୂଜା ଭଦ୍ରକର ଗଣପର୍ବରେ ପରିଣତ ହୋଇଥିବା ବେଳେ ଏହି ସମୟରେ ଭଦ୍ରକାଳୀଙ୍କ ପୀଠରେ ହେଉଥିବା ପୂଜା ନିଆରା। ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ୭ଦିନ ବ୍ୟାପୀ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ୭ଦିନ ଧରି ସପ୍ତମାତୃକା ବେଶରେ ମା' ପୂଜା ପାଆନ୍ତି। ପ୍ରଥମଦିନ ବେଦମାତା, ଦ୍ୱିତୀୟଦିନ ମହାକାଳୀ, ତୃତୀୟଦିନ ରାଜରାଜେଶ୍ୱରୀ, ଚତୁର୍ଥ ଦିନ ସିଂହବାହିନୀ, ପଞ୍ଚମଦିନ ଜଗଦ୍ଧାତ୍ରୀ, ଷଷ୍ଠଦିନ ମହାସରସ୍ୱତୀ ଓ ସପ୍ତମ ଦିନରେ ମହାଲକ୍ଷ୍ମୀ ବେଶରେ ମା' ଦର୍ଶନ ଦେଇଥାନ୍ତି।


ମା' ଭଦ୍ରକାଳୀ।

ଚଳିତବର୍ଷ ଦ୍ୱିତୀୟ ଦିବସ ମଙ୍ଗଳବାର ସୂର୍ଯ୍ୟପରାଗ ଥିବାରୁ ସନ୍ଧ୍ୟା ପରେ ମା'ଙ୍କ ମହାସ୍ନାନ କରାଯାଇ ମହାକାଳୀ ବେଶ କରାଯିବ ବୋଲି ବରିଷ୍ଠ ପୂଜକ ରଘୁନାଥ ମହାପାତ୍ର କହିଛନ୍ତି।

କିମ୍ବଦନ୍ତୀ ଅନୁସାରେ ମୟୂରଭଞ୍ଜ ଜିଲାର ମେଘାସନ ପର୍ବତରେ ତାପସ ଋଷି ମା'ଙ୍କୁ ଧ୍ୟାନ କରୁଥିଲେ। ଋଷିଙ୍କ ଦେହାନ୍ତ ପରେ ତାଙ୍କୁ ବଞ୍ଚାଇବା ପାଇଁ ଶିଷ୍ୟ ଭଦ୍ରନାଥ ମା'ଙ୍କୁ ପ୍ରାର୍ଥନା କରିଥିଲେ। ମେଘାସନ ପର୍ବତରୁ ବାହାରିଥିବା ସାଳନ୍ଦୀ ନଦୀରେ ତାପସ ଋଷିଙ୍କ ମୃତଦେହକୁ ଭସାଇ ଦେବା ପାଇଁ ମା' ତାଙ୍କୁ ଶୂନ୍ୟବାଣୀ କରିଥିଲେ। ଯେଉଁ ସ୍ଥାନରେ ମୃତଦେହ ଲାଗିବ ସେଠାରେ ମନ୍ଦିର ପ୍ରତିଷ୍ଠା କରି ତାଙ୍କ ପୂଜାର୍ଚ୍ଚନା କରିବାକୁ କହିଥିଲେ। ସେହି ଅନୁଯାୟୀ ଭଦ୍ରନାଥ ଋଷିଙ୍କ ମୃତଦେହ ଭସାଇ ଦେବା ପରେ ଭଦ୍ରକ ଭୂୟାଁମହଲାଠାରେ ଲାଗିଥିଲା। ସେଠାରେ ସ୍ଥାନୀୟ ରାଜାଙ୍କ ସହାୟତାରେ ଭଦ୍ରନାଥ ମନ୍ଦିର ନିର୍ମାଣ କରି ମା'ଙ୍କୁ ପ୍ରତିଷ୍ଠା କରିଥିଲେ। ପରେ କଳାପାହାଡ଼ ଆକ୍ରମଣ ସମୟରେ ମା'ଙ୍କୁ ଆହାରପଦାକୁ ସ୍ଥାନାନ୍ତର କରାଯାଇଥିଲା। କଳାପାହାଡ଼ ଆକ୍ରମଣରେ ଭୂୟାଁମହଲାଠାରେ ଥିବା ମନ୍ଦିରଟି ଭାଙ୍ଗିଯାଇଥିଲା। ଏଣୁ ଆହାରପଦାଠାରେ ହିଁ ମା'ଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏହା ଭଦ୍ରକାଳୀ ପୀଠ ନାମରେ ପରିଚିତ। ମା'ଙ୍କ ଠାରେ ମାନସିକ କଲେ ତାହା ନିଶ୍ଚୟ ଫଳବତୀ ହୁଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଏଥିପାଇଁ ମାନସିକଧାରୀମାନେ କାଳୀପୂଜାରେ କଳସ ସ୍ଥାପନ କରିଥାନ୍ତି।

# ଚେନ୍‌ରେ ବନ୍ଧା ସିଦ୍ଧକାଳୀ

**କେନ୍ଦୁଝର,୨୩।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରର ବହୁ ପୁରାତନ ସିଦ୍ଧମଠଠାରେ ଥିବା ପ୍ରାୟ ୮୦୦ ବର୍ଷର ପୁରୁଣା ସିଦ୍ଧ କାଳୀ ପ୍ରତ୍ୟକ୍ଷ ଦେବୀ ଭାବରେ ପୂଜା ପାଇ ଆସୁଛନ୍ତି। ଏଠାରେ ବର୍ଷ ତମାମ ଭକ୍ତଙ୍କ ଭିଡ଼ ଜମୁଥିଲେ ହେଁ ବିଶେଷ କରି କାଳୀପୂଜା ସମୟରେ ଅଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏଠାରେ ଯଥା ରୀତିନୀତିରେ ମା' କାଳୀଙ୍କ ଉପାସନା କରାଯାଇ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଏ। ପୂଜା ପାଉଥିବା ମା' କାଳୀଙ୍କ ସ୍ୱତନ୍ତ୍ରତା ରହିଛି। କାରଣ ଏଠାରେ ମା' ଚେନ୍‌ରେ ବନ୍ଧା ହୋଇ ପୂଜା ପାଇ ଆସୁଛନ୍ତି।

ଚୁଲିଆ ପାହାଡ଼ ପାଦ ଦେଶରେ ଥିବା ସିଦ୍ଧ ସାଧନର ଏହି ପୀଠରେ ରହିଛି ମା' କାଳୀଙ୍କ ମନ୍ଦିର। ଏହା ତନ୍ତ୍ର ସାଧନର ପୀଠ ଥିଲା। ବହୁ ସିଦ୍ଧ ସାଧୁମାନେ ଏଠାରେ ସାଧନା କରିବା ସହ ମନ୍ତ୍ରତନ୍ତ୍ର ବିଧିବ୍ୟବସ୍ଥାରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ମା' କାଳୀଙ୍କ ପ୍ରସ୍ତର ମୂର୍ତ୍ତି ରହିଥିବା ବେଳେ ଏହି ପଥର ମାଟିର ବହୁ ତଳକୁ ପୋତି ହୋଇ ରହିଥିବା କୁହାଯାଏ। ମା'ଙ୍କ ଶରୀର କଙ୍କାଳ ସଦୃଶ ମୁଗୁନି ପଥରରେ ତିଆରି ହୋଇଥିବା ମନେ ହୁଏ। ମା' ହେଉଛନ୍ତି ଦଶ ଭୁଜା ଓ ପ୍ରତ୍ୟେକ ହାତରେ ବିଭିନ୍ନ ଅସ୍ତ୍ର, କଟା ମୁଣ୍ଡ ଆଦି ଧରିଥିବା ବେଳେ ବାମ ହାତର ଆଙ୍ଗୁଠିକୁ ପାଟିରେ କାମୁଡ଼ି ଥିବା ଦେଖିବାକୁ ମିଳେ। ଚେନ୍‌ରେ ବନ୍ଧା ହେବା ନେଇ ଯଦିଓ କୌଣସି ସ୍ୱତନ୍ତ୍ର କାରଣ ନାହିଁ ତେବେ ମା'ଙ୍କ ପ୍ରକୋପ ଏତେ ଥିଲା ଯେ, ଭକ୍ତଙ୍କ ସୁରକ୍ଷା ପାଇଁ ସେତେବେଳେ ତନ୍ତ୍ରମନ୍ତ୍ର ଦ୍ୱାରା ଚେନ୍‌ରେ ବନ୍ଧା ଯାଇ ପୂଜା କରାଯାଉଥିଲା ବୋଲି କୁହାଯାଏ। ଏଣୁ ଏବେ ମଧ୍ୟ ବହୁ ଭକ୍ତ ଭୟରେ ମନ୍ଦିର ଭିତରକୁ ପ୍ରବେଶ କରି ପୂଜା କରନ୍ତି ନାହିଁ। ମନ୍ଦିର ପାର୍ଶ୍ୱରେ ଥିବା ଏକ ଝରକାରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି। ଏଠାରେ କାଳିପୂଜାରେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଯଜ୍ଞ, ଚଣ୍ଡୀପାଠ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୈଷ୍ଠିକତାର ସହ କରାଯାଇଥାଏ। ଏଠାରେ ଥିବା ଶିବ ମହାକାଳ ବା କାଳେଶ୍ୱର ଭାବରେ ପୂଜାପାଇ ଆସୁଛନ୍ତି ବୋଲି କାଳୀ ପୂଜକ ସଞ୍ଜୟ ତ୍ରିପାଠୀ କହିଛନ୍ତି। ପୀଠରେ ଭଗବାନ ଶିବ କ୍ଷମତାହୀନ। ମା' କାଳୀ ଏଠାରେ କ୍ଷମତା ସମ୍ପନ୍ନ ବୋଲି ଲୋକ ବିଶ୍ୱାସ କରି ପୂଜା କରିଥାନ୍ତି।


ଚେନ୍‌ରେ ବନ୍ଧା ମା'।

# ଭାରତୀୟ ପରମ୍ପରାରେ ଦୀପାବଳି



ଆମ ଦେଶ ଭାରତ ସାରା ଜଗତରେ ଦେବଭୂମି ରୂପେ କଥିତ। ବିଶ୍ୱକୁ ଆଧ୍ୟାତ୍ମିକ ଆଲୋକରେ ପ୍ରତିଭାତ କରୁଥିବା ଭାରତ ଅନେକ ପର୍ବପର୍ବାଣିର ଲୀଳାଭୂମି। ତନ୍ମଧ୍ୟରୁ ଦୀପାବଳି ଉତ୍ସବର ମହତ୍ତ୍ୱ ସର୍ବୋଚ୍ଚ ଓ ପ୍ରଧାନ। କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ଉତ୍ସବକୁ ଆମ ହିନ୍ଦୁମାନେ ବହୁ ଆଡ଼ମ୍ବର ସହକାରେ ପାଳନ କରିଥାଆନ୍ତି। ସ୍ଥାନ ଭେଦରେ ଏହାକୁ ଦିୱାଲି ବା ଦିଆଲି କୁହାଯାଏ। ଦୀପ+ଆବଳି ଅର୍ଥାତ୍ ଦୀପାବଳିକୁ ଆମ ଓଡ଼ିଶାର ଗାଁ ଗଣ୍ଡାରେ କହନ୍ତି ପିମ୍ପେଇ ଅମାବାସ୍ୟା। ଏହା ଭଲ ଉପରେ ମନ୍ଦର ଓ ପଶୁବଳ ଉପରେ ଆତ୍ମବଳର ବିଜୟ ପର୍ବ, ଆଲୋକର ଉତ୍ସବ ଦୀପାବଳି ଅନ୍ଧାର ଉପରେ ଆଲୋକର ବିଜୟ ରୂପେ ପରିଚିତ। ସେଥିପାଇଁ ବୋଲାଯାଏ:

ଅସତୋ ମା ସଦ୍‌ଗମୟ ତମସୋ ମା ଜ୍ୟୋତିର୍ଗମୟ ମୃତ୍ୟୋର୍ମା ଅମୃତଂ ଗମୟ।

ଦୀପ ଓ ଆବଳି ମିଶି ଦୀପାବଳି ସୃଷ୍ଟି। ଆବଳିର ଅର୍ଥ ସମୂହ। ଦୀପ ସମୂହର ପ୍ରଜ୍ୱଳନ ବା କାଉଁରିଆ କାଠି ଜାଳିବା, ମହମବତି ଜାଳି ଲୋକମାନେ କହିଥା'ନ୍ତି

ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ,

ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ, ମଥୁରା ଯାଅ

ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାହାଚରେ ଗଡ଼ଗଡ଼ଉ ଥାଅ।

ଏଣୁ ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଏ। ପିତୃଲୋକଙ୍କର ସନ୍ତୋଷ ତଥା ନିଜର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରି ମଧ୍ୟ ଗାଇଥା'ନ୍ତି: ପିତୃଲୋକଂ ପରିତ୍ୟଜ୍ୟ ଆଗତେ ଯେ ମହାଳୟେ ଉଜ୍ଜ୍ୱଳଂ ଜ୍ୟୋତିଷଂ ମାର୍ଗ ପ୍ରପସ୍ୟନ୍ତୁ ବ୍ରଜନ୍ତୁ ତେ। ବାସ୍ତବରେ ଏହା ଗୋଟିଏ ବିଜୟ ପର୍ବ ନୁହେଁ, ଏହା ପାଞ୍ଚ ଦିନ ଧରି ଅନୁଷ୍ଠିତ ହେଉଥିବା ପର୍ବ। ଅର୍ଥାତ୍ କାର୍ତ୍ତିକ ମାସ ଧର୍ମ ମାସ। ଏହା ତ୍ରୟୋଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ପାଳନ କରାଯାଇଥାଏ। ପ୍ରଥମ ଦିବସ ଧନ୍ୱନ୍ତରୀ ଜୟନ୍ତୀ ଓ ଦ୍ୱିତୀୟ ଜରକ ଚତୁର୍ଦ୍ଦଶୀ, ତୃତୀୟ ଦୀପାବଳି ଓ ପବିତ୍ର ଲକ୍ଷ୍ମୀପୂଜା, ଚତୁର୍ଥ ଦିବସ ଗୋବର୍ଦ୍ଧନ ପୂଜା ଓ ଚିତ୍ରଗୁପ୍ତ ପୂଜା, ପଞ୍ଚମ ଦିବସ ଯମ ଦ୍ୱିତୀୟା/ଭ୍ରାତୃ ଦ୍ୱିତୀୟା ଓ ଚିତ୍ରକୂଟ ପୂଜା କରାଯାଏ। ଏହି ପର୍ବ ପାଳନର ମୂଳରେ ଅନେକ ପୌରାଣିକ କାହାଣୀ ବିଦ୍ୟମାନ। ଦୀପାବଳି ଉତ୍ସବ ସହ ରାବଣ ମାରି ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ସୁଖଦ ସ୍ମୃତି ଜଡ଼ିତ। ଏହାକୁ ବିଜୟା ଦଶମୀ କହନ୍ତି। ଏହା ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ଓ ଭବ୍ୟ ସମ୍ବର୍ଦ୍ଧନା ଦିବସ। ପୁରାଣରେ ବର୍ଣ୍ଣିତ ଭୀତତ୍ରସ୍ତ ଶରଣାପନ୍ନ ଦେବଗଣଙ୍କ ଉଦ୍ଦେଶ୍ୟରେ ଭଗବାନ୍ ଶ୍ରୀକୃଷ୍ଣ ମହାପ୍ରତାପୀ ତାରକାସୁରକୁ ବିନାଶ କରି ପୃଥ୍ୱୀ ଭାର ଉଶ୍ୱାସ କରିଥିଲେ। ନରକାସୁର ଦ୍ୱାରା ବନ୍ଦିନୀ ଷୋଳ ସହସ୍ର ସୁନ୍ଦରୀ କନ୍ୟାଙ୍କୁ ମୁକ୍ତିଦେଇ ସେମାନଙ୍କୁ ସସମ୍ମାନେ ଦ୍ୱାରକାକୁ ପଠାଇଥିଲେ। ଏହା ନରକୋତ୍ସବ ନାମରେ ପରିଚିତ। ଲୋକେ ଖତଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ଆଲୋକରେ ତାହାର ଓ ତାର ପୁତ୍ର ଭଗଦଙ୍କର ସିଂହାସନ ଆରୋହଣକୁ ଅତି ଆନନ୍ଦରେ ଅଭିନନ୍ଦନ ଜଣାଇଥିଲେ। ଲକ୍ଷ୍ମୀପୂଜା ଦୀପାବଳିର ଅନ୍ୟତମ ଆକର୍ଷଣ। ପୌରାଣିକ ଆଖ୍ୟାନ ଅନୁସାରେ ସୌଭାଗ୍ୟର ଦେବୀ ଲକ୍ଷ୍ମୀ ଅସୁର ରାଜା ବଳୀଙ୍କ ଦ୍ୱାରା ପାତାଳରେ ବନ୍ଦିନୀ ଥିଲେ। ଏହି ଦିନ ସେ ଭଗବାନ୍ ବାମନଙ୍କ ଦ୍ୱାରା ଅନ୍ୟ ବନ୍ଦୀ ଦେବତାଙ୍କ ସହ ମୁକ୍ତ ହୋଇଥିଲେ। ଏହା ଲକ୍ଷ୍ମୀଙ୍କ ମୁକ୍ତି ଦିବସ ରୂପେ ପରିଚିତ। କରାଳବନ୍ଦିନୀ କାଳୀପୂଜା ମଧ୍ୟ ଦୀପାବଳି ପୂଜା ସହ ସମ୍ପୃକ୍ତ। ଗୋବର୍ଦ୍ଧନଧାରୀ ଶ୍ରୀକୃଷ୍ଣ କଦବ ଦେବ ଇନ୍ଦ୍ରଙ୍କ କୋପରୁ ଗୋପବାସୀଙ୍କୁ ରକ୍ଷା କରିଥିଲେ। ଉତ୍ତର ଭାରତରେ ମହାସମାରୋହରେ ଦୀପାବଳି ପାଳିତ ହୁଏ। ମହାରାଷ୍ଟ୍ରରେ ଏହି ପର୍ବ ପାଞ୍ଚଦିନ ଧରି ପାଳନ ହେଉଥିଲାବେଳେ ଓଡ଼ିଶାରେ ମାତ୍ର ଗୋଟିଏ ଦିନ ପାଳିତ ହୁଏ। ଆଲୋକର ପର୍ବରେ ପ୍ରଚୁର ବିସ୍ଫୋରକ ଫୁଟିବାଦ୍ୱାରା ଅନେକ ଜୀବାଣୁ କୀଟପତଙ୍ଗ ନିଆଁରେ ପୋଡ଼ି ହୋଇ ମରିଥା'ନ୍ତି। ଏଥିପାଇଁ ଅତିବଡ଼ୀ ଜଗନ୍ନାଥ ଦାସ କହିଛନ୍ତି–

ଅନଳ ଦେଖିଣ ପତଙ୍ଗ। ଯେହ୍ନେ ଧାବନ୍ତି ଉଦବେଗ॥

ଐତିହାସିକ ମତ ଅନୁସାରେ, ଉଜ୍ଜୟିନୀ ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରିଥିଲେ। ଆବୁଲ ଫାଜଲ ଆରମ ଆଇନ–ଇ–ଆକବରୀର ମହତ୍ତ୍ୱ ଓ ଗୌରବ ବର୍ଣ୍ଣନା କରିଛନ୍ତି। ପରିବ୍ରାଜକ ଆଲବେରୁଣି ମଧ୍ୟ ଦୀପାବଳି ସମ୍ବନ୍ଧରେ ସୁନ୍ଦର ଚିତ୍ର ପ୍ରଦର୍ଶନ କରିଛନ୍ତି। ସମ୍ରାଟ୍ ଆକବର ମଧ୍ୟ ଏହି ପର୍ବ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ଚାଲୁକ୍ୟ ବଂଶର ରାଜାଙ୍କ ଶାସନ ସମୟରେ ଭାରତରେ ଏହା ପାଳିତ ହେଉଥିଲା। ହର୍ଷବର୍ଦ୍ଧନଙ୍କ ପ୍ରସିଦ୍ଧ ନାଗାନନ୍ଦ ନାଟକରେ ଏହି ପର୍ବକୁ ଦୀପପ୍ରତିଦୁତ୍ସବ ବୋଲି ବର୍ଣ୍ଣନା ରହିଛି। ଏହି ଦିନରେ ମଧ୍ୟ ମହାବୀରଙ୍କ ମୋକ୍ଷ ହୋଇଥିବା କୁହାଯାଏ। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ୍ୟ ଏହି ଦିନ ନିର୍ବାଣପ୍ରାପ୍ତି ହୋଇଥିଲେ। ସ୍ୱାମୀ ରାମତୀର୍ଥ ଏହି ଦିନ ଜନ୍ମ ଓ ମୃତ୍ୟୁବରଣ କରିଥିଲେ। ଉକ୍ତ ଦିବସରେ ଧନ ଦେବତା କୁବେର ଓ ମୃତ୍ୟୁ ଦେବତା ଯମରାଜାଙ୍କ ପୂଜନ କରାଯାଏ। ଧର୍ମରାଜ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଏହି ଦିନରେ ହିଁ ଆରମ୍ଭ ହୋଇଥିଲା। ଏଣୁ ଶୁଭ ଦୀପାବଳିରେ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଏ।

ସର୍ବେଷାଂ ସ୍ୱସ୍ତିର୍ଭବନ୍ତୁ, ସର୍ବେଷାଂ ଶାନ୍ତିର୍ଭବନ୍ତୁ
ସର୍ବେଷାଂ ପୂର୍ଣ୍ଣ ଭବନ୍ତୁ, ସର୍ବେଷାଂ
ମଙ୍ଗଳଂ ଭବନ୍ତୁ।



**–ପଣ୍ଡିତ ବିଦ୍ୟାଧର ଦାସ**
ସଂସ୍କୃତ ଶିକ୍ଷକ, ଖନ୍ଦୋଳ, କଟକ
ମୋ: ୯୧୭୮୦୬୦୧୬୮

## ଫୁରସତ୍

# ଧନୀ ନୁହନ୍ତି ଜାହ୍ନବୀ



**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଷ୍ଟାର କିଡ୍ସମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ନେଇ ଅନେକ ସମୟରେ ବିବାଦ ଦେଖାଯାଇଛି। କିନ୍ତୁ ଏବେ ଆଉ ଏକ ପ୍ରସଙ୍ଗକୁ ନେଇ ଫିଲ୍ମ ଜଗତରେ ଚର୍ଚ୍ଚା ହେବା ଆରମ୍ଭ ହୋଇଛି। ତେବେ ଷ୍ଟାର କିଡ୍ସମାନଙ୍କୁ ନେଇ ଫିଲ୍ମ କରିବା ପାଇଁ ପ୍ରଡ୍ୟୁସରମାନଙ୍କୁ ଟଙ୍କା ଦିଆଯାଉଛି, ନିକଟରେ ଏକ ସାକ୍ଷାତ୍‌କାର ଜରିଆରେ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏ କଥା କହିଛନ୍ତି। ତାଙ୍କ ପାଖରେ କିମ୍ବା ବାପା ବୋନୀ କପୁରଙ୍କ ପାଖରେ ମୋଟା ଅଙ୍କର ଟଙ୍କା ନାହିଁ କିମ୍ବା ସେମାନେ ସେତେ ଧନୀ ନୁହନ୍ତି, ଯଦ୍ୱାରା ପ୍ରଡ୍ୟୁସରଙ୍କୁ ଟଙ୍କା ଦେଇ ଫିଲ୍ମ ତିଆରି କରିପାରିବେ, ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଟ୍ୟାଲେଣ୍ଟ ପାଇଁ ତାଙ୍କ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳୁଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଇଣ୍ଡଷ୍ଟ୍ରିରେ ଏମିତି କୌଣସି ପ୍ରଡ୍ୟୁସର ନାହାନ୍ତି ଯେଉଁମାନେ ଫିଲ୍ମରେ ନିଜ ଟଙ୍କା ଖର୍ଚ୍ଚ କରି ଷ୍ଟାର କିଡ୍ସମାନଙ୍କୁ ସୁଯୋଗ ଦେବେ ଏବଂ କ୍ଷତି ମଧ୍ୟ ସହିବେ। ଶେଷ ଥର ପାଇଁ ଜାହ୍ନବୀ ଫିଲ୍ମ ଡିଜ୍‌ନୀ ପ୍ଲସ୍ ହଟ୍‌ଷ୍ଟାରର 'ଗୁଡ୍ ଲକ୍ ଜେରୀ'ରେ ଦେଖାଯାଇଥିଲେ। ଆଗାମୀ ଦିନରେ ତାଙ୍କ ଅଭିନୀତ 'ମିଲି' ରିଲିଜ୍ ହେବ, ଯାହାର ପ୍ରମୋଶନ୍ ଏବେ ଜାରି ରହିଛି।

# ଟିବି ଆକ୍ରାନ୍ତଙ୍କ ପାଇଁ କୋଭିଡ୍ ଘାତକ

**ୱାଶିଂଟନ:** ବିଶ୍ୱରେ ଟ୍ୟୁବରକୁଲୋସିସ୍ (ଟିବି) ରୋଗରେ ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ କୋଭିଡ୍‌ଠାରୁ ଅଧିକ ଘାତକ ସାଜିଛି ଟିବି। ୨୦୨୦ରେ ବିଶ୍ୱରେ କୋଭିଡ୍ ସଂକ୍ରମଣ ହଠାତ୍ ମାଡ଼ିଆସିବା କାରଣରୁ ଟିବି ଉପରୁ ଲୋକଙ୍କ ଧ୍ୟାନ ହଟି ଯାଇଥିଲା। କିନ୍ତୁ କରୋନା ସଂକ୍ରମଣରେ ସ୍ଥିରତା ଆସିବା ପରେ ଏବେ ପୁଣି ମୁଣ୍ଡଟେକିଲାଣି ଟିବି। ଏହାର ଦୁଇଟି ପ୍ରମୁଖ କାରଣ ହେଲା, ଟିବି କେୟାର ସେଣ୍ଟର ଗୁଡ଼ିକ କୋଭିଡ୍ ହସ୍ପିଟାଲରେ ରୂପାନ୍ତରିତ ହେବା ଏବଂ ଲକ୍‌ଡାଉନ୍ ଓ ଶଟ୍ ଡାଉନ୍ କାରଣରୁ ରୋଗୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଆମେରିକାର ଜନ୍ ହୋପ୍‌କିନ୍ସ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ପ୍ରକାଶ ପାଇଛି। ମହାମାରୀ କରୋନା ସଂକ୍ରମଣ ରୋକିବା ଦିଗରେ ଚିକିତ୍ସା ବିଭାଗ ବ୍ୟସ୍ତ ରହିଥିବା ଟିବି ରୋଗୀଙ୍କ ବୃଦ୍ଧିର ମୁଖ୍ୟ କାରଣ ହୋଇଥିବା ଏକ ଅଣଲାଭକାରୀ ଟିବି ସଂଘର ସଭାପତି ମେଲ୍ ସ୍ପିଗେଲମାନ୍ କହିଛନ୍ତି। କୋଭିଡ୍ ପୂର୍ବରୁ ଟ୍ୟୁବରକୁଲୋସିସ୍‌ରେ ଅଧିକ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଥିଲେ। ଏହି ରୋଗରେ ପ୍ରତିବର୍ଷ ୧.୫ ନିୟୁତ ଲୋକଙ୍କ ଜୀବନ ଯାଉଥିବାବେଳେ ଗୋଟିଏ ଦିନରେ ୪,୧୦୯ ଜଣଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ୟୁନିଭର୍ସିଟି ତରଫରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଗୋଟିଏ ଦିନରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୧,୪୪୯ ରହିଥିବାବେଳେ ୨୮ ଦିନରେ ଏହା ୪୦,୫୭୮ ରହିଛି। ୨୦୨୦ରେ ପ୍ରଥମ ଥର ପାଇଁ ବିଶ୍ୱରେ ଟିବି ଜନିତ ମୃତ୍ୟୁ ସଂଖ୍ୟା କମିଥିଲା। ଚିକିତ୍ସା କ୍ଷେତ୍ରରେ ଧନୀଶାଳୀ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇ ଦିଆଯାଉଥିବାବେଳେ ଗରିବ ଟ୍ରିଟ୍‌ମେଣ୍ଟ ପାଇଁ ହସ୍ତସନ୍ତ ହେଉଥିବା ଲକ୍ଷ୍ୟ କରାଯାଇଛି।



# ୧୭୭ କି.ମି. ବେଗରେ ଉଡ଼ିବ କାର୍

**ୱାଶିଂଟନ:** ବିଭିନ୍ନ ଦେଶରେ ଟ୍ରାଫିକ୍ ଜାମ୍ ଏକ ବିରାଟ ସମସ୍ୟା ପାଲଟିଛି। ଟ୍ରାଫିକ୍‌ରେ ଭିଡ଼ ସହ ରାସ୍ତା କ୍ଲିୟର୍ କରିବା ପାଇଁ ଘଣ୍ଟା ଘଣ୍ଟା ସମୟ ମଧ୍ୟ ଲାଗୁଛି। ତେବେ ଏ ପ୍ରକାର ସମସ୍ୟାର ସମାଧାନ ପାଇଁ କାଲିଫର୍ନିଆର ଆଲେଫ୍ ଏରୋନଟଇକ୍ସ ତିଆରି କରିଛି ଉନ୍ନତ ଜ୍ଞାନକୌଶଳରେ ତିଆରି କାର୍, ଯାହାର ଉଡ଼ିପାରିବାର କ୍ଷମତା ରହିଛି। ଏହି କାର୍ ତିଆରି କରିବା ପାଇଁ କାଲିଫର୍ନିଆ କମ୍ପାନୀ ୨୦୧୫ରୁ ପ୍ରୟାସ ଆରମ୍ଭ କରିଛି। ଏହି ବିଶେଷ ପ୍ରକାର ଫ୍ଲାଇଂ କାର୍ ନିର୍ମାଣ କରିବା ଟିମ୍‌ରେ ଥିବା ଇଞ୍ଜିନିୟରଙ୍କର କାର୍ଯ୍ୟ ଦକ୍ଷତା ୭୦ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ଏହି କାର୍‌କୁ ଏକ ମଡର୍ନ ହେଲିକପ୍ଟର ସଦୃଶ ଫ୍ୟାମିଲି କାର୍ ବୋଲି କୁହାଯାଇ ପାରିବ।



ଘଣ୍ଟା ପ୍ରତି ୧୭୭ କି.ମି. ବେଗରେ ଯାଉଥିବା ଏହି କାର୍ ଆକାଶ ମାର୍ଗରେ ୩୧ କି.ମି. ଦୂର ଅତିକ୍ରମ କରିପାରିବ। କାର୍‌ର ପ୍ରିସେଲ୍ ପ୍ରୋଗ୍ରାମ୍ ଅକ୍ଟୋବର ୧୯ରୁ ଆରମ୍ଭ ହୋଇଯାଇଛି। ଉଡ଼ିବା କ୍ଷମତା ଥିବା କାରଣରୁ ଏହି କାର୍ ଉଭୟ ଦୁର୍ଗମ ଏବଂ ଗ୍ରାମାଞ୍ଚଳକୁ ଯାଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଦେଶ ଉନ୍ନତିରେ ବିଶ୍ୱର ବିକାଶ

## ବିଶ୍ୱ ବିକାଶ ସୂଚନା ଦିବସ

ସମସ୍ତ ଦେଶର ବିକାଶରେ ପୃଥିବୀର ବିକାଶ ସମ୍ଭବ ହୋଇପାରିଥାଏ। ୧୯୭୨ରେ ମିଳିତ ଜାତିସଂଘର ସାଧାରଣ ସଭା ଅକ୍ଟୋବର ୨୪ରେ ମିଳିତ ଜାତିସଂଘର ଦିବସ ସହିତ ବିଶ୍ୱ ବିକାଶ ସୂଚନା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୭୦ରେ ଦ୍ୱିତୀୟ ରାଷ୍ଟ୍ର ବିକାଶ ଦଶନ୍ଧି ପାଇଁ ଅନ୍ତର୍ଜାତୀୟ ବିକାଶ କୌଶଳ ନୀତି ଗ୍ରହଣ କରାଯାଇଥିଲା। ସେଠାରୁ ଏହି ଦିନକୁ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ୧୭ ମେ ୧୯୭୨ରେ ଜାତିସଂଘର ବାଣିଜ୍ୟ ଏବଂ ବିକାଶ ସମ୍ମିଳନୀ ସୂଚନା ବିସ୍ତାର ତଥା ବାଣିଜ୍ୟ ଏବଂ ବିକାଶ ସମସ୍ୟା ସହ ଜନମତ ସଂଗ୍ରହ ପାଇଁ ପଦକ୍ଷେପ ପ୍ରସ୍ତାବ ଦେଇଥିଲା। ଯାହା ଜାତିସଂଘର ସାଧାରଣ ସଭାରେ ୧୯ ଡିସେମ୍ବର ୧୯୭୨ରେ ପାରିତ ହୋଇଥିଲା। ଏହି ସମସ୍ୟା ସମାଧାନର ଉପାୟ ଖୋଜିବା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ କାହିଁକି ମଜଭୁତ କରିବା ଆବଶ୍ୟକ, ତାହା ସାଧାରଣ ଜନତାଙ୍କୁ ବୁଝାଇବା ଏହି ଦିବସ ପାଳନର ଅନ୍ୟ ଏକ ଉଦ୍ଦେଶ୍ୟ। ବିଶ୍ୱ ବିକାଶ ସୂଚନା ଦିବସ ପ୍ରଥମେ ୨୪ ଅକ୍ଟୋବର ୧୯୭୩ରେ ପାଳିତ ହୋଇଥିଲା। ସେହି ଦିନଠାରୁ ପ୍ରତିବର୍ଷ ଏହି ତାରିଖରେ ଏହା ପାଳିତ ହୋଇଆସୁଛି।

# ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଜାତିସଂଘ

## ମିଳିତ ଜାତିସଂଘ ଦିବସ

ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମିଳିତ ଜାତିସଂଘର ସ୍ଥାପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିଲା। ୨୪ ଅକ୍ଟୋବର ୧୯୪୫ରେ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ତେଣୁ ବିଶ୍ୱ ଶାନ୍ତିରେ ଜାତିସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୨୪ରେ ମିଳିତ ଜାତିସଂଘ ଦିବସ ପାଳନ କରାଯାଇଥାଏ। ୧୯୪୭ରେ ଜାତିସଂଘ ସାଧାରଣ ସଭା ଏହି ଦିବସକୁ ପ୍ରତିଷ୍ଠା ଦିବସ ଭାବେ ଘୋଷଣା କରିଥିଲା।

୧୯୭୧ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭା ଏକ ପ୍ରସ୍ତାବ ଗ୍ରହଣ କରିଥିଲା। ମିଳିତ ଜାତିସଂଘର ୨୭୮୨ତମ ପ୍ରସ୍ତାବରେ ଘୋଷଣା କରାଯାଇଥିଲା ଯେ, ମିଳିତ ଜାତିସଂଘ ଦିବସ ଏକ ଅନ୍ତର୍ଜାତୀୟ ଛୁଟିଦିନ ହେବ ଏବଂ ଏହାକୁ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଏକ ସାଧାରଣ ଛୁଟି ଭାବରେ ପାଳନ କରାଯିବା ପାଇଁ ସୁପାରିସ କରାଯାଇଥିଲା। ୧୯୫୧ ମସିହାରେ ମିଳିତ ଜାତିସଂଘ ଦିବସରେ ମିଳିତ ଜାତିସଂଘ ଡାକ ପ୍ରଶାସନ ପ୍ରଥମ ଜାତିସଂଘ ଷ୍ଟାମ୍ପ ଜାରି କରିଥିଲା। ଏହା ଆମେରିକାରେ ଜାରି କରାଯାଇଥିଲା। ୧୯୪୮ ପରଠାରୁ ପ୍ରତିବର୍ଷ ମିଳିତ ଜାତିସଂଘ ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା।

## ୩୯୦ କେଜି ଭାଙ୍ଗ ଜବତ, ୨ ଗିରଫ

ବାରଙ୍ଗ,(ଡି.ଏନ୍.ଏ.): କଟକ ଅବକାରୀ ବିଭାଗ ରବିବାର ବାରଙ୍ଗର ପୃଥକ୍ ସ୍ଥାନରେ ଚଢ଼ାଉ କରି ୩୯୦ କେଜି ଭାଙ୍ଗ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ଗାନ୍ଧୀପଲ୍ଲୀ ଅଞ୍ଚଳର ରଞ୍ଜିତ ମଲ୍ଲିକ ଓ ବିହାର ଗୟା ଜିଲାର ଟିକରି ଥାନା ଅଧୀନ କୁଶପ ଗ୍ରାମର ମନୋଜ ଗାନ୍ଧୀ। ସୂଚନା ମୁତାବକ, ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ନରାଜ ମାର୍ଥାପୁର ରେଳଷ୍ଟେଶନ ଓ ତ୍ରିଶୂଳିଆ ସୁବାସ ସେତୁ ନିକଟରେ ଏକ ସମୟରେ ଚଢ଼ାଉ କରି ଭାଙ୍ଗ ଜବତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା।



## ସଂକ୍ଷେପରେ

### ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲରେ ସିଦ୍ଧିକ୍ଷା ଦ୍ୱିତୀୟ




ଭୁବନେଶ୍ୱର,୨୨।୧୦(ବ୍ୟୁରୋ) ଦୁବାଇଠାରେ ଅନୁଷ୍ଠିତ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ୍ କଣ୍ଟେଷ୍ଟରେ ୨ୟ ରନର୍ସ ଅପ୍ ହୋଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି ଓଡ଼ିଆ ଯୁବତୀ ସିଦ୍ଧିକ୍ଷା ପ୍ରିୟଦର୍ଶିନୀ। ଏଥିସହ ଅନ୍ତର୍ଜାତୀୟ ମଡେଲ ଦୁନିଆରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ୨୦୨୧ରେ ଓଡ଼ିଶା ଫେସନ ଭିଲ୍ଲା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ମଡ଼େଲ କଣ୍ଟେଷ୍ଟ ଓଡ଼ିଶା ଜୁନିଅର ଟପ୍ ମଡ଼େଲ୍ସରେ ଚୟନହୋଇ ସେ କେରଳର କୋଚିଠାରେ ଜାତୀୟ କଣ୍ଟେଷ୍ଟରେ ଭାଗ ନେଇ ୨ୟ ରନର୍ସ ଅଫ୍ କ୍ରାଉନ ଜିତିଥିଲେ। ପରେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲ୍‌ରେ ୭ ରୁ ୧୨ ବର୍ଷୀୟା ବିଭାଗରେ ସେ ୨ୟ ରନର୍ସ ଅଫ୍ କ୍ରାଉନ୍ ଜିତିଛନ୍ତି।

### ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ପରିଚାଳନା ପରିଷଦ ସଭ୍ୟ ନିର୍ବାଚିତ

ବାଲିଅନ୍ତା,୨୩।୧୦(ଡି.ଏନ୍.ଏ.)- ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ନୂତନ ପରିଚାଳନା ପରିଷଦର ୧୧ଟି ଜୋନ୍‌ର ସଭ୍ୟ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମଞ୍ଚେଶ୍ୱର ରେଲ୍‌ୱେ କଲୋନୀ ନିକଟରେ ଥିବା ସମିତିର କାର୍ଯ୍ୟାଳୟରେ ଭୋଟଗ୍ରହଣ କରାଯାଇଥିଲା। ମତଦାନ କେନ୍ଦ୍ରରେ ପୂର୍ବାହ୍ନ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଚାଲିଥିଲା। ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱରରେ ଥିବା ୪୩ଟି ସେବା ସମବାୟ ସମିତିର ୪୫୬ ଜଣ ଭୋଟରଙ୍କ ମଧ୍ୟରୁ ୪୫୨ଜଣ ମତଦାନ କରିଥିଲେ। ଭୋଟ ଶେଷ ହେବା ପରେ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ପରିଚାଳନା ପରିଷଦର ନବ ନିର୍ବାଚିତ ସଭ୍ୟାସଭ୍ୟମାନେ ୧ନଂ. ଜୋନ୍‌ରୁ ଲିଙ୍ଗରାଜ ଭୋଇ, ୨ନଂ. ଜୋନ୍‌ରୁ ଭରତ ଚନ୍ଦ୍ର ଦାସ, ୩ନଂ. ଜୋନ୍‌ରୁ ପ୍ରମୋଦ କୁମାର ବରାଳ, ୪ନଂ. ଜୋନ୍‌ରୁ ମାଧବାନନ୍ଦ ମଲ୍ଲିକ, ୫ନଂ. ଜୋନ୍‌ରୁ ଧୀରେନ କର, ୬ନଂ. ଜୋନ୍‌ରୁ ରଶ୍ମିରଞ୍ଜନ ପ୍ରଧାନ, ୭ନଂ. ଜୋନ୍‌ରୁ ବିଜୟ ନାୟକ, ୮ନଂ. ଜୋନ୍‌ରୁ କାହ୍ନୁଚରଣ ପାତ୍ର, ୯ନଂ. ଜୋନ୍‌ରୁ ସସ୍ମିତା ମହାନ୍ତି, ୧୦ ନଂ. ଜୋନ୍‌ରୁ ସଙ୍ଗୀତା ସ୍ୱାଇଁ, ୧୫ ନଂ. ଜୋନ୍‌ରୁ ଶଶାଙ୍କ ଶେଖର ନାୟକ ପ୍ରମୁଖ ବିଜୟୀ ହୋଇଥିଲେ।

# ଜିମ୍ ସେଣ୍ଟରରେ ଅଗ୍ନିକାଣ୍ଡ




ଅଲ୍ ଟାଇମ୍ ଫିଟନେସ୍ ଜିମ୍ ସେଣ୍ଟରରେ ଲାଗିଥିବା ନିଆଁ।




ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପରେ ପୋଲିସ୍ ସ୍ଥିତି ଅନୁଧ୍ୟାନ କରୁଛି।

■ଅଳ୍ପକେ ବର୍ତ୍ତିଲେ ମାଲିକ
■ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ରାଜଧାନୀରେ ଦୀପାବଳି ଦିନକ ପୂର୍ବରୁ ଏକ ଅଘଟଣ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ରୋଡସ୍ଥିତ 'ଅଲ୍ ଟାଇମ୍ ଫିଟନେସ୍' ଜିମ ସେଣ୍ଟରରେ ରବିବାର ରାତି ପ୍ରାୟ ୯ଟା ୧୫ ସମୟରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଜିମ୍ ସେଣ୍ଟରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ସୂଚନା ମିଳିଛି। ଦମକଳ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକେ ପ୍ରାୟ ୪୫ ମିନିଟ୍ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିପାରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରରେ ଏକ ରେସ୍ତୋରାଁ ଥିବାବେଳେ ଏହାର ଉପରିସ୍ଥ ୩ଟି ଫ୍ଲୋରରେ ଜିମ୍ ସେଣ୍ଟର ରହିଛି। ରବିବାର ଜିମ୍ ସେଣ୍ଟର ବନ୍ଦ ଥିବାରୁ ଗହଳି ନ ଥିଲା। ହେଲେ ମାଲିକ ବିଜନ ବାରିକ ଜିମ୍ ସେଣ୍ଟରର ୩ୟ ମହଲାରେ କୌଣସି କାର୍ଯ୍ୟ କରୁଥିଲେ। ରାତି ୯ଟା ୧୫ରେ ଗ୍ରାଉଣ୍ଡ ଫ୍ଲୋର କଟ୍‌ଆଉଟ୍ ପାଖରୁ ନିଆଁ ଲାଗି ଧୂଆଁ ବାହାରିଥିଲା। ସଙ୍ଗେସଙ୍ଗେ ଉପର ମହଲାକୁ ନିଆଁ ଓ ଧୂଆଁ ବ୍ୟାପିଯାଇଥିଲା। ପ୍ରବେଶ ପଥରେ ହୁତୁ ହୁତୁ ହୋଇ ନିଆଁ ଜଳୁଥିବାରୁ ବିଜନ ବାହାରକୁ ବାହାରିପାରି ନ ଥିଲେ। ସ୍ଥାନୀୟ ଲୋକେ ରୁଣ୍ଡହୋଇ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀର ୨ଟି ଟିମ୍ ୨ଟି ଗାଡି ସହ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। ପୋଲିସ ଓ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଧୂଆଁ ଭିତରେ ପଶି ଉପର ମହଲାରେ ଫସିରହିଥିବା ମାଲିକ ବିଜନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ତଳକୁ ଆଣିଥିଲେ। ରାତି ପ୍ରାୟ ୧୦ଟା ବେଳକୁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ତେବେ ପ୍ରଥମ ମହଲାରେ ଥିବା ଏକ ଏସି ଓ ଅନ୍ୟ କିଛି ସାମଗ୍ରୀ ଜଳିଯାଇଥିବା ସୂଚନା ମିଳିଛି। ପ୍ରାଥମିକ ତଦନ୍ତରୁ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି।

# ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର

### ସରିଲା ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୧୫ ତାରିଖରୁ ଏକାମ୍ର ହାଟଠାରେ ଆରମ୍ଭ ହୋଇଥିବା ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ରବିବାର ଶେଷ ହୋଇଛି। ମେଳାରେ ୨ଲକ୍ଷରୁ ଅଧିକ ଲୋକ ହୋଇଥିବାବେଳେ ୨କୋଟି ୩ଲକ୍ଷ ୪୭ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ଦିଆଯାଇଛି।
ରାଜ୍ୟର ୨୬ ଜିଲାରୁ ୨୫୦ରୁ ଅଧିକ ହସ୍ତଶିଳ୍ପ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ୪୦ରୁ ଊର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜି ରହିଛି। କୁଇ ବାହାଲ ଓ ସିଲାଟି(ସୁବର୍ଣ୍ଣପୁର), ବରପାଲି( ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣୁକୁଆ (ଜଗତ୍‌ସିଂହପୁର), କୁସୁମି (କୋରାପୁଟ) ପରି କେତେକ ମୁଖ୍ୟ ଟେରାକୋଟା ପୁଞ୍ଜି ସହିତ ଅନ୍ୟ ସମସ୍ତ ଜିଲାର ଟେରାକୋଟା କାରିଗର ଓ ବ୍ୟବସାୟୀ ଯୋଗଦେଇ ସେମାନଙ୍କ ସାମଗ୍ରୀର ବିକ୍ରି ସହ ପ୍ରଦର୍ଶନ କରିଥିଲେ। ମାଟି ତିଆରି ଘର ସଜା ସାମଗ୍ରୀ, ହାଣ୍ଡି, କଡ଼େଇ ଆଦି ରୋଷେଇଘର ସାମଗ୍ରୀ, ଅଳଙ୍କାର, ଦୀପ, ବଗିଚା ସାମଗ୍ରୀର ଚାହିଦା ମେଳାରେ ଦେଖିବାକୁ ମିଳିଥିଲା। ଦୀପାବଳି ଥିବାରୁ ଦୀପ ଚାହିଦା ସର୍ବାଧିକ ଥିଲା। ଗ୍ରାହକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁବର୍ଷ ଅପେକ୍ଷା ଅଧିକ ଭିଡ଼ ଦେଖିବାକୁ ମିଳିଥିଲା।

# ୨୫.୫ ଲକ୍ଷ ଟଙ୍କା ଠକେଇ, ବାପ-ପୁଅ ଗିରଫ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କଠାରୁ ସାଢେ ୨୫ ଲକ୍ଷ ଟଙ୍କା ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବାପ ଓ ପୁଅଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ରାଜେନ୍ଦ୍ର କୁମାର ରାଜପୁତ (୫୩) ଓ ପୁଅ ଆଶିଷ କୁମାର ରାଜପୁତ (୨୮)। ଏମାନଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ କରାଯାଇ ନ ଥିବା ଜଣାପଡିଛି। ଏନେଇ ପୋଲିସ ମାମଲା (ନଂ.୪୨୯/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏଥିସହ ଘଟଣାରେ ସଂପୃକ୍ତ ଥିବା ବୃନ୍ଦାବାଦୀ ନାମକ ଜଣେ ମହିଳାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି।
ସୂଚନାନୁସାରେ, ୨୦୧୯ରେ ଏହି ଠକେଇ ହୋଇଥିବାବେଳେ ୨୦୨୧ ଅକ୍ଟୋବର ୧୩ରେ ଠକେଇର ଶିକାର ହୋଇଥିବା ଚୂଡ଼ାମଣି କିଷାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଚୂଡ଼ାମଣିଙ୍କ ଅଭିଯୋଗ ଅନୁସାରେ, ବଡ଼ପୁଅ ରୋହିତ କୁମାର ପଢାପଢି ସାରିବା ପରେ ଚାକିରି ସନ୍ଧାନରେ ଥିଲେ। ୨୦୧୯ ମାର୍ଚ୍ଚରେ ଗିରଫ ଅଭିଯୁକ୍ତଦ୍ୱୟଙ୍କ ସହ ବୃନ୍ଦାବାଦୀ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ସମ୍ପର୍କରେ ଥିବା କଥା କହି ପୁଅ ରୋହିତଙ୍କ ପାଇଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରେଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଚେକ୍ ଓ ୫୦ ହଜାର ଟଙ୍କା ନଗଦ ଆକାରରେ ଦେବାକୁ କହିଥିଲେ। ଚାକିରି ନ ଦେଲେ ସମସ୍ତ ଟଙ୍କା କିଛିଦିନ ମଧ୍ୟରେ ଫେରସ୍ତ କରାଇଦେବେ ବୋଲି କଥା ଛିଡ଼ିଥିଲା। ହେଲେ ସେମାନେ ଚୂଡ଼ାମଣିଙ୍କଠାରୁ କଥା ଅନୁସାରେ ଟଙ୍କା ନେବା ପରେ ଅଭିଯୁକ୍ତମାନେ ଚାକିରି କରାଇପାରି ନ ଥିଲେ। ଚୂଡାମଣି ଟଙ୍କା ଫେରସ୍ତ ପାଇଁ କହିବାରୁ ଅଭିଯୁକ୍ତମାନେ ତାଙ୍କ ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଧକ୍କା ଓ ଗୋଇଠା ମାରିବା ସହିତ ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ପ୍ରକାର କଟୁ କଥା କହିଥିଲେ। ଏନେଇ ଚୂଡାମଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି।

# ଅନୁରାଗ ପାଇଁ ଯୁବପିଢ଼ିଙ୍କ କ୍ରେଜ୍

### ଆକର୍ଷଣୀୟ କାର୍, ବାଇକ୍ ଦେଖି ଜମିଲା ଭିଡ଼

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ୟୁଟୁବର୍ ତଥା ବାଇକର୍ ଅନୁରାଗ ଦୋଭଲଙ୍କୁ ରବିବାର ଅପରାହ୍ନ ୪.୩୦ରେ ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ସେ ତାଙ୍କ ଆକର୍ଷଣୀୟ ବାଇକ୍ ନେଇ ଏଠାରେ ପହଞ୍ଚିବା ପରେ ପ୍ରଶଂସକମାନେ ଭିଡ଼ ଜମାଇଥିଲେ। ଏପରିକି ଅନ୍ୟ ବାଇକରମାନେ ମଧ୍ୟ ଆସି ସେମାନଙ୍କ କ୍ରେଜ ଦେଖାଇଥିଲେ। ତେବେ ଓଡ଼ିଶା ବାଇକର ଅନମୋଲ୍ ଦାସଙ୍କ ଲାମ୍ବରଗିନି କାର୍‌କୁ ଦେଖି ମଧ୍ୟ ଯୁବବର୍ଗ ବେଶ ଖୁସି ହେଉଥବା ଦେଖିବାକୁ ମିଳିଥିଲା। ସମସ୍ତେ ବାଇକରଙ୍କ ସହ ସେଲ୍‌ଫି ନେଇଥିଲେ। ସେଠାରେ ଭିଡ଼ ବଢ଼ିବାରୁ ଏସ୍‌ପ୍ଲାନେଡ୍ ସାମ୍ନା ରାସ୍ତା ଗହଳି ହୋଇଯାଇଥିଲା। ଏପରିକି ରାସ୍ତାର ଦୁଇ ପାର୍ଶ୍ୱ ଏବଂ ଓଭର ବ୍ରିଜ୍‌ରେ ଶହ ଶହ ଗାଡ଼ି ଅପେକ୍ଷା କରି ରହିଥିଲା। ଭିଡ଼ ଏତେ ଅଧିକ ହୋଇଯାଇଥିଲା ଯେ, ଅନୁରାଗ କାର୍ଯ୍ୟକ୍ରମ ଅଧାରୁ ପଳାଇ ଯାଇଥିଲେ। ଅନୁରାଗ ବାଇକ ରାଇଡ୍ ପାଇଁ ସାମାଜିକ ଗଣମାଧ୍ୟମରେ ବେଶ୍ ଲୋକପ୍ରିୟ। ସେ ଓଡ଼ିଶା ଆସିବା ନେଇ ଗୋଟିଏ ଦିନ ପୂର୍ବରୁ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଜଣାଇଥିଲେ। ତାଙ୍କୁ ପସନ୍ଦ କରୁଥିବା ଯୁବପିଢ଼ୀମାନେ ତାଙ୍କୁ ଅପେକ୍ଷା କରିଥିଲେ। ତାଙ୍କୁ ଓଡ଼ିଶା ବାଇକରମାନେ ଏସ୍‌ପ୍ଲାନେଡ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରି ସ୍ୱାଗତ କରିଥିଲେ।



ୟୁଟୁବର ଅନୁରାଗ ଦୋଭଲ




ଲାମ୍ବରଗିନି କାର୍ ସମ୍ମୁଖରେ ଯୁବଗୋଷ୍ଠୀ ସେଲ୍ଫି ନେଉଛନ୍ତି।

# ଧନତେରସ୍ ପାଇଁ ଝାଡୁ ଅଭାବ

ବାଲିଅନ୍ତା,୨୩।୧୦(ଡି.ଏନ୍.ଏ.)

ଧନତେରସରେ ଝାଡୁ ଏବଂ ସୁନା କିଣିଲେ ଶୁଭ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ରବିବାର ଧନତେରସ ପାଇଁ ଝାଡୁର ଅଭାବ ଦେଖିବାକୁ ମିଳିଥିଲା। ବାଲିଅନ୍ତା ହାଟ ବଜାରରେ ଲୋକେ ଝାଡୁ କିଣିବା ପାଇଁ ଲାଇନ ଲଗାଇଥିଲେ। ବଜାରକୁ ଆସିଥିବା ମହିଳାମାନେ ହାତରେ ଗୋଟିଏ କିମ୍ବା ଦୁଇଟି ଲେଖାଁ ଝାଡୁ ଧରି ଘରକୁ ନେଇଥିଲେ। ହଠାତ୍ ଲୋକଙ୍କ ଚାହିଦା ବଢିବାରୁ ବ୍ୟବସାୟୀମାନେ ଗ୍ରାହକଙ୍କୁ ଝାଡୁ ଦେଇ ପାରି ନ ଥିଲେ। ବହୁ ଲୋକ ଝାଡୁ ନ ପାଇ ନିରାଶରେ ଘରକୁ ଫେରିଥିଲେ। ଧନତେରସ୍ ପାଇଁ ଫୁଲଝାଡୁ ଗୋଟା ପିଛା ୮୦ରୁ ୧୦୦ ଟଙ୍କା, ଖଜୁରି ଝାଡୁ ଗୋଟାକୁ ୩୦ରୁ ୫୦ ଟଙ୍କାରେ ବିକ୍ରି ହୋଇଥିଲା। ଗୋଟିଏ ଦିନରେ ପାଖାପାଖି ୫୦୦ ଝାଡୁ ବିକ୍ରି ହୋଇଥିବା ଜଣାପଡିଛି।

# ନାଟକରେ 'ନବକଳେବର'

### ନଭେମ୍ବର ୪ରୁ ୩ଦିନ ଧରି ଚାଲିବ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ଜଗତର ନାଥ ଜଗନ୍ନାଥଙ୍କୁ ନେଇ ପ୍ରସ୍ତୁତ ହୋଇଛି ନାଟକ 'ନବକଳେବର'। କଳାପାହାଡ଼ ଜଗନ୍ନାଥଙ୍କୁ ପୋଡ଼ି ଦେବା ପରେ ସେହି ଅର୍ଦ୍ଧଦଗ୍ଧ ପିଣ୍ଡକୁ ନେଇ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ହୋଇଥିବା ପ୍ରଥମ ନବକଳେବର ହେଉଛି ନାଟକର ବିଷୟବସ୍ତୁ। ସେହି ସମୟରେ ଜଗନ୍ନାଥ ମନ୍ଦିର ମୋଗଲଙ୍କ ଦ୍ୱାରା ୧୫ଥର ଆକ୍ରମଣର ଶିକାର ହୋଇଥିଲା। କେଉଁ ପରିସ୍ଥିତିରେ ରାଜା ଗଜପତି ଓ ସେବାୟତମାନେ ତ୍ରିମୂର୍ତ୍ତିଙ୍କୁ ସ୍ଥାନାନ୍ତର କରି ଓଡ଼ିଆ ଜାତିର ସମ୍ମାନ ରକ୍ଷା କରିଥିଲେ ତାହାକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ସାଇ ଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ଏହି ନାଟକ ନଭେମ୍ବର ୪ରେ ରବୀନ୍ଦ୍ର ମଣ୍ଡପଠାରେ ପରିବେଷଣ କରାଯିବ। ୩ଦିନ ଧରି ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହୋଇ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ ସନ୍ଧ୍ୟାରେ ଏମ୍‌ପି ଅଚ୍ୟୁତ ସାମନ୍ତ, ମାନସ ମଙ୍ଗରାଜ, ଉଦଯାପନୀ ସନ୍ଧ୍ୟାରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଯୋଗଦେବେ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶିକା ବିନି ସାମଲ ସୂଚନା ଦେଇଛନ୍ତି। ଆଗମୀ ଦିନରେ ଏହି ନାଟକ କୋଲକାତା, ଦିଲ୍ଲୀ, ବେଙ୍ଗାଲୁରୁ ଓ ମୁମ୍ବାଇ ସମେତ ଦୁବାଇ, ୟୁରୋପ, କାନାଡା ଓ ଆମେରିକାରେ ମଞ୍ଚସ୍ଥ କରାଯିବାର ଯୋଜନା ରହିଥିବା ସେ କହିଛନ୍ତି। ନାଟ୍ୟକାର ଶଙ୍କର ତ୍ରିପାଠୀ କାହାଣୀ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଧୀର ମଲ୍ଲିକ। ସଙ୍ଗୀତ ମଳୟ ମିଶ୍ର ଓ ଗୀତିକାର ନିର୍ମଳ ନାୟକ ରହିଛନ୍ତି। ନାଟକରେ କିଶୋର ଖଣ୍ଡୁଆଳ, ଉଷଶୀ ମିଶ୍ର, ଅଖିଳ ପଟ୍ଟନାୟକ, ଉମା ଭଟ୍ଟାଚାର୍ଯ୍ୟ, ସୁବାଶିଷ ଦାସ, ଅମିତ କୁମାର ନାୟକ, ତୃପ୍ତି ମିରାମ୍ବିକା ସାହୁ, ଋଷି ପଟ୍ଟନାୟକ, ବାପୁ ଆଚାର୍ଯ୍ୟ, ଶ୍ରୀକାନ୍ତ ମିଶ୍ର, ଅପୂର୍ବ ସାହୁ,ସୌମ୍ୟ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।



# କିଶୋରଙ୍କୁ ସହାୟତାର ହାତ ବଢାଇଲା ଓଡ଼ିଶା ମୋ ପରିବାର

ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ)

ଅର୍ଥ ଅଭାବରୁ ନିଜର ଚିକିତ୍ସା କରାଇ ପାରୁ ନ ଥିଲେ କିଶୋର। ମନୋବଳ ହରାଇ ଦେଇଥିଲେ। ଏହି ସମୟରେ ସହାୟତାର ହାତ ବଢାଇଲା ଓଡ଼ିଶା ମୋ ପରିବାର ଏବଂ କିଶୋରଙ୍କୁ ମିଳିଲା ବଞ୍ଚିବାର ରାହା। ଭୁବନେଶରସ୍ଥିତ ମଞ୍ଚେଶ୍ୱର ନିକଟବର୍ତ୍ତୀ ଝରଣା ବସ୍ତିରେ ନିଜ ପରିବାର ସହ ରୁହନ୍ତି କିଶୋର ବେହେରା। ୨୦୧୯ ଜୁଲାଇ ୪ରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୋଡ଼ରେ ଗଭୀର ଆଘାତ ଲାଗିବାରୁ ସେ ଆଉ ଚାଲି ପାରିଲେ ନାହିଁ। ଦୈନନ୍ଦିନ କାମ କରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଲେ। ଅର୍ଥାଭାବ ସହିତ ତାଙ୍କର ଲୋକବଳ ବି ନ ଥିଲା। ସେଥିପାଇଁ କିଶୋର ହସ୍ପିଟାଲ ଯାଇ ଆବଶ୍ୟକ ଚିକିତ୍ସିତ ହୋଇପାରି ନ ଥିଲେ। ଗଣମାଧ୍ୟମରୁ ତାଙ୍କ ସଂଘର୍ଷମୟ କାହାଣୀ ସମ୍ପର୍କରେ ଓଡ଼ିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଜାଣିବା ପରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସହିତ ଆଲୋଚନା କରିଥିଲେ। ସଙ୍ଗଠନର ଟିମ୍ ତାଙ୍କ ଘରେ ପହଞ୍ଚି କିଶୋରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲେ। ଏଥିସହ କିଶୋରଙ୍କ ଫିଜିଓଥେରାପି ଚିକିତ୍ସା ପାଇଁ ଓଡ଼ିଶା ମୋ ପରିବାର ଟିମ୍ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହିତ ଆଲୋଚନା କରି ବ୍ୟବସ୍ଥା କରିଛନ୍ତି। ଆଗକୁ ସେ କିପରି ଯିବା ଆସିବା କରିବେ ସେଥିପାଇଁ ତାଙ୍କୁ ଯାତାୟାତ ସହାୟତା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।



କିଶୋର ବେହେରାଙ୍କ ସହ ବିଧାୟକ ସୁଶାନ୍ତ ରାଉତ ଏବଂ ଓଡ଼ିଶା ମୋ ପରିବାରର ଟିମ୍।




ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଭୁବନେଶ୍ୱରର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଚାଲିଥିବା ଲାସ୍ୟ ଲାବଣ୍ୟ ନୃତ୍ୟ ମହୋତ୍ସବର ରବିବାର ଉଦ୍‌ଯାପନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ନୃତ୍ୟଶିଳ୍ପୀମାନେ।



ହରିଭାଇ କମେଡି କ୍ଲବ୍ ପକ୍ଷରୁ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ରବିବାର ପରିବେଷିତ କମେଡି ଡ୍ରାମା 'ଶାଢ଼ି ହରଣ'ର ଏକ ଦୃଶ୍ୟ।



ଭୂମିକା ଚାରିଟେବଲ ଟ୍ରଷ୍ଟ ଜେଆର୍‌ଏନ୍‌ଏସ୍ ଓପନ ହାପିନେସ୍ ପକ୍ଷରୁ ରବିବାର ସ୍ୱାତୀ ସିନେପ୍ଲେକ୍ସରେ ଛୋଟପିଲାଙ୍କ ଗହଣରେ 'ତୁ ମୋର ଓକେ' ସ୍ୱତନ୍ତ୍ର ସ୍କ୍ରିନିଂ ଅବସରରେ ପ୍ରଯୋଜକ, ନିର୍ଦ୍ଦେଶକଙ୍କ ସହ ଅଭିନେତ୍ରୀ ଭୂମିକା ଦାସ, ଶୀତଲ ପାତ୍ର, ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ଅନ୍ୟ କଳାକାରମାନେ।

## ସଂକ୍ଷେପରେ

### ୨୧ ବାଣ ଦୋକାନରେ ଚଢ଼ାଉ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ): ବେଆଇନ ବାଣ ବିକ୍ରି କାରବାର ଉପରେ କମିଶନରେଟ ପୋଲିସ ଲଗାତର ୪ ଦିନ ଧରି ଚଢ଼ାଉ ଜାରିରଖିଛି । ଶନିବାର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ବହୁ ଟଙ୍କାର ବାଣ ଜବତ କରାଯାଇଥିବା ବେଳେ ରବିବାର ସହରର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ବ୍ୟବସାୟ କରୁଥିବା ୨୧ଟି ଦୋକାନରୁ କମିଶନରେଟ ପୋଲିସ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିବା ଜଣାପଡିଛି। ସମସ୍ତ ଦୋକାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

### ଶ୍ୟାମାକାଳୀ ପୀଠରେ କାଳୀପୂଜା ଆରମ୍ଭ

ପୁରୁଣା ଭୁବନେଶ୍ୱର,୨୩।୧୦(ଡି.ଏନ୍.ଏ.): ବଡ଼ଗଡ଼ ଗ୍ରାମର ଝରଣା ସାହିସ୍ଥିତ ମା' ଶ୍ୟାମାକାଳୀ ଦେବୀ ବିଜେ ପୀଠରେ ରବିବାର କାଳୀପୂଜା ଆରମ୍ଭ ହୋଇଛି। ପ୍ରାତଃରେ କଳସଯାତ୍ରା, ବିଲ୍ୱବରଣ, ସୂର୍ଯ୍ୟପୂଜା ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ପାର୍ଶ୍ୱ ଦେବଦେବୀଙ୍କ ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ ଓ ଗୀତା ପାଠ ଏବଂ ଦରିଦ୍ର ନାରାୟଣ ସେବା କରାଯାଇଥିଲା। ୩୦ ବର୍ଷ ତଳେ ମା'କାଳୀ ଏଠାରେ ପାତାଳଫୁଟି ଭାବେ ଆବିର୍ଭାବ ହୋଇଥିଲେ। ସେବେଠାରୁ ଏହି ପୀଠରେ ମା'ଙ୍କ କାଳୀପୂଜା ହୋଇଆସୁଛି। ମା'ଙ୍କ ମହିମା ପ୍ରତ୍ୟକ୍ଷ ବୋଲି ମନ୍ଦିର ପରିଚାଳକ ଉମାଶଙ୍କର ପଟ୍ଟନାୟକ କହିଛନ୍ତି। ସୋମବାର ବିଧି ମୁତାବକ ମା'ଙ୍କ ନ୍ୟାସ ପୂଜା, ଚଣ୍ଡୀପାଠ ଓ ଚଣ୍ଡୀଯଜ୍ଞ କରାଯିବା ନେଇ ପଟ୍ଟନାୟକ କହିଛନ୍ତି।

### ନିଷ୍ଠା, ଏକାଗ୍ରତା ସାନ୍ନିଧପ୍ରାପ୍ତିର ମାଧ୍ୟମ

ପୁରୁଣା ଭୁବନେଶ୍ୱର,୨୩।୧୦(ଡି.ଏନ୍.ଏ.): କେବଳ ଲୋକଦେଖାଣିଆ ଜପତପରେ ନୁହେଁ, ବରଂ ନିଷ୍ଠା ଓ ଏକାଗ୍ରତା ମାଧ୍ୟମରେ ବ୍ୟକ୍ତି ଭଗବାନଙ୍କର ସାନ୍ନିଧ ଲାଭ କରିପାରିବେ। ସ୍ଥାନୀୟ ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ରବିବାର ୧୭ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ସନ୍ଧ୍ୟା ପ୍ରବଚନର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପଣ୍ଡିତ ନାରାୟଣ ଦାସ ଏହା କହିଛନ୍ତି। ଜୟଶ୍ରୀରାମ ଆଧାତ୍ମିକ ଚେତନା ପରିଷଦ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସନ୍ତୋଷ ମହାରାଜ ଆଚାର୍ଯ୍ୟ ପୁରୋଧା ପଣ୍ଡିତ ବିଷ୍ଣୁ ଚରଣ ଦାସ, ପଣ୍ଡିତ ଗୋବିନ୍ଦ ଦାସ ମହାରାଜ ପରିଚାଳନା କରିଥିଲେ। ସନ୍ତୋଷିନୀ ମିଶ୍ର ବକ୍ତା ଭାବେ ଏବଂ ରବି ନାରାୟଣ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପାତ୍ର, କାଳନ୍ଦି ପାତ୍ର, ପ୍ରମୋଦ ମହାରଣା, ଗୋବିନ୍ଦ ଜେନା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

### ସୁରକ୍ଷିତ ଦୀପାବଳି ପାଳିବାକୁ ମେୟରଙ୍କ ଅପିଲ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ) ଆଲୋକର ପର୍ବ ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବାକୁ ବିଏମ୍‌ସି ମେୟର ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି, ଦୀପାବଳିକୁ ସବୁଜ ଦୀପାବଳିରେ ପରିଣତ କରିବା ପାଇଁ ଲୋକେ ଯଥା ସମ୍ଭବ ଚେଷ୍ଟା କରନ୍ତୁ। ଦୀପାବଳୀରେ ମିଳିମିଶି ସ୍ୱଚ୍ଛତା ରକ୍ଷା କରିବା ପାଇଁ ପ୍ରତିଜ୍ଞା ନିଅନ୍ତୁ। ଦୀପାବଳିଠାରୁ ନିଜ ନିଜ ଘର, ଅନୁଷ୍ଠାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆକୁ ଅଲଗା ଅଲଗା କରି ଓଦା ଶୁଖିଲା ଅଳିଆକୁ ପୃଥକ ଡଷ୍ଟବିନ୍‌ରେ ରଖି ଏହାକୁ ବିଏମ୍‌ସି ସଫେଇ ଗାଡ଼ିକୁ ଦେବା ପାଇଁ ମେୟର ଅପିଲ କରିଛନ୍ତି। ସେହିପରି ବାଣଫୁଟା ଜନିତ ବର୍ଜ୍ୟ ନିଷ୍କାସନ ଏବଂ ପ୍ରଦୂଷଣରୁ ଦୂରେଇ ରହିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

### ଅନ୍ନପୂର୍ଣ୍ଣା ପତିଙ୍କୁ ଜୟକିରଣ ସମ୍ମାନ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)- ଜୟ କିରଣ ଟ୍ରଷ୍ଟ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଭୂଦାନ ଆନ୍ଦୋଳନ ସହ ଜଡ଼ିତ ଅନ୍ନପୂର୍ଣ୍ଣା ପତିଙ୍କୁ ଜୟକିରଣ ସମ୍ମାନ ପ୍ରଦାନ କରାଯାଇଛି। ସେହିଭଳି ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ରଙ୍କୁ ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନ ଏବଂ ମର୍ଦ୍ଦଳ ଗୁରୁ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା, ଭୁବନେଶ୍ୱର ମହାନଗର ନିଗମର ଅଧକ୍ଷା ସୁଲୋଚନା ଦାଶ, ଗାନ୍ଧୀ ଚେତନାର ପ୍ରବକ୍ତା ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦିକା ସୁମିତ୍ରା ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଗୁରୁ ସୁଶାନ୍ତ କୁମାର ପଣ୍ଡା ଓ ସାଥୀ କଳାକାରମାନେ ଦେଶଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

# ଭିକ୍ଷୁକମୁକ୍ତ ହୋଇପାରୁନି ସ୍ମାର୍ଟସିଟି

ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ)



ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟସିଟିର ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଉଦ୍ୟମ ଚାଲିଛି। ସ୍ୱଚ୍ଛ, ସୁନ୍ଦର କରି ଗଢ଼ିତୋଳିବା ପାଇଁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଛି। ହେଲେ ଭିକାରି ଓ ଯାଯାବରଙ୍କ ପାଇଁ ସହରର ଛବି ମଳିନ ପଡୁଛି। ସହରରୁ ଭିକ୍ଷୁକଙ୍କୁ ହଟାଇବା ପାଇଁ ଅନେକ ସମୟରେ ଯୋଜନା ହୋଇଛି। ବିଏମ୍‌ସି ପକ୍ଷରୁ କେତେକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବାବେଳେ କମିଶନରେଟ ପୋଲିସ ମଧ୍ୟ ଏହି ପ୍ରୟାସରେ ହାତ ମିଳାଇଛି। ସଚେତନତା ସୃଷ୍ଟି ସହ ଆଶ୍ରୟସ୍ଥଳ ଖୋଲାଯାଇ ଥଇଥାନ ବ୍ୟବସ୍ଥା ହୋଇଛି। କିନ୍ତୁ ସେଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ କିଛି ସୁଫଳ ମିଳୁନାହିଁ। ଫଳରେ ଭିକ୍ଷୁକମୁକ୍ତ ସ୍ମାର୍ଟସିଟି ଲକ୍ଷ୍ୟ ସ୍ୱପ୍ନ ପାଲଟିଛି। ଏବେ ସହରରେ ବିଭିନ୍ନ ପ୍ରକାର ଭିକ୍ଷାବୃତ୍ତି ଦେଖିବାକୁ ମିଳୁଛି। କେତେଜଣ ଅଛନ୍ତି ମନ୍ଦିର ଓ ଜନଗହଳିପୂର୍ଣ୍ଣ ଛକରେ ଗୋଟିଏ ସ୍ଥାନରେ ବସି ରହି ଲୋକଙ୍କୁ ମାଗୁଥିବାବେଳେ ଆଉ କିଏ ଟ୍ରାଇସାଇକେଲ କିମ୍ବା ଠେଲା ଗାଡିରେ ବୁଲି ବୁଲି ଭିକ୍ଷା ମାଗିଥାନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ନିରାଶ୍ରୟ, ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ, ମାନସିକ ବିକାରଗ୍ରସ୍ତ ଓ ପ୍ରଫେସନାଲ ଭିକାରି। ଆଉ କେତେଜଣ ମେଡିକାଲ ରିପୋର୍ଟ, ହାତ ଗୋଡ଼ରେ ବ୍ୟାଣ୍ଡେଜ୍ ଗୁଡ଼ାଇ ସହାୟତା ବାହାନାରେ ହାଟବଜାର, କଲୋନୀ ଆଦିରେ ଲୋକଙ୍କୁ ଟଙ୍କା ମାଗିଥାନ୍ତି। ଏବେ କିଛିବର୍ଷ ହେବ ଯାଯାବର ଭିକାରିଙ୍କ ଉପସ୍ଥିତି ସ୍ମାର୍ଟସିଟି ଚିତ୍ରକୁ ବିକୃତ କରିବାରେ ଲାଗିଛି। କଅଁଳା ପିଲାଙ୍କୁ ଦେହରେ ଝୁଲାଇ ଖାଇବା ନାଁରେ ଭିକ ମାଗୁଥିବା ଦେଖିବାକୁ ମିଳୁଛି। ଛୋଟ ଶିଶୁଠାରୁ ଆରମ୍ଭ କରି ନାବାଳିକା, ନାବାଳକ ଦଳ ଦଳ ହୋଇ ହାଟବଜାର, ଛକରେ ରହି ଲୋକଙ୍କ ଗୋଡ଼ ଧରି ଭିକ୍ଷା ମାଗୁଥିବା ଭଳି ଦୃଶ୍ୟ ନଜରକୁ ଆସୁଛି। ବିଶେଷକରି ଏହି ଯାଯାବର ଶ୍ରେଣୀର ଭିକାରିମାନେ ଭିକ୍ଷା ମାଗିବା ଆଳରେ ଚୋରି, ଲୁଟ୍ କରୁଛନ୍ତି। ଏମାନେ ସାଧାରଣତଃ ଅଣଓଡ଼ିଆ ହୋଇଥିବାବେଳେ ସହରରେ ଥିବା ସରକାରୀ ଜାଗାକୁ କବ୍‌ଜା କରି ରହିବା ମଧ୍ୟ ଆରମ୍ଭ କଲେଣି। ଅନ୍ୟପକ୍ଷରେ କେତେକ ଗ୍ୟାଙ୍ଗ୍ ଛୋଟ ପିଲାଙ୍କୁ ଆଣି ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି। ଏମାନେ ସହର ଉପକଣ୍ଠରେ ରହୁଥିବାବେଳେ ଗ୍ୟାଙ୍ଗ୍ ଲିଡର ଏମାନଙ୍କୁ ଆଣି ସହରରେ ଛାଡ଼ି ପୁଣି ସନ୍ଧ୍ୟାରେ ନେଇଯାଉଛନ୍ତି। ସେହିଭଳି କିନ୍ନରମାନେ ମଧ୍ୟ ଟ୍ରାଫିକ୍ ଛକ, ବସ୍ ଷ୍ଟପ୍, ହାଟବଜାରରେ ଭିନ୍ନ ଢଙ୍ଗରେ ଟଙ୍କା ମାଗୁଥିବା ମଧ୍ୟ ଦେଖିବାକୁ ମିଳୁଛି।

### ଲୋକେ ଭିକ୍ଷାଦେବା ବନ୍ଦ କରିବା ଉଚିତ: ବିଏମ୍‌ସି

ସହରରେ ୩ଟି ଭିକ୍ଷୁକ ଆଶ୍ରୟସ୍ଥଳୀ ଓ ୭ଟି ସହରାଞ୍ଚଳ ଆଶ୍ରୟସ୍ଥଳୀ (ଏସ୍‌ୟୁଏଚ୍) ରହିଛି। ୩ ଆଶ୍ରୟ ଗୃହରେ ୩୦୦ଜଣ ରହିବାର ସୁବିଧା ରହିଛି। ସେହିଭଳି ଏସ୍‌ୟୁଏଚ୍‌ଗୁଡ଼ିକରେ ସମୁଦାୟ ୩୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ରହିବାର ସୁବିଧା ଥିବାବେଳେ ଚନ୍ଦ୍ରଶେଖରପୁର ଏସ୍‌ୟୁଏଚ୍ ମହିଳା ହିତାଧିକାରୀଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଯାଯାବରମାନେ ଭିକ୍ଷାବୃତ୍ତି କରୁଛନ୍ତି। ଏମାନଙ୍କୁ ବାରମ୍ବାର ବୁଝାଇବା, ଉଦ୍ଧାର କରିବା ଏବଂ ଭିକ୍ଷାବୃତ୍ତି ନ କରିବାକୁ ପ୍ରବର୍ତ୍ତାଇବା କାର୍ଯ୍ୟକ୍ରମ ଜାରି ରହିଛି। ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ଓ ଶୀତବସ୍ତ୍ର ଆଦିର ବନ୍ଦୋବସ୍ତ ମଧ୍ୟ କରାଯାଉଛି। ତଥାପି ସେମାନେ ଆଶ୍ରୟସ୍ଥଳୀରେ ନ ରହି ଭିକ୍ଷାବୃତ୍ତି କରିବାକୁ ଚାଲିଆସୁଛନ୍ତି। ତାଗିଦ୍ କଲେ ସେମାନେ ସ୍ଥାନ ବଦଳାଇ ଦେଉଛନ୍ତି। ଲୋକମାନେ ଭିକ୍ଷାଦେବା ବନ୍ଦ କଲେ ହିଁ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ସ୍ମାର୍ଟସିଟି ପାଇଁ ଆଦୌ ଶୋଭନୀୟ ନୁହେଁ



"ପ୍ରମୁଖ ଟ୍ରାଫିକ ଛକରେ ଗାଡ଼ି ଅଟକାଇବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, କାର୍ଯ୍ୟାଳୟ ସମ୍ମୁଖରେ ଅନେକ ସଂଖ୍ୟାରେ ଯାଯାବରମାନେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳୁଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନଠାରୁ ଆରମ୍ଭ କରି ଏଜି ଛକ, ରସୁଲଗଡ଼ ଛକ, ବାଣୀବିହାର ଛକ, ରୂପାଲି ଛକ, ରାଜମହଲ ଛକ, କଳ୍ପନା ଛକ ଆଦିରେ ଲୋକଙ୍କୁ ଏପରି ହଇରାଣ କରୁଛନ୍ତି। କିଛି ଦିନ ଏମାନେ କେଉଁଆଡ଼େ ଚାଲିଯାଉଛନ୍ତି,ପୁଣିଥରେଟ୍ରାଫିକରେକିଛିସାମଗ୍ରୀବିକ୍ରିକରିବାଆଳରେଫେରୁଛନ୍ତି।କୋମଳମତି ଶିଶୁ ମଧ୍ୟ ଭିକ୍ଷାବୃତ୍ତିକୁ ଆପଣାଉଛନ୍ତି। ଏହା ସ୍ମାର୍ଟସିଟି ପାଇଁ ଆଦୌ ଶୋଭନୀୟ ନୁହେଁ।

-ବାସବୀ ଖାଡ଼ଙ୍ଗା, ଆଇନଜୀବୀ

### ଓଭରବ୍ରିଜ୍, ପାର୍କିଂ ସ୍ଥାନକୁ କବ୍‌ଜା କରୁଛନ୍ତି



"ବିହାର, ଛତିଶଗଡ଼, ରାଜସ୍ଥାନ ଆଦି ରାଜ୍ୟରୁ ଯାଯାବରମାନେ ଆସି ପ୍ରଥମେ ବେପାର କରୁଛନ୍ତି। କିଛିଦିନ ଅତିକ୍ରମ କରିବା ପରେ ଏମାନେ ଜୀବିକା ତ୍ୟାଗ କରି ଭିକ୍ଷାବୃତ୍ତିକୁ ଆପଣାଉଛନ୍ତି। ଦିନକୁ ଦିନ ଏମାନଙ୍କ ସଂଖ୍ୟା ସହରରେ ବୃଦ୍ଧି ପାଉଥିବାବେଳେ କୁନି କୁନି ଶିଶୁଙ୍କୁ ମଧ୍ୟ ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି। ଓଭରବ୍ରିଜ୍ ଓ ପାର୍କିଂସ୍ଥଳକୁ କବ୍‌ଜା କରୁଛନ୍ତି। ଦିନସାରା ଏଣେତେଣେ ବୁଲି ଭିକ୍ଷା ବୃତ୍ତି କରୁଥିବାବେଳେ ରାତି ହେଲେ ସେଠାରେ ରହୁଛନ୍ତି। ଏମାନଙ୍କ ପାଇଁ ସହରର ଚିତ୍ର ବିକୃତ ହେଉଛି।

-ପ୍ରିୟଙ୍କା ସ୍ୱାଇଁ, ସହରବାସୀ

### ସମାଜକୁ ଖରାପ ବାର୍ତ୍ତା ଦେଉଛି



"ରାସ୍ତାକୁ ବାହାରିବା ମାତ୍ରେ ଭିକାରିଙ୍କୁ ଦେଖିବାକୁ ମିଳୁଛି। ମହିଳାମାନେ କୁନିକୁନି ପିଲାଙ୍କୁ କୋଳରେ ଧରି ଗାଡ଼ି ଅଟକାଇ ଭିକ୍ଷା ମାଗୁଥିବା ଚିତ୍ର ମନକୁ ଆନ୍ଦୋଳିତ କରୁଛି। କାନ୍ଧ ହେଉ ଅବା ଲୁଗାରେ ଖରାବର୍ଷାରେ କଅଁଳ ଶିଶୁଟିକୁ ଦେଖିଲେ ମନରେ ଅନେକ କଥା ଉଙ୍କି ମାରୁଛି। ଭିକ୍ଷା ମାଗିବାରେ ଯେପରି ଅସୁବିଧା ନ ହେବ, ସେଥିପାଇଁ ଶିଶୁକୁ ମା' ନିଶା ଦେଇ ଶୁଆଇ ଦେଉଥିବା ଆମେ ଶୁଣିବାକୁ ପାଉଛୁ, ଯାହା ସମାଜକୁ ଏକ ଖରାପ ବାର୍ତ୍ତା ଦେଉଛି। ସହରରୁ ଏଭଳି ଦୃଶ୍ୟ ବା ସ୍ଥିତିର ପରିବର୍ତ୍ତନ ହେବା ଆବଶ୍ୟକ।

-ଜଲିଲ ଖାନ୍, ଶିକ୍ଷାବିତ୍



ଦୀପାବଳି ଓ ଧନତେରସ ପାଇଁ ରବିବାର ଭୁବନେଶ୍ୱର ରାଜମହଲରୁ ଏଜିଛକ ରାସ୍ତାରେ ଗାଡିମୋଟର ଭିଡ଼।

## ଦୀପାବଳି ପାଇଁ ରାଜଧାନୀରେ ୧୭ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଆଲୋକର ପର୍ବ ଦୀପାବଳି ପାଇଁ ରାଜଧାନୀ ଚଳଚଞ୍ଚଳ ହୋଇଉଠିଛି। କରୋନା ପ୍ରକୋପରେ ଦୀପାବଳି ଓ ପୂଜା ଦୀର୍ଘ ୨ ବର୍ଷ ଧରି ବନ୍ଦ ଥିବାରୁ ଚଳିତବର୍ଷ ଧୁମଧାମରେ ଏହାକୁ ପାଳନ କରିବେ ରାଜଧାନୀବାସୀ । ତେବେ ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଲାଗି ରାଜଧାନୀରେ ୧୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ଏ ନେଇ ରବିବାର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ଚଳିତବର୍ଷ ଭୁବନେଶ୍ୱର କାଳୀପୂଜା ପାଇଁ ୧୯ଟି ମେଢ଼ ହୋଇଛି । ସେଠାରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ସେହିଭଳି ଦୀପାବଳି ପାଇଁ ସମସ୍ତ ଥାନା ଅଞ୍ଚଳରେ ଫୋର୍ସ ମୁତୟନ କରାଯିବା ସହ ମୋବାଇଲ୍ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଇଛି । ଦୀପାବଳି ପାଇଁ ୮ ପ୍ଲାଟୁନ ଫୋର୍ସ ରାଜଧାନୀରେ ମୁତୟନ କରାଯାଇଛି । ଦୀପାବଳି ଓ କାଳୀପୂଜା ପାଇଁ ମୋଟ ୬ ଜଣ ଅତିରିକ୍ତ ଡିସିପି, ୭ ଏସିପି, ୨୫ ଆଇଆଇସି, ୪୦ ଏସ୍‌ଆଇ/ଏଏସ୍‌ଆଇ ଓ ୧୭ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଛି ।

## ଭୁଜାଲି ଦେଖାଇ ଡକାୟତି

**ଦମ୍ପତିଙ୍କୁ ମାଡ଼ମାରି ଲୁଟିନେଲେ ଅଳଙ୍କାର, ଟଙ୍କା, ମୋବାଇଲ**

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ଦିବାଲୋକରେ ଡକାୟତି ହୋଇଛି। ଏକ ଦମ୍ପତିଙ୍କୁ ୫ ଦୁର୍ବୃତ୍ତ ଭୁଜାଲି ଦେଖାଇ ମାଡ଼ମାରି ସୁନା ଅଳଙ୍କାର ସମେତ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବୁଧବାର ଏହି ଘଟଣା ଘଟିଥିବାବେଳେ ରବିବାର ଜଣାପଡିଛି। ପୋଲିସ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି।
ସୂଚନା ଅନୁଯାୟୀ, ବୁଧବାର ଦିନ ୧୧ଟାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ ହାଉସିଂ ବୋର୍ଡ କଲୋନୀସ୍ଥିତ ଫ୍ଲାଟ୍ ନଂ. ଏଚ୍‌ଆଇଜି ୧୬/୬ରେ ରହୁଥିବା ଶକୁନ୍ତଳା ମହାରଣାଙ୍କ ଘରର କଲିଂ ବେଲ୍ ମାରିଥିଲେ। ସକୁନ୍ତଳା ଗେଟ୍ ଖୋଲିବାରୁ ଦୁର୍ବୃତ୍ତମାନେ ଘର ଭିତରକୁ ଧସେଇ ପଶିଥିଲେ। ସେମାନେ ଶକୁନ୍ତଳାଙ୍କୁ ଧକ୍କା ମାରି ତଳେ ପକାଇ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ସକୁନ୍ତଳା ପିନ୍ଧିଥିବା ସୁନା ବାଲା, ହାର, କାନ ଫୁଲ ନେଇଯାଇଥିଲେ। ସେହିପରି ତାଙ୍କ ସ୍ୱାମୀଙ୍କୁ ମଧ୍ୟ ସେମାନେ ଭୁଜାଲି ଦେଖାଇ ସୁନା ମୁଦି, ୨ଟି ମୋବାଇଲ, ଗୋଟିଏ ଟାବ୍ ଓ ୩ ହଜାର ଟଙ୍କା ନେଇଯାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶକୁନ୍ତଳା ମଧ୍ୟ ଆହତ ହୋଇଥିଲେ। ତେବେ ୭ରୁ ୮ ମିନିଟ୍ ମଧ୍ୟରେ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇ ସେଠାରୁ ଫେରାର ହୋଇଯାଇଥିଲେ।

### ପୂର୍ବ ଦିନ ରାତିରୁ ହୋଇଥିଲା ଯୋଜନା

ଦୁର୍ବୃତ୍ତମାନେ ଡକାୟତି କରିବା ପାଇଁ ଘଟଣାର ପୂର୍ବ ଦିନ ରାତିରେ ଅର୍ଥାତ ମଙ୍ଗଳବାର ଯୋଜନା କରିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଉକ୍ତ ଗ୍ୟାଙ୍ଗରୁ ୨ଜଣ ଯୁବକ ଶକୁନ୍ତଳାଙ୍କ ଘରକୁ ଆସିଥିଲେ। ଏସି ଖରାପ ହୋଇଛି, ଏନେଇ କମ୍ପ୍ଲେନ୍ ଦେଇଛନ୍ତି କି ବୋଲି ଶକୁନ୍ତଳାଙ୍କୁ ଉଭୟ ପ୍ରଶ୍ନ କରିଥିଲେ। ସକୁନ୍ତଳା ତାଙ୍କୁ ମନା କରିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ତେବେ ଏହି ସମୟରେ ଦମ୍ପତିଦ୍ୱୟ କି ଅଳଙ୍କାର ପିନ୍ଧିଛନ୍ତି, କେଉଁ ଉପାୟରେ ଡକାୟତି କରିହେବ, କିପରି ସେଠାରୁ ଯାଇ ହେବ ସେନେଇ ପୂର୍ବ ପ୍ରସ୍ତୁତି କରି ଯାଇଥିଲେ।

## ଦୀପାବଳିକୁ ନେଇ 'ପେଣ୍ଟ୍ ଏ ଦିଆ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ)

ଆଲୋକର ପର୍ବ ଦିପାବଳି ଉପଲକ୍ଷେ ୟୁଥ୍ ଫର୍ ସେବା ପକ୍ଷରୁ ୟୁନିଟ୍-୬ସ୍ଥିତ ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟରେ ଏକ ନିଆରା କାର୍ଯ୍ୟକ୍ରମ 'ପେଣ୍ଟ୍ ଏ ଦିଆ' ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ବଜାରରେ ଅନେକ ଦାମୀ ଡିଜାଇନର ଦୀପ ଓ ଲିଚୁ ଲାଇଟ୍ ଉପଲବ୍ଧ ହେଉଥିବାରୁ ମାଟି ଦୀପର ଚାହିଦା କମି କମି ଆସୁଛି। ମାଟି ଦୀପ କିଣିବା ଦ୍ୱାରା ସ୍ଥାନୀୟ ବିକ୍ରେତା ଏବଂ କୁମ୍ଭକାରମାନେ ଉପକୃତ ହେବେ। ତେଣୁ ମାଟି ଦୀପ ପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭାଗ ନେଇ ପିଲାମାନେ ନିଜର ଲୁକ୍କାୟିତ କଳା ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇଥିଲେ। ପିଲାମାନେ ବିଭିନ୍ନ ରଙ୍ଗ ବ୍ୟବହାର କରି ମାଟି ଦୀପଗୁଡିକରେ ସୁନ୍ଦର ସୁନ୍ଦର ଡିଜାଇନ୍ ଆଙ୍କିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ନିରୋଜ ଲକ୍ଷ୍ମୀ ମହାପାତ୍ରଙ୍କ ସମେତ ସଂଗଠନର ସଂଯୋଜକ ସୁବ୍ରତ ପଟ୍ଟନାୟକ, ସଦସ୍ୟ ଅତିକ, ବିଭୁ ରଞ୍ଜନ, ଅଭିଜିତ୍, ସଂଗ୍ରାମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜ୍ଞାନ ରଞ୍ଜନ ଦାସ ସମ୍ପାଦନ କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରାୟ ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ପିଲାମାନେ ମାଟିଦୀପକୁ ରଙ୍ଗ ଦ୍ୱାରା ଚିତ୍ରିତ କରୁଛନ୍ତି।

## ୫୦ବର୍ଷରେ ଶାନ୍ତିସ୍ତୂପ ଧଉଳି

- ୨୮ରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଜୋର୍‌ଦାର
- ୨ଦିନରେ କାମ ସାରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଦେଶର ଅନ୍ୟତମ ବୌଦ୍ଧ ଐତିହ୍ୟ ଶାନ୍ତିସ୍ତୂପ ଧଉଳିକୁ ଆସନ୍ତା ୨୮ ତାରିଖରେ ୫୦ବର୍ଷ ପୂରୁଛି। ତେଣୁ ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଏଥିରେ ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ନ୍ୟାସୀ ଯୋଗଦେବେ। ଉଦ୍‌ଘାଟନୀ ଦିନ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହେବା ସହ ପୂଜା ଆରମ୍ଭ ହେବ। ତେଣୁ ରବିବାର ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ପରିଦର୍ଶରେ ଯାଇ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ୨ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଲାଇଟ୍, ସାଉଣ୍ଡ୍ ବ୍ୟବସ୍ଥା ସହ ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ପୂର୍ବରୁ କିଭଳି ସରିବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ନେଇ ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଚନ୍ଦନ ମଲିକ, ଭଗବାନ ସାହୁ, ସୁବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟର ସମୀକ୍ଷା ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ ।

# ଆସିଲେଣି ୭୫ ପ୍ରଜାତିର ୧୯,୧୫୭ ପକ୍ଷୀ

## ଚିଲିକାରେ ବିଦେଶୀ ବିହଙ୍ଗଙ୍କ ସମାଗମ

■ସୁରକ୍ଷା ପାଇଁ ୨୧ କ୍ୟାମ୍ପ୍
■ଭ୍ରାମ୍ୟମାଣ ସ୍କ୍ୱାଡ୍ ନିୟୋଜିତ



**ବାଲୁଗାଁ,୨୩।୧୦(ଡି.ଏନ୍.ଏ.)**

କିଛିଦିନ ହେବ ବାୟୁମଣ୍ଡଳରୁ ଉଷ୍ମତା ହ୍ରାସ ପାଇଥିବା ବେଳେ ଶୀତ ଅନୁଭୂତ ହୋଇଛି। ଫଳରେ ଚିଲିକାକୁ ରଙ୍ଗ ବେରଙ୍ଗର ବିଦେଶୀ ପକ୍ଷୀଙ୍କ ଆଗମନ ହେବାରେ ଲାଗିଛି। ରବିବାର ସୁଦ୍ଧା ଚିଲିକାକୁ ୭୫ ପ୍ରଜାତିର ୧୯,୧୫୭ ପକ୍ଷୀଙ୍କ ଆଗମନ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି। ତନ୍ମଧ୍ୟରୁ ପକ୍ଷୀ ଅଭୟାରଣ୍ୟ ନଳବଣରେ ୫୦୫୬ ପକ୍ଷୀ ଦୃଷ୍ଟିଗୋଚର ହୋଇଥିବା ବେଳେ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ତଥା ରେଞ୍ଜ୍ ଟାଙ୍ଗୀ, ସାତପଡ଼ା, ଚିଲିକା ଓ ରମ୍ଭା ଆଦି ଅଞ୍ଚଳରେ ଅବତରଣ କରିଛନ୍ତି। ପକ୍ଷୀଙ୍କ ଆଗମନରେ ଚିଲିକା ଚଳଚଞ୍ଚଳ ହୋଇଉଠିଛି। ପର୍ଯ୍ୟଟକ ଓ ପକ୍ଷୀ ବିଶାରଦଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଆଗମନ ପକ୍ଷୀଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟାରେ ଲିଟିଲ୍ କର୍ମୋରାଣ୍ଟ ୧୦୮୫, ମଙ୍ଗୋଲିଆନ ପ୍ଲୋଭର ୩୭୦, ଉଡ୍ ସାଣ୍ଡ ପାଇପର ୩୪୫, ଗ୍ଲୋସି ଇବିସ୍ ୩୪୦, ଲିଟିଲ୍ ଇଗ୍ରେଟ୍ ୩୩୨, ନାଇଟ୍ ହେରନ୍ ୨୭୫, କମନକୁଡ୍ ୧୧୫ ଚିହ୍ନଟ ହୋଇଥିବା ବେଳେ ଚିଲିକାର ଶୋଭାବର୍ଦ୍ଧନକାରୀ ଆକର୍ଷଣୀୟ ପେଲିକାନ୍ (ଏରା) ପକ୍ଷୀ ୭୫ଟି ଦୃଷ୍ଟିଗୋଚର ହୋଇଛନ୍ତି।

ପ୍ରାୟତଃ ଅକ୍ଟୋବର ପହିଲାରେ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ହେଲେ ଚଳିତବର୍ଷ ଶୀତ ଆଗମନରେ ବିଳମ୍ବ ହୋଇଥିଲେ ସୁଦ୍ଧା ତୃତୀୟ ସପ୍ତାହରେ ପକ୍ଷୀ ଆସି ଚିଲିକାରେ ପାଦ ଥାପିଛନ୍ତି। ସାଇବେରିଆ, ରୁଷିଆ, କାଜାକସ୍ତାନ, ଲଦାଖ, ମାଙ୍ଗୋଲିଆ, ଆମେରିକା, କାନାଡ଼ା ଆଦି ରାଷ୍ଟ୍ରାଞ୍ଚଳରୁ ବିଭିନ୍ନ ପ୍ରଜାତିର ରଙ୍ଗ ବେରଙ୍ଗର ପକ୍ଷୀ ଚିଲିକାରେ ପହଞ୍ଚିଥାଆନ୍ତି। କୀଟପତଙ୍ଗ, ମାଛ ଓ ତୃଣଜାତୀୟ ଉଦ୍ଭିଦ ଆଦି ଏହି ପକ୍ଷୀଙ୍କ ମୁଖ୍ୟ ଆହାର ପାଲଟିଥାଏ। ନିରାପଦ ବାସସ୍ଥାନ ଓ ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଘୁରିବୁଲିବା ସହ ଅଧିକାଂଶ ଚିଲିକା ଜଳରାଶିରେ ପାଦ ଥାପିଛନ୍ତି। ବିଶେଷକରି ନଳବଣରେ ଜଳସ୍ତର ଅଧିକ ଥିବାରୁ ଚିଲିକା ତଟ ଅଞ୍ଚଳରେ ବହୁସଂଖ୍ୟାରେ ପକ୍ଷୀଙ୍କ ସମାଗମ ହୋଇଥିବା ଦେଖାଯାଇଛି । ଅନ୍ୟପକ୍ଷରେ ପକ୍ଷୀଙ୍କ ଆଗମନ ଯୋଗୁ ପକ୍ଷୀ ଶିକାରୀମାନେ ସକ୍ରିୟ ହୋଇପଡ଼ିଥିବା ବେଳେ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏଥିପାଇଁ ୨୧ଟି କ୍ୟାମ୍ପ୍ ଗଠନ ହୋଇଥିବା ବେଳେ ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଅଧୀନ ଟାଙ୍ଗୀ ରେଞ୍ଜ୍‌ରେ ସର୍ବାଧିକ ୧୧ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜ୍ ଅଧୀନ ନଳବଣରେ ୪ଟି, ସାତପଡ଼ାରେ ୨ଟି, ରମ୍ଭା ୨ ଓ ଚିଲିକାରେ ୧ଟି କ୍ୟାମ୍ପ୍ ପାଇଁ ବ୍ୟବସ୍ଥା କରାଯାଇଛି । ଭ୍ରାମ୍ୟମାଣ ସ୍କ୍ୱାଡ୍ ବାଲୁଗାଁଠାରୁ ଟାଙ୍ଗୀ ମଧ୍ୟରେ ସ୍ଥଳଭାଗରେ ବିଭିନ୍ନ ଢାବା ଓ ହୋଟେଲ ଆଦି ଅଞ୍ଚଳରେ ଚଢ଼ାଉ ପାଇଁ ନିୟୋଜିତ କରାଯାଇଛି। ଜଳପଥରେ ପ୍ରତ୍ୟେକ କ୍ୟାମ୍ପ୍‌ରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ ଜଣ ଲେଖାଏ ସଦସ୍ୟ ସାମିଲ ହୋଇଛନ୍ତି। ଏତଦ୍ ବ୍ୟତୀତ ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ସମଗ୍ର ଚିଲିକାକୁ ୧୦,୭୪,୧୭୩ ପକ୍ଷୀଙ୍କ ଆଗମନ ହୋଇଥିବା ବିଭାଗୀୟ ଗଣନାରୁ ଜଣାପଡ଼ିଥିଲା। ତେବେ ଚଳିତବର୍ଷ ପ୍ରାଥମିକ ପର୍ଯ୍ୟାୟରେ ବହୁସଂଖ୍ୟାରେ ପକ୍ଷୀଙ୍କ ଆଗମନ ହୋଇଛି। ଆଗକୁ ଶୀତର ମାତ୍ରା ବୃଦ୍ଧି ପାଇଲେ ଗତବର୍ଷଠାରୁ ପକ୍ଷୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ପଣ୍ଡା କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବ୍ରହ୍ମାକୁମାରୀଜ୍, ଓମ୍ ନିବାସ ପକ୍ଷରୁ ଦୀପାବଳି ଉତ୍ସବ, ବାୟାବାବା ମଠ ରୋଡ, ୟୁନିଟ୍-୯, ସକାଳ ୮ଟା।
- ୧୩୯ତମ ଋଷି ନିର୍ବାଣ ଉତ୍ସବ-୨୦୨୨, ସ୍ୱାମୀ ବ୍ରହ୍ମାନନ୍ଦ ଭବନ, ଶ୍ରୀ ଅରବିନ୍ଦ ନଗର, ପୂର୍ବାହ୍ନ ୯ଟା।
- ରାଜ୍ୟ ଯୁବ ସାମୁଖ୍ୟ ସମିତି ଆନୁକୂଲ୍ୟରେ ଜାତିସଙ୍ଘ ଦିବସ ଉପଲକ୍ଷେ ଶାନ୍ତି ପଦଯାତ୍ରା, କଳିଙ୍ଗ ହସ୍ପିଟାଲ୍ ଛକରୁ ମହାତ୍ମାଗାନ୍ଧୀ ପାର୍କ, ପୂର୍ବାହ୍ନ ୯ଟା।
- ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ କାଳୀ ପୂଜା, ଜିଜିପି କଲୋନୀ, ରସୁଲଗଡ, ପୂର୍ବାହ୍ନ ୯ଟା ୫।
- ଶ୍ରୀଶ୍ରୀ ମା' ଦକ୍ଷିଣକାଳୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ୪୩ତମ ମହାକାଳୀ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ବରମୁଣ୍ଡା, ରାତି ୮ଟା।

## 'ସାହିତ୍ୟ, ସଂସ୍କୃତିରେ ଭଗବତୀ ଆଣିଥିଲେ ନୂଆ ଯୁଗ'



କଟକ ସତୀଚଉରାସ୍ଥିତ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।

**କଟକ ଅଫିସ, ୨୩।୧୦**

ସାମ୍ୟବାଦୀ ଓ ନବଯୁଗ ସାହିତ୍ୟର ସ୍ରଷ୍ଟା ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୯ତମ ସ୍ମୃତି ବାର୍ଷିକୀ ଉପଲକ୍ଷେ କଟକ ସତୀଚଉରାସ୍ଥିତ ସ୍ମୃତିପୀଠରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଏମ୍ ନେତା ରବିନାରାୟଣ ମଲ୍ଲିକ ଯୋଗଦେଇ କହିଥିଲେ, ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ଅନ୍ତର୍ଜାତୀୟ ଚେତନା, ମୁକ୍ତି, ସମତା, ଭାତୃତ୍ୱ ଓ ବିଶ୍ୱଶାନ୍ତି ସଂଗ୍ରାମର ଅଗ୍ରବାହକ। ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ଗଡଜାତ ପ୍ରଜା ଆନ୍ଦୋଳନର ଅଟଳସ୍ତମ୍ଭ। ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିରେ ଏକ ନୂଆ ଯୁଗ ଆଣିଥିଲେ ବୋଲି ମଲ୍ଲିକ କହିଥିଲେ। ସେହିପରି ଏସ୍‌ୟୁସିଆଇ ନେତା ଖଗେଶ୍ୱର ସେଠୀ ଯୋଗଦେଇ କହିଥିଲେ, ମାନବିକତା, ସେବାପରାଣୟତା, ନ୍ୟାୟନିଷ୍ଠ, ସତ୍‌ସାହସ, ଶୋଷଣ ବିରୋଧୀ କାର୍ଯ୍ୟ ଯୋଗୁ ଭଗବତୀ ଓଡ଼ିଶାର ସବୁ କ୍ଷେତ୍ରରେ ପଦ ଚିହ୍ନ ରଖି ଯାଇଛନ୍ତି। ଅମରେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜୟ କୁମାର ପଢିହାରୀ, ଶିକ୍ଷକ ନେତା ବିବେକାନନ୍ଦ ଦାଶ, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ହେତୁବାଦୀ ନେତା ଦେବେନ୍ଦ୍ର ସୂତାର, ଶ୍ରମିକ ନେତା କିଶୋର ଜେନା, ବୀମା କର୍ମଚାରୀ ନେତା ଅଭୟ କୁମାର ଦାସ, ବ୍ୟାଙ୍କ କର୍ମଚାରୀ ନେତା ପ୍ରଦୀପ ଷଡଙ୍ଗୀ, କର୍ପୋରେଟର ରୀତାଞ୍ଜଳି ବେହେରା, ରାମଚନ୍ଦ୍ର ବେହେରା, ଅଶୋକ ତା, ଅଭୟ ପଟ୍ଟନାୟକ, କୁଞ୍ଜ ବିହାରୀ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସିପିଆଇ ଜିଲା ସମ୍ପାଦକ ବିନୋଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଭ୍ରମରବର ସାହୁ, ସଞ୍ଜୟ ପରିଜା, ରବୀନ୍ଦ୍ରନାଥ ଜେନା, ସାନନ୍ଦ ସେଠୀ, ପ୍ରସନ୍ନ ମହାପାତ୍ର, ବଂଶୀଧର ସେଠୀ, ଜଗନ୍ନାଥ ମଲ୍ଲିକ, ସୁଧାଂଶୁ ଜେନା, ମଳୟ ପଣ୍ଡା, ଜିୟା ସରିଫ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିଅନ୍ତା,୨୩।୧୦(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ଖମଙ୍ଗ ଗ୍ରାମରେ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବାଲିଅନ୍ତା ପୋଲିସ ଜବତ କରିଛି। ସେ ହେଲେ ବିଶ୍ୱକର୍ମା ମଲ୍ଲିକ(୨୨)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବିଶ୍ୱକର୍ମାଙ୍କ ଘର ଫୁଲବାଣୀରେ ହୋଇଥିବାବେଳେ ସେ ଏଠାରେ ଥିବା ଏକ କୁକୁଡା ଫାର୍ମରେ କାମ କରୁଥିବା ଭାଇଙ୍କ ପାଖରେ ରହୁଥିଲେ। ଶନିବାର ରାତିରେ ସେ ଖାଇ ସାରି ଏକୁଟିଆ ଗୋଟେ ଘରେ ଶୋଇଥିଲେ। ସକାଳୁ ସେ କବାଟ ନ ଖୋଲିବାରୁ ତାଙ୍କ ଭାଇ ଝରକା ଫାଙ୍କ ବାଟେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ସହ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### କେତୁଗ୍ରସ୍ତ ସୂର୍ଯ୍ୟୋପରାଗ

## ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

**ପୁରୁଣା ଭୁବନେଶ୍ୱର,୨୩।୧୦(ଡି.ଏନ୍.ଏ.):** ଆସନ୍ତା ମଙ୍ଗଳବାର କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ସଙ୍ଗଠିତ ହେବା ନେଇ ଶ୍ରୀଲିଙ୍ଗରାଜଙ୍କ ପରାଗକାଳୀନ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ମଙ୍ଗଳବାର ଭୋର ୪ଟା ୫୫ରୁ ବୁଧବାର ସକାଳ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହିବ। ସୋମବାର ରାତ୍ର ୧୨ଟାରୁ ମନ୍ଦିର ଖୋଲାଯାଇ ମଙ୍ଗଳଆଳତି କରାଯାଇ ତତ୍ ପରବର୍ତ୍ତୀ ନୀତିଗୁଡିକ କ୍ରମାନ୍ୱୟରେ ସନ୍ଧ୍ୟାଧୂପ ନୀତି ପର୍ଯ୍ୟନ୍ତ ଭୋର ୪ଟା ୩୦ ସୁଦ୍ଧା ସମ୍ପନ୍ନ କରାଯିବ। ମଙ୍ଗଳବାର ପରାଗ ସ୍ପର୍ଶଠାରୁ ପୂର୍ଣ୍ଣମୋକ୍ଷ ସମୟ ମଧ୍ୟରେ ଅପରାହ୍ନ ୫ଟା ୩୦ରେ ଶ୍ରୀଲିଙ୍ଗରାଜ ପରାଗକାଳୀନ ସ୍ନାନ ନିମନ୍ତେ ବିନ୍ଦୁସାଗର ଯାତ୍ରା କରିବେ। ସେଠାରେ ସ୍ନାନ ନୀତି ଶେଷ କରି ମନ୍ଦିର ପ୍ରତ୍ୟାବର୍ତ୍ତନ ପରେ ମନ୍ଦିରରେ ପରାଗଭୋଗ କରାଯିବ। ବୁଧବାର ସୂର୍ଯ୍ୟୋଦୟ ପରେ ପୁରୋହିତ ଦୈନନ୍ଦିନ ନୀତି ପୂର୍ବଭଳି ସମ୍ପନ୍ନ କରିବେ।

# ଜେଲରେ ଜଗବନ୍ଧୁଙ୍କୁ ଦେଖି କାନ୍ଦିଲେ ଅର୍ଚ୍ଚନା



**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ବଡ଼ବଡ଼ିଆ, ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ହନିଟ୍ରାପ୍‌ର ମାୟାଜାଲରେ ଫସାଇ ବିପୁଳ ଅର୍ଥ ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଦିନ କାଟୁଛନ୍ତି ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ। ତେବେ ଉଭୟ ଦମ୍ପତି ଜେଲ ମାନୁଆଲ ଅନୁଯାୟୀ ରବିବାର ଝାରପଡ଼ା କାରାଗାରରେ ୧୫ ମିନିଟ୍ ଦେଖାସାକ୍ଷାତ୍ ହୋଇଛନ୍ତି। ଜେଲରଙ୍କ ଉପସ୍ଥିତିରେ ଉଭୟ ଭେଟ ହୋଇ ୧୫ ମିନିଟ୍ କଥା ହୋଇଛନ୍ତି। ଏହି ସମୟରେ ଜଗବନ୍ଧୁଙ୍କୁ ଦେଖି ଅର୍ଚ୍ଚନା କାନ୍ଦି ପକାଇଥିଲେ ବୋଲି ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟ, ମାନସିକ ଅବସ୍ଥା ଆଦି କେମିତି ଅଛି ଅର୍ଚ୍ଚନାଙ୍କୁ ସ୍ୱାମୀ ଜଗବନ୍ଧୁ ପଚାରି ବୁଝିଛନ୍ତି। ଏହି ଦେଖାସାକ୍ଷାତ୍ ସମୟରେ ଜଗବନ୍ଧୁ ଅର୍ଚ୍ଚନାଙ୍କୁ ଆଶ୍ୱାସନା ଦେବା ସହ ସବୁ ଠିକ୍ ହୋଇଯିବ ବୋଲି ବୁଝାଇଥିଲେ। ଅନ୍ୟପକ୍ଷରେ ଗତବର୍ଷ ଧନ୍‌ତେରସ ଦିନରେ ବହୁ ଅଳଙ୍କାର କିଣିବା ସହିତ ଉଭୟ ଯେପରି ମହା ଆଡ଼ମ୍ବରରେ ପାଳନ କରିଥିଲେ, ସେହିଦିନକୁ ମନେ ପକାଇଥିବା ଜଣାପଡ଼ିଛି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କର ବହୁ ଫଟୋ ଭାଇରାଲ ହୋଇଥିଲା। ଏକାଧିକ ଫଟୋରେ ଉଭୟ ବହୁ ଟଙ୍କାର ଦାମୀ ଅଳଙ୍କାର ପିନ୍ଧିଥିଲେ। ସେପଟେ ଆର୍‌ବିଆଇ ପକ୍ଷରୁ କମିଶନରେଟ

### ୧୫ ମିନିଟ୍ କଥା ହେଲେ

ପୋଲିସକୁ ଦିଆଯାଇଥିବା ବ୍ୟାଙ୍କ ତଥ୍ୟରେ ଏକ ବଡ଼ କଥା ସାମ୍ନାକୁ ଆସିଛି। ଅର୍ଚ୍ଚନାଙ୍କ ଆକାଉଣ୍ଟକୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଜଣେ ବିଲ୍ଡରଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଯାଇଥିବା ଜଣାପଡ଼ିଛି। ଏପରିକି ଏକାଧିକ ବ୍ୟକ୍ତିଙ୍କ ସହ ଅର୍ଚ୍ଚନାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ନିକଟରେ ଲକ୍ଷାଧିକ ଟଙ୍କା ନେଣଦେଣ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଉକ୍ତ ବ୍ୟକ୍ତିମାନଙ୍କୁ ଜେରା କରିବାକୁ ପ୍ରୟାସ ଆରମ୍ଭ କରିଛି। ଆର୍ଥିକ କାରବାର ହୋଇଥିବା ୫ରୁ ଅଧିକ ଲୋକଙ୍କୁ ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରୂପସା



@ ସ୍ୱାଗତିକା



@ ଲକ୍ଷ୍ମଣ



@ ଅଭିଲାଷ



@ ସରୋଜ



@ ସୁଦୀପ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



କାଳୀପୂଜା ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ପୁରୀର ବିଶ୍ୱରୂପା ପଟ୍ଟନାୟକ ଚିତ୍ରକଳାରେ ଦୀପାବଳିର ଶୁଭେଚ୍ଛା ବାର୍ତ୍ତା ଜଣାଉଛନ୍ତି।




ଦୀପାବଳିରେ ମାଟିଦୀପ ଓ ଦେଶୀ ସଳିତାରେ ଦେଶ ପ୍ରେମ ଦୀପ ଜାଳିବାର ବାର୍ତ୍ତା ନେଇ ଏବିଭିପି ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦୀପଦାନ।

ବ୍ରିଟେନ ମହାନ୍ ଦେଶ। ମୁଁ ଏହାର ଅର୍ଥନୀତିକୁ ସଜାଡ଼ିବାକୁ ଚାହେଁ। ବର୍ତ୍ତମାନ ଆମ ସାମ୍ନାରେ ଅନେକ ବଡ଼ ଚ୍ୟାଲେଞ୍ଜ ରହିଛି। କିନ୍ତୁ ସୁଯୋଗଗୁଡ଼ିକୁ କାର୍ଯ୍ୟରେ ଲଗାଇପାରିଲେ ସେସବୁର ସମାଧାନ ସମ୍ଭବ। ପୂର୍ବରୁ ଉତ୍ତମ ପ୍ରଦର୍ଶନ ନେଇ ମୋର ଟ୍ରାକ୍ ରେକର୍ଡ ରହିଛି। ୨୦୧୯ ନିର୍ବାଚନ ବେଳେ କଞ୍ଜରଭେଟିଭ୍ ପାର୍ଟି ଇସ୍ତାହାରରେ ଉଲ୍ଲେଖ କରାଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରିବି। -ଋଷି ସୁନକ, ବ୍ରିଟେନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ



## ସଂକ୍ଷେପରେ

### ଆସନ୍ତା ମାସରେ ଆସିବେ କ୍ରାଉନ୍ ପ୍ରିନ୍ସ

**ନୂଆଦିଲ୍ଲୀ,୨୩।୧୦:** ସାଉଦି ଆରବ ପ୍ରଧାନମନ୍ତ୍ରୀ ତଥା କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଆସନ୍ତା ମାସରେ ଭାରତ ଆସିବା



କାର୍ଯ୍ୟକ୍ରମ ରହିଛି। ଇଣ୍ଡୋନେସିଆର ବାଲିରେ ଜି୨୦ ସମ୍ମିଳନୀରେ ସାଉଦି କ୍ରାଉନ୍ ପ୍ରିନ୍ସ ଯୋଗଦେବାକୁ ଥିବାବେଳେ ଏହି ଅବସରରେ ସେ ଭାରତ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ସେ ନୂଆଦିଲ୍ଲୀ ଆସିବାକୁ ଥିବାବେଳେ ତାଙ୍କ ଗସ୍ତ ଗୋଟିଏ ଦିନର ହୋଇପାରେ। ଗତ ସପ୍ତାହରେ ସାଉଦି ଶକ୍ତିମନ୍ତ୍ରୀ ଅବଦୁଲଜିଜ୍ ବିନ୍ ସଲ୍‌ମାନ ଭାରତ ଗସ୍ତରେ ଆସିଥିଲେ।

### ଆଖି ହରାଇଲେ ସଲମାନ୍ ରଶ୍‌ଡି

**ମାଦ୍ରିଦ୍, ୨୩।୧୦:** ପ୍ରାୟ ଦୁଇ ମାସ ତଳେ ନ୍ୟୁୟର୍କରେ ଆକ୍ରମଣର ଶିକାର ହୋଇ ଚିକିତ୍ସାଧୀନ ଥିବା 'ଦ ସାଟାନିକ୍ ଭର୍ସେସ୍'ର ଲେଖକ ୭୫



ବର୍ଷୀୟ ସଲମାନ୍ ରଶ୍‌ଡି ଗୋଟିଏ ଆଖି ହରାଇଛନ୍ତି। ଏଥିସହ ତାଙ୍କର ଏକ ହାତ ମଧ୍ୟ ଅଚଳ ହୋଇଯାଇଥିବା ରଶ୍‌ଡିଙ୍କ ଏଜେଣ୍ଟ ସୂଚନା ଦେଇଛନ୍ତି। ୧୯୮୦ ଦଶକରୁ ତାଙ୍କ ଉପନ୍ୟାସ ପାଇଁ ଇରାନ୍‌ରୁ ବାରମ୍ବାର ହତ୍ୟା ଧମକ ପାଇଆସୁଥିବା ରଶ୍‌ଡି ଗତ ଅଗଷ୍ଟ ୧୨ରେ ନ୍ୟୁୟର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସେ ବକ୍ତବ୍ୟ ରଖିବାବେଳେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ୨୪ ବର୍ଷୀୟ ହାଦି ମାତର୍ ତାଙ୍କ ତଣ୍ଟି ଏବଂ ଛାତିରେ ଛୁରି ଭୁସି ହତ୍ୟା ଉଦ୍ୟମ କରିଥିଲେ। ହାଦି ମାତର୍‌ଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ତେବେ ରଶ୍‌ଡି ଏବେ ହସ୍ପିଟାଲରେ ଅଛନ୍ତି ନା ନାହିଁ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

### ୯ କୁଳପତିଙ୍କୁ ଇସ୍ତଫା ନିର୍ଦ୍ଦେଶ ଦେଲେ କେରଳ ରାଜ୍ୟପାଳ

**ଥିରୁଭାନନ୍ତପୁରମ୍,୨୩।୧୦:** ଏକ ଅଭୂତପୂର୍ବ ଘଟଣାକ୍ରମେ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ରାଜ୍ୟର ସମସ୍ତ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବା ଲାଗି ରବିବାର ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ସୋମବାର ମଧ୍ୟାହ୍ନ ସୁଦ୍ଧା ଇସ୍ତଫା ଦେବା ଲାଗି କୁହାଯାଇଛି। କୁଳପତି ଚୟନରେ ଅନିୟମିତତା ଅଭିଯୋଗ ହୋଇଥିଲା। କେରଳ ଟେକ୍‌ନିକାଲ ୟୁନିଭର୍ସିଟିର କୁଳପତିଙ୍କୁ ଇସ୍ତଫା ଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ କାଲିକଟ୍ ୟୁନିଭର୍ସିଟି, ସଂସ୍କୃତ ବିଶ୍ୱବିଦ୍ୟାଳୟ, କେଟିୟୁ, ସିୟୁଏସ୍‌ଏଟି, ଫିସେରିଜ୍, ମାଲାୟାଲମ୍, ଏମ୍‌ଜି, କନ୍ନୁର ଏବଂ ମେଡିକାଲ ୟୁନିଭର୍ସିଟିର କୁଳପତିଙ୍କୁ ଇସ୍ତଫା ଦେବାକୁ ରାଜ୍ୟପାଳ କହିଛନ୍ତି। ପ୍ୟାନେଲରେ ନାମ ନ ଥାଇ ୫ ବିଶ୍ୱବିଦ୍ୟାଳୟର କୁଳପତି ରାଜନୈତିକ ପ୍ରଭାବ ବଳରେ ଚୟନ ହୋଇଥିଲେ। ଅନ୍ୟ ୪ ଜଣଙ୍କ ଚୟନ ବେଳେ ସିଲେକ୍ସନ କମିଟିରେ ବିଶେଷଜ୍ଞ ନ ଥିଲେ ବୋଲି ରାଜଭବନ ପକ୍ଷରୁ କୁହାଯାଇଛି। ରାଜ୍ୟପାଳଙ୍କ ପଦକ୍ଷେପ ସମ୍ବିଧାନ ବିରୋଧୀ। ରାଜ୍ୟ ସରକାର ଏହାର ବିରୋଧ କରନ୍ତୁ ବୋଲି ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଏମ୍.ଭି. ଗୋବିନ୍ଦନ କହିଛନ୍ତି।



# ଋଷି ବନାମ କିଏ

## ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ପାଇଁ ନାମାଙ୍କନ ଆଜି

**ଲଣ୍ଡନ,୨୩।୧୦**

କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ରବିବାର ଦ୍ୱିତୀୟ ଥର ପାଇଁ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ବ୍ରିଟେନ ଏକ ମହାନ୍ ଦେଶ କିନ୍ତୁ ଆମେ ଏକ ବୃହତ୍ ଆର୍ଥିକ ସଙ୍କଟକୁ ସାମ୍ନା କରୁଛୁ। ମୁଁ ଦେଶର ଅର୍ଥନୀତିକୁ ସଜାଡ଼ିବାକୁ ଚାହେଁ। ଦଳକୁ ଏକାଠି କରି ଦେଶବାସୀଙ୍କ ସେବା କରିବାକୁ ଆଗ୍ରହୀ ବୋଲି ଋଷି ଟୁଇଟ୍ କରିଛନ୍ତି। ଏହି ଅବସରରେ ସେ କୋଭିଡ୍-୧୯ ମହାମାରୀ ଭଳି କଠିନ ସମୟରେ ଚାନ୍ସେଲର ଥିବାବେଳେ ଦେଶର ଅର୍ଥନୀତିକୁ କିପରି ପରିଚାଳନା କରିଥିଲେ ସେନେଇ ନିଜ ଟ୍ରାକ୍ ରେକର୍ଡ ସହ ଭିଜନ୍ ଷ୍ଟେଟ୍‌ମେଣ୍ଟ ଉପସ୍ଥାପନ କରିଛନ୍ତି। ଋଷିଙ୍କ ସପକ୍ଷରେ ଶାସକ ଦଳର ସର୍ବାଧିକ ଏମ୍‌ପି ଥିବାରୁ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ ପରାଜିତ କରି ପ୍ରଥମ ଭାରତୀୟ ବଂଶୋଦ୍ଭବ ରୂପେ ବ୍ରିଟେନକୁ ଶାସନ କରିପାରନ୍ତି ବୋଲି କୁହାଯାଉଛି। କିନ୍ତୁ ବୋରିସ୍ ଏଯାଏ ନିଜେ ପ୍ରାର୍ଥୀ ହେବା ସମ୍ପର୍କରେ ଘୋଷଣା କରିନାହାନ୍ତି। ହାଉସ୍ ଅଫ୍ କମନ୍ସର ୪୯ ବର୍ଷୀୟା ଲିଡର ପେନି ମୋର୍ଡାଣ୍ଟ ଏହି ଦୌଡ଼ରେ ସାମିଲ ହେବା ନେଇ ପ୍ରଥମେ ଘୋଷଣା କରିଥିଲେ ହେଁ ଏମ୍‌ପିଙ୍କ ସମର୍ଥନ ହାସଲ ଦୃଷ୍ଟିରୁ ସେ ତୃତୀୟ ସ୍ଥାନରେ ରହିଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ୪୨ ବର୍ଷୀୟ ଜ୍ୱାଇଁ ଋଷି ସୁନକ ୧୨୮ ଏମ୍‌ପିଙ୍କ ସମର୍ଥନ ହାସଲ କରି ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ନିଜକୁ ସାମିଲ କରିଛନ୍ତି। କ୍ଷମତା ଭାଗବଣ୍ଟା ନେଇ ଋଷି ଓ ବୋରିସ୍‌ଙ୍କ ମଧ୍ୟରେ ଡିଲ୍ ପାଇଁ ଶନିବାର ଆଲୋଚନା ହୋଇଥିଲା। ଏନେଇ ଋଷିଙ୍କ ସମର୍ଥକ ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଡୋମିନିକ୍ ରାବ କହିଛନ୍ତି, କଞ୍ଜରଭେଟିଭ୍ ପାର୍ଟିର ଏକତା ବଜାୟ ରଖିବା ସକାଶେ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଛି। ଋଷିଙ୍କ ପ୍ରତି ସମର୍ଥନ ବଢ଼ିଚାଲିଥିବାରୁ ସେ ମଜଭୁତ ସ୍ଥିତିରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପାଇଁ ଜଣଙ୍କୁ ୧୦୦ ଏମ୍‌ପିଙ୍କ ସମର୍ଥନ ଲୋଡ଼ା। ସୋମବାର ସ୍ଥାନୀୟ ସମୟ ଅପରାହ୍ନ ୨ଟା ସୁଦ୍ଧା କଞ୍ଜରଭେଟିଭ୍ ପାର୍ଟିର ୧୦୦ ଏମ୍‌ପିଙ୍କ ସ୍ୱାକ୍ଷର ସମ୍ବଳିତ ସମର୍ଥନପତ୍ର ସହ ଜଣେ ପ୍ରାର୍ଥୀ ନିଜ ନାମାଙ୍କନ ଦାଖଲ କରିପାରିବେ। ଯଦି କୌଣସି ପ୍ରାର୍ଥୀ ୧୫୬ରୁ ଊର୍ଦ୍ଧ୍ୱ ଏମ୍‌ପିଙ୍କ ସମର୍ଥନ ହାସଲ କରନ୍ତି ତେବେ ପ୍ରତିଦ୍ୱନ୍ଦ୍ୱିତା ସ୍ୱତଃ ୨ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସୀମିତ ହୋଇଯିବ। କାରଣ ୬୫୦ ସଦସ୍ୟ ବିଶିଷ୍ଟ ହାଉସ୍ ଅଫ୍ କମନ୍ସରେ କଞ୍ଜରଭେଟିଭ୍ ପାର୍ଟିର ମୋଟ ଏମ୍‌ପିଙ୍କ ସଂଖ୍ୟା ହେଉଛି ୩୫୭। କିନ୍ତୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଲେ ସୋମବାର ଏମ୍‌ପିମାନେ ବାଲଟ ଜରିଆରେ ଚୂଡ଼ାନ୍ତ ଦୁଇ ପ୍ରାର୍ଥୀଙ୍କୁ ବାଛିବେ। ଏପରି ହେଲେ ଆସନ୍ତା ଶୁକ୍ରବାର ସୁଦ୍ଧା ପ୍ରାୟ ୧,୭୦,୦୦୦ ଟୋରି ସଦସ୍ୟ ନୂଆ ନେତାଙ୍କୁ ଅନ୍‌ଲାଇନ୍ ଭୋଟିଂ ଜରିଆରେ ଚୟନ କରିବେ। ଯଦି ଦଳ ଆପୋସ ଆଲୋଚନା ଜରିଆରେ ଏକାଠି ହୋଇ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଯାଏ ତେବେ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ରିଟେନ ଜଣେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ପାଇବ। ପ୍ରକାଶ ଯେ, ବୋରିସ୍‌ଙ୍କ ଇସ୍ତଫା ପରେ ତାଙ୍କ ଉତ୍ତରାଧିକାରୀ ନିର୍ବାଚନ ଲାଗି ହୋଇଥିବା ଭୋଟର ଫଳାଫଳ ଗତ ସେପ୍ଟେମ୍ବର ୫ରେ ଆସିଥିଲା। ତତ୍କାଳୀନ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍‌ଙ୍କୁ ୮୧,୩୨୬ ଖଣ୍ଡ ଭୋଟ ମିଳିଥିବାବେଳେ ସୁନକଙ୍କ ସପକ୍ଷରେ ୬୦,୩୯୯ ଭୋଟ ପଡ଼ିଥିଲା। ପୁନର୍ବାର କ୍ଷମତାକୁ ଫେରିବାକୁ ଚାହୁଁଥିବା ବୋରିସ୍ ଏହି ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରିଛନ୍ତି କି ନାହିଁ ସେନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି।


ବୋରିସ୍ ଜନ୍‌ସନ୍


ପେନି ମୋର୍ଡାଣ୍ଟ

### ଦ୍ୱିମୁଖୀ ନା ତ୍ରିମୁଖୀ

- ➡ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପାଇଁ ଜଣଙ୍କୁ ୧୦୦ କଞ୍ଜରଭେଟିଭ୍ ଏମ୍‌ପିଙ୍କ ସମର୍ଥନ ଲୋଡ଼ା
- ➡୧୨୮ ଏମ୍‌ପିଙ୍କ ସମର୍ଥନ ସହ ଦୌଡ଼ରେ ସାମିଲ ହେଲେ ଋଷି
- ➡କୌଣସି ପ୍ରାର୍ଥୀ ୧୫୬ରୁ ଊର୍ଦ୍ଧ୍ୱ ଏମ୍‌ପିଙ୍କ ସମର୍ଥନ ହାସଲ କଲେ ୨ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା
- ➡ବୋରିସ୍ ଓ ମୋର୍ଡାଣ୍ଟଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ହେଲେ ଶୁକ୍ରବାର ସୁଦ୍ଧା ଅନ୍‌ଲାଇନ୍ ଭୋଟିଂ
- ➡ଉଭୟେ ପ୍ରାର୍ଥୀ ହେଲେ ତ୍ରିମୁଖୀ ଲଢ଼େଇ

## କାହା ସପକ୍ଷରେ କିଏ

ଗତମାସରେ କଞ୍ଜରଭେଟିଭ୍ ପାର୍ଟିର ନେତା ନିର୍ବାଚନ ବେଳେ ଭାରତୀୟ ବଂଶୋଦ୍ଭବ ସୁଏଲା ବ୍ରାଭରମ୍ୟାନ୍ ଲିଜ୍ ଟ୍ରସ୍‌ଙ୍କୁ ସମର୍ଥନ କରିଥିଲେ। ଟ୍ରସ୍ ଜିତି ପ୍ରଧାନମନ୍ତ୍ରୀ ହେବା ପରେ ବ୍ରାଭରମ୍ୟାନ୍‌ଙ୍କୁ ଗୃହମନ୍ତ୍ରୀ ନିଯୁକ୍ତ କରିଥିଲେ। ନିକଟରେ ଟ୍ରସ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିବା ବ୍ରାଭରମ୍ୟାନ୍ ଏବେ ଋଷି ସୁନକଙ୍କୁ ନିଜ ସମର୍ଥନ ଜଣାଇଛନ୍ତି। ସେହିପରି ପାକିସ୍ତାନ ବଂଶୋଦ୍ଭବ କଞ୍ଜରଭେଟିଭ୍ ଏମ୍‌ପିମାନେ ମଧ୍ୟ ଋଷିଙ୍କୁ ସମର୍ଥନ ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବରୁ ହୋମ୍ ସେକ୍ରେଟାରି ତଥା ଚାନ୍ସେଲର ଭାବେ କାର୍ଯ୍ୟ କରିଥିବା ସାଜିଦ୍ ଜାଭିଦ୍ ଏବଂ ପୂର୍ବତନ ଜୁନିୟର ମିନିଷ୍ଟର ରେହମାନ ଚିସ୍ତି ଅଛନ୍ତି। ପୂର୍ବରୁ ଲିଜ୍ ଟ୍ରସ୍‌ଙ୍କୁ ସମର୍ଥନ କରିଥିବା ଟ୍ରେଡ୍ ସେକ୍ରେଟାରି କେମି ବେଡ୍‌ନୋକ୍ ଏବଂ ସୁରକ୍ଷା ମନ୍ତ୍ରୀ ଟମ୍ ଟୁଗେଣ୍ଡହଟ୍ ଏଥର ଋଷିଙ୍କ ସପକ୍ଷରେ ବାହାରିଛନ୍ତି। ଅନ୍ୟପକ୍ଷେ ଜଣାଶୁଣା ଭାରତୀୟ ବଂଶୋଦ୍ଭବ ଏମ୍‌ପିମାନେ ବୋରିସ୍‌ଙ୍କ ସପକ୍ଷରେ ରହିବା ନେଇ ଘୋଷଣା କରିଛନ୍ତି। ବୋରିସ୍‌ଙ୍କ ସପକ୍ଷବାଦୀ ଏହି ଏମ୍‌ପିମାନେ ହେଲେ ପୂର୍ବତନ ଗୃହମନ୍ତ୍ରୀ ପ୍ରୀତି ପଟେଲ, ଦୁଇଥର କ୍ୟାବିନେଟ ମନ୍ତ୍ରୀ ହୋଇଥିବା ଆଲୋକ ଶର୍ମା, ସର୍ବାଧିକ ସମୟ ଧରି ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିବା ଶୈଳେଶ ଭରା। ବିଜ୍‌ନେସ ସେକ୍ରେଟାରି ଜାକୋବ୍ ରିସ୍‌ମୋଗ୍ କହିଛନ୍ତି, ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ନେତୃତ୍ୱକୁ ସମର୍ଥନ କରିବେ।

# ଦୀପୋତ୍ସବ ପାଳିଲେ ମୋଦି

### ରାମଙ୍କ ବିଚାରଧାରା 'ସବ୍‌କା ସାଥ୍, ସବ୍‌କା ବିକାଶ' ପାଇଁ ଅନୁପ୍ରାଣିତ କରିଛି

**ଅଯୋଧ୍ୟା,୨୩।୧୦**



ଭଗବାନ୍ ରାମଚନ୍ଦ୍ରଙ୍କ ଉପଦେଶ ଓ ବିଚାରଧାରା 'ସବ୍‌କା ସାଥ୍ ଓ ସବ୍‌କା ବିକାଶ' ପାଇଁ ଅନୁପ୍ରାଣିତ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ପହଞ୍ଚି ଦୀପାବଳି ଉତ୍ସବ ପାଳନରେ ସାମିଲ ହୋଇଥିଲେ। ସେ ରାମମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ସରଯୂ ନଦୀ କୂଳରେ ଆଳତି କରିଥିଲେ। ପରେ ସେ ଦୀପୋତ୍ସବ ପାଳନର ଶୁଭାରମ୍ଭ କରିବା ସହ ନିଜେ ମାଟିଦୀପ ଜାଳିଥିଲେ। ଦୀପୋତ୍ସବରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଦୀପ ଜଳାଯିବାର ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ସେଠାରେ ୫ଟି ଆନିମେଟେଡ୍ ଏବଂ ୧୧ଟି ରାମଲୀଳା ପ୍ରଜ୍ଞାପନ ମେଢ଼ ଜରିଆରେ ବିଭିନ୍ନ ରାଜ୍ୟର ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସରଯୂ କୂଳରେ ଥିବା ରାମ କୀ ପୌଡ଼ିରେ ଆୟୋଜିତ ୩ଡି ହୋଲୋଗ୍ରାଫିକ୍ ପ୍ରୋଜେକ୍ସନ ମ୍ୟାପ୍ ଓ ମ୍ୟୁଜିକାଲ ଲେଜର ଶୋ'କୁ ପ୍ରଧାନମନ୍ତ୍ରୀ ଉପଭୋଗ କରିଥିଲେ।



ଏହି ଅବସରରେ ରାମ କଥା ପାର୍କରେ ଜନସମାବେଶକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭଗବାନ୍ ରାମଙ୍କ କୃପାରୁ ସେ ତାଙ୍କର ଦର୍ଶନ ଲାଭର ସୁଯୋଗ ପାଇଛନ୍ତି। କେବଳ ଅଯୋଧ୍ୟା କି ଉତ୍ତରପ୍ରଦେଶ ନୁହେଁ, ସାରା ବିଶ୍ୱ ଏହି ଉତ୍ସବକୁ ଦେଖୁଛି। ସ୍ୱାଧୀନତା ଅମୃତ ମହୋତ୍ସବ ପାଳନ ଅବସରରେ ଦେଶକୁ ନୂଆ ଉଚ୍ଚତାକୁ ନେଇଯିବା ଲାଗି ଭାଗବାନ୍ ରାମଙ୍କ ଭଳି ସଂକଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାମଙ୍କ ଆଦର୍ଶ ଲୋକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ଆଗାମୀ ୨୫ ବର୍ଷ ନିମନ୍ତେ ଭାରତର ବିକାଶ ଲାଗି ଅନୁପ୍ରାଣିତ କରିବ ଏବଂ ସବୁଠୁ କଠିନ ଲକ୍ଷ୍ୟ ହାସଲ ଲାଗି ସାହସ ଯୋଗାଇବ ବୋଲି ମୋଦି କହିଛନ୍ତି। ଏହି ଉତ୍ସବରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୀପ ଜାଳିବା କାର୍ଯ୍ୟରେ ୨୨ ହଜାର ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବାବେଳେ ସୁରକ୍ଷା ଦାୟିତ୍ୱରେ ୪,୦୦୦ ପୋଲିସ ରହିଛନ୍ତି।

### ରାଜୀବ ଗାନ୍ଧୀ ଫାଉଣ୍ଡେଶନ୍‌ର ଏଫ୍‌ସିଆର୍‌ଏ ଲାଇସେନ୍ସ ବାତିଲ

**ନୂଆଦିଲ୍ଲୀ,୨୩।୧୦**

କେନ୍ଦ୍ର ସରକାର ଶନିବାର ରାଜୀବ ଗାନ୍ଧୀ ଫାଉଣ୍ଡେଶନ (ଆର୍‌ଜିଏଫ୍) ଏବଂ ରାଜୀବ ଗାନ୍ଧୀ ଚ୍ୟାରିଟେବଲ୍ ଟ୍ରଷ୍ଟ (ଆର୍‌ଜିସିଟି)ର ବିଦେଶ ଅନୁଦାନ ନିୟନ୍ତ୍ରଣ ଆଇନ (ଏଫ୍‌ସିଆର୍‌ଏ) ଲାଇସେନ୍ସ ବାତିଲ କରିଦେଇଛନ୍ତି। ବିଦେଶ ଅନୁଦାନ ଆଇନର ଉଲ୍ଲଂଘନ ଅଭିଯୋଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ଦୁଇ ଏନ୍‌ଜିଓର ମୁଖ୍ୟ ରହିଛନ୍ତି। ଉକ୍ତ ଏନ୍‌ଜିଓ ଉପରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ୨୦୨୦ ଜୁଲାଇରେ ମନ୍ତ୍ରଣାଳୟ ଏକ କମିଟି ଗଠନ କରିଥିଲା। ଆୟକର ରିଟର୍ନ ଦାଖଲ ବେଳେ ଦସ୍ତାବିଜ୍‌ରେ ଜାଲିଆତି, ବିଦେଶରୁ ଆସିଥିବା ପାଣ୍ଠିର ଦୁରୁପଯୋଗ ଏବଂ ମନିଲଣ୍ଡରିଂ ହୋଇଥିବା ତଦନ୍ତକାରୀମାନେ ଜାଣିବାକୁ ପାଇଥିଲେ। ଏହି ରିପୋର୍ଟ ଆଧାରରେ ଲାଇସେନ୍ସ ବାତିଲ ନିଷ୍ପତ୍ତି ନିଆଯାଇଛି। ୧୯୯୧ରେ ସ୍ଥାପିତ ଆର୍‌ଜିଏଫ୍‌ର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରହିଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହାର ଟ୍ରଷ୍ଟି ଅଛନ୍ତି। ଗାନ୍ଧୀ ପରିବାର ଓ ସେମାନଙ୍କ ନିୟନ୍ତ୍ରଣରେ ଥିବା ସଂଗଠନଗୁଡ଼ିକ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି। ଆର୍‌ଜିଏଫ୍ ବିବାଦୀୟ ଇସ୍‌ଲାମୀୟ ଧର୍ମୋପଦେଶକ ଜାକିର ନାଏକ, ଚାଇନା ଦୂତାବାସ ଓ ଚାଇନା ସରକାର ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କଠାରୁ ଚାନ୍ଦା ସଂଗ୍ରହ କରୁଥିଲା ବୋଲି ଭାଜପା ମୁଖପାତ୍ର କହିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସଙ୍କୁ ବାନ୍ଧି ଗଣବଳାତ୍କାର

**ରାୟପୁର,୨୩।୧୦**

ଛତିଶଗଡ଼ର ମହେନ୍ଦ୍ରଗଡ଼ ଜିଲାର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନର୍ସଙ୍କ ହାତଗୋଡ଼ ବାନ୍ଧି ତାଙ୍କୁ ଗଣବଳାତ୍କାର କରାଯାଇଛି। ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ଚତୁର୍ଥ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନେ ନର୍ସଙ୍କୁ ଗଣବଳାତ୍କାର କରିବା ସହ ଏହାର ଭିଡିଓ ରେକର୍ଡିଂ କରାଇଥିଲେ। ପୋଲିସ୍‌କୁ ଜଣାଇଲେ ମାରିଦେବେ ବୋଲି ସେମାନେ ପୀଡ଼ିତାଙ୍କୁ ଧମକ ଦେଇଥିଲେ। ଅଭିଯୋଗ ଅନୁଯାୟୀ ଜିଲାର ଛିପଛିପି ଗ୍ରାମରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଶୁକ୍ରବାର ଅପରାହ୍ନରେ ନର୍ସ ଜଣକ ଏକାକୀ ଥିବାବେଳେ ଅଭିଯୁକ୍ତମାନେ ସେଠାରେ ପ୍ରବେଶ କରି ତାଙ୍କ ହାତଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ଏହି ଘଟଣାକୁ ବିରୋଧ କରି ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ଭୂପେଶ ବଘେଲ ସରକାର ବିରୋଧରେ ବିକ୍ଷୋଭ କରିଛି। ଗ୍ରାମାଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେମାନେ ଛତିଶଗଡ଼ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ଅନୁମତି ଲୋଡ଼ିଲେ ପୀଡ଼ିତା

**ପିଲିଭିଟ୍,୨୩।୧୦**

ସାବତ ପୁଅ ଏବଂ ସ୍ୱାମୀଙ୍କ ସାଙ୍ଗମାନଙ୍କ ଦ୍ୱାରା ଦୀର୍ଘମାସ ଧରି ବଳାତ୍କାର ହୋଇଥିବା ଉତ୍ତରପ୍ରଦେଶ ପିଲିଭିଟ୍ ଅଞ୍ଚଳର ଜଣେ ମହିଳା ଇଚ୍ଛାମୃତ୍ୟୁ ଅନୁମତି ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁରାଣପୁର କୋଟ୍‌ୱାଲି ପୋଲିସ ଗତ ୯ ତାରିଖରେ ମହିଳାଙ୍କ ସ୍ୱାମୀ, ସାବତ ପୁଅଙ୍କ ସମେତ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ ମଧ୍ୟ ଜାଣିଶୁଣି କୌଣସି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ଆଶା ହରାଇଥିବା ୩୦ ବର୍ଷୀୟ ପୀଡ଼ିତା ଜଣକ ରାଷ୍ଟ୍ରପତିଙ୍କୁ ଲେଖିଥିବା ପତ୍ରରେ ଜଣାଇଛନ୍ତି। ଅପରାଧ ସମ୍ପର୍କରେ ମୁହଁ ଖୋଲିଲେ ହତ୍ୟା କରାଯିବ ବୋଲି ତାଙ୍କୁ ବାରମ୍ବାର ଧମକ ଦିଆଯାଉଛି। ସେଥିପାଇଁ ସେ ଇଚ୍ଛା ମୃତ୍ୟୁ ନିମନ୍ତେ ରାଷ୍ଟ୍ରପତିଙ୍କ ଅନୁମତି ଚାହିଁଥିବା ଲେଖିଛନ୍ତି।

### ମହିଳାଙ୍କୁ ଚାପୁଡ଼ା ମାରି କ୍ଷମା ମାଗିଲେ ମନ୍ତ୍ରୀ

**ଚାମରାଜନଗର,୨୩।୧୦:** ଜଣେ ମହିଳାଙ୍କୁ ଚାପୁଡ଼ା ମାରିଥିବା କର୍ଣାଟକର ଗୃହନିର୍ମାଣ ଓ ଭିତ୍ତିଭୂମି ମନ୍ତ୍ରୀ ଭି. ସୋମନ୍ନା ରବିବାର କ୍ଷମା ମାଗିଛନ୍ତି। ସରକାରୀ ଜମିରେ ବସବାସ କରୁଥିବା ଭୂମିହୀନଙ୍କୁ ମନ୍ତ୍ରୀ ସୋମନ୍ନା ଏକ କାର୍ଯ୍ୟକ୍ରମରେ ଜମି ପଟ୍ଟା ବାଣ୍ଟୁଥିବାବେଳେ ମହିଳା ଜଣଙ୍କ ନିଜ ପାଇଁ ଏକ ପଟ୍ଟା ନିମନ୍ତେ ମନ୍ତ୍ରୀଙ୍କୁ ଗୁହାରି କରିଥିଲେ। ଲୋକଙ୍କ ଗହଳି ଭିତରେ ବିରକ୍ତ ହୋଇଯାଇଥିବା ସୋମନ୍ନା ରାଗିଯାଇ ମହିଳାଙ୍କୁ ଚାପୁଡ଼ା ମାରିଥିବା ଦେଖାଯାଇଥିଲା। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରାଜନୈତିକ ମହଲରେ ନିନ୍ଦା କରାଯାଇଛି।


ଭି. ସୋମନ୍ନା

# ପାର୍ଟି କର୍ମକର୍ତ୍ତାରୁ ସର୍ବାଧିକ କ୍ଷମତାଶାଳୀ

ଶି ଜିନ୍‌ପିଙ୍ଗ୍



**୧୯୫୩** ଜୁନ୍ ୧୫ରେ ବେଜିଂରେ ଜନ୍ମିତ ଶି ଜିନ୍‌ପିଙ୍ଗ୍ ହେଉଛନ୍ତି କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ତଥା ୧୯୪୯ରେ କମ୍ୟୁନିଷ୍ଟ ପାର୍ଟିକୁ ଶାସନକୁ ଆଣିଥିବା ଗୃହଯୁଦ୍ଧବେଳର ଗେରିଲା କମାଣ୍ଡର ଶି ଜୋଙ୍ଗ୍‌ଶୁନ୍‌ଙ୍କ ପୁଅ।

**୧୯୬୯-୧୯୭୫:** ଚାଇନାରେ ସାଂସ୍କୃତିକ ବିପ୍ଳବ ସମୟରେ ତଥା ତତ୍କାଳୀନ ନେତା ମାଓ ଜେଡୋଙ୍ଗ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସାମାଜିକ ସଂସ୍କାର ବେଳେ ଜିନ୍‌ପିଙ୍ଗ୍ ୧୫ ବର୍ଷର ହୋଇଥିଲେ। ସେହି ସମୟରେ ସେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ମଧ୍ୟରେ ଜୀବନ ବିତାଇଥିଲେ।

**୧୯୭୫-୧୯୭୯:** ଶିଙ୍ଗ୍‌ହୁଆ ୟୁନିଭର୍ସିଟିରେ କେମିକାଲ ଇଞ୍ଜିନିୟରିଂ ପଢ଼ିବା ନିମନ୍ତେ ଜିନ୍‌ପିଙ୍ଗ୍ ବେଜିଂକୁ ଫେରିଥିଲେ।

**୧୯୭୯-୧୯୮୨:** ସେଣ୍ଟ୍ରାଲ ମିଲିଟାରି କମିଶନ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ସାମରିକ ସହଯୋଗୀ ଭାବେ ଜିନ୍‌ପିଙ୍ଗ୍‌ଙ୍କ ଯୋଗଦାନ।

**୧୯୮୨-୧୯୮୫:** ହେବେଇ ପ୍ରଦେଶର ଜେଙ୍ଗ୍‌ଡିଙ୍ଗ୍ କାଉଣ୍ଟିରେ କମ୍ୟୁନିଷ୍ଟ ପାର୍ଟି ନେତା ତଥା ଡେପୁଟି ଲିଡର ଚୟନ।

**୨୦୦୦-୨୦୦୨:** ଫୁଜିଆନ୍ ପ୍ରଦେଶର ଗଭର୍ନର। ପରେ ଜେଜିଆଙ୍ଗ୍ ପ୍ରଦେଶରେ ପାର୍ଟି ମୁଖ୍ୟ ଚୟନ।

**୨୦୦୭ ଅକ୍ଟୋବର:** ୯ ସଦସ୍ୟ ବିଶିଷ୍ଟ ପଲିଟ୍‌ବ୍ୟୁରୋ ଷ୍ଟାଣ୍ଡିଂ କମିଟିରେ ସଦସ୍ୟ ହେବା ସହ ଜାତୀୟ ନେତୃତ୍ୱରେ ଯୋଗଦାନ।

**୨୦୦୮ ମାର୍ଚ୍ଚ:** ଚାଇନାର ଉପରାଷ୍ଟ୍ରପତି ମନୋନୀତ।

**୨୦୧୨ ନଭେମ୍ବର:** ଚାଇନା ରାଷ୍ଟ୍ରପତି ହୁ ଜିଣ୍ଟାଓଙ୍କ ସ୍ଥାନରେ କମ୍ୟୁନିଷ୍ଟ ପାର୍ଟିର ମହାସଚିବ(ଦଳର ସବୁଠୁ ଶକ୍ତିଶାଳୀ ପଦବୀ) ନିଯୁକ୍ତ।

**୨୦୧୩ ମାର୍ଚ୍ଚ:** ଚାଇନା ରାଷ୍ଟ୍ରପତି ଭାବେ ଜିନ୍‌ପିଙ୍ଗ୍‌ଙ୍କ ପ୍ରଥମ ୫ ବର୍ଷିଆ କାର୍ଯ୍ୟକାଳ ଆରମ୍ଭ।

**୨୦୧୮ ମାର୍ଚ୍ଚ:** ସର୍ବାଧିକ ୨ ଥର ରାଷ୍ଟ୍ରପତି ହେବା ନେଇ ସମ୍ବିଧାନରେ ଥିବା ନିୟମର ଉଚ୍ଛେଦ।

ସ୍ପେନ୍ ରାଜଧାନୀ ମାଦ୍ରିଦର ବ୍ୟସ୍ତବହୁଳ ରାସ୍ତାରେ ରବିବାର କାର୍ ପରିବର୍ତ୍ତେ ଧାଉଁଥିଲେ ମେଣ୍ଢା। ଶୀତଋତୁର ଆଗମନ ହେତୁ ମେଣ୍ଢାପଲକୁ ପାଳକମାନେ ଚରାଇବାକୁ ନେଉଥିଲେ। ମେଣ୍ଢାମାନଙ୍କ ବେକରେ ବନ୍ଧାଯାଇଥିବା ଘଣ୍ଟିଗୁଡ଼ିକ ବାଜୁଥିବାବେଳେ ଏହି ଦୃଶ୍ୟ ଦେଖିବା ପାଇଁ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ୧୯୯୪ରେ ସ୍ପାନିଶ୍ ପାର୍ଲାମେଣ୍ଟ ମେଷପାଳକମାନଙ୍କୁ ପାରମ୍ପରିକ ପଥ ପ୍ଲାଜା ମେୟର ସ୍କୋୟାର ଦେଇ ମେଣ୍ଢାଙ୍କୁ ନେବା ପାଇଁ ଅନୁମତି ଦେବା ପରଠୁ ମାଦ୍ରିଦ୍‌ର ବାର୍ଷିକ 'ଫିଏଷ୍ଟା ଡେ ଲା ଟ୍ରାସ୍‌ହ୍ୟୁମାନିକା'କୁ ଉତ୍ସାହର ସହ ପାଳନ କରାଯାଉଛି। ମାଦ୍ରିଦ୍‌ରେ ମାସେ ହେଲା ରହୁଥିବା ୨୨ ବର୍ଷୀୟା ଆମେରିକୀୟ ତଥା ଇଂଲିଶ୍ ଶିକ୍ଷୟିତ୍ରୀ ମାରିଆ କୋଉରିଆବାଲିସ୍ ଏହାକୁ ସ୍ପେନ୍‌ର ଇତିହାସ ଓ ସଂସ୍କୃତି ସମ୍ପର୍କରେ ଜାଣିବା ପାଇଁ ଏକ ବଡ଼ ସୁଯୋଗ ବୋଲି କହିଛନ୍ତି।



**ଏଲ୍‌ଭିପିଇଆଇ ପକ୍ଷରୁ ସଚେତନତା କର୍ମଶାଳା**

ଭୁବନେଶ୍ୱର: ଚଳିତ ଦୀପାବଳି ଉପଲକ୍ଷେ ସହରରେ ରଙ୍ଗବେରଙ୍ଗର ବାଣ ଅନ୍ୟ ରାସାୟନିକ ବାଣ ମଧ ବିକ୍ରି କରାଯାଉଛି। ସେ ସବୁ ବାଣ ଉଭୟ ପରିବେଶ ଓ ଚକ୍ଷୁ ଜନିତ ରୋଗର କାରଣ ମଧ ସାଜିଛି ବୋଲି ଲକ୍ଷ୍ୟ କରାଯାଇଛି। ଏଭଳି ବାଣ ଓ ରାସାୟନିକ ପଦାର୍ଥ ଠାରୁ ଆଖି କୁ ରକ୍ଷା କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯିବ ଆବଶ୍ୟକ ବୋଲି ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍,ଭୁବନେଶ୍ୱରର ମିଥୁ ତୁଳସୀ ଚନ୍ଦ୍ରାଇ କ୍ୟାମ୍ପସ୍‌ର ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡା. ଶ୍ରୀକାନ୍ତ କୁମାର ସାହୁ ଆଲୋକର ପର୍ବରୁ ଆଖିକୁ କିଭଳି ସୁରକ୍ଷିତ ରଖି ହେବ ସେ ନେଇ ବିସ୍ତୃତ ମତ ଉପସ୍ଥାପନ କରିଥିଲେ।

# ୧୫ ଘଣ୍ଟାରେ ୧୫୦ କୋଟିର କାରବାର

- ୩ ଦିନରେ ୩୦୦ କୋଟିରୁ ଅଧିକ ବ୍ୟବସାୟ
- ଆକର୍ଷଣୀୟ ଅଫର ପାଇଁ ଅଳଙ୍କାର ପ୍ରତିଷ୍ଠାନରେ ଅସମ୍ଭାଳ ଭିଡ଼

ଭୁବନେଶ୍ୱର,୨୩।୧୦

ଗତ ୨ବର୍ଷ ପରେ ଚଳିତ ବର୍ଷ ଧନତେରସର ଉତ୍ସାହ ଏକ ପ୍ରକାର ପରିବେଶ ଓ ପରିସ୍ଥିତି ସବୁ ଦୃଷ୍ଟିକୋଣରୁ ଭଲ ରହିଛି, ଯାହାର ପ୍ରଭାବ ଅଳଙ୍କାର ବ୍ୟବସାୟ ଉପରେ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ବର୍ଷର ଧନତେରସ ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହିଛି। ବିଶେଷକରି ଓଡ଼ିଶା ସୁନା ବଜାର ଗତ ତିନି ଦିନ ହେବ ଚଳଚଞ୍ଚଳ ହୋଇଉଠିଛି। ଆଜି (ରବିବାର) ରାଜଧାନୀ ଭୁବନେଶ୍ୱରରୁ ନେଇ ରାଉରକେଲା ଏବଂ ବ୍ରହ୍ମପୁରରୁ ବାଲେଶ୍ୱର ଏବଂ କଟକରୁ କୋରାପୁଟ ପର୍ଯ୍ୟନ୍ତ ସବୁବର୍ଗର ଅଳଙ୍କାର ପ୍ରତିଷ୍ଠାନ ପ୍ରାୟ ସକାଳ ୮ ଘଣ୍ଟାରୁ ରାତି ୧୧ ଘଣ୍ଟା ପର୍ଯ୍ୟନ୍ତ କାରବାର ଜମି ଥିଲା ବୋଲି ବିଭିନ୍ନ ସ୍ଥାନରେ ଥିବା ଭିନ୍ନ ଭିନ୍ନ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏପରିକି ଏହି ୧୫ ଘଣ୍ଟା ମଧ୍ୟରେ ଉଭୟ ଭୁବନେଶ୍ୱର ଏବଂ ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଓ ୩୦ ଜିଲାର ଜଣାଶୁଣା ସୁନା ଦୋକାନଗୁଡ଼ିକ ୧୫୦ କୋଟିରୁ ଅଧିକ ଟଙ୍କାର ଅଳଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି। ସେହିଭଳି ଧନତେରସ ପାଇଁ ଗତ ୩ ଦିନ ହେବ ସାରା ରାଜ୍ୟରେ କାରବାର ଜାରି ରହିଛି। ବିଶେଷକରି ଲୋକମାନେ ଉଭୟ କୋଭିଡ ଓ ୨ ଦିନିଆ ଧନତେରସ ପାଇଁ କିଛି ଲୋକ ଶୁକ୍ରବାରଠାରୁ କିଣାକିଣି ମଧ କରି ସାରିଛନ୍ତି। ଯେଉଁମାନେ ଶନିବାର ଧନତେରସ ବୋଲି ଭାବିଛନ୍ତି ସେମାନେ ଉଭୟ ଶୁକ୍ରବାର ଓ ଶନିବାର କିଣାକିଣି କରିଛନ୍ତି। ହେଲେ ଯେଉଁମାନେ ଧନତେରସ ରବିବାର ପଡୁଛି ବୋଲି ଜାଣିଥିଲେ ସେମାନେ ମଧ ଉଭୟ ଶନିବାର ଓ ରବିବାର କିଣାକିଣି କରିଛନ୍ତି। ଏପରିକି ଗତ ୩ଦିନ ମଧ୍ୟରେ ସାରା ରାଜ୍ୟରେ ୩୦୦ କୋଟିରୁ ଅଧିକ ଟଙ୍କାର ସୁନା,ରୁପା ଓ ହୀରା ଏବଂ ଅନ୍ୟ ମୂଲ୍ୟବାନ ଧାତୁ କିଣିଥିବା ରାଜ୍ୟର ପ୍ରମୁଖ ସୁନା ବ୍ୟବସାୟୀମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଗତ ଦୁଇ ବର୍ଷ ହେଲା ବ୍ୟବସାୟ ଏକ ପ୍ରକାର ବନ୍ଦ ଓ ମାନ୍ଦା ରହିଥିଲା। ଚଳିତ ବର୍ଷ ସୁନା ମୂଲ୍ୟ ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଚଳିତ ବର୍ଷ ବହୁତ କମ୍ ରହିଛି, ତା' ସାଙ୍ଗକୁ ସଂକ୍ରମଣ ମଧ ତଳମୁହାଁ ରହିଥିବାରୁ ସୁନା ବ୍ୟବସାୟୀମାନେ ସୁନ୍ଦର ସୁନ୍ଦର ଡିଜାଇନ ସାଙ୍ଗକୁ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ମଧ ଆକର୍ଷଣୀୟ ଅଫର ଓ ଉପହାରର ବ୍ୟବସ୍ଥା ମଧ କରିଛନ୍ତି। ଅପରପକ୍ଷରେ ଧନତେରସ ଓ ଆଗାମୀ ବିବାହ ଋତୁ ପାଇଁ ନୂତନ ଉତ୍ପାଦର ଉନ୍ମୋଚନ ଏବଂ ଆକର୍ଷଣୀୟ ସାଜସଜ୍ଜା ମଧ ଗ୍ରାହକଙ୍କୁ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପ୍ରତି ଆକର୍ଷିତ କରୁଛି ବୋଲି ଲକ୍ଷ୍ୟ କରାଯାଇଛି। ବିଶେଷକରି ରବିବାରର ସକାଳ ଭିଡ଼ଠାରୁ ସନ୍ଧ୍ୟାର ଭିଡ଼ ୪ ଗୁଣା ବଢ଼ିଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକ ସୂଚନା ଦେଇଛନ୍ତି। ବିଗତ ୨ ବର୍ଷ ପରେ ଚଳିତ ବର୍ଷ ଏକ ସୁସ୍ଥ ବାତାବରଣରେ ଧନତେରସ ପାଳନ କରାଯାଇଛି। ଏପରିକି ଚଳିତ ବର୍ଷ ଉଭୟ ସୁନା ଦର ଓ ସଂକ୍ରମଣ ତଳମୁହାଁ ରହିଥିବାରୁ ବ୍ୟବସାୟ ମଧ ୨୦୧୯-୨୦ ଅପେକ୍ଷା ୨୦% ରୁ ଅଧିକ ବୃଦ୍ଧି ପାଇଛି ବୋଲି ଇଣ୍ଡିଆନ ବୁଲିୟନ ଓ ଜ୍ୱେଲର୍ସ ଆସୋସିଏଶନ (ଆଇବିଜେଏ) ପକ୍ଷରୁ ମତପ୍ରକାଶ ପାଇଛି। ଚଳିତ ବର୍ଷର ଧନତେରସ କାରବାର ୩୦୦ କୋଟିରୁ ଅଧିକ ହୋଇଥିବ ବୋଲି ଆଇବିଜେଏ ପକ୍ଷରୁ ଆକଳନ କରାଯାଇଛି।





## ଶୁକ୍ରବାର ଭୁବନେଶ୍ୱର ସୁନା ଦର

| ଉତ୍ପାଦ | ବର୍ଗ | ମୂଲ୍ୟ | ଓଜନ |
|---|---|---|---|
| ସୁନା | ୨୨ କ୍ୟାରେଟ | ୪୭୦୦୦ | ୧୦ ଗ୍ରାମ |
| ସୁନା | ୨୪ କ୍ୟାରେଟ | ୫୧,୨୭୨ | ୧୦ ଗ୍ରାମ |
| ରୁପା | ସାଧାରଣ | ୬,୩୨୦ | ୧୦୦ ଗ୍ରାମ |
| ହୀରା | ସାଧାରଣ | ୮୯,୫୦୦ | କ୍ୟାରେଟ |
| ସୁନା ମୁଦ୍ରା | ୨୪ କ୍ୟାରେଟ | ୫୩,୪୧୪ | ୧୦ ଗ୍ରାମ |
| ସୁନା ମୁଦ୍ରା | ୨୨ କ୍ୟାରେଟ | ୪୮,୧୭୫ | ୧୦ ଗ୍ରାମ |
| ରୁପା | ସାଧାରଣ ବର୍ଗ | ୬,୫୦୦ | ୧୦୦ଗ୍ରାମ |



ରାଜସ୍ଥାନର ପ୍ରଭୁ ଶ୍ରୀନାଥ ମନ୍ଦିର ପରିସରରେ ପୂଜାର୍ଚ୍ଚନା ସାରି ନାଥଦ୍ୱାରା ସହର ଏବଂ ପ୍ରଭୁ ଶ୍ରୀନାଥ ମନ୍ଦିର ପରିସରରେ ପ୍ରଥମ ଟ୍ରୁ-୫ଜି ୱାଇ-ଫାଇ ସେବାର ଶୁଭାରମ୍ଭ ଅବସରରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଏମ୍ ଅମ୍ବାନୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଟିପିସିଓଡିଏଲ୍‌ର ବାତ୍ୟା ପୂର୍ବପ୍ରସ୍ତୁତି

ଭୁବନେଶ୍ୱର,୨୩।୭

ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ସିତରଙ୍ଗ' ପ୍ରଭାବରେ ଉପକୂଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ଆଶଙ୍କା କରାଯାଉଥିବା ବେଳେ ସେଥିପାଇଁ ଯେଉଁସବୁ ଜରୁରିକାଳୀନ ସ୍ଥିତି ସୃଷ୍ଟି ହେବ ତା'ର ପରିଚାଳନା କରିବା ଲାଗି ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପ୍ରସ୍ତୁତ ରହିଛି। ଏଭଳି ସ୍ଥିତିର ମୁକାବିଲା କରିବା ଲାଗି ଟିପିସିଓଡିଏଲ୍‌ର ଏକ ସମ୍ପୂର୍ଣ୍ଣ ବିଜନେସ୍ କଣ୍ଟିନ୍ୟୁଇଟି ଆଣ୍ଡ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ (ବିସିଡିଏମ୍‌ପି) ପ୍ରସ୍ତୁତ ରହିଛି। ଟିପିସିଓଡିଏଲ୍ ଯେକୌଣି ପ୍ରକାରର ଆକସ୍ମିକତାର ମୁକାବିଲା କରିବା ଏବଂ ବିଦ୍ୟୁତ୍ ଯୋଗାଣକୁ ନେଇ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଅକ୍ସିଜେନ୍ ପ୍ଲାଣ୍ଟକୁ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ଲାଗି କମ୍ପାନୀ ପକ୍ଷରୁ ଏକ ଉତ୍ସର୍ଗୀକୃତ ଟିମ୍ ଗଠନ କରାଯାଇଛି। ଲାଇସେନ୍ସପ୍ରାପ୍ତ ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉତ୍ସର୍ଗୀକୃତ ଦ୍ରୁତ ପ୍ରତିକ୍ରିୟାଶୀଳ ଟିମ୍ ମୁତୟନ କରାଯିବ। କୌଣସି ଜରୁରୀ ସେବା ଲାଗି ଯେ କେହି ୨୪ ଘଣ୍ଟିଆ କଲ୍ ସେଣ୍ଟର୍ ଟୋଲ୍ ଫ୍ରି ନମ୍ବର ୧୯୧୨ କିମ୍ବା ୧୮୦୦୩୪୫୭୧୨୨କୁ କଲ୍ କରିପାରିବେ କିମ୍ବା ଟିପିସିଓଡିଏଲ୍ ମିତ୍ର ଆପ୍ କିମ୍ବା ୱେବସାଇଟ୍‌ରେ ପଞ୍ଜୀକରଣ କରିପାରିବେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ସମଗ୍ର ସ୍ଥିତି ଓ ସଦ୍ୟତମ ଘଟଣାକ୍ରମ ଉପରେ ଆମେ ତୀକ୍ଷ୍ଣ ନଜର ରଖିଛୁ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବା ସହିତ ଦରକାର ହେଉଥିବା ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରିବା ଲାଗି ଟିମ୍ କାର୍ଯ୍ୟ କରୁଛି। ସୁରକ୍ଷା ବ୍ୟବସ୍ଥା,ଗାଇଡ୍‌ଲାଇନ୍‌କୁ ଅନୁସରଣ କରିବା ଏବଂ ଜରୁରିକାଳୀନ ସ୍ଥିତିରେ ଆମ ସହ ଯୋଗାଯୋଗ କରିବା ଲାଗି ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ ବୋଲି ସେନ୍‌ବାଗମ୍ ମତବ୍ୟକ୍ତ କରିଛନ୍ତି।

# ଓଡ଼ିଶା ଫ୍ୟାଶନ୍ ଆଣ୍ଡ ଲାଇଫ୍‌ଷ୍ଟାଇଲ୍ ଆୱାର୍ଡ

## ୧୬ ବିଶିଷ୍ଟ ବ୍ୟକ୍ତି ପୁରସ୍କୃତ

ଭୁବନେଶ୍ୱର,୨୩।୧୦

ଆଡିକ୍ସନ ଫ୍ୟାଶନ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ୭ମ ସଂସ୍କରଣ ଓ ଓଡ଼ିଶା ଫ୍ୟାଶନ୍ ଆଣ୍ଡ ଲାଇଫ୍‌ଷ୍ଟାଇଲ୍ ଆୱାର୍ଡ଼ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୬ ଜଣ ଜାତୀୟସ୍ତରର ଡିଜାଇନର୍ ନିଜ ନିଜର ଆକର୍ଷଣୀୟ ଡିଜାଇନ୍ ପୋଷାକ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମିସ୍ ୟୁନିଭର୍ସ ୨୦୨୦ର ତୃତୀୟ ରନର୍ସ ଅପ୍ ଆଡ୍‌ଲିନ୍ କାଷ୍ଟେଲିନୋ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପ୍ରିୟା ଚୌଧୁରୀଙ୍କ ସମେତ ବହୁ ଜଣାଶୁଣା ବ୍ୟକ୍ତିବିଶେଷ ମଧ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଜାଇନର୍‌ମାନଙ୍କ ଦ୍ୱାରା ପ୍ରଦର୍ଶିତ ର୍‌ୟାମ୍ପ ଶୋରେ ଦର୍ଶକମାନେ ଡିଜାଇନରଙ୍କ କଳାକୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ୧୬ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଓଡ଼ିଶା ଫ୍ୟାସନ୍ ଓ ଲାଇଫ୍ ଷ୍ଟାଇଲ୍ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା। ସମ୍ମାନୀତ ହୋଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଇଭୋସ୍ ବିଲ୍ଡକନ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଗାୟତ୍ରୀ ଦେବୀ ଗ୍ରୁପ୍‌ର ନିର୍ଦ୍ଦେଶକ ନିରୁପମା ବିଶ୍ୱାଳ, ଇଣ୍ଡଲଜ୍ ସେଲୁନ୍‌ର ପ୍ରତିଷ୍ଠାତା ସୁର୍କୀର୍ତ୍ତୀ ପଟ୍ଟନାୟକ, ଦକ୍ଷା ଡିଜାଇନ୍ ଷ୍ଟୁଡ଼ିଓର ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ଲେବେଲ୍ ଋତୁପର୍ଣ୍ଣୋ ବ୍ରାଣ୍ଡର ପ୍ରତିଷ୍ଠାତା ମନୀଷା ଋତୁପର୍ଣ୍ଣା, ପ୍ରିୟସ୍‌ର ଡିଜାଇନର୍‌ର ପ୍ରିୟା ମହାପାତ୍ର, ଗ୍ଲାମ ଅଫ୍ ବାଏ ସୋନାଲିର ପ୍ରତିଷ୍ଠାତା ସୋନାଲି ମିଶ୍ର, ଗଡ଼ଜିୟସ୍ ବ୍ରାଇଡ୍ ବାଏ ଲୋପାର ପ୍ରତିଷ୍ଠାତା ଲୋପାମୁଦ୍ରା ପ୍ରଧାନ, ଆଶୁତୋଷ ଫଟୋ ମ୍ୟାଜିକ୍‌ର ପ୍ରତିଷ୍ଠାତା ଆଶୁତୋଷ ସାହୁ, ବିଶ୍ୱମ୍ ଜୁଏଲର୍ସର ପ୍ରତିଷ୍ଠାତା ସାନ୍ତନୁ କୁମାର ପାତ୍ର, ଶିଳ୍ପୀ ସିଟିର ପ୍ରତିଷ୍ଠାତା ଅଭିପ୍ସା ପଟ୍ଟନାୟକ, ଆଇ.ଏନ୍.ଆଇ.ଏଫ୍.ଡ଼ି ଭୁବନେଶ୍ୱରର ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା, ଅଲ୍‌ଟାଇମ ଫିଟ୍‌ନେସ୍‌ର ପ୍ରତିଷ୍ଠାତା ବିଜନ କୁମାର ବାରିକ୍, ଷ୍ଟେୟାର୍ ୱେ ଡିଜାଇନ୍ସର ମ୍ୟାନେଜିଙ୍ଗ୍ ପାର୍ଟନର୍ ଭୋଳାନାଥ ମହାନ୍ତି, ଚାର୍ମ ୱେଲ୍‌ନେସ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ମୃତି ମହାପାତ୍ର, ରିଫ୍ଲେକ୍ସନ୍‌ର ମ୍ୟାନେଜିଙ୍ଗ୍ ପାର୍ଟନର୍ ନମିତା ଶତପଥୀ ପ୍ରମୁଖଙ୍କୁ ଓଡ଼ିଶା ଫ୍ୟାଶନ୍ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା।

# ଏକତା ଦ୍ୱାରା ସଫଳତା ମିଳିଥାଏ




ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ବହୁମୁଖୀ ସମବାୟ ସମିତିର ୩୯ତମ ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅତିଥି ଓ ସମିତିର ସଦସ୍ୟଗଣ

କଟକ,୨୩।୧୦

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ବହୁମୁଖୀ ସମବାୟ ସମିତିର ୩୯ତମ ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ଶହୀଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ରାଜ୍ୟସ୍ତରୀୟ ବାର୍ଷିକ ସାଧାରଣ ସଭା ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ କାର୍ଯ୍ୟ ପ୍ରାରମ୍ଭ ହୋଇଥିଲା। ଏପରିକି ସମିତିର ଅନ୍ୟତମ ସଦସ୍ୟ ନବ କିଶୋର ସାହୁ ଉପସ୍ଥିତ ଅତିଥି ଓ ଅନ୍ୟମାନଙ୍କର ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡ଼ିଶାର ବରିଷ୍ଠ ଶିକ୍ଷାବିତ ଡ. ସତ୍ୟକାମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବାୟ ସମିତିର ଭୂମିକା ଉପରେ ସବିଶେଷ ଆଲୋକପାତ କରିଥିଲେ। ସେହିଭଳି ଅଫିସର ସଂଘର ସଭାପତି ଅମିତାଭ ଦାସ ଉଲ୍ଲେଖ କରିଥିଲେ ଯେ, ଐକ୍ୟବଦ୍ଧତା ଯୋଗେ ସମିତି ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି। ଏପରିକି ଏକତା ଦ୍ୱାରା ସଫଳତା ମିଳିଥାଏ। ସେ ଆଗାମୀ ଦିନରେ ମଧ ସମସ୍ତ ସଦସ୍ୟଙ୍କର ସହଯୋଗ କାମନା କରିଥିଲେ। ସମିତିର ସଭାପତି ଅରୁଣ କୁମାର ବିଶୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସଭାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ସେହିପରି ଷ୍ଟେଟ୍ ବ୍ୟାଙ୍କ ଷ୍ଟାଫ୍ ଆସୋସିଏଶନ ଭୁବନେଶ୍ୱର ସର୍କଲର ସଭାପତି ସ୍ୱାଧୀନ କୁମାର ଦାଶ, ସମ୍ପାଦକ ରଘୁନାଥ ପ୍ରସାଦ ଦାସ ପ୍ରମୁଖ ଉକ୍ତ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ପରିଶେଷରେ ସମିତିର କୋଷାଧକ୍ଷ ତନ୍ମୟ ଦାଶଗୁପ୍ତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହୁଜୀ ଜୁଏଲର୍ସର ଧନତେରସ ଅଫର

ଭୁବନେଶ୍ୱର,୨୩।୧୦

Sahuji JEWELLERS
Heritage of Quality

ରାଜ୍ୟର ପ୍ରମୁଖ ଅଳଙ୍କାର ନିର୍ମାତା ତଥା ବିକ୍ରେତା ସାହୁଜୀ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଧନତେରସ ଅବସରରେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଠାରେ ସମସ୍ତ ଗହଣାର ନିମ୍ନ ଗଢ଼ା ମଜୁରି ସହିତ ସୁନା ଦରକୁ ମଧ ସବୁଠାରୁ କମ୍ ରଖିଛି। ବିଶେଷକରି ୯୧୬ ହଲ୍‌ମାର୍କ ଗହଣା ବର୍ଗମାଳାକୁ ନୂତନ କଳାକୃତି ଓ ଉନ୍ନତ କାରିଗରିରେ ପ୍ରସ୍ତୁତ କରାଯାଇଛି। ଦୀପାବଳି ଓ ଧନତେରସ ଉପଲକ୍ଷେ ଗ୍ରାହକଙ୍କ ସୁବିଧା ପାଇଁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଏହାର ସମସ୍ତ ଶୋ'ରେ ଏହି ଅଫର୍ ବୈଧ ରହିଛି। ସେହିପରି ପାର୍ବଣ ଅବସରରେ ପ୍ରତିଦିନ ସକାଳ ୮ଟା ଠାରୁ ଶୋ'ରୁମ ଖୋଲା ରହିବ ବୋଲି ଶୋ'ରୁମର ସ୍ୱତ୍ୱାଧିକାରୀ ଗୌତମ ବିଭୁ ପ୍ରସାଦ ସାହୁ ମତବ୍ୟକ୍ତ କରିଛନ୍ତି।



ଗୁଜରାଟଠାରେ ନିକଟରେ ଅନୁଷ୍ଠିତ ହୋଇଥିବା ରୋଜଗାର ମେଳାରେ ଇଏସ୍‌ଆଇସି ଗୁଜରାଟ ମଧ ଅଂଶ ଗ୍ରହଣ କରିଥିଲା। ଏହି ପରିପ୍ରେକ୍ଷୀରେ ଗୁଜରାଟ ଇଏସ୍‌ଆଇସିରେ ୨୫ ଜଣ ଗ୍ରୁପ୍ ସି ବର୍ଗରେ ନିଯୁକ୍ତି ପାଇଥିଲେ। ଏହି ଅବସରରେ କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ପ୍ରତିନିଧିତ୍ୱ କରୁଥିବା ଇଏସଆଇସି ଗୁଜରାଟର ଅତିରିକ୍ତ କମିଶନର ରତ୍ନେଶ କୁମାର ଗୌତମ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରୁଥିବା ବେଳେ ଉଭୟ ପକ୍ଷରୁ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ ଉପସ୍ଥିତ ଅଛନ୍ତି।

# ଏନ୍‌ସିସିବିଏମ୍‌ର ନୂତନ ବିଲ୍ଡିଂ ଶିଳାନ୍ୟାସ

ଭୁବନେଶ୍ୱର,୨୩।୧୦




ନ୍ୟାଶନାଲ କାଉନସିଲ୍ ଫର୍ ସିମେଣ୍ଟ ଆଣ୍ଡ ବିଲ୍ଡିଂ ମ୍ୟାଟେରିଆଲ୍ସ(ଏନ୍‌ସିସିବିଏମ୍) ଭୁବନେଶ୍ୱର ୟୁନିଟ୍‌ର ସମ୍ପ୍ରସାରଣ ପାଇଁ ଏକ ଅତ୍ୟାଧୁନିକ 'ରିସର୍ଚ୍ଚ ଆଣ୍ଡ ଲାବରେଟୋରି' ବିଲ୍ଡିଂର ଶିଳାନ୍ୟାସ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନସିସିବିଏମ୍‌ର ମହାନିର୍ଦ୍ଦେଶକ ଡ. ବିବେକାନନ୍ଦ ମହାପାତ୍ର, ଏନ୍‌ସିସିବିଏମ୍ ସଚବି ଡ.ଏସ୍.କେ. ଚତୁର୍ବେଦୀଙ୍କ ସମେତ ହାଇଦ୍ରାବାଦ ଏବଂ ଭୁବନେଶ୍ୱର ଏନ୍‌ସିସିବିଏମ୍ ୟୁନିଟ୍ ଇନ୍‌ଚାର୍ଜ ଡ. ବି. ପାଣ୍ଡୁରଙ୍ଗା ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ଶିଳାନ୍ୟାସ ସମାରୋହ ପରେ ସିମେଣ୍ଟ ଏବଂ ବିଲ୍ଡିଂ ମ୍ୟାଟେରିଆଲ୍ସର ମେକାନିକାଲ ଟେଷ୍ଟିଙ୍ଗ୍, କେମିକାଲ ଆନାଲିସିସ୍, କଂକ୍ରିଟ୍ ମିଶ୍ରଣ ଅନୁପାତ ଲାବ୍, କଂକ୍ରିଟ୍-ନନ୍ ଡେଷ୍ଟ୍ରକ୍ଟିଭ ଟେଷ୍ଟିଙ୍ଗ୍ ଲାବରେଟୋରି ଆଦି ପରିଦର୍ଶନ କରିବା ସହ ଭୁବନେଶ୍ୱର ଏନ୍‌ସିସିବିଏମ୍ ପରିସରରେ ଚାରାରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ସଚିବ ଅନୁରାଗ ଜୈନ କହିଛନ୍ତି, ଭୁବନେଶ୍ୱର ଏନ୍‌ସିସିବିଏମ୍ ୟୁନିଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ପିଏସୟୁ ଏକାଡେମିକ୍, ଶିଳ୍ପ ବର୍ଜ୍ୟବସ୍ତୁ ଉତ୍ପାଦନ କାରଖାନା, ଓଡ଼ିଶାର ସିମେଣ୍ଟ ଉତ୍ପାଦନ କାରଖାନାର ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ବିଆଇପିଏଫ୍ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୩।୧୦




ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ୍ (ବିଆଇପିଏଫ୍) ଏବଂ ଇଣ୍ଡିଆନ୍ ମେଟାଲ୍ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ଦ୍ୱାରା ଉଚ୍ଚଶିକ୍ଷା ପାଇଁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ର ବୃତ୍ତି (ପିଜିଡିଏସ୍)-୨୦୨୧ ପ୍ରାପ୍ତ କରିଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏପରିକି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଷୟରେ ବୃତ୍ତିଗତ ଡିଗ୍ରୀ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ୬ଜଣ ମେଧାବୀ ଛାତ୍ର (କୃତୀ ବିଦ୍ୟାର୍ଥୀ)ଙ୍କୁ ଏହି ସମ୍ମାନଜନକ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ବିଶେଷ କରି ବୃତ୍ତି ପାଇଁ ମନୋନୀତ ପ୍ରାର୍ଥୀମାନଙ୍କୁ ଶିକ୍ଷାଶୁଳ୍କର ୯୦% ଏବଂ ୪ବର୍ଷର ଡିଗ୍ରୀ କୋର୍ସ ପାଇଁ ଉପଯୁକ୍ତ ଖର୍ଚ୍ଚ ମଧ ପ୍ରଦାନ କରାଯିବ। ଏପରିକି ବିଆଇପିଏଫ୍ ପକ୍ଷରୁ ନିକଟରେ ଏକ ପୁରସ୍କାର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଆଇପିଏଫର ଟ୍ରଷ୍ଟି ପାରମିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୬ କୃତୀ ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମ୍ଫାର ସିଓଓ ବିଜୟାନନ୍ଦ ମହାପାତ୍ରଙ୍କ ସମେତ ବିଆଇପିଏଫ୍‌ର ଉପସଭାପତି ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ସ୍ୱର୍ଗତା ଇଲା ପଣ୍ଡାଙ୍କ ପିତା, ଆନ୍ତର୍ଜାତିକ ବାଗ୍ମୀ ତଥା ବିଶିଷ୍ଟ ଇତିହାସବିତ୍ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶଙ୍କ ସ୍ମୃତିରେ ଇମ୍ଫା ଦ୍ୱାରା ୨୦୦୫ଠାରୁ ଏହି ସ୍କଲାରଶିପର ପ୍ରତିଷ୍ଠା କାଯାଇଥିଲା।

ଏ ସମ୍ପର୍କରେ ପାରମିତା ପଣ୍ଡା କହିଛନ୍ତି, ଭାରତରେ ଇଞ୍ଜିନିୟରିଂ, ମେଡିସିନ୍ ଏବଂ ଲିବରାଲ୍ ଆର୍ଟ କ୍ଷେତ୍ରରେ ଉଚ୍ଚଶିକ୍ଷାକୁ ସୁଗମ କରିବା ପାଇଁ ଆଇଆଇଟି, ଏନ୍‌ଆଇଟି, ଏମ୍ସ ସମେତ ଏସ୍‌ସିବି, ଏମ୍‌କେସିଜି, ଏଏଫ୍‌ଏମ୍‌ସି ଏବଂ ଅନ୍ୟାନ୍ୟ ସରକାରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ୬ ଜଣ ଯୋଗ୍ୟ ବିଦ୍ୟାର୍ଥୀଙ୍କୁ ପ୍ରତି ବର୍ଷ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ୍ ପ୍ରଦାନ କରାଯାଇଥାଏ।ପୂର୍ବରୁ ପିଜିଡିଏସ୍ ପାଇଥିବା ବିଦ୍ୟାର୍ଥୀମାନେ ବର୍ତ୍ତମାନ ସେମାନଙ୍କ ଅଧ୍ୟୟନରେ ଉତ୍କର୍ଷତା ହାସଲ କରି ନିଜ ନିଜର ବୃତ୍ତିରେ ମଧ ସୁପ୍ରତିଷ୍ଠିତ ହୋଇପାରିଥିବା ବେଳେ କେତେକ ସ୍ନାତକୋତ୍ତର ଏବଂ ଗବେଷଣା ପାଠ୍ୟକ୍ରମରେ ମଧ ଅଧ୍ୟୟନ କରୁଛନ୍ତି। ଏହା କେବଳ ବିଦ୍ୟାର୍ଥୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସହ ନିଜ ପରିବାର ଓ ସମାଜରେ ନିଜର ଯୋଗଦାନ କରିବାରେ ସକ୍ଷମ କରାଏ।

# ଘୃଣା ପ୍ରସାର କରୁଛନ୍ତି ଭାଜପା-ଆର୍‌ଏସ୍‌ଏସ୍‌: ରାହୁଲ

## ତେଲଙ୍ଗାନାରେ ପ୍ରବେଶ କଲା ଭାରତ ଯୋଡ଼ୋ ଯାତ୍ରା

ନୂଆଦିଲ୍ଲୀ,୨୩।୧୦

ଏକତା ଓ ଭ୍ରାତୃଭାବ ବଢ଼ାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ରବିବାର ସକାଳେ ହାଇଦ୍ରାବାଦରେ ପ୍ରବେଶ କରିଛି। ଭାଜପା ଏବଂ ଆର୍‌ଏସ୍‌ଏସ୍ ଦେଶରେ ଘୃଣାର ପ୍ରସାର କରୁଥିବା ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଏଥିସହିତ ସେ ଏକ ଜନସମାବେଶରେ ଦରଦାମ୍ ବୃଦ୍ଧି ଓ ବେରୋଜଗାରୀ ପ୍ରସଙ୍ଗ ଉଠାଇଥିଲେ। ଭାରତ ଯୋଡ଼ୋ ଯାତ୍ରା ଭାଜପା-ଆର୍‌ଏସ୍‌ଏସ୍ ନୀତି, ଘୃଣା ଓ ହିଂସା ବିରୋଧୀ ବୋଲି ରାହୁଲ କହିଛନ୍ତି। ଭାଜପା ସରକାରରେ ଦୁଇଟି ଭାରତ ସୃଷ୍ଟି ହୋଇଛି। ଗୋଟିଏ ମୁଷ୍ଟିମେୟ ଧନୀଙ୍କର ହୋଇଥିବାବେଳେ ଅନ୍ୟଟି କୋଟି କୋଟି ଯୁବ, କୃଷକ, ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀଙ୍କର। ଆମେ ଦୁଇଟି ନୁହେଁ, ଗୋଟିଏ ଭାରତ ଚାହୁଁ, ଯେଉଁଠି ସମସ୍ତଙ୍କୁ ନ୍ୟାୟ, ନିଯୁକ୍ତି ମିଳିବ ଏବଂ ଦେଶରେ ଭ୍ରାତୃଭାବ ରହିବ ବୋଲି କଂଗ୍ରେସ ନେତା କହିଥିଲେ। ତେଲଙ୍ଗାନା-କର୍ନାଟକ ସୀମାରେ ରାହୁଲଙ୍କୁ ତେଲଙ୍ଗାନା କଂଗ୍ରେସ


ଭାରତ ଯୋଡ଼ୋ ଯାତ୍ରା ସୋମବାର ତେଲଙ୍ଗାନାରେ ପ୍ରବେଶ କରୁଛି।

ନେତାମାନେ ସ୍ୱାଗତ କରିଥିଲେ। କଂଗ୍ରେସ ଲୋକ ସଭା ସଦସ୍ୟ ତଥା ତେଲଙ୍ଗାନା ପାଇଁ ଦଳୀୟ ପ୍ରଭାରୀ ଥିବା ମନିକମ୍ ଟାଗୋର, ରାଜ୍ୟ କଂଗ୍ରେସ ସଭାପତି ଏ. ରେଭନ୍ଥ ରେଡ୍ଡୀ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

### ଯାତ୍ରାରେ ସାମିଲ ହେବେ ପାୱାର

ବାରାବତି,୨୩।୧୦: ସମାଜରେ ଏକତା ଆଣିବା ଉଦ୍ଦେଶ୍ୟରେ କଂଗ୍ରେସ ଦଳ ଚଳାଇଥିବା ଭାରତ ଯୋଡ଼ୋ ଯାତ୍ରା ମହାରାଷ୍ଟ୍ରରେ ପ୍ରବେଶ କଲେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏଥିରେ ସାମିଲ ହେବେ ବୋଲି ରବିବାର କହିଛନ୍ତି। ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ ସଭାପତି ଅଶୋକ ଚଭନ ଏବଂ ବାଲାସାହେବ ଥୋରାଟ ତାଙ୍କୁ ଭେଟି ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବା ଲାଗି ଆମନ୍ତ୍ରଣ କରିଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଏହି ପଦଯାତ୍ରା ନଭେମ୍ବର ୭ରେ ମହାରାଷ୍ଟ୍ରରେ ପ୍ରବେଶ କରିବ। ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୧୫୦ ଦିନରେ ୩,୫୭୦ କିଲୋମିଟର ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ଏହା ତାମିଲନାଡୁ, କେରଳ, କର୍ନାଟକ ଏବଂ ଆନ୍ଧ୍ରପ୍ରଦେଶ ଅତିକ୍ରମ କଲାଣି।

# ଦୋବଲ ଜୋନ୍: ପଛରେ ପଡ଼ିଯିବ କି ବିଜେଡି

## ଧାମନଗର ଉପନିର୍ବାଚନ

ଧାମନଗର, ୨୩।୧୦(ଡି.ଏନ୍.ଏ.)

ଉପନିର୍ବାଚନ ଯେତେ ପାଖେଇ ଆସୁଛି, ଧାମନଗର ରାଜନୀତି ସେତେ ସରଗରମ ହେଉଛି। ପ୍ରାର୍ଥୀମାନଙ୍କ ପ୍ରଚାରରେ ଧାମନଗର ରାସ୍ତାଘାଟ କମ୍ପୁଛି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ନେତାମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ଘର ଘର ବୁଲି ଜନସମର୍ଥନ ଲୋଡୁଛନ୍ତି। ଧାମନଗରରେ ବିଜେଡି ପାଇଁ କଣ୍ଟା ସାଜିଛନ୍ତି ବିଦ୍ରୋହୀ ପ୍ରାର୍ଥୀ ରାଜେନ୍ଦ୍ର ଦାସ (ରାଜୁ)। ଯଦିଓ ବିଜେଡି ରାଜେନ୍ଦ୍ରଙ୍କୁ ଦଳରୁ ବହିଷ୍କାର କରିଛି, ତଥାପି ସଙ୍ଗଠନକୁ କରାୟତ୍ତ କରିପାରି ନାହିଁ। ଏଥିଲାଗି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ସାଧାରଣ ଲୋକଙ୍କ ଘରେ ପହଞ୍ଚୁଛନ୍ତି। ଗୋଟିଏ ସାହିରେ ୨୦ରୁ ୩୦ ଖଣ୍ଡ ଭୋଟକୁ ନେଇ ରାଜନୀତି କରୁଥିବା କୁଜି ନେତାଙ୍କୁ ବି ସେ ମନାଇବାରେ ଲାଗିଛନ୍ତି। ଦୋବଲ ଜୋନ୍ ଏବେ ଦଳ ପାଇଁ ଚିନ୍ତାର କାରଣ ସାଜିଛି। ଏହି ଜୋନ୍‌ରେ ଦୋବଲ, ମୁସ୍ତଫାପୁର, ଖଡ଼ିପଦା, ଆନନ୍ଦପୁର, କରଦା, ସୋହଡ଼ା, ପଧାନି ଓ ଦଳାଙ୍ଗ ପଞ୍ଚାୟତ ରହିଛି। ୮ ପଞ୍ଚାୟତରେ ବିଜେଡିର ପ୍ରମୁଖମାନେ ରାଜୁଙ୍କ ଦୃଢ଼ ସମର୍ଥକ। ଜୋନ୍‌ର ୮ ପଞ୍ଚାୟତ ଲାଗି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଦଳ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି। ଏଥିସହ ଦୋବଲ ଜୋନ୍ ଜିଲା ପରିଷଦ ସଦସ୍ୟା ଊର୍ମିଳା ବିଶ୍ୱାଳଙ୍କ ସ୍ୱାମୀ ତଥା ବିଜେଡି ନେତା ପ୍ରତାପ ସାମଲ, ଦଳର ଯୁବନେତା ମୁକୁନ୍ଦଦେବ ସାମଲ ମଧ୍ୟ ଏଠାରେ ଡେରା ପକାଇବା ସହ ଅନ୍ୟ ବାହାର କର୍ମୀମାନେ ରହି ପ୍ରଚାର କରୁଛନ୍ତି।

ସଙ୍ଗଠନ ରାଜେନ୍ଦ୍ରଙ୍କ ସହ ଥିବା ଓ ରାଜେନ୍ଦ୍ର ମଇଦାନରେ ଥିବାରୁ ବିଜେଡି କର୍ମୀମାନେ ସାମ୍ନାରେ ଦଳର ଜିନ୍ଦାବାଦ୍ ପକାଉଥିବା ବେଳେ ରାଜେନ୍ଦ୍ରଙ୍କୁ ଭୋଟ୍ ଦେବାକୁ ଅଭୟବାଣୀ ମଧ୍ୟ ଦେଉଛନ୍ତି। ସେହିପରି ଆନନ୍ଦପୁର ଓ ଖଡ଼ିପଦା ପଞ୍ଚାୟତ ବିଜେଡି ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଦୁଇ ପଞ୍ଚାୟତରେ ବିଜେଡିର ଆଦୌ ସଙ୍ଗଠନ ନାହିଁ। ଯାହା ଅଛି ରାଜେନ୍ଦ୍ରଙ୍କ ଓ ଭାଜପାର। ଆନନ୍ଦପୁରରେ ବିଜେଡି ସମର୍ଥିତ ସରପଞ୍ଚ ଓ ସ୍ୱାଧୀନ ସମିତିସଭ୍ୟ ଜିତିଥିଲେ ମଧ୍ୟ ଏଠାରେ ବିଜେଡିର ବିଦ୍ରୋହୀ ଅନେକ। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଶରତ ମାଝିଙ୍କୁ ବିରୋଧ କରି ଅଧେ କର୍ମୀ ପଞ୍ଚାୟତ ନିର୍ବାଚନରେ ନୂଆ ମଞ୍ଚ କରିଥିଲେ। ଦୋବଲ ଓ ମୁସ୍ତାଫାପୁରରେ ରାଜେନ୍ଦ୍ରଙ୍କ ସଙ୍ଗଠନ ଥିବାବେଳେ ସଂଖ୍ୟାଲଘୁ ଭୋଟର ଅଧିକ। ଏମାନଙ୍କର ମାତ୍ରାଧିକ ଭୋଟ୍ ରାଜେନ୍ଦ୍ରଙ୍କ ବାକ୍ସରେ ପଡ଼ିବାର ସମ୍ଭାବନା ରହିଛି। ସେହିପରି ଦଳାଙ୍ଗ, କରଦାରେ ମଧ୍ୟ ରାଜେନ୍ଦ୍ରଙ୍କୁ ଅକୁଣ୍ଠ ସମର୍ଥନ ମିଳୁଛି। ବାକି ଭୋଟ ଭାଜପା ସପକ୍ଷରେ ଯାଇପାରେ। ସୋହଡ଼ାରେ ଭାଜପାର ପ୍ରଭାବ ଖୁବ୍ ଅଧିକ। ତେବେ ପୂର୍ବତନ ବ୍ଲକ ଚେୟାରମ୍ୟାନ ବିନୋଦ ନାୟକଙ୍କ ପଞ୍ଚାୟତ ଓ ତାଙ୍କ ବୋହୂ ସରପଞ୍ଚ ଥିବାରୁ ବିଜେଡି ଏଠାରେ ଆଶ୍ୱସ୍ତ ଅଛି। ପଧାନି ପଞ୍ଚାୟତରେ ଭାଜପା ଓ କଂଗ୍ରେସର ଦବ୍‌ଦବା। ଏଠାରେ ବିଜେଡିର ପ୍ରାୟତଃ ସ୍ଥିତି ନାହିଁ। ଯାହା କିଛି ଅଛି, ସେସବୁ ରାଜୁଙ୍କ ସପକ୍ଷରେ ରହିଛି। ଯାଜପୁରର ସୁରକ୍ଷା ପାଇଁ ଧାମନଗର ପଟକୁ ବୈତରଣୀରେ ୬ଟି ଏସ୍କେପ କରାଯାଇଥିବାରୁ ଲୋକଙ୍କର ସେହି ରାଗ ମଧ୍ୟ ଏବେ ସ୍ୱାଭିମାନର କଥା ହୋଇ ଉଙ୍କି ମାରୁଛି। ସେହି ସ୍ୱାଭିମାନକୁ ରାଜେନ୍ଦ୍ର ଆୟୁଧ କରିଥିବାରୁ ଲୋକେ ବି ତାଙ୍କ ସପକ୍ଷରେ ଯାଉଥିବା ଦେଖିବାକୁ ମିଳିଛି।

# ଏସ୍‌ଏଚ୍‌ଜି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ କଲା ଭାଜପା

## ଧାମନଗର ଉପନିର୍ବାଚନ

### '୪୮ ଘଣ୍ଟା ଭିତରେ ମହିଳାଙ୍କୁ ଗିରଫ ନ କଲେ ଧାରଣା'

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳର ଅପବ୍ୟବହାର ସହିତ ଭୋଟରଙ୍କୁ ଧମକ ଦେବା ଏବଂ ଟଙ୍କା ଦେଇ ଭୋଟ ଦେବାକୁ ପ୍ରବର୍ତ୍ତାଇବା କାର୍ଯ୍ୟରେ ଶାସକ ଦଳ ଲାଗିପଡ଼ିଛି। ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଖୋଲାଖୋଲି ଭାବେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି। ମିଶନ ଶକ୍ତି ମହିଳାମାନେ ମତଦାତାଙ୍କ ଘରେ ଘରେ ଟଙ୍କା ବାଣ୍ଟୁଥିବା ଭିଡିଓ ଏବେ ଭାଇରାଲ ହେଉଛି। ବିଜେଡି ସଭାରେ ଯେଉଁ ଜନତା ଆସୁଛନ୍ତି ସେମାନଙ୍କୁ ଏସ୍‌ଏଚ୍‌ଜି ମହିଳା ଟଙ୍କା ବାଣ୍ଟି ଭୋଟ ଦେବାକୁ ପ୍ରଲୋଭିତ କରୁଛନ୍ତି। ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ଜଣେ ମହିଳା ଖୋଲାଖୋଲି ଭାବେ ଅନୈତିକ ଭାବେ ଟଙ୍କା ବାଣ୍ଟିବାର ଏକ ଭିଡିଓ ଶନିବାର ସାମ୍ନାକୁ ଆସିଛି। ଏ ସମ୍ପର୍କିତ ସମସ୍ତ ତଥ୍ୟ ଓ ପ୍ରମାଣ ଭାଜପାର ଏକ ପ୍ରତିନିଧି ଦଳ ରବିବାର ସିଇଓଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୪୮ ଘଣ୍ଟା ଭିତରେ ଧାରା ୧୨୩/୧୭୧ ଅନୁଯାୟୀ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରାଯାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜ୍ୟ ନିର୍ବାଚନ ଅଧିକାରୀ ଏବଂ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଭାଜପା କହିଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ସ୍ଥାନୀୟ ପୋଲିସ ଓ ପ୍ରଶାସନ ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ଏସ୍‌ଏଚ୍‌ଜି ଜରିଆରେ ବ୍ୟାପକ ମାତ୍ରାରେ ଟଙ୍କା ବଣ୍ଟନ କରାଯାଇ ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ଧାମନଗର ଉପନିର୍ବାଚନରେ ମଧ୍ୟ ବିଜେଡି ଅନୁରୂପ ଶୈଳୀ ଆପଣାଇଛି। ଏହାକୁ ସିଇଓ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ୪୮ ଘଣ୍ଟାରେ ଅଭିଯୁକ୍ତଙ୍କୁ ନ ଧରିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

## ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା, ଅର୍ଚ୍ଚନା ନାଗ ବ୍ଲାକମେଲିଂ ଘଟଣା

### ଆସନ୍ତା ୩୧ରେ ନବୀନ ନିବାସ ଘେରିବ ଭାଜପା

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ସମ୍ପୃକ୍ତ ଶାସକ ଦଳର ବହୁ ମନ୍ତ୍ରୀ ଏବଂ ନେତାଙ୍କୁ ସୁରକ୍ଷା ଦିଆଯାଉଥିବାରୁ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ସେବା ପାଇଁ ଥିବା ପ୍ରଶାସନ ଓ ପୋଲିସ ଉପରୁ ବିଶ୍ୱାସ ହ୍ରାସ ପାଇଲାଣି। ବହୁଚର୍ଚ୍ଚିତ ଧର୍ମେନ୍ଦ୍ର ସାହୁ ମୃତ୍ୟୁର ଅଭିଯୁକ୍ତ ମନ୍ତ୍ରୀ ସମୀର ଦାଶ ଓ ଅର୍ଚ୍ଚନା ନାଗ ସ୍କାଣ୍ଡାଲରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ଥିବା ସତ୍ତ୍ୱେ ଶାସକ ଦଳର ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ରାଜ୍ୟ ସରକାରଙ୍କ ଚାପର ବଶବର୍ତ୍ତୀ ହୋଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲା ଏବଂ ସବ୍‌ଡିଭିଜନରେ ଆନ୍ଦୋଳନ ଜରିଆରେ ଜନଜାଗରଣ ସୃଷ୍ଟି କରାଯିବ। ଏହାସହ ଆସନ୍ତା ୩୧ରେ ନବୀନ ନିବାସ ଘେରାଉ କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ଭାଜପା ପ୍ରତିନିଧି ଦଳ


ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଭାଜପା ନେତା ଓ କର୍ମୀ।

ତଥା ନେତା ଓ କର୍ମୀମାନେ ଦ୍ୱିତୀୟ ଦିନ ପାଇଁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଶାସକ ଦଳ ନେତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ମୃତ୍ୟୁ ପୂର୍ବରୁ ସ୍ୱର୍ଗତ ଧର୍ମେନ୍ଦ୍ର ସାହୁଙ୍କ ବୟାନ ଆଧାରରେ ଅଭିଯୁକ୍ତ ମନ୍ତ୍ରୀ ଦାଶଙ୍କୁ ଜେରା କରିବା ତ ବହୁ ଦୂରର କଥା, ବର୍ତ୍ତମାନ ସୁଦ୍ଧା ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ଆସନ୍ତା ୪୮ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଜେରା କରା ନ ଗଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଭାଜପା କହିଛି।

# ଏମ୍‌ସିଏଚ୍ କୋଠା ପଛପଟ ଡ୍ରେନ୍‌ରୁ ଶିଶୁ ମୃତଦେହ ଜବତ

ବଲାଙ୍ଗୀର ଅଫିସ, ୨୩।୧୦

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ଥିବା ମାତୃ ଏବଂ ଶିଶୁ ହସ୍ପିଟାଲ କୋଠା ପଛପଟ ଡ୍ରେନ୍‌ରୁ ରବିବାର ସକାଳେ ଏକ ନବଜାତ ମୃତ ଶିଶୁକନ୍ୟା ପଡିଥିବା ଦେଖାଯାଇଥିଲା। ଖବର ପାଇ ଟାଉନ୍ ଥାନା ପୋଲିସ ସେଠାରେ ପହଞ୍ଚି ଛାନଭିନ୍ କରିବା ସହ ମୃତଦେହ ଜବତ କରିଥିଲା। ହସ୍ପିଟାଲରେ ଦିନକ ଆଗରୁ ଏକ ମୃତ ଶିଶୁ ଜନ୍ମ ଗ୍ରହଣ କରିଥିଲା। ତାକୁ ପରିବାର ଲୋକେ ନେଇଯାଇଥିଲେ। ସେମାନେ ଏହି କାଣ୍ଡ ଭିଆଇଥିବା ପୋଲିସ ଅନୁମାନ କରୁଛନ୍ତି। ମୃତଶିଶୁ ଜନ୍ମ ହେଲେ ହସ୍ପିଟାଲ ପରିସର ଡ୍ରେନ୍‌ରେ ଫିଙ୍ଗି ଦିଆଯାଉଥିବା ଘଟଣା ପୂର୍ବରୁ ବହୁବାର ଘଟିଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଆଦୌ ସତର୍କ ହେଉ ନ ଥିବାରୁ ଏଭଳି ଘଟଣା ବାରମ୍ବାର ପୁନରାବୃତ୍ତି ଘଟୁଛି।

# 'ଲକ୍ଷେ ଖାଲି ପଦବୀ କେବେ ପୂରଣ କରିବେ କୁହନ୍ତୁ'

## ରାଜସ୍ୱ ମନ୍ତ୍ରୀଙ୍କୁ ଭାଜପାର ପ୍ରଶ୍ନ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ରାଜ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଥିବା ବେଳେ ଏହା କେବେ ପୂରଣ ହେବ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲିକ ଏହାର ଉତ୍ତର ରଖିବେ କି ବୋଲି ଭାଜପା ନେତ୍ରୀ ସୁରମା ପାଢ଼ୀ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ମନ୍ତ୍ରୀ ପ୍ରମିଳା ମଲିକ ଭଲରେ ଶୁଣି ନ ଥିବା ପରି ମନେହେଉଛି। ନହେଲେ ସେ କେନ୍ଦ୍ର ସରକାର କ'ଣ କରିଥିବା ନେଇ ତଥ୍ୟ ମାଗି ନ ଥାନ୍ତେ। ବର୍ତ୍ତମାନ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ କେତେ ପଦବୀ ଖାଲି ଅଛି, ତାହା ଭଲ ଭାବେ ପ୍ରମିଳାଙ୍କୁ ଜଣାଥିବ। ଶାସକ ଦଳର ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓଡ଼ିଶା ବିଧାନସଭାରେ ଦେଇଥିବା ତଥ୍ୟନୁସାରେ ରାଜ୍ୟରେ ବିଭିନ୍ନ ବିଭାଗରେ ୨ ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି। ସେଥିମଧ୍ୟରୁ କେବଳ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୬୧,୮୩୬ଟି ପଦବୀ ଖାଲି ଅଛି। ଉଚ୍ଚଶିକ୍ଷା ବିଭାଗରେ ୧୧,୫୨୨ ପଦବୀ ଖାଲି ଥିବାବେଳେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗରେ ୩,୧୦୬ ପଦବୀ ଖାଲି ପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗରେ ୩୬ ହଜାରରୁ ଊର୍ଦ୍ଧ୍ୱ ପଦବୀ ଖାଲି ଅଛି। ଏସବୁକୁ ପୂରଣ କରିବା ପାଇଁ ରାଜ୍ୟ ସରକାର କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ମଞ୍ଚେଶ୍ୱର ଥାନା ଅଧିକାରୀଙ୍କ ବିରୋଧରେ ଛାତ୍ର କଂଗ୍ରେସର ଧାରଣା

## ଅନ୍ୟାୟରେ ଛାତ୍ର କଂଗ୍ରେସ ନେତାଙ୍କୁ ଗିରଫ କରିଥିବା ଅଭିଯୋଗ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ପକ୍ଷପାତିତା ଏବଂ ଅନୈତିକ କାର୍ଯ୍ୟ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ରବିବାର ଆୟୋଜିତ ହୋଇଛି। ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଏକ ରାଲିରେ ଆସି ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତାକୁ ଘଣ୍ଟାଏ ଧରି ଅବରୋଧ କରିଥିଲେ। ୟାସୀରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ଡିସିପି ଅଫିସ ଭିତରକୁ ପଶେଇ ପଶିଲାବେଳେ ଉପସ୍ଥିତ ପୋଲିସଙ୍କ ସହ ଧସ୍ତାଧସ୍ତି ହେଲା। ଏହାପରେ ଦାବିପତ୍ର ଦେବା ପାଇଁ ଏକ ପ୍ରତିନିଧି ଦଳ ଡିସିପିଙ୍କ କାର୍ଯ୍ୟାଳୟ ଯିବାକୁ ରାଜି ହୋଇଥିଲା। ଛାତ୍ର କଂଗ୍ରେସର ପ୍ରତିନିଧି ଦଳ ଡିସିପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଡିସିପି ପି.କେ. ରାଉତଙ୍କୁ ଦାବିପତ୍ର ଦେବା ସହ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କ ଅନୈତିକ କାର୍ଯ୍ୟ ବିରୋଧରେ ଅଭିଯୋଗ କରିଛନ୍ତି। ମଞ୍ଚେଶ୍ୱର ଥାନା ଅଧିକାରୀ ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟସ୍ତରୀୟ ସମ୍ପାଦକ ସଫଳ ସମନ୍ୱୟଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇ ତାଙ୍କୁ ଗିରଫ କରିଛନ୍ତି। ଗତ ୧୮ ଅକ୍ଟୋବରରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଆପରାଧିକ ଘଟଣାରେ ପୋଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ଏହି ଘଟଣା ସହିତ କୌଣସି ସମ୍ପର୍କ ନ ଥିବା ସଫଳ ସମନ୍ୱୟଙ୍କୁ ଅନ୍ୟାୟ ଭାବେ ଥାନାକୁ ଆଣି ମାଡ଼ ମାରିବା ସହ ଜେଲ ପଠାଇ ଦିଆଯାଇଛି। ସୁଧୀର ସାହୁ ଅପରାଧ କମାଇବା ପରିବର୍ତ୍ତେ ବଢ଼େଇ ଚାଲିଛନ୍ତି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

# କୋରାପୁଟରେ କଫି ଉତ୍ପାଦନ ବୃଦ୍ଧି ନେଇ ସଚିବଙ୍କ ଗୁରୁତ୍ୱ


କୃଷି ସଚିବ ଅରବିନ୍ଦ ପାଢ଼ୀ ଅଧିକାରୀ ଓ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ,୨୩।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ଗସ୍ତରେ ଆସିଥିବା ରାଜ୍ୟ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ରବିବାର ଗ୍ରସ୍ତର ଅନ୍ତିମ ଦିନରେ କୋରାପୁଟ ଜିଲାରେ କଫିର ଉତ୍ପାଦନ ବୃଦ୍ଧି ନେଇ ଗୁରୁତ୍ୱାରୋପ କରିଛନ୍ତି। କୋରାପୁଟ ଠାରେ ଆୟୋଜିତ ବୈଠକରେ ବିଭାଗୀୟ ଅଧିକାରୀ ଓ କଫି ଚାଷୀଙ୍କ ସହ ସଚିବ ଆଲୋଚନା କରି ଜିଲାରେ ଏବେ ୩ ହଜାର ହେକ୍ଟର ଜମିରେ କଫିଚାଷ କରାଯାଉଥିବାବେଳେ ଏହାକୁ ବୃଦ୍ଧିକରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

କୋରାପୁଟରେ ଥିବା ଏକମାତ୍ର କଫି ପ୍ରକ୍ରିୟାକରଣ ୟୁନିଟରୁ ଦୈନିକ ୧୫୦ କେଜି କଫି ବଦଳରେ ୪ ଶହ କେଜି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କେତେଜଣ ଘରୋଇ ଚାଷୀ ଉପସ୍ଥିତ ରହି କଫି ଚାଷପାଇଁ ଦୀର୍ଘ ମିଆଦି ସୂତ୍ରରେ ଜମି ଲିଜ୍‌ରେ ପ୍ରଦାନ କରିବାକୁ ସଚିବଙ୍କୁ ଅନୁରୋଧ କରିଥିଲେ। ସେହିପରି ଅମଳ କଫିର କେଜି ପ୍ରତି ଦର ବୃଦ୍ଧି କରିବାକୁ ରାଜ୍ୟ ସରକାର କଫି ବାବଦରୁ ପାଉଥିବା ଲାଭାଂଶର କିଛି ପ୍ରତିଶତ ସ୍ଥାନୀୟ ଚାଷୀଙ୍କୁ ପ୍ରଦାନ କରିବାକୁ ଦାବି କରିଥିଲେ। ଆଗାମୀ ଦିନରେ କୋରାପୁଟ ଜିଲାରେ ହେବାକୁ ଥିବା କଫି ମିଶନ ନିମନ୍ତେ ଉପରୋକ୍ତ କାର୍ଯ୍ୟ ଖସଡ଼ା ସହାୟକ ହେବ। ସେହିପରି ନଭେମ୍ବର ୧୦କୁ ମିଲେଟ ଡେ' ଭାବେ ପାଳନ କରିବାକୁ ବିଭାଗ ନିଷ୍ପତ୍ତି ନେଇଥିବା ସଚିବ ଏଠାରେ ସୂଚନା ଦେଇଥିଲେ। ଏହି ଅବସରରେ କୋରାପୁଟ ଜଳ ବିଭାଜିକା ଉପ ନିର୍ଦ୍ଦେଶକ ଅରୁଣ ଦାସ, ଆଇଟିଡିଏ ପିଏ କାରୁ ସୋରେନ, ଈଶ୍ୱର ପାଣିଗ୍ରାହୀ, କଫି ଉପ ନିର୍ଦ୍ଦେଶକଙ୍କ ସମେତ ଚାଷୀ ଉପସ୍ଥିତ ଥିଲେ।

# ନାରୀ ଶ୍ରମିକଙ୍କ ସହଯୋଗ ଏକ ଜାତୀୟ ଦୃଷ୍ଟାନ୍ତ

ଡ. ସୁରେନ୍ଦ୍ର କୁମାର ମିଶ୍ର

ମଉଜରେ କେବଳ ଶିଳ୍ପୀମାନେ ସାମିଲ ନ ଥିଲେ, ପାଇଟିଆଳ, ଜଗୁଆଳି, ସୁଆଁସିଆ ଓ ନାରୀ ଶ୍ରମିକମାନେ ସାମିଲ ଥିଲେ। ହାଡ଼ଭଙ୍ଗା ଖଟଣି ଯେମିତି ଖଟିଛନ୍ତି ମନଭରି ଖୁସିବାସିରେ ଖା'ପିଅ ବି କରିଛନ୍ତି। ଗୋଟିଏ ପରିବାର ଭଳି ଶୃଙ୍ଖଳିତ ଭାବରେ ଦିନ ଦିନ ନୁହେଁ, ମାସ ମାସ ନୁହେଁ, ବର୍ଷ ବର୍ଷ କଟାଇ ଦେଇଛନ୍ତି। ମନ୍ଦିର ନିର୍ମାଣ ସମୟରେ ଲୁହା ତରଳାଇବାକୁ ଯେମିତି ଭାଟି ତିଆରି ହୋଇଥିଲା ତମ୍ବା ତରଳାଇବାକୁ ସେହିପରି। ତମ୍ବା ତାର ତରଳାଇବା ପାତ୍ର ଖଞ୍ଜାଗଲେ ଭିତରପାଖ ପଲସ୍ତରା ହୁଏ। ସେ ପଲସ୍ତରା ମାଟି + ଗୋବର + ଚଷୁ ମିଶି ପ୍ରସ୍ତୁତ ହୋଇଥାଏ। ବାରଜଣ ନାରୀ ଶ୍ରମିକ ଉକ୍ତ ମିଶ୍ରିତ ମାଟିକୁ ଭାଗମାପରେ ପ୍ରସ୍ତୁତ କରି ଭିତର ପାଖ ପଲସ୍ତରା କରିଥିଲେ। ନାରୀ ଶ୍ରମିକଙ୍କର ଗୋଟି ଗୋଟି କରି ନିଷ୍ଠା ଓ ପରିଶ୍ରମର ପ୍ରସଙ୍ଗ ବର୍ଣ୍ଣନା କଲେ କଳେବର ଯଥେଷ୍ଟ ବୃଦ୍ଧି ହେବାର ଆଶଙ୍କା ରହିଛି। ସବୁ ପାଠକଙ୍କୁ ସୁଖ ଲାଗି ନ ପାରେ। ପାଠକୀୟ ଅବଗତି ଆମର ମୁଖ୍ୟ ଆଭିମୁଖ୍ୟ। ଗର୍ଭମୁଦ ଯୋଡ଼େଇ ପାଇଁ ମୁଖ୍ୟ ସାମଗ୍ରୀ ଝୁଣା। ଶ୍ରୀରାମ ପଟ୍ଟନାୟକ ବଡ଼ ବଡ଼ ବସ୍ତାରେ ଶାଳଝୁଣା ଆଣି ପହଞ୍ଚିଲେ ଗଞ୍ଜାମରୁ। ସେ ପ୍ରଥମେ ଗଞ୍ଜାମରୁ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚାଇଥିଲେ। ପୁରୁଷୋତ୍ତମରୁ ୩ଟି ଶଗଡ଼ଗାଡ଼ିରେ ତାହା କୋଣାର୍କରେ ପହଞ୍ଚିଥିଲା। ଝୁଣା ପାଇଁ ସେ ପାଞ୍ଚମାଢ଼ ସୁନା ନେଇଥିଲେ। ଅନୁମାନ କରାଯାଇପାରେ ୩ଟି ଶଗଡ଼ରେ ଆସୁଥିବା ଝୁଣାର ପରିମାଣ କେତେ ହୋଇଥିବ। ଝୁଣାକୁ ଗୁଣ୍ଡକରି ରାଶିତେଲରେ ମିଶାଇବାକୁ ପାଞ୍ଚଜଣ ନାରୀ ସୁଆଁସିଆ ଲାଗିଥିଲେ। ତା' ସହିତ ମିଶିଲା ଚୂନ


କୋଣାର୍କ ମନ୍ଦିର ଦ୍ୱାରବନ୍ଧର ସୂକ୍ଷ୍ମ କାରୁକାର୍ଯ୍ୟର ଚିତ୍ର।
(ଫଟୋ: ସଞ୍ଜୟ ବରାଳ)

+ ଗୁଡ଼ ଓ ବିରି। ୨୦ ଗୌଣି ବିରିରେ ୧୪ ନଉତି ରାଶିତେଲ। ନଉତି କହିଲେ ଚାରିସେରିଆରେ ଗଉଣି। ଅର୍ଥାତ୍ ୧୪ ଗଉଣି। ବଡ଼ ହାଣ୍ଡିରେ ୩ ହାଣ୍ଡି ଗୁଡ଼। ଏତକ ମିଶିବା ପରେ ତା ସହିତ ପଥର ଗୁଣ୍ଡ ଘଷାଗଲା। ତିନିଦିନ ଲାଗିଲା ୧୨ ଜଣ ନାରୀ ସୁଆଁସିଆଙ୍କୁ। କୋଣାର୍କକୁ ମନ୍ଦିର କାମ ଚାଲିଥିବାବେଳେ ଗଜପତି ଅନେକବାର ଆସିଛନ୍ତି। କୋଣାର୍କରେ ରହିଛନ୍ତି। ପାଟ ମହାଦେଈ ଆସିଛନ୍ତି, ଦ୍ୱିତୀୟ ରାଣୀ ଆସିଛନ୍ତି। ରାଜମାତା ବି ଥରେ ଆସିଛନ୍ତି। ସେମାନଙ୍କ ରହଣି କାଳରେ ଓ ଗମନାଗମନ ସମୟରେ ଆଲୋକ ବ୍ୟବସ୍ଥା ପାଇଁ 'ଦୁହୁଡ଼ି' ଜଳା ଯାଉଥିଲା। ମହାଶ୍ରମ (ଗଜପତି) ରାତିରେ ମଧ୍ୟ କାମ ଦେଖିବାକୁ ଶିବେଇ ସାମନ୍ତରାଙ୍କ ଶିବିରକୁ ବିଜେ କରିଛନ୍ତି। ଶିବେଇ ସାମନ୍ତରା ମୁଖ୍ୟ ପୂଜା ବିଗ୍ରହଙ୍କୁ ଗଢ଼ିବା ଦାୟିତ୍ୱରେ ଥିଲେ। ସେ ତାଙ୍କ ଶିବିରରେ ଗଢୁଥାନ୍ତି। ଶିଳ୍ପୀର ଖିଆଲିମନ, ରାତିରେ ବି କାମ କରିବାକୁ ପଛାନ୍ତି ନାହିଁ। ଶୁଣିଲେ ସୂତ୍ରଧର ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ ଅଛନ୍ତି, ସେଥିପାଇଁ ଗଜପତିଙ୍କ ଶିବିରକୁ ଆସିପାରି ନାହାନ୍ତି।

■ ରାତିରେ ରାଜପଟୁଆରରେ ରହୁଥିଲେ ନାରୀ ସୁଆଁସିଆ
■ ସୂକ୍ଷ୍ମ କାରୁକାର୍ଯ୍ୟରେ ସହଯୋଗୀ ଥିଲେ ନାରୀ ପଥୁରିଆଣି

ସାଙ୍ଗେ ସାଙ୍ଗେ ଗଜପତି ଆଦେଶ ଦେଲେ ସୂତ୍ରଧରଙ୍କ ଶିବିରକୁ ବିଜେ କରିବା




ହେବା। ଏଠି କାହିଁ ଆସିଲେନି ବୋଲି ଦିଗ୍‌ବିଜୟୀ ଗଜପତିଙ୍କ ମନରେ ଅଭିମାନ ନାହିଁ। ଅନୁରାଗ ଅଛି। ଶିଳ୍ପୀ କାମରେ ବ୍ୟସ୍ତ... ନ ଆସିପାରିଲେ ଆମେ ଯିବା। ମୂର୍ତ୍ତି ନିର୍ମାଣର ଅଗ୍ରଗତି ଦେଖିବା। ୟାକୁ ଆମେ ଗଜପତିଙ୍କ ଉଦାର ମନୋଭାବର ଉଦାହରଣ କହିପାରିବା। ଗଜପତି ବିଜେ କରିବେ। ଚଳଚଞ୍ଚଳ ହୋଇଉଠିଲା ଶିବିର। ଦଶଜଣ ସୁରକ୍ଷା ପାଇକ ରାଜକୀୟ ଠାଣିରେ ପ୍ରସ୍ତୁତ ହୋଇଗଲେ। ଚାମରଧାରୀ ଓ ଅନ୍ୟାନ୍ୟମାନେ ପ୍ରସ୍ତୁତ। ସେଇଠି ନାରୀ ସୁଆଁସିଆମାନେ 'ପଟୁଆରୀ'ର ଭୂମିକା ନିର୍ବାହ କଲେ। ଦିହୁଡ଼ି ଦେଖାଇ ଆଗପଛ ହୋଇ ସମସ୍ତଙ୍କୁ ବାଲିପନ୍ତରାରେ ବାଟ କଢ଼ାଇ ନେଇଥିଲେ। ଯେଉଁ ନାରୀ ଶ୍ରମିକ ପଥୁରିଆମାନଙ୍କ ସହିତ କାମରେ ନିୟୋଜିତ ହୋଇଥିଲେ ସେମାନେ 'ପଥୁରିଆଣି' ନାମରେ ଚିହ୍ନିତ ଥିଲେ। ଦ୍ୱାରବନ୍ଧର ସୂକ୍ଷ୍ମ କାରୁକାର୍ଯ୍ୟ ହେବା ସମୟରେ ନାରାୟଣ ଓ ଗଙ୍ଗା ମହାପାତ୍ରଙ୍କୁ ସୁନା ପଥୁରିଆଣି ସହଯୋଗ କରୁଥିଲେ ତିନିଜଣ ପଥୁରିଆଣିଙ୍କ ସହିତ। 'ବାରଶ ବଢ଼େଇ' ଏମିତି ଏକ ଶବ୍ଦରେ ଆମ ଐତିହ୍ୟ ସଙ୍କୁଚିତ ହୋଇଯାଇଛି ବୋଧହୁଏ। ବଢ଼େଇ ଥିଲେ। ସବୁ ମହାରଣା ବଢ଼େଇ ନୁହନ୍ତି। ପଥର ମହାରଣା ବା ପଥୁରିଆ ଅଲଗା। ପଥୁରିଆଣି, ଓଝା, କମାର ଓ ମହାପାତ୍ର ସାଙ୍ଗିଆ ଶିଳ୍ପୀ ବି ଅଲଗା। ସମସ୍ତଙ୍କୁ 'ବଢ଼େଇ' ଶବ୍ଦରେ କିଆଁ ବ୍ୟକ୍ତ କରାଗଲା ରହସ୍ୟ ହୋଇ ରହିଛି।

# ସମସ୍ତଙ୍କ ମୁହଁରେ କୋହଲିଙ୍କ ପ୍ରଶଂସା


ଭାରତର ବିଜୟ ପରେ ବିରାଟ କୋହଲିଙ୍କ ପ୍ରତିକ୍ରିୟା।

ଟି୨୦ ବିଶ୍ୱକପ୍‌ରେ ରବିବାର ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବାରୁ ବିରାଟ କୋହଲିଙ୍କ ପ୍ରଶଂସାରେ କ୍ରିକେଟ୍ ଜଗତ ଶତମୁଖ। ମାଷ୍ଟର ବ୍ୟାଟର ସଚିନ ତେନ୍ଦୁଲକରଙ୍କଠାରୁ ଆରମ୍ଭ କରି ବୀରେନ୍ଦ୍ର ସେହ୍ୱାଗ, ମିଥାଲି ରାଜ୍, ହରଭଜନ ସିଂ ଏବଂ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ଇଆନ ବିଶପ ଟୁଇଟର ଜରିଆରେ କୋହଲିଙ୍କୁ ପ୍ରଶଂସା କରିବା ସହ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। **ସଚିନ ତେନ୍ଦୁଲକର:** ବିରାଟ କୋହଲି, ଏହା ତୁମ ଜୀବନର ଶ୍ରେଷ୍ଠ ଇନିଂସ୍ ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରିବ। ତୁମ ଖେଳ ଦେଖିବା ଭଳି ଥିଲା। ୧୯ତମ ଓଭରରେ ରୌଫ୍‌ଙ୍କ ବଲ୍‌କୁ ତୁମେ ଯେପରି ବ୍ୟାକ୍‌ଫୁଟ୍‌ରେ ଲଙ୍ଗଅନ୍ ଉପରେ ଛକା ମାରିଲ ତାହା ଚମକପ୍ରଦ। ଆଗକୁ ଏଭଳି ଜାରି ରହୁ। **ବୀରେନ୍ଦ୍ର ସେହ୍ୱାଗ:** ଶୁଭ ଦୀପାବଳି, ଏହା ଏକ ଚମକପ୍ରଦ ମ୍ୟାଚ। ଏଥିସହିତ ସମସ୍ତଙ୍କ ଭାବାବେଗ ଜଡ଼ିତ ରହିଥିବାବେଳେ ମୁଁ ଦେଖିବାରେ ଏହା ସର୍ବଶ୍ରେଷ୍ଠ ଟି୨୦ ଇନିଂସ। ବିରାଟଙ୍କର ଏଭଳି ଇନିଂସ୍ ମୁଁ କେବେ ଦେଖି ନ ଥିଲି। ଚକ୍ ଦେ ଇଣ୍ଡିଆ। **ମିଥାଲି ରାଜ୍:** କୋହଲି ଦକ୍ଷତା ଓ ଟେମ୍ପରାମେଣ୍ଟର ଅପୂର୍ବ ମିଶ୍ରଣ ପ୍ରଦର୍ଶନ କଲେ। ହାର୍ଦ୍ଦିକଙ୍କ ସହ ତାଙ୍କର ପାର୍ଟନରଶିପ୍ ମ୍ୟାଚ୍ ବଦଳାଇ ଦେଇଥିଲା। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଭାରତର ଚମକପ୍ରଦ ବିଜୟ। ବିଶ୍ୱକପ୍‌ରେ ଭାରତର ଭଲ ଆରମ୍ଭ। ବହୁତ ବଢ଼ିଆ। **ହରଭଜନ ସିଂ:** ସରଳ ଭାବେ କହିଲେ ଚମତ୍କାର ଏବଂ ଭାରତର ଅନ୍ୟତମ ଶ୍ରେଷ୍ଠ ବିଜୟ। ଏପରି ଇନିଂସ୍ ପାଇଁ ବିରାଟ କୋହଲିଙ୍କୁ ଅଭିନନ୍ଦନ। ହାର୍ଦ୍ଦିକ ପାଣ୍ଡ୍ୟା ଓ ଅର୍ଶଦୀପ ସିଂଙ୍କ ପ୍ରଦର୍ଶନ ମଧ୍ୟ ପ୍ରଶଂସନୀୟ। **ଭିଭିଏସ୍ ଲକ୍ଷ୍ମଣ:** ମୋ ଦେଖିବାରେ ଟି୨୦ ବିଶ୍ୱକପ୍‌ରେ ମୋହାଲି ଗ୍ରାଉଣ୍ଡରେ ବିରାଟ କୋହଲିଙ୍କ ପ୍ରଦର୍ଶନ ସମ୍ଭବତଃ ଅନ୍ୟତମ ଶ୍ରେଷ୍ଠ ଥିଲା। ମାତ୍ର ଏହି ଇନିଂସ୍ ତା'ଠାରୁ ଉପରେ ରହିବ, କାରଣ ଭାରତ ୩୧ ରନ୍‌ରେ ୪ଟି ଉଇକେଟ ହରାଇ ସାରିଥିଲା। ଭାରତ ପାଇଁ ଏହା ଚିତ୍ତାକର୍ଷକ ବିଜୟ। **ଗୌତମ ଗମ୍ଭୀର:** ଏପରି ପ୍ରଦର୍ଶନଠାରୁ ଭାରତର ବିଶ୍ୱକପ୍ ଆରମ୍ଭ ଆଉ ଭଲ ହୋଇ ନ ପାରେ। **ଯୁବରାଜ ସିଂ:** ମୁଣ୍ଡ ଥଣ୍ଡା ରଖି ରବିଚନ୍ଦ୍ରନ ଅଶ୍ୱିନ ବଲ୍‌କୁ ୱାଇଡ୍ ହେବାକୁ ଦେଲେ। ଏପରି ଗେମ୍ ଅବିଶ୍ୱସନୀୟ। ଭାରତ ପାକିସ୍ତାନ ମୁକାବିଲା ସାଧାରଣ ମ୍ୟାଚ୍‌ଠାରୁ ଭିନ୍ନ ଥାଏ। ଏଥି ସହିତ ଭାବାବେଗ ମଧ୍ୟ ଜଡ଼ିତ ଥାଏ। ବିରାଟ କୋହଲି ନିଜ ଶ୍ରେଷ୍ଠତ୍ୱ ପ୍ରତିପାଦନ କଲେ। **ସୁରେଶ ରାଇନା:** ମ୍ୟାଚ୍‌ଟି ଶେଷପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଲା। ଶେଷରେ ଟିମ୍ ଇଣ୍ଡିଆର ବିଜୟ ହେଲା। ପ୍ରତି ଖେଳାଳିଙ୍କ ଲଢୁଆ ମନୋବୃତ୍ତି ଓ ଏନର୍ଜି ଚମତ୍କାର ଥିଲା। ବିଜୟ ପାଇଁ ଅଭିନନ୍ଦନ, ଜୟ ହିନ୍ଦ୍। **ଇଆନ ବିଶପ:** ବିରାଟ କୋହଲି ବଢ଼ିଆ ଖେଳିଲେ। ନିଜର ଶ୍ରେଷ୍ଠଦିନକୁ ଫେରିଆସିଲେ।


କୋହଲିଙ୍କୁ ଟେକି ଧରିଛନ୍ତି ଅଧିନାୟକ ରୋହିତ ଶର୍ମା।

## 'ଏଭଳି କ୍ରିକେଟ ମହୋତ୍ସବ କେବେ ଦେଖି ନ ଥିଲୁ'

**ମେଲବୋର୍ନ, ୨୩।୧୦(ପି.ଟି.)**

ଜୋହାନ୍ସବର୍ଗ, ମୀରପୁର, କଲମ୍ବୋ, କୋଲ୍‌କାତା, ବର୍ମିଂହାମ, ଆଡିଲେଡ୍, ଲଣ୍ଡନ ଓ ମାଞ୍ଚେଷ୍ଟର ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଯଦି କେହି 'ଜନ ଗଣ ମନ' ଶୁଣିଥାନ୍ତି, ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ସେମାନେ ଭିନ୍ନ ପରିବେଶ ଅନୁଭବ କରିଥିବେ। ଟି୨୦ ବିଶ୍ୱକପ୍ ସୁପର-୧୨ ପର୍ଯ୍ୟାୟରେ ଭାରତ-ପାକିସ୍ତାନ ମ୍ୟାଚ୍ ଦେଖିବା ଲାଗି ଗ୍ରାଉଣ୍ଡରେ ୯୦,୨୯୩ ଲୋକ ଉପସ୍ଥିତ ଥିଲେ। ତନ୍ମଧ୍ୟରେ ଭାରତୀୟ ଦର୍ଶକଙ୍କ ସଂଖ୍ୟା ୬୦,୦୦୦ରୁ ଅଧିକ ଥିଲା। 'ଜୟ ହେ' କୋରସ ଷ୍ଟାଡିୟମରେ ଯେଉଁ ପରିବେଶ ସୃଷ୍ଟି କରିଥିଲା ତାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଭାରତୀୟ ଟିମ୍ ଅଧିନାୟକ ରୋହିତ ଶର୍ମା ଖୁବ୍ ଭାବପ୍ରବଣ ଦେଖାଯାଉଥିଲେ। ସେ ନିଜ ଭାବନାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିଲେ।

ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ୍ ଦେଖିବାକୁ ଖେଳପ୍ରେମୀ କେତେ ପରିମାଣରେ ବ୍ୟାକୁଳ, ତାହାର ଏକ ନିଦର୍ଶନ ହେଉଛନ୍ତି କୋଲ୍‌କାତା ବାସିନ୍ଦା ସମିରନ ଚୌଧୁରୀ। ବ୍ୟାଙ୍କକ୍‌ରେ ତାଙ୍କର ପ୍ରଥମ ରେସ୍ତୋରାଁ ଖୋଲିବା ପରେ ବିଭିନ୍ନ କାରଣରୁ ସେ ଚାପରେ ଥିଲେ। ଏହାସତ୍ତ୍ୱେ ସେ ଭାରତ-ପାକିସ୍ତାନ ମ୍ୟାଚ୍ ମିସ୍ କରିବାକୁ ଚାହୁଁ ନ ଥିଲେ। ପ୍ରଥମ ଚେଷ୍ଟାରେ ତାଙ୍କୁ ଭିଜା ମିଳି ନ ଥିଲା। ହେଲେ ଦ୍ୱିତୀୟ ଚେଷ୍ଟାରେ ମିଳିଯାଇଥିଲା। ସେ ୧ଲକ୍ଷ ଟଙ୍କାରେ ବିମାନ ଟିକେଟ କ୍ରୟ କରି ମ୍ୟାଚ୍ ଦିନ ପହଞ୍ଚି ଯାଇଥିଲେ। ଟିକେଟ ପାଇଥିବାରୁ ସେ ନିଜକୁ ଗର୍ବ ଅନୁଭବ କରୁଥିଲେ। ସମିରନଙ୍କ ବନ୍ଧୁ ଦୀପରଞ୍ଜନ ଘୋଷ୍ ହେଉଛନ୍ତି ଜଣେ ସଫ୍ଟୱେର ପ୍ରଫେସନାଲ। ସେ ମେଲବୋର୍ନରେ ୧୨ ବର୍ଷ ଧରି ଅବସ୍ଥାନ କରୁଛନ୍ତି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଯେକୌଣସି ଫର୍ମାଟ୍‌ରେ ଭାରତ ମ୍ୟାଚ୍‌କୁ କେବେ ହାତଛଡ଼ା କରିନାହିଁ। ସେ ଆସେସ୍ ଦେଖିଛନ୍ତି, ହେଲେ ରବିବାରର ପରିବେଶ ସେ କେବେ ଦେଖିନାହାନ୍ତି। ସୂଚନା ଯେ, ମେଲବୋର୍ନସ୍ଥିତ ସେଣ୍ଟ୍ରାଲ ବିଜ୍‌ନେସ ଡିଷ୍ଟ୍ରିକ୍ଟରେ ବହୁସଂଖ୍ୟାରେ ଭାରତୀୟ ଓ ପାକିସ୍ତାନୀ ବାସ କରିଥାନ୍ତି।

### ଭାରତ-ପାକିସ୍ତାନ ମ୍ୟାଚ ସ୍କୋରବୋର୍ଡ

**ପାକିସ୍ତାନ ଇନିଂସ୍**
ରିଜ୍‌ୱାନ-କ-ଭୁବନେଶ୍ୱର-ବୋ-ଅର୍ଶଦୀପ-୪
ବାବର ଆଜମ-ଏଲ୍‌ବିଡବ୍ଲ୍ୟୁ-ଅର୍ଶଦୀପ-୦
ଶାନ ମାସୁଦ-ନଟଆଉଟ-୫୨
ଇଫ୍‌ତିକର ଅହମଦ-ଏଲବିଡବ୍ଲ୍ୟୁ-ଶାମି-୫୧
ଶାଦାବ ଖାନ୍-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୫
ହାଇଦର ଅଲି-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୨
ନୱାଜ-କ-କାର୍ତ୍ତିକ-ବୋ-ହାର୍ଦ୍ଦିକ-୯
ଅସିଫ ଅଲି-କ-କାର୍ତ୍ତିକ-ବୋ-ଅର୍ଶଦୀପ-୨
ଶାହିନ ଆଫ୍ରିଦୀ-କଟ୍ ଆଣ୍ଡ ବୋ-ଭୁବନେଶ୍ୱର-୧୬
ହାରିସ ରୌଫ-ନଟଆଉଟ-୬
ଅତିରିକ୍ତ-୧୨
**ମୋଟ:** (୨୦ ଓଭର, ୮ ଉଇକେଟ) ୧୫୯।
**ଉଇକେଟ ପତନ:** ୧/୧, ୨/୧୫, ୩/୯୧, ୪/୯୬, ୫/୯୮, ୬/୧୧୫, ୭/୧୨୦, ୮/୧୫୧।
**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୪-୦-୨୧-୧
ଅର୍ଶଦୀପ ସିଂ ୪-୦-୩୨-୩
ମହମ୍ମଦ ଶାମି ୪-୦-୨୫-୧
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୦-୩
ରବିଚନ୍ଦ୍ରନ ଅଶ୍ୱିନ ୩-୦-୨୩-୦
ଅକ୍ଷର ପଟେଲ ୧-୦-୨୧-୦।

**ଭାରତ ଇନିଂସ**
କେ.ଏଲ୍. ରାହୁଲ-ବୋ-ନଶିମ୍ ଶାହା-୪
ରୋହିତ ଶର୍ମା-କ-ଇଫ୍‌ତିକାର-ବୋ-ରୌଫ-୪
ବିରାଟ କୋହଲି-ନଟଆଉଟ-୮୨
ସୂର୍ଯ୍ୟକୁମାର ଯାଦବ-କ-ରିଜ୍‌ୱାନ୍-ବୋ-ରୌଫ୍-୧୫
ଅକ୍ଷର ପଟେଲ-ରନ୍‌ଆଉଟ-୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର ଆଜାମ-ବୋ-ନୱାଜ-୪୦
ଦୀନେଶ କାର୍ତ୍ତିକ-କ-ରିଜ୍‌ୱାନ-ବୋ-ନୱାଜ-୧
ରବିଚନ୍ଦ୍ରନ ଅଶ୍ୱିନ-ନଟଆଉଟ-୧
ଅତିରିକ୍ତ-୧୧
**ମୋଟ:** (୨୦ ଓଭର, ୬ ଉଇକେଟ) ୧୬୦।
**ଉଇକେଟ ପତନ:** ୧/୭, ୨/୧୦, ୩/୨୬, ୪/୩୧, ୫/୧୪୪, ୬/୧୫୮।
**ବୋଲିଂ (ପାକିସ୍ତାନ)**
ଶାହିନ ଆଫ୍ରିଦୀ ୪-୦-୩୪-୦
ନସିମ ଶାହା ୪-୦-୨୩-୧
ହାରିସ୍ ରୌଫ୍ ୪-୦-୩୬-୨
ଶାଦବ ଖାନ୍ ୪-୦-୨୧-୦
ମହମ୍ମଦ ନୱାଜ ୪-୦-୪୨-୨

## ମୋ ଶ୍ରେଷ୍ଠ ଇନିଂସ: କୋହଲି

**ମେଲବୋର୍ନ, ୨୩।୧୦**

ପାକିସ୍ତାନ ବିପକ୍ଷ ସୁପର-୧୨ ମ୍ୟାଚ୍‌ରେ ୫୩ ବଲରୁ ଅପରାଜିତ ୮୨ ରନ୍‌ର ଇନିଂସ ଖେଳିଥିଲେ ପୂର୍ବତନ ଅଧିନାୟକ ବିରାଟ କୋହଲି। ୩୧ ରନ୍‌ରେ ଭାରତ ୪ ଉଇକେଟ ହରାଇଥିବା ବେଳେ କୋହଲି ଏକପାଖିଆ ଭାବେ ଭାରତକୁ ବିଜୟୀ କରାଇଥିଲେ। ତେବେ ଏହି ଇନିଂସ୍ ତାଙ୍କର ଶ୍ରେଷ୍ଠ ଇନିଂସ ହୋଇଥିବା ବେଳେ ଏହାକୁ ବର୍ଣ୍ଣନା କରିବା ପାଇଁ ତାଙ୍କ ପାଖରେ ଶବ୍ଦ ନ ଥିବା କହିଥିଲେ କୋହଲି। ସେ ଏହି ଇନିଂସରେ ୬ ଚୌକା ଓ ୪ ଛକା ମାରିଥିଲେ। ୧୫୦-୧୫୫ କିମି ବେଗରେ ଆସୁଥିବା ବଲ୍‌କୁ ଅନାୟାସରେ ସେ ବାଉଣ୍ଡ୍ରୀ ମାରିଥିଲେ। ୧୮ତମ ଓଭର ବୋଲିଂ କରିଥିବା ଶାହିନ ଶାହ ଆଫ୍ରିଦୀଙ୍କ ଓଭରରେ ୧୭ ରନ୍ ସଂଗ୍ରହ କରିବା ପରେ ହରିଶ ରୌଫଙ୍କ ପରବର୍ତ୍ତୀ ଓଭରରୁ ୧୫ ରନ୍ କରିଥିଲେ। ପ୍ରଥମ ୪ ବଲ୍‌ରେ ୩ ରନ୍ ଆସିଥିବା ବେଳେ ଅନ୍ତିମ ଦୁଇ ବଲରେ ଦୁଇଟି ଛକା ମାରିଥିଲେ କୋହଲି। ଫଳରେ ମହମ୍ମଦ ନୱାଜ୍‌ଙ୍କ ଅନ୍ତିମ ଓଭରରୁ ଭାରତକୁ ବିଜୟ ପାଇଁ ୧୫ ରନ୍ ଆବଶ୍ୟକ ଥିଲା। ମୋହାଲିରେ ୫୨ ବଲ୍‌ରେ ୮୨ ରନ୍ ମୋର ଶ୍ରେଷ୍ଠ ଇନିଂସ ରହିଥିଲା। ତେବେ ରବିବାର ପରିସ୍ଥିତିକୁ ଦୃଷ୍ଟି ଦେଲେ ଏମ୍‌ସିଜିର ଏହି ଇନିଂସ ମଧ୍ୟ ବେଶ୍ ସ୍ୱତନ୍ତ୍ର ବୋଲି କହିଥିଲେ କୋହଲି। ଅନ୍ୟପକ୍ଷରେ ୪୦ ରନ୍ କରିଥିବା ହାର୍ଦ୍ଦିକଙ୍କୁ ମଧ୍ୟ କୋହଲି ବେଶ୍ ପ୍ରଶଂସା କରିଥିଲେ। ଚାପ ପରିସ୍ଥିତିରେ ପାଣ୍ଡ୍ୟା ଧୈର୍ଯ୍ୟର ପରିଚୟ ଦେବା ସହିତ ଇନିଂସ ଆଗକୁ ବଢ଼ାଇବାର ପରାମର୍ଶ ଦେଇଥିଲେ। ଏହାସହିତ ତାଙ୍କ ଉପରେ ନିୟମିତ ବିଶ୍ୱାସ ଦେଖାଇଥିବା କାରଣରୁ ରୋହିତ ଶର୍ମାଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ। କୋହଲି ଏବଂ ପାଣ୍ଡ୍ୟା ଉଭୟ ବେଶ୍ ଅଭିଜ୍ଞ ଖେଳାଳି। ଉଭୟଙ୍କ ଉପରେ ଆମର ଭରସା ଥିଲା ବୋଲି ଅଧିନାୟକ ରୋହିତ ଶର୍ମା ପ୍ରକାଶ କରିଛନ୍ତି। ପାକିସ୍ତାନ ଅଧିନାୟକ ବାବର ଆଜମ୍ ମଧ୍ୟ ପାଣ୍ଡ୍ୟା ଓ କୋହଲିଙ୍କୁ ପ୍ରଶଂସା କରିଥିଲେ। ଆମ ବୋଲର ବେଶ୍ ଭଲ ବୋଲିଂ କରି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ତେବେ କୋହଲି-ପାଣ୍ଡ୍ୟାଙ୍କ ପାର୍ଟନରଶିପ୍ ଆମ ହାତରୁ ମ୍ୟାଚ୍ ଛଡ଼ାଇନେଲା ବୋଲି ସେ କହିଥିଲେ।

## ପିତାଙ୍କ ତ୍ୟାଗକୁ ମନେପକାଇଲେ ହାର୍ଦ୍ଦିକ

**ମେଲବୋର୍ନ,୨୩।୧୦:** ଭାରତର ବିସ୍ଫୋରକ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ଭାବପ୍ରବଣ ହୋଇପଡ଼ିଥିଲେ। ସେ ସ୍ୱର୍ଗତ ପିତାଙ୍କୁ ମନେପକାଇଥିଲେ, ଯିଏକି ତାଙ୍କ ସ୍ୱପ୍ନ ସାକାର କରିବା ଲାଗି ସହର ପରିବର୍ତ୍ତନ କରିଥିଲେ। ହାର୍ଦ୍ଦିକ କହିଛନ୍ତି, ବର୍ତ୍ତମାନ ପିତାଙ୍କ କଥା ମନେପକାଇ କ୍ରନ୍ଦନ କରୁନାହିଁ। ମୋ ପୁଅକୁ ମୁଁ ଖୁବ୍ ଭଲ ପାଏ। ମୋ ପିତା ମୋ ଲାଗି ଯାହା କରିଛନ୍ତି ମୁଁ ମୋ ପୁଅ ପାଇଁ ତାହା କରିପାରିବି କି ନା ଜାଣେନା। ମୋତେ ସାଢ଼େ ୬ ବର୍ଷ ହୋଇଥିଲା ବେଳେ ମୋ ଅଭିଳାଷ ପୂରଣ ଲାଗି ସେ ତାଙ୍କ ବ୍ୟବସାୟ ସହ ଗୋଟିଏ ସହରରୁ ଅନ୍ୟ ଏକ ସହରକୁ ସ୍ଥାନାନ୍ତର ହୋଇଥିଲେ। ମୋ ପାଇଁ ସେ ବଡ଼ ତ୍ୟାଗ କରିଛନ୍ତି। ଯାହାଫଳରେ ମୁଁ ଏଠି ପହଞ୍ଚିପାରିଛି।

## ଡିଜିଟାଲ ପ୍ଲାଟଫର୍ମରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିଲେ ଭାରତ-ପାକିସ୍ତାନ ମ୍ୟାଚ

**ନୂଆଦିଲ୍ଲୀ, ୨୩।୧୦ (ପି.ଟି.)**

ରବିବାର ଅନୁଷ୍ଠିତ ଭାରତ-ପାକିସ୍ତାନ ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ଡିଜିଟାଲ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ, ଡିଜ୍‌ନି ପ୍ଲସ ହଟ୍‌ଷ୍ଟାରରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିଛନ୍ତି। ସେମାନଙ୍କ ସଂଖ୍ୟା ୧.୮କୋଟି, ଯାହା ଏକ ନୂଆ ରେକର୍ଡ। ଟେଲିଭିଜନ ପାଇଁ ଭାରତରେ ମ୍ୟାଚ୍‌କୁ ଷ୍ଟାର ସ୍ପୋର୍ଟ୍ସ ଟେଲିକାଷ୍ଟ କରିଥିଲା। ଏଥିରେ ଦର୍ଶକ ସଂଖ୍ୟା କେତେ ତାହା ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍‌ସିଲ (ବିଏଆରସି) ଆକଳନ କରି ଏକ ସପ୍ତାହ ପରେ ପ୍ରକାଶ କରିବ। ମ୍ୟାଚ୍‌କୁ ଆହୁରି ମଧ୍ୟ ପିଭିଆର୍ ଓ ଆଇନକ୍ସ ଥିଏଟରର ବଡ଼ ପରଦାରେ ଦେଖିବାକୁ ଲୋକେ ଭିଡ଼ ଜମାଇଥିଲେ। ଡିଜ୍‌ନୀ ପ୍ଲସ୍ ହଟ୍‌ଷ୍ଟାର ଆପ୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ସର୍ବାଧିକ ୧.୮କୋଟି ଦେଖିଥିଲେ। ଏହା ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଏସିଆ କପ୍ ମ୍ୟାଚ୍ ରେକର୍ଡ (୧.୪କୋଟି)କୁ ଭାଙ୍ଗି ଦେଇଥିଲା। ଭାରତର ଭୁବନେଶ୍ୱର କୁମାର ଯେତେବେଳେ ମ୍ୟାଚ୍‌ର ପ୍ରଥମ ବଲ୍ ପକାଇଲେ ତାହାର ସିଧା ପ୍ରସାରଣକୁ ୩୬ ଲକ୍ଷ ଲୋକ ଦେଖିଥିଲେ। ପାକିସ୍ତାନ ଇନିଂସ୍ ଶେଷ ବେଳକୁ ଏହି ଆପ୍‌ରେ ଦର୍ଶକଙ୍କ ସଂଖ୍ୟା ୧.୪ କୋଟି ରହିଥିଲା। ଇନିଂସ୍ ବ୍ରେକ୍ ବେଳକୁ ଏହା ୧.୪ କୋଟିରେ ପହଞ୍ଚିଯାଇଥିଲା। ଭାରତର ବିଜୟ ଲକ୍ଷ୍ୟ ଚେଜ୍ ବେଳେ ଦର୍ଶକଙ୍କ ସଂଖ୍ୟା ୪୦ ଲକ୍ଷ ରହିଥିଲା। ଭାରତ ଏହି ମ୍ୟାଚ୍‌କୁ ୪ ଉଇକେଟରେ ଜିତିବାବେଳକୁ ଦର୍ଶକ ସଂଖ୍ୟା ୧.୮ କୋଟିରେ ପହଞ୍ଚି ଯାଇଥିଲା।



ଟି୨୦ କ୍ରିକେଟ ବିଶ୍ୱକପର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ମ୍ୟାଚ ଅବସରରେ ଭାରତ ଓ ପାକିସ୍ତାନ ପ୍ରଶଂସକ।

## ସହଜ ବିଜୟ ସହ ଶ୍ରୀଲଙ୍କାର ଅଭିଯାନ

**ହୋବାର୍ଟ,୨୩।୧୦(ପି.ଟି.)**

କୁଶାଲ ମେଣ୍ଡିସ୍‌ଙ୍କ ଅର୍ଦ୍ଧଶତକ ବଳରେ ବିଜୟରୁ ଟି୨୦ ବିଶ୍ୱକପ୍‌ର ସୁପର ୧୨ ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା। ରବିବାର ହୋବାର୍ଟରେ ଖେଳାଯାଇଥିବା ମ୍ୟାଚ୍‌ରେ ୯ ଉଇକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି ଦଶୁନ୍ ସନକାଙ୍କ ଦଳ। ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୮ ଉଇକେଟରେ ୧୨୮ ରନ୍ କରିଥିଲା। ମେଣ୍ଡିସଙ୍କ ଅପରାଜିତ ୬୮

**ଟି୨୦ ବିଶ୍ୱକପ୍ ସୁପର ୧୨**

ରନ୍ ବଳରେ ୧ ଉଇକେଟ ହରାଇ ୧୫ ଓଭରରେ ବିଜୟ ହାସଲ କରିଥିଲା ଶ୍ରୀଲଙ୍କା। କୁଶାଲ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୨୦ ଓଭରରେ ୧୨୮/୮ (ହ୍ୟାରି ଟେକ୍ଟର-୪୫, ପଲ୍ ଷ୍ଟର୍ଲିଂ-୩୪, ଜର୍ଜ ଡକରେଲ୍-୧୪, ମହୀଷ ଥିକସାନା-୨/୧୯, ୱାନିନ୍ଦୁ ହସରଙ୍ଗା-୨/୨୫, ଲାହିରୁ କୁମାରା-୧/୧୨)। ଶ୍ରୀଲଙ୍କା ୧୫ ଓଭରରେ ୧୩୩/୧ (କୁଶାଲ ମେଣ୍ଡିସ୍-୬୮*, ଚରିଥ୍ ଅସଲଙ୍କା-୩୧*, ଧନଞ୍ଜୟ ଡି ସିଲଭା-୩୧, ଗେରାଥ୍ ଡେଲାନି-୧/୨୮)।

## କେବଳ କୋହଲିଙ୍କ ନୁହେଁ, ଭାରତର ଶ୍ରେଷ୍ଠ ଟି୨୦ ପ୍ରଦର୍ଶନ

**ମେଲବୋର୍ନ, ୨୩।୧୦(ପି.ଟି.):** ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ କେବଳ ବିରାଟ କୋହଲି ନୁହନ୍ତି, ଦେଶର ଟି୨୦ ଇତିହାସରେ ଏପର୍ଯ୍ୟନ୍ତ ଭାରତ ଏହା ଥିଲା ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ। ମ୍ୟାଚ୍ ପରେ ଖବରଦାତାମାନଙ୍କ ଆଗରେ ସେ ଏକଥା ପ୍ରକାଶ କରିଛନ୍ତି ଅଧିନାୟକ ରୋହିତ ଶର୍ମା। ଏହାକୁ କାହିଁକି ଭାରତର ଶ୍ରେଷ୍ଠ ଟି୨୦ ବ୍ୟାଟିଂ ବୋଲି କହିଛନ୍ତି ତାହା ମଧ୍ୟ ସେ ବଖାଣିଥିଲେ। ୧୩ତମ ଓଭର ବେଳକୁ ଆମେ ଗେମ୍‌ରେ ପଛୁଆ ରହିଥିଲୁ। ଆବଶ୍ୟକ ରନ୍‌ରେଟ୍ କ୍ରମେ ବୃଦ୍ଧି ପାଇବାରେ ଲାଗିଥିଲା। ହେଲେ ଆମେ ଏହି ସଙ୍କଟରୁ ମୁକୁଳି ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲୁ। ବିରାଟଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଏହା ସମ୍ଭବ ହୋଇଥିଲା। ଭାରତୀୟ ଅଧିନାୟକ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭୂମିକାକୁ ପ୍ରଶଂସା କରିବାକୁ ଭୁଲି ନ ଥିଲେ। ବହୁ ସଂଘର୍ଷପୂର୍ଣ୍ଣ ଅନ୍ତର୍ଜାତୀୟ ଟି୨୦ ହେଉ ଅବା ଆଇପିଏଲ ସ୍ତରରେ ଉଭୟ କୋହଲି ଓ ପାଣ୍ଡ୍ୟା ଦଳକୁ ଚାପମୁକ୍ତ କରିଛନ୍ତି।

## ଥିଏଟରରେ ଭାରତ-ପାକିସ୍ତାନ ମ୍ୟାଚ୍

**ମୁମ୍ବାଇ/ନୂଆଦିଲ୍ଲୀ,୨୩।୧୦(ପି.ଟି)**

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ପରାସ୍ତ କରିଥିଲା ଭାରତ। ରବିବାର ଭାରତ ଅନ୍ତିମ ବଲରେ ମ୍ୟାଚ୍ ଜିତିବା ସହିତ ପାକିସ୍ତାନ ମୁହଁରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ ବିରାଟ କୋହଲି। ସମଗ୍ର ଦେଶ ଏହି ମ୍ୟାଚ ଦେଖିବାକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଥିଲା। କିଛି ଫ୍ୟାନ୍‌ଙ୍କୁ ଷ୍ଟାଡିୟମରେ ମ୍ୟାଚ ଦେଖିବାର ସୁଯୋଗ ମିଳିଥିବା ବେଳେ ଅନେକ ଦର୍ଶକ ଟିଭି ଓ ସ୍ମାର୍ଟଫୋନ୍‌ରେ ମ୍ୟାଚ୍‌ର ମଜା ନେଇଥିଲେ। ତେବେ କିଛି ଦର୍ଶକ ଏହି ମ୍ୟାଚ୍‌କୁ ସିନେମା ହଲ୍‌ର ୭୦ ଏମ୍‌ଏମ୍ ସ୍କ୍ରିନ୍‌ରେ ଦେଖିବାର ମଜା ନେଇଥିଲେ। ଭାରତୀୟ ବ୍ୟାଟରଙ୍କ ଛକା, ଚୌକା ସହିତ ପାକିସ୍ତାନର ଉଇକେଟକୁ ସମସ୍ତେ ସେଲିବ୍ରେଟ୍ କରିଥିଲେ। ମଲ୍ଟିପ୍ଲେକ୍ସ ଚେନ୍ ଆଇନକ୍ସ ଓ ପିଭିଆର ପକ୍ଷରୁ ଦର୍ଶକଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଇଥିଲା। ଆଇସିସି ସହିତ ହୋଇଥିବା ଚୁକ୍ତି ଅନୁସାରେ ଆଇନକ୍ସ ପକ୍ଷରୁ ଭାରତର ସମସ୍ତ ଗ୍ରୁପ୍ ମ୍ୟାଚ୍ ଥିଏଟରରେ ଲାଇଭ୍ ପ୍ରଦର୍ଶନ କରାଯିବ। କ୍ରିକେଟ୍‌ର ଏହି ଶୋ'ଗୁଡ଼ିକ ବେଶ୍ ଲାଭଦାୟକ ବୋଲି ଆଇନକ୍ସ ଲିଜରର ମୁଖ୍ୟ ପ୍ରୋଗ୍ରାମିଂ ଅଫିସର ରାଜେନ୍ଦ୍ର ସିଂ ଜୟଲା ପ୍ରକାଶ କରିଛନ୍ତି। ରବିବାରର ସମସ୍ତ ଶୋ' ପ୍ରାୟ ହାଉସ୍‌ଫୁଲ୍ ରହିଥିଲା ବୋଲି ସେ କହିଛନ୍ତି। ଭାରତର ସମସ୍ତ ଗ୍ରୁପ୍ ମ୍ୟାଚ୍ ସହିତ ସେମି ଓ ଫାଇନାଲ ମୁକାବିଲା ମଧ୍ୟ ଥିଏଟରରେ ଦେଖିବାକୁ ମିଳିବ। ଭାରତର ୪୫ ସହରର ୯୦ ଥିଏଟରରେ ଆଇନକ୍ସ ଓ ୧୦୦ ଥିଏଟରରେ ପିଭିଆର୍ ଦର୍ଶକଙ୍କୁ ବଡ଼ ସ୍କ୍ରିନ୍ ଓ ଡଲବି ସାଉଣ୍ଡରେ କ୍ରିକେଟର ମଜାନେବାର ସୁଯୋଗ ଦେଇଥିଲେ। ଅପରାହ୍ନ ୧.୩୦ରୁ ୫ଟା ୩୦ ଯାଏ ଏହି ସ୍କ୍ରିନିଙ୍ଗ କରାଯାଇଥିବା ବେଳେ ଟିକେଟର ମୂଲ୍ୟ ୨୫୦ରୁ ୫୦୦ ଟଙ୍କା ମଧ୍ୟରେ ରହିଥିଲା।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଗୋଲାପ ମଞ୍ଜରୀ ମୁଦୁଲି (୭୨)
ଆବିର୍ଭାବ: ୧୯।୦୫।୧୯୫୦
ତିରୋଧାନ: ୧୪।୧୦।୨୦୨୨
ତୁ ଯେଉଁଠି ଥା, ଭଲରେ ଥା ତୋ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ସର୍ବଦା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉଥାଉ।
ଶୋକସନ୍ତପ୍ତ: ଅଜିତ, ଅତୀଶ, ଅରୂପ, ମାଳା, ଅନୁ, ପିଙ୍କି, ଚିନୁ, ନେହା ଓ ପରିବାରର ଅନ୍ୟମାନେ।
ଧ-୧୮୪୧

## ନୋବେଲ ପୁରସ୍କାର-୨୦୨୨ (ରସାୟନ ବିଜ୍ଞାନ)

# କ୍ଲିକ୍ କେମେଷ୍ଟ୍ରି



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"କ୍ଲିକ୍ କେମେଷ୍ଟ୍ରି ଉପରେ ସ୍ୱତନ୍ତ୍ର ଭାବେ ଗବେଷଣା କରି ଏ କ୍ଷେତ୍ରକୁ ଭିନ୍ନ ଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ କେ. ବ୍ୟାରୀ. ସାର୍ପଲେସ୍‌ଙ୍କ ସହିତ ଡେନମାର୍କର କୋପେନହାଗେନ୍ ବିଶ୍ୱବିଦ୍ୟାଳୟର ମୋର୍ଟେନ୍ ପିଟର୍ ମେଲ୍‌ଡାଲ୍ ଏବଂ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର କ୍ୟାରୋଲିନ୍ ଆର୍. ବେର୍‌ଟୋଜିଙ୍କୁ ମିଳିତ ଭାବରେ ମିଳିଛି ଚଳିତ ବର୍ଷର ରସାୟନ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର।"



କେ. ବ୍ୟାରୀ ସାର୍ପଲେସ୍



ମୋର୍ଟେନ୍ ପିଟର୍ ମେଲ୍‌ଡାଲ୍



କ୍ୟାରୋଲିନ୍ ଆର୍. ବେର୍‌ଟୋଜି







ସାଧାରଣତଃ ଜୀବନର ରସାୟନ ଲାଗି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଜୈବିକ ଅଣୁଗୁଡ଼ିକ ପରସ୍ପର ସହିତ ସଂଯୁକ୍ତ ଅଙ୍ଗାର ପରମାଣୁମାନଙ୍କର ଆଧାର ହୋଇଥାଆନ୍ତି। ଆମଠାରେ ତାହା ସଂଶ୍ଲେଷିତ ହେବା ଲାଗି ପ୍ରକୃତି ତା'ର ବ୍ୟବସ୍ଥା ଖଞ୍ଜି ଦେଇଛି। ତେବେ କୃତ୍ରିମ ଭାବେ ତାହା କରିବା ରସାୟନ ବିଜ୍ଞାନୀମାନଙ୍କ ପକ୍ଷେ ବେଶ୍ କଷ୍ଟସାଧ। କାରଣ ବିଭିନ୍ନ ଅଣୁର ଅଙ୍ଗାର ପରମାଣୁଠାରେ ପରସ୍ପର ସହିତ ରାସାୟନିକ ବନ୍ଧ ଗଠନ କରିବାର ଆବଶ୍ୟକ ସାମର୍ଥ୍ୟ ସାଧାରଣତଃ ନଥାଏ। ଏଣୁ ସେମାନେ ଲୋଡ଼ନ୍ତି କୃତ୍ରିମ ଉପାୟରେ ସକ୍ରିୟକରଣ। ତେବେ ଏହା କଲାବେଳେ ବହୁ ଅନାବଶ୍ୟକ ପାର୍ଶ୍ୱ ପ୍ରତିକ୍ରିୟା ଘଟିଥାଏ। ଫଳରେ ଅନେକ ମାତ୍ରାରେ ବ୍ୟବହୃତ ପଦାର୍ଥ ଏହି ବାଟରେ ନଷ୍ଟ ହୁଏ। ଏଇ ଅସୁବିଧା ଦୂର କରିବା ଲାଗି ଆମେରିକାର ସ୍କ୍ରିପସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଗବେଷଣାରତ ପ୍ରଫେସର କାର୍ଲ ବ୍ୟାରି ସାର୍ପଲେସ୍ ଏଥିରେ ପୂର୍ଣ୍ଣଭାବେ ଅଙ୍ଗାର ଆଧାର ଥିବା ଛୋଟ ଛୋଟ ଅଣୁ ବ୍ୟବହାର କରିବାକୁ ଲାଗିଲେ। ଏ ପ୍ରକାର ଅଣୁଗୁଡ଼ିକ ସରଳ ଏବଂ ଅମ୍ଳଜାନ ବା ଯବକ୍ଷାରଜାନ ସେତୁ ମାଧ୍ୟମରେ ସହଜରେ ପରସ୍ପର ସହିତ ସଂଯୁକ୍ତ ହୋଇପଡ଼ିବାର ଦେଖାଗଲା। ଫଳରେ ଅନାବଶ୍ୟକ ପାର୍ଶ୍ୱ ପ୍ରତିକ୍ରିୟାକୁ ଏଡ଼ାଇ ଦିଆଯାଇପାରିଲା। ସେ ୧୯୯୮ ମସିହାରେ ଏହି ପ୍ରକ୍ରିୟାର ନାମ ଦେଲେ 'କ୍ଲିକ୍ କେମେଷ୍ଟ୍ରି'।

ରସାୟନ ସଂଶ୍ଳେଷଣରେ ଏହା ସୂଚିତ କରେ ଗୋଟିଏ ଶ୍ରେଣୀର ଜୈବ-ସହଯୋଗୀ ସାନ ସାନ ଆଣବିକ ପ୍ରତିକ୍ରିୟା, ଯାହାକି ନିର୍ଦ୍ଦିଷ୍ଟ ଜୈବିକ ଅଣୁମାନଙ୍କ ସହିତ ପସନ୍ଦ ମୁତାବକ କ୍ରିୟାଧାର (ସବ୍‌ଷ୍ଟ୍ରେଟ୍)କୁ ଜୈବ ସଂଯୁଗରେ ସଂଯୁକ୍ତ ହେବା ଲାଗି ବ୍ୟବହୃତ ହୋଇଥାଏ। ଅତଏବ ତହିଁରୁ ଉତ୍ପନ୍ନ ହୋଇପାରେ ଆବଶ୍ୟକତା ମୁତାବକ ନିର୍ଦ୍ଦିଷ୍ଟ ଜୈବିକ ଅଣୁ ଏବଂ ଏଥିରେ ପାର୍ଶ୍ୱ ପ୍ରତିକ୍ରିୟା ପ୍ରାୟତଃ ଘଟେ ନାହିଁ। ସ୍ୱତନ୍ତ୍ର ଭାବେ ଗବେଷଣା କରି ଏ କ୍ଷେତ୍ରକୁ ଭିନ୍ନ ଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ କେ. ବ୍ୟାରୀ. ସାର୍ପଲେସ୍‌ଙ୍କ ସହିତ ଡେନ୍‌ମାର୍କର କୋପେନହାଗେନ୍ ବିଶ୍ୱବିଦ୍ୟାଳୟର ମୋର୍‌ଟେନ୍ ପିଟର୍ ମେଲ୍‌ଡାଲ୍ ଏବଂ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର କ୍ୟାରୋଲିନ୍ ଆର୍. ବେର୍‌ଟୋଜିଙ୍କୁ ମିଳିତ ଭାବରେ ମିଳିଛି ଚଳିତ ବର୍ଷର ରସାୟନ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର।

**ସର୍ପଲେସ୍:** ଫିଲାଡେଲଫିଆଠାରେ ୧୯୪୧ ମସିହା ଏପ୍ରିଲ ୧୦ ତାରିଖରେ ଜନ୍ମଲାଭ କରିଥିବା ସାର୍ପଲେସ୍ ୧୯୬୮ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ କରିଥିଲେ। ଏହା ହେଉଛି ତାଙ୍କର ରସାୟନ ବିଜ୍ଞାନରେ ଦ୍ୱିତୀୟ ନୋବେଲ ପୁରସ୍କାର। ଏଥିପୂର୍ବରୁ ୨୦୦୧ରେ ସେ ଉଇଲିୟମ୍ ଏସ୍.କ୍ନୋଟସ୍ ଏବଂ ରିଓଜି ନୋୟୋରୀଙ୍କ ସହ ମିଳିତ ଭାବେ ଏହି ପୁରସ୍କାର ପାଇଥିଲେ। ରସାୟନ ବିଜ୍ଞାନରେ ଦୁଇ ଥର ନୋବେଲ ପୁରସ୍କାର ହାସଲ କରିବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ବ୍ୟକ୍ତି। ସେହିବର୍ଷ ସେ ମଧ୍ୟ ରସାୟନ ବିଜ୍ଞାନରେ ପ୍ରଥମ ଉଲ୍‌ଫ ପୁରସ୍କାର ପ୍ରାପ୍ତ ହୋଇଥିଲେ।

ସାର୍ପଲେସ୍ ସ୍କ୍ରିପସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ସ୍ଥିତ ତାଙ୍କ ସହଯୋଗୀ ହାର୍‌ମଥ୍ କୋଲବ୍ ଏବଂ ଏମ୍.ଜି. ଫିନ୍‌ଙ୍କ ସହିତ ପ୍ରଥମେ ୨୦୦୧ରେ 'କ୍ଲିକ୍ କେମେଷ୍ଟ୍ରି'ର ବ୍ୟାଖ୍ୟା କରିଥିଲେ। ଏଥି ଅନୁଯାୟୀ ଏହା ହେଉଛି ଏକ ପ୍ରକାର ଅତ୍ୟନ୍ତ ଚୟନାତ୍ମକ ତାପପେକ୍ଷୀ (ଏକ୍‌ସେଥର୍ମିକ୍) ପ୍ରତିକ୍ରିୟା, ଯାହାକି ସାଧାରଣ ଅବସ୍ଥା ମଧ୍ୟରେ ଘଟିଥାଏ। ଉଦାହରଣସ୍ୱରୂପ 'ଆଜାଇଡ୍' ଏବଂ 'ଆଲ୍‌କାଇନ୍' ମଧ୍ୟରେ ମୁଦ୍ରାକାର ସଂଯୋଗ (ସାଇକ୍ଲୋ-ଏଡିସନ୍) କଥା ବିଚାରକୁ ନିଆଯାଇପାରେ। ଏଥିରୁ ଉତ୍ପନ୍ନ "୧,୨,୩ ଟ୍ରାଇଆଜୋଲସ୍" ଏବଂ ପ୍ରତିକ୍ରିୟାରେ ତମ୍ବାକୁ ଉତ୍ପ୍ରେରକ ରୂପେ ବ୍ୟବହାର କରାଯାଏ। ଏହାଫଳରେ ନୂତନ ପ୍ରକାର ଔଷଧ, ରଙ୍ଗ ଓ କୃଷି ରସାୟନ ପ୍ରସ୍ତୁତ ହେବାର ମାର୍ଗ ସହଜ ହେଲା।

**ମେଲ୍‌ଡାଲ୍:** ଡେନ୍‌ମାର୍କରେ ୧୬ ଜାନୁୟାରୀ ୧୯୫୪ରେ ଜନ୍ମିତ ମେଲ୍‌ଡାଲ୍ ଟେକ୍ନିକାଲ୍ ୟୁନିଭର୍ସିଟି ଅଫ୍ ଡେନ୍‌ମାର୍କରେ ଶିକ୍ଷାଲାଭ କରିଥିଲେ ଏବଂ ସେଠାରୁ ୧୯୮୨ ମସିହାରେ କେମିକାଲ ଇଞ୍ଜିନିୟରିଂରେ ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ତତ୍ପରେ ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନରେ କାର୍ଯ୍ୟ କଲା ପରେ କୋପେନ୍‌ହାଗେନ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ ଯୋଗ ଦେଇଥିଲେ। ତମ୍ବା ଉତ୍ପ୍ରେରକ ବ୍ୟବହାର କରି 'ଆଜାଇଡ୍' ଏବଂ ଆଲ୍‌କାଇନ୍ ମଧ୍ୟରେ ମୁଦ୍ରାକାର ସଂଯୋଗ ଉପରେ ମଧ୍ୟ ତାଙ୍କର ଗବେଷଣା ଆଧାରିତ ଥିଲା, ଯାହାକି ତାଙ୍କୁ ନୋବେଲ ପୁରସ୍କାର ଆଣି ଦେଇଥିଲା।

ଚଳିତ ଶତାବ୍ଦୀର ପ୍ରାରମ୍ଭ ଆଡ଼କୁ ସେ ବିଭିନ୍ନ ନୂତନ ସମ୍ଭାବ୍ୟ ଔଷଧୀୟ ପଦାର୍ଥର ବିକାଶ ଲାଗି ପଦ୍ଧତିମାନଙ୍କର ଅନୁସନ୍ଧାନରେ ଲାଗିଥିଲେ। ତାଙ୍କର ଲକ୍ଷ୍ୟ ଥିଲା ତମ୍ବା ଆୟନ ଏବଂ ସମ୍ଭବତଃ ସାମାନ୍ୟ କିଛି ପାଲାଡିୟମକୁ ଉତ୍ପ୍ରେରକ ରୂପେ ବ୍ୟବହାର କରି ଏକ 'ଆଲକାଇନ୍' ସହ 'ଆସାଇଲ୍ ହାଲାଇଡ୍'ର ପ୍ରତିକ୍ରିୟା ଅଧ୍ୟୟନ କରିବା। ତେବେ ବିସ୍ମୟର କଥା ଯେ, 'ଆସାଇଲ୍ ହାଲାଇଡ୍'ର ଆଶା କରାଯାଉଥିବା ପ୍ରାନ୍ତରେ ପ୍ରତିକ୍ରିୟା ନ କରି ତାହା ଏହାର ବିପରୀତ ପ୍ରାନ୍ତରେ ଥିବା 'ଆଜାଇଡ୍ ଗ୍ରୁପ୍' ସହିତ ଯୋଗ ହୋଇଯାଇଛି। ଅତଏବ ଉତ୍ପନ୍ନ ହୋଇଛି ଏକ ମୁଦ୍ରିତକାର ଅଣୁ 'ଟ୍ରାଇଆଜୋଲ୍', ଯାହାକି ବିବିଧ ଔଷଧର ରଙ୍ଗ ଏବଂ କୃଷିରେ ବ୍ୟବହାର ହେବା ଗୁଣ ରହିଛି। ପୁନଶ୍ଚ ଏଥିରେ କୌଣସି ଅପଜାତ ଦ୍ରବ୍ୟ ସୃଷ୍ଟି ହୋଇନାହିଁ। ଏଣୁ ମେଲ୍‌ଡାଲ୍ ବୁଝିପାରିଲେ ଯେ, ଏହା ହେଉଛି ତମ୍ବା ଆୟନର ଯାଦୁ। ଏହାକୁ ନେଇ ୨୦୦୧ ମସିହାରେ ସେ ଗବେଷଣାପତ୍ରଟିଏ ଲେଖିଲେ। ଏହି ସଫଳତା ପାଇଁ ତାଙ୍କୁ ମିଳିଛି ନୋବେଲ୍ ପୁରସ୍କାର। (କ୍ରମଶଃ..)

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ: ୯୯୩୭୩୦୧୪୬୦

## ରକ୍ତ ସଞ୍ଚାଳନ ଓ ମହୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରକ୍ତ ସଞ୍ଚାଳନକୁ ସକ୍ରିୟ କରାଇଥାଏ। କେବଳ ସେତିକି ନୁହେଁ, ହାର୍ଟ ଆଟାକ, ଷ୍ଟ୍ରୋକ୍ ପରି ସମସ୍ୟାରୁ କେତେକାଂଶରେ ରକ୍ଷା ମଧ୍ୟ କରିଥାଏ। ସକାଳୁ ଉଷୁମ ପାଣିରେ ମହୁ ମିଶାଇ ପିଇଲେ ତାହା ଶରୀର ପାଇଁ ବେଶ୍ ଲାଭପ୍ରଦ। ରକ୍ତହୀନତା ସମସ୍ୟା ସହ ଜଡିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଥଣ୍ଡାଜନିତ ସମସ୍ୟାରୁ ରକ୍ଷା କରିଥାଏ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା। ଏହା ଆମ ମସ୍ତିଷ୍କର କାର୍ଯ୍ୟକୁ ଆହୁରି ସକ୍ରିୟ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିଥାଏ।

## ବ୍ୟାକ୍ଟେରିଆ ବୃଦ୍ଧି କରେ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ଦରକାର। ତେବେ ଆମେ ରୋଗଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା। ଏପରି କେତେକ ବ୍ୟାକ୍ଟେରିଆ ରହିଛି, ଯାହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। 'ରୋଗ ପ୍ରତିରୋଧକ ଶକ୍ତି ଓ ବ୍ୟାକ୍ଟେରିଆ' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଏପରି କେତେକ ବ୍ୟାକ୍ଟେରିଆକୁ ଠାବ କରିଥିଲେ ଯାହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ସେତିକି ନୁହେଁ, ଜଣେ ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏଭଳି ବ୍ୟାକ୍ଟେରିଆ ଅନେକାଂଶରେ ସହାୟକ ହୋଇଥାଆନ୍ତି। ଏ ନେଇ ଅଧିକ ତଥ୍ୟ ଜାଣିବାକୁ ଆହୁରି ସମୟ ଆବଶ୍ୟକ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଅତ୍ୟଧିକ ମିଠା ଖାଉଥିଲେ..



ମିଠା ଏପରି ଏକ ଖାଦ୍ୟ ଯାହାକୁ ଦେଖିଲେ ଜଣେ ସହଜରେ ନିଜ ଲୋଭକୁ ସମ୍ବରଣ କରିପାରେନା। ଅନେକ ବ୍ୟକ୍ତି ଅଧିକ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ୟୁନିଭର୍ସିଟି ଅଫ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ଅତ୍ୟଧିକ ମିଠା ଖାଇବା ଦ୍ୱାରା ତାହାର ଶରୀର ଉପରେ କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମିଠାରେ ଏଭଳି ତତ୍ତ୍ୱ ରହିଛି ଯାହା ମେଦ ବୃଦ୍ଧିରେ କେତେକାଂଶରେ ସହାୟକ ହୋଇଥାଏ। ତେଣୁ ମିଠା ଖାଇବା ପରିମାଣକୁ ନିୟନ୍ତ୍ରଣରେ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## କାଟାରାକ୍ଟ ଆଶଙ୍କା କମାଏ ଗାଜର

ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତିଜନିତ ସମସ୍ୟାକୁ କେତେକାଂଶରେ ଦୂର କରିପାରେ। ବିଶେଷ ଭାବରେ କାଟାରାକ୍ଟ ରୋଗୀ ଏହାକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ସେମାନଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହା ପଛରେ ଥିବା ସତ୍ୟତାକୁ ଜାଣିବା ଲାଗି କେତେକ କାଟାରାକ୍ଟ ରୋଗୀଙ୍କୁ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ କିଛି ମାସ ପରେ ସେମାନେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିବାର ଜଣାପଡ଼ିଥିଲା। ଗାଜରରେ ଭିଟାମିନ୍ 'ସି' ଭରି ରହିଛି।



ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ ଗାଜର। ତା'ସହ ଉଚ୍ଚ ରକ୍ତଚାପ ଆଶଙ୍କାଠାରୁ କେତେକାଂଶରେ ଦୂରେଇ ରଖିଥାଏ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ରହିଛି। ଏହା ହାର୍ଟକୁ ସୁରକ୍ଷିତ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବା ପାଇଁ ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ବିଶେଷଭାବରେ ବ୍ରେକଫାଷ୍ଟରେ ଏହାକୁ ଖାଇଲେ ତାହା ଶରୀର ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।
- ବୟସ ବଢ଼ିବା ସହ ସବୁବେଳେ ଡାଇବେଟିସ୍, ବ୍ଲଡପ୍ରେସର ଆଦି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସଚେତନ ରୁହନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଦରକାର।
- ଯଦି ଶୋଷ ଲାଗୁଛି ତେବେ କାର୍ଯ୍ୟ ଆଳରେ ପାଣି ପିଇବାକୁ ଭୁଲନ୍ତୁ ନାହିଁ।
- ଏକାଥରେ ଅଧିକ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇଲେ କିଛି କ୍ଷତି ନାହିଁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଅତି ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।
- ନିଜକୁ ଚିନ୍ତା ତଥା ଟେନସନଠାରୁ ଦୂରେଇ ରଖିବା ପାଇଁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ସାମିଲ କରନ୍ତୁ।



# ଦୀପାବଳି ପ୍ରଦୂଷଣ



ନିକୁଞ୍ଜ ବିହାରୀ ସାହୁ

"ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶର ଅକଥନୀୟ କ୍ଷତି ସାଧନ କରେ। ଏସବୁ ପଦାର୍ଥ ଦହନ ଦ୍ୱାରା ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଏବଂ କାର୍ବନ ମନୋଅକ୍ସାଇଡ୍ ଭଳି ବିଭିନ୍ନ ବିଷାକ୍ତ ବାଷ୍ପ ଉତ୍ପନ୍ନ ହୁଏ। ସଲଫର ଡାଇଅକ୍ସାଇଡ୍ ବାଷ୍ପ ଶ୍ୱାସରୁଦ୍ଧକାରୀ ଏବଂ ଚକ୍ଷୁ ପୋଡ଼ାଜଳାର କାରଣ। ସେହିପରି ନାଇଟ୍ରୋଜେନ୍ ବାଷ୍ପର ସଂସ୍ପର୍ଶରେ ଆସିଲେ ବିଭିନ୍ନ ଶ୍ୱାସ ରୋଗ ଓ କାଶ, ଛିଙ୍କ ଇତ୍ୟାଦି ଲକ୍ଷଣ ପ୍ରକାଶ କରେ।"

ଆଲୋକର ପର୍ବ ଦୀପାବଳିକୁ ସମସ୍ତେ ଆଗ୍ରହ, ଉଦ୍ଦୀପନାର ସହ ପାଳନ କରିଥାଆନ୍ତି। ଆମର ପାରମ୍ପରିକ ପଦ୍ଧତି ଅନୁସାରେ ଦୀପାବଳିକୁ ଦୀପ ଜାଳି ପାଳନ କରାଯାଏ। ମାତ୍ର ସମୟ ବଦଳିବା ସାଙ୍ଗକୁ ଉଚ୍ଚ ଶବ୍ଦ କରି ଫୁଟୁଥିବା ଫୋଟକା, ଆକର୍ଷଣୀୟ ଚାଇନା ବାଣ, ରଙ୍ଗବେରଙ୍ଗର ଆଲୋକ ପ୍ରଦାନ କରୁଥିବା ଆତସବାଜି ଏବକାର ଏକ ଫେସନ ପାଲଟି ଯାଇଛି। ଏସବୁ ବାଣ, ଫୋଟକା, ଆତସବାଜି ଦ୍ୱାରା ବାୟୁ ପ୍ରଦୂଷଣର ମାତ୍ରା ଅଶାତୀତ ଭାବରେ ବୃଦ୍ଧି ପାଉଛି।

ବାଣରେ ରଙ୍ଗିନ ଆଲୋକର ଶିଖା ସୃଷ୍ଟି କରିବା ନିମନ୍ତେ ସାଧାରଣତଃ ବିଭିନ୍ନ ଧାତୁର ରାସାୟନିକ ଲବଣ ବ୍ୟବହାର କରାଯାଏ। ବାଣରେ ନାଲି ରଙ୍ଗ ସୃଷ୍ଟି କରିବା ପାଇଁ ଷ୍ଟ୍ରନସିୟମ କ୍ଲୋରାଇଡ୍, ହଳଦିଆ ରଙ୍ଗ ଲାଗି ସୋଡିୟମ ନାଇଟ୍ରେଟ୍, ସବୁଜ ରଙ୍ଗ ସୃଷ୍ଟି ପାଇଁ ବେରିୟମ କ୍ଲୋରାଇଡ୍, ନୀଳ ରଙ୍ଗ ନିମନ୍ତେ କପର କ୍ଲୋରାଇଡ୍, ବାଇଗଣି ରଙ୍ଗ ପାଇଁ ଷ୍ଟ୍ରନସିୟମ ଓ କପର ଲବଣ ମିଶ୍ରଣ ଏବଂ ରୂପେଲି ରଙ୍ଗ ସୃଷ୍ଟି ନିମନ୍ତେ ଆଲୁମିନିୟମ କିମ୍ବା ମ୍ୟାଗ୍ନେସିୟମ ଧାତୁର ଲବଣ ବ୍ୟବହାର କରାଯାଏ। ସେହିପରି ବାଣରେ ଧୂଆଁଳିଆ ପ୍ରଭାବ ସୃଷ୍ଟି କରିବା ପାଇଁ 'ଦସ୍ତା' ବ୍ୟବହାର କରାଯାଉଥିବା ବେଳେ ଶିଖାରେ ଚମକ ପ୍ରଭାବ ଉତ୍ପନ୍ନ ପାଇଁ 'ଆଣ୍ଟିମନି' ଧାତୁର ଲବଣ ପ୍ରୟୋଗ କରାଯାଏ। ବାଣରେ ରଙ୍ଗୀନ ଶିଖା ସୃଷ୍ଟିକାରୀ ଏସବୁ ପଦାର୍ଥର ଦ୍ରୁତ ଦହନ ପାଇଁ ବିଭିନ୍ନ ଅକ୍ସିଡାଇଜର ଇତ୍ୟାଦି ବ୍ୟବହାର କରାଯାଏ। ସେହିପରି ବମ୍ କିମ୍ବା ଫୋଟକାରେ ଯେଉଁ ବାରୁଦ ବ୍ୟବହାର କରାଯାଏ, ତାହା ପଟାସିୟମ ନାଇଟ୍ରେଟ୍, ଚାର୍କୋଲ ଓ ଗନ୍ଧକରୁ ପ୍ରସ୍ତୁତ ହୋଇଥାଏ। ଏସବୁ ଏକ ଆବଦ୍ଧ ପାତ୍ର ମଧ୍ୟରେ ରଖି ଦ୍ରୁତ ଦହନ କରାଯିବା ଦ୍ୱାରା ଉତ୍ପନ୍ନ ଗ୍ୟାସ୍‌ର ଅଚାନକ ପ୍ରସାରଣ ଘଟି ଉଚ୍ଚ ଶବ୍ଦ ସୃଷ୍ଟି ହୁଏ।

ବାଣ ତିଆରିରେ ବ୍ୟବହୃତ ଏସବୁ ରାସାୟନିକ ପଦାର୍ଥ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶର ଅକଥନୀୟ କ୍ଷତି ସାଧନ କରେ। ଏସବୁ ପଦାର୍ଥ ଦହନ ଦ୍ୱାରା ସଲଫର ଡାଇଅକସାଇଡ୍, ନାଇଟ୍ରୋଜେନ୍ ଡାଇଅକସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଏବଂ କାର୍ବନ ମନୋଅକ୍ସାଇଡ୍ ଭଳି ବିଭିନ୍ନ ବିଷାକ୍ତ ବାଷ୍ପ ଉତ୍ପନ୍ନ ହୁଏ। ସଲଫର ଡାଇଅକ୍ସାଇଡ୍ ବାଷ୍ପ ଶ୍ୱାସରୁଦ୍ଧକାରୀ ଏବଂ ଚକ୍ଷୁ ପୋଡ଼ାଜଳାର କାରଣ। ସେହିପରି ନାଇଟ୍ରୋଜେନ୍ ବାଷ୍ପ ସଂସ୍ପର୍ଶରେ ଆସିଲେ ବିଭିନ୍ନ ଶ୍ୱାସ ରୋଗ ଓ କାଶ, ଛିଙ୍କ ଇତ୍ୟାଦି ଲକ୍ଷଣ ପ୍ରକାଶ କରେ। ଏ ଦୁଇଟି ବାଷ୍ପ ମଧ୍ୟ ଅମ୍ଳ ବର୍ଷାର ସହାୟକ ହେବା ଦ୍ୱାରା ପରିବେଶର ଅକଥନୀୟ କ୍ଷତି ସାଧିତ ହୁଏ। କାର୍ବନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳ ବାଷ୍ପର ସଂସ୍ପର୍ଶରେ ଯକୃତ୍ (ଲିଭର), ବୃକକ୍ (କିଡ୍‌ନୀ) ଓ କେନ୍ଦ୍ରୀୟ ସ୍ନାୟୁ ତନ୍ତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସାଙ୍ଗକୁ ଚକ୍ଷୁ, ନାସା ଓ ଗଳାରେ ଅସ୍ୱସ୍ତିବୋଧର କାରଣ ହୋଇଥାଏ। ସବୁଠାରୁ ମାରାତ୍ମକ ବାଷ୍ପ ହେଉଛି କାର୍ବନ ମନୋଅକ୍ସାଇଡ୍, ଯାହା ରକ୍ତରେ ଅମ୍ଳଜାନ ବହନ ମନ୍ଦିତ କରିବା ସହିତ ଅତି ମାତ୍ରାରେ ସେବନ ଯୋଗୁ ମଧ୍ୟ ମୃତ୍ୟୁ ଘଟିପାରେ।

ଏବେ ବାଣରେ ବ୍ୟବହୃତ ବିଭିନ୍ନ ରାସାୟନିକ ପଦାର୍ଥର ସ୍ୱାସ୍ଥ୍ୟ ପ୍ରତି କୁପ୍ରଭାବ ସମ୍ପର୍କରେ ଆଲୋଚନା କରିବା। ଆଲୁମିନିୟମ ଚର୍ମ ରୋଗ ସୃଷ୍ଟିକାରୀ ଏବଂ ସ୍ମୃତି ବିଭ୍ରମ ଲକ୍ଷଣ ପ୍ରକାଶ କରୁଥିବା ଆଲଜିମର୍ସ ରୋଗର କାରଣ। ଷ୍ଟ୍ରନ୍‌ସିୟମ୍ ଶିଶୁମାନଙ୍କ ଅସ୍ଥିବୃଦ୍ଧି ହାରରେ ପ୍ରତିକୂଳ ପ୍ରଭାବ ପକାଇଥାଏ। କପର ବା ତମ୍ବା ଶରୀରରେ ଜମା ହୋଇ ରହିବା ସାଙ୍ଗକୁ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଶରୀରରେ ହରମୋନ୍‌ରେ ଅସନ୍ତୁଳନ ଦେଖାଦିଏ। ବେରିୟମ ଶ୍ୱାସତନ୍ତ୍ରରେ ଅସ୍ୱସ୍ତିବୋଧ, ପାକସ୍ଥଳୀ ତଥା ଅନ୍ତନାଳୀରେ ପ୍ରଦାହ ଏବଂ ମାଂସପେଶୀରେ ଦୁର୍ବଳତା ସୃଷ୍ଟି କରେ। ସେହିପରି ମ୍ୟାଗ୍ନେସିୟମ ଧାତୁର ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ନାୟବିକ ଦୁର୍ବଳତା ସୃଷ୍ଟି କରୁଥିବା 'ମେଟାଲ୍ ଫିଭର' ନାମକ ଏକ ଜ୍ୱର ଦେଖାଯାଏ।

ବାଣ ଫୁଟିବାରୁ ମଧ୍ୟ ବାୟୁମଣ୍ଡଳକୁ ବିପୁଳ ଭାସମାନ କଣିକା ପଦାର୍ଥ (suspended particulate Matter, SPM) ନିର୍ଗତ ହୋଇଥାଏ। ଏଗୁଡିକ ମଧ୍ୟରୁ ସବୁଠାରୁ ବେଶି ମାରାତ୍ମକ ହେଉଛି 'ପି.ଏମ.-୨.୫' (PM-2.5) କଣିକା ପଦାର୍ଥ ଯାହାର ସଂସ୍ପର୍ଶରେ ମୁଖ୍ୟତଃ ଆଜ୍‌ମା, ବ୍ରୋଙ୍କାଇଟିସ୍ ଭଳି ଶ୍ୱାସଜନିତ ରୋଗ ପ୍ରକାଶ ପାଇଥାଏ।

**ଶବ୍ଦ ପ୍ରଦୂଷଣ :** ଶବ୍ଦ ପ୍ରଦୂଷଣ ଦୀପାବଳିର ଅନ୍ୟ ଏକ ପ୍ରମୁଖ ସମସ୍ୟା। ଉଚ୍ଚ ଶବ୍ଦ କର୍ଣ୍ଣ ପଟହ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସାଙ୍ଗକୁ ମାନସିକ ଚାପ, ନିଦ୍ରାହୀନତା, ଭୟ ଓ ଉଦ୍‌ବେଗ ଭଳି ଲକ୍ଷଣମାନ ପ୍ରକାଶ କରେ। ୮୫ ଡେସିବେଲ୍ ପର୍ଯ୍ୟନ୍ତ ଶବ୍ଦ ଆମ କର୍ଣ୍ଣ ପାଇଁ ସୁହନୀୟ ଥିବା ବେଳେ ଦୀପାବଳିରେ ୧୪୦ ଡେସିବେଲ୍ ଭଳି ଉଚ୍ଚ ମାତ୍ରାର ଶବ୍ଦ ସୃଷ୍ଟି ହେବାର ଜଣାପଡେ।

ଦୀପାବଳିର ପରଦିନ ପଦାରେ ବାଣର ଅବଶେଷ ରୂପେ ନିର୍ଗତ କାଗଜ, ପ୍ଲାଷ୍ଟିକ ଭଳି କୁଡ଼ କୁଡ଼ କଠିନ ଆବର୍ଜନା ଜମା ହେବା ଅନ୍ୟ ଏକ ପରିବେଶୀୟ ସମସ୍ୟା। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି ବହୁ ସଂଖ୍ୟାରେ ବାଣ ନ ଫୁଟାଇ ସୀମିତ ସଂଖ୍ୟକ ବାଣ ଫୁଟାଇବା ଆବଶ୍ୟକ। ବାଣ ଘର କିମ୍ବା ଆବଦ୍ଧ ସ୍ଥାନରେ ନ ଫୁଟାଇ ଖୋଲା ସ୍ଥାନରେ ଫୁଟାଇବା ଉଚିତ, ଯେଉଁଠି ବାଣରୁ ନିର୍ଗତ ବିଷାକ୍ତ ବାଷ୍ପ ସହଜରେ ବାୟୁରେ ସଞ୍ଚାଳିତ ହୋଇପାରିବ। ଶସ୍ତା ଚାଇନା ବାଣ ତଥା ୧୦୦ ଡେସିବେଲ୍‌ରୁ ଉଚ୍ଚ ଶବ୍ଦ କରି ଫୁଟୁଥିବା ବାଣ ବ୍ୟବହାର କରିବା ଉଚିତ ନୁହେଁ। ବାଣ ଦୀର୍ଘ ସମୟ ନ ଫୁଟାଇ ଏହା ନିମନ୍ତେ ଏକ ସ୍ୱଳ୍ପ ସମୟସୀମା ଧାର୍ଯ୍ୟ କରନ୍ତୁ। ଡାକ୍ତରଖାନା ଭଳି ନୀରବତା ଅଞ୍ଚଳ ନିକଟରେ ମଧ୍ୟ ବାଣ ଫୁଟାଇବା ଉଚିତ ନୁହେଁ।

ଦୀପାବଳିରେ ଦୀପ ଜାଳିବା ଏକ ଭଲ ଅଭ୍ୟାସ। ଦୀପମାଳା ଦୀପାବଳିର ମହତ୍ତ୍ୱ ବୃଦ୍ଧି କରୁଥିବା ବେଳେ ଅନେକ ଅପକାରୀ କୀଟପତଙ୍ଗ ଦୀପ ଆଲୁଅରେ ପୋଡି ହୋଇ ମରିଯାଆନ୍ତି। ଫଳରେ ସେ ସମୟରେ ପ୍ରକୃତିରେ ବୃଦ୍ଧି ପାଉଥିବା କୀଟ ବଂଶ ନିୟନ୍ତ୍ରିତ ରହିଥାଏ।



-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ପେଡ୍ରୋଙ୍କ ଗୋଲ୍‌ରେ ଜିତିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୩।୧୦, (ସ୍ପୋର୍ଟ୍ସ ବ୍ୟୁରୋ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ୍ ସୁପର୍ ଲିଗ (ଆଇଏସ୍‌ଏଲ) ମ୍ୟାଚରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଚମତ୍କାର ବିଜୟ ହାସଲ କରିଛି। ପ୍ରଥମାର୍ଦ୍ଧରେ ୦-୧ରେ ପଛୁଆ ରହିବା ସତ୍ତ୍ୱେ ୮୬ ତମ ମିନିଟରେ ପେଡ୍ରୋ ଜୋସ୍ ମାରିନ୍‌ଙ୍କ ଗୋଲ୍ ବଳରେ ଓଡ଼ିଶା ଦଳ ଚଳିତ ସିଜନରେ ଦ୍ୱିତୀୟ ବିଜୟ ହାସଲ କରିଛି। ଦୀର୍ଘ ୩ ସିଜନ ପରେ ଘରୋଇ ଦର୍ଶକଙ୍କ ଆଗରେ ଖେଳୁଥିବା ଓଏଫ୍‌ସି କେରଳ ବ୍ଲାଷ୍ଟର୍ସଙ୍କୁ ୨-୧ରେ ପରାସ୍ତ କରିଛି। ଜେରି ମାୱ୍ମିଙ୍ଗଥାଙ୍ଗା (୫୪) ଓ ପେଡ୍ରୋ ଜୋସ୍ ମାରିନ(୮୬) ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୩୫ ତମ ମିନିଟରେ ବ୍ଲାଷ୍ଟର୍ସ ପକ୍ଷରୁ ହରମନଜୋତ୍ ସିଂ ଖାବ୍ରା ପ୍ରଥମ ଗୋଲ ସ୍କୋର କରିଥିଲେ। ଗୋଲ ଶୁଝାଇବାକୁ ଓଏଫ୍‌ସି ପକ୍ଷରୁ ଆପ୍ରାଣ ପ୍ରୟାସ କରାଯାଇଥିଲେ ହେଁ ପ୍ରଥମ ହାଫ୍‌ରେ ବ୍ଲାଷ୍ଟର୍ସ ୧-୦ରେ ଆଗୁଆ ରହିଥିଲା। ବ୍ରେକ୍ ପରେ ଓଡ଼ିଶା ଖେଳାଳିଙ୍କ ପକ୍ଷରୁ ଆକ୍ରମଣକୁ ଆହୁରି ଜୋରଦାର କରାଯାଇଥିଲା। ୫୪ ମିନିଟରେ ଜେରି ଓଡ଼ିଶା ପକ୍ଷରୁ ଗୋଲଟିକୁ ପରିଶୋଧ କରିଥିଲେ। ଓଏଫ୍‌ସିକୁ ମିଳିଥିବା କର୍ନରକୁ ଜେରି ଶଟ୍ ମାରିଥିବା ବେଳେ ପ୍ରଥମ ପ୍ରୟାସକୁ ନିଷ୍ଫଳ କରିଥିଲେ ଗୋଲକିପର ପ୍ରଭଶୁଖନ୍ ସିଂ ଗିଲ୍। ତେବେ ରିବାଉଣ୍ଡ ଶଟ୍‌କୁ ଗୋଲ ପୋଷ୍ଟକୁ ପଠାଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ ଜେରି। ୮୩ ତମ ମିନିଟରେ ଓଏଫ୍‌ସିର ରେନିୟର ଫର୍ନାଣ୍ଡେସ୍ ଏକ ହେଡର କରିଥିଲେ ହେଁ ଏହା ବାରରେ ବାଜି ବାହାରକୁ ଚାଲିଯାଇଥିଲା। ୮୬ ତମ ମିନିଟରେ ସ୍ପେନ୍ ଖେଳାଳି ପେଡ୍ରୋ ଜୋସ୍ ମାରିନ୍‌ଙ୍କ ଏକ ଶକ୍ତିଶାଳୀ ଶଟ୍ ବ୍ଲାଷ୍ଟର୍ସ ଗୋଲକିପରଙ୍କୁ ପରାସ୍ତ କରିଥିଲା। ଏହା ସହିତ ଓଏଫ୍‌ସି ଏହି ମ୍ୟାଚ ଜିତିବାରେ ସମର୍ଥ ହୋଇଥିଲା। କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର. ଭିନିଲ୍ କ୍ରିଷ୍ଣା ମୁଖ୍ୟ ଅତିଥି ଏବଂ ଓଏଫ୍‌ସି କ୍ଲବ୍ ସଭାପତି ରାଜ ଅଠୱାଲ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ପେଡ୍ରୋ ଜୋସ୍ ମାରିନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପୂର୍ବାଞ୍ଚଳ ଶୁଟିଂରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୬ ପଦକ

**ଭୁବନେଶ୍ୱର, ୨୩।୧୦ (କ୍ରୀଡ଼ା ପ୍ରତିନିଧି):** ଦିଲ୍ଲୀର କାର୍ନି ସିଂ ଶୁଟିଂ ରେଞ୍ଜଠାରେ ଷଷ୍ଠ ପୂର୍ବାଞ୍ଚଳ trap ଓ skeet ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହର ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବନ୍ଧୁକ ଚାଳନା ସଂଘ(ORA) ଦ୍ୱାରା ପ୍ରଥମଥରପାଇଁ ଏହି ପ୍ରତିଯୋଗିତା ଆୟୋଜନ କରା ଯାଉଥିଲା। ଏଥିରେ ଓଡ଼ିଶା ଶୁଟରମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ପାଇଛନ୍ତି। ରାକେଶ ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଓଡ଼ିଶାର ୮ ବନ୍ଧୁକ ଚାଳକଙ୍କ ମଧ୍ୟରୁ ପୁରୁଷ ଟ୍ରାପ୍ ଶୁଟିଂରେ ରୋହି ଉପାଧ୍ୟାୟ ସ୍ୱର୍ଣ୍ଣ, ମନୋରଞ୍ଜନ ଦାସ୍ ରୌପ୍ୟ ଓ ଭରତ ଚନ୍ଦ୍ର ପ୍ରଧାନ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ଡବଲ ଟ୍ରାପ୍ ର ମାଷ୍ଟର ବିଭାଗରେ ରାକେଶ ମହାନ୍ତି ରୌପ୍ୟ, ସ୍କିଟରେ ସିଦ୍ଧାର୍ଥ ଶଙ୍କର ଦାସ ସ୍ୱର୍ଣ୍ଣ ଓ ପ୍ରମେଶ ମିଶ୍ର ରୌପ୍ୟ ପଦକ ଲାଭ କରିଛନ୍ତି। ଜାତୀୟ ବନ୍ଧୁକ ଚାଳନା ସଂଘ(NRAI) ସହଯୋଗରେ ଓଡିଶା ରାଇଫଲ ସଂଘ ଦିଲ୍ଲୀଠାରେ ଏହି ପ୍ରତିଯୋଗିତା ଅୟୋଜନ କରିପାରିଥିବାରୁ ରାଜ୍ୟ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଜାତୀୟ ସଂଘର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂହଦେଓଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ କୃତି ପ୍ରତିଯୋଗିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡିସେମ୍ବରରେ ଚନ୍ଦକାଠାରେ ରାଜ୍ୟ ଟ୍ରାପ୍ ଶୁଟିଂ ପ୍ରତିଯୋଗିତା ଆୟୋଜନ ହେବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି।

# ରାଜ୍ୟ ଜୁନିୟର ବାସ୍କେଟବଲ ପାଇଁ ଭୁବନେଶ୍ୱର ଦଳ ଚୟନ

**ଭୁବନେଶ୍ୱର, ୨୩।୧୦ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ରାଜ୍ୟ ପ୍ରତିଯୋଗିତା ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଭୁବନେଶ୍ୱର ଦଳର ଚୟନ ପ୍ରକ୍ରିୟା ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ୧୮ ବର୍ଷରୁ କମ୍ ବୟସର ବାଳିକା ବାଳକମାନେ ଉକ୍ତଦିନ ମଦର୍ସ ପବ୍ଲିକ୍ ସ୍କୁଲ ପଡ଼ିଆରେ ଅପରାହ୍ନ ୩ଟାରେ ପହଞ୍ଚି ଚୟନ ପକ୍ରିୟାରେ ଭାଗ ନେଇ ପାରିବେ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଖେଳାଳିମାନେ ଆଧାର କାର୍ଡ ଏବଂ ଜନ୍ମ ପ୍ରମାଣପତ୍ର ପ୍ରଦର୍ଶନ କରିବା ବାଧ୍ୟତା ମୂଳକ ବୋଲି ସେ କହିଛନ୍ତି।







**Honda Motorcycle & Scooter India Pvt. Ltd., Registered Office:** Plot No. 1, Sector - 03, IMT Manesar, Distt. Gurugram, (Haryana) - 122050, India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Cashback offer mentioned is 5% Cashback up to INR.5000 on minimum transaction of INR.30000 (INR.40000 for IDFC First Bank Credit Card), applicable only on EMI transaction via select Credit Cards as per Card Issuers/banks policy, once per card during the offer period. Offer validity 1st July to 31st October'22 only. *Finance Schemes offers are available through select preferred finance partners on select models for select profiles of customers at their sole discretion and actual down-payment will vary subject to Finance Company Policy. Finance Schemes available at select Dealerships till 31st October'22 only & can be withdrawn at any time without prior notice. No two offers can be clubbed together. Product shown in the picture may vary from the actual product available in the market. Accessories shown in the product are not part of the standard equipment.

**Honda Exclusive Authorized Dealerships:** **ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7077726329; **BANKI:** Shree Honda - 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9337301440; **JATNI:** PGL Honda - 0674-2492419, 7788001033; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **NAYAGRAH:** Pattnaik Honda - 7008812540, 6370422120; Nayagarh Honda - 06753-296355, 7437000507; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda - 9937786824; **RAHAMA:** Navjyoti Honda - 9938339189, 7809568988; **PATTAMUNDAI:** Satya Honda - 9439375055; **SALEPUR:** S.N.Honda - 9437439076; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679; **KAKATPUR:** Shree Ganesh Honda - 9937842437; **RAJSUNAKHALA:** NC Honda - 9078583100; **PARADEEP:** Kanchan Murali Honda - 9040650040.

**For Bulk/Institutional enquiries, please write us at: institutionalsales@honda2wheelersindia.com**

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୬ ପଞ୍ଚାୟତର ୧୩୦୩ ଶିଶୁଙ୍କୁ ମିଳିଲା ହର୍ଲିକ୍ସ



ବୋଲଗଡ଼,୨୩।୧୦(ଡି.ଏନ୍.ଏ.): ବୋଲଗଡ଼ ନିକଟ ବିନୋଦପଡ଼ାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସାଇ ଟ୍ରଷ୍ଟ ଓଡ଼ିଶାର ରହିଛି। ଏହି ଟ୍ରଷ୍ଟ ପକ୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ଚିହ୍ନଟ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପରିପୂରକ ଭାବେ ହର୍ଲିକ୍ସ, ବିସ୍କୁଟ, ଛତୁଆ ଆଦି ମାଗଣାରେ ବଣ୍ଟନ କରାଯାଉଛି। ଶିଶୁଙ୍କ ସହିତ ଗର୍ଭବତୀଙ୍କୁ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଶିଶୁଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ସଫଳତା ପାଇଁ ପଞ୍ଚାୟତସ୍ତରୀୟ ୟୁନିଟ୍ କରାଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କଡ଼ବ ପଞ୍ଚାୟତରୁ ଆରମ୍ଭ ହୋଇ ଚିହ୍ନଟ ୨୧୦ ଶିଶୁ, କେରଙ୍ଗ ପଞ୍ଚାୟତରୁ ୨୫୪, ନୟାଗଡ଼ ଜିଲା ଯୋଗିଆପଲ୍ଲୀରୁ ୨୪୭, ଲାଠିପଡା ପଞ୍ଚାୟତରୁ ୨୩୮, ପୁରୀ ଜିଲା ପିପିଲିରୁ ୧୫୫, ଡେଲାଙ୍ଗରୁ ୧୯୯ ଜଣଙ୍କୁ ହର୍ଲିକ୍ସ ବଣ୍ଟନ କରାଯାଇଥିବା ବେଳେ ବୃଦ୍ଧାବୃଦ୍ଧ ଓ ମା'ମାନଙ୍କୁ ଛତୁଆ ମିଳିଛି। ଏକ ସପ୍ତାହରେ ଶିଶୁଖାଦ୍ୟ ବଣ୍ଟନ ପ୍ରକଳ୍ପରେ ୧୩୦୩ ଶିଶୁ ଉପକୃତ ହୋଇଥିବା ଟ୍ରଷ୍ଟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସାଇ ଟ୍ରଷ୍ଟର ଚେୟାରମ୍ୟାନ ଦୀପକ କୁମାର ବରାଡ଼ କୁହନ୍ତି, ଓଡ଼ିଶାର ୩୧୪ ବ୍ଲକର ୬୭୮୪ ପଞ୍ଚାୟତରେ ସର୍ଭେକାର୍ଯ୍ୟ ହୋଇଥିଲା। ତନ୍ମଧ୍ୟରୁ ପ୍ରାପ୍ତ ଡାଟା ଅନୁଯାୟୀ ୧୧,୩୭,୫୬୭ ଶିଶୁ ଓ ଗର୍ଭବତୀ ଉପକୃତ ହେବେ ବୋଲି ସଂସ୍ଥା ଲକ୍ଷ୍ୟ ରଖିଛି।

### ସାତ୍ତ୍ୱିକ, ଧାର୍ମିକ ଭାବ ଜାଗ୍ରତ କରେ ଦୀପ

ଖୋର୍ଦ୍ଧା ଅଫିସ,୨୩।୧୦: ଆମ ଦେଶରେ ଅନେକ ପର୍ବ ପାଳନ କରାଯାଏ। ଉଭୟ ସାମାଜିକ ଓ ଧାର୍ମିକ ଦୃଷ୍ଟିରୁ ଦୀପାବଳି ଉତ୍ସବ ସ୍ୱତନ୍ତ୍ର। ଦୀପାବଳି ହେଉଛି ଆଲୋକର ପର୍ବ। ଏହିଦିନ ଧାଡ଼ି ଧାଡ଼ି ଦୀପ ରଖାଯାଇ ପ୍ରଜ୍ୱଳିତ କରାଯାଉଥିବାରୁ ଏହାକୁ ଦୀପ ଉତ୍ସବ କୁହାଯାଏ। ଅସତ୍ୟ ଓ ଅନୀତିଠାରୁ ଦୂରେଇ ଏକ ସକାରାତ୍ମକ ଚିନ୍ତାଧାରା ଭାବ ପ୍ରକାଶ କରିଥାଏ ବୋଲି ରବିବାର ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ଦୀପାବଳି ଉତ୍ସବର ମହତ୍ତ୍ୱ ଶୀର୍ଷକ ଆଲୋଚନା ଚକ୍ରରେ ଅନୁଷ୍ଠାନର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଦୀପାବଳିରେ ମାଟିଦୀପ ଜାଳିବାର ପରମ୍ପରା ବହୁ ପ୍ରାଚୀନ। ମାଟିଦୀପ ଜାଳିବା ଦ୍ୱାରା ସାତ୍ତ୍ୱିକ ଓ ଧାର୍ମିକ ଭାବନା ଜାଗ୍ରତ ହୋଇଥାଏ। ମାଟିଦୀପ ପରିବେଶ ଅନୁକୂଳ। ସେହିପରି କାରିଗରମାନେ ଦୀପ ଗଢ଼ି ଦୁଇ ପଇସା ରୋଜଗାର କରିଥାନ୍ତି। ହିନ୍ଦୁ ସଂସ୍କୃତିରେ ପର୍ବପର୍ବାଣିଗୁଡ଼ିକ ବିଜ୍ଞାନ ସମ୍ମତ। ବାଣ ଶବ୍ଦରେ ପରିବେଶ ପ୍ରଦୂଷିତ ହୋଇଥାଏ। ତେଣୁ ବାଣ ଫୁଟାଇବା ପରିବର୍ତ୍ତେ ଏହି ଆଲୋକର ପର୍ବରେ ମାଟିଦୀପରେ ଘରକୁ ସଜାନ୍ତୁ। ଅନୁଷ୍ଠାନର ସଭାପତି ରଞ୍ଜିତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ ବିଶୋଇ, ଗୋପାଳକୃଷ୍ଣ ଦାସ, ଲଳିତମୋହନ ମହାପାତ୍ର, ଓମ୍ ପ୍ରକାଶ ମହାନ୍ତି, ମୀନକେତନ ସୁବୁଦ୍ଧି, କ୍ଷୀତି ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଉଷ୍ମ ପ୍ରସ୍ରବଣର ପୁନରୁଦ୍ଧାର କରାଯାଉ

ଖୋର୍ଦ୍ଧା ଅଫିସ,୨୩।୧୦

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଅଗ୍ନିସ୍ଥିତ ଉଷ୍ମ ପ୍ରସ୍ରବଣ ନିକଟରେ ରହିଛି ଏକାଦଶ ରୁଦ୍ର ବାବା ହଟକେଶ୍ୱରଙ୍କ ପୀଠ। ଉଷ୍ମ ପ୍ରସ୍ରବଣର ଉତ୍ତପ୍ତ ଜଳରେ ସ୍ନାନକଲେ ଚର୍ମରୋଗ ଦୂରହେବା ସହ ମକର ସଂକ୍ରାନ୍ତିରେ ହଟକେଶ୍ୱରଙ୍କ ନିକଟରେ ସଂକଳ୍ପପୂର୍ବକ ଅପୁତ୍ରିକ ନାରୀମାନେ ଗୁଆ ଖୋଜିବାର ଏକ ପରମ୍ପରା ରହିଛି। ପର୍ଯ୍ୟଟନ ବିଭାଗର ମାନ୍ୟତା ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଉଷ୍ମ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ) ମରାମତି ଅଭାବରୁ ଦୟନୀୟ ଅବସ୍ଥାରେ ରହିଛି। ଭିତର ପଥର କ୍ଷୟ ହେବାରେ ଲାଗିଛି। ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଚାରିଆଡ଼େ ଅଳିଆ ଆବର୍ଜନା, ଅନାବନା ଗଛଲତା, ଗୁଳ୍ମ ମାଡ଼ିଗଲାଣି। ସ୍ୱଚ୍ଛତା ପ୍ରତି ମଧ ଗୁରୁତ୍ୱ ଦିଆଯାଉନାହିଁ। ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସତ୍ତ୍ୱେ ଏହାର ବିକାଶ ପ୍ରତି ସେଭଳି ଗୁରୁତ୍ୱ ଦିଆଯାଉନାହିଁ। ଏହାର ପୁନରୁଦ୍ଧାର ଦାବିରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ବାଘମାରୀଠାରୁ ଏକ ଶୋଭାଯାତ୍ରା ବାହାରି ଉଷ୍ମ ପ୍ରସ୍ରବଣଠାରେ ଏକ ପ୍ରତିବାଦ ସଭା ମଞ୍ଚର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ଓ ସମ୍ପାଦକ ପ୍ରକାଶ ଦାସ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଷ୍ମ ପ୍ରସ୍ରବଣ ସହିତ ଖୋର୍ଦ୍ଧାଗଡ଼ ଏବଂ କାଇପଦରସ୍ଥିତ ବାବା ବୁଖାରୀ ପୀଠର ବିକାଶ ପାଇଁ ଦାବି କରିଥିଲେ। ଅଗ୍ନି, ଖୋର୍ଦ୍ଧାଗଡ଼ ଏବଂ ବୁଖାରୀ ପୀଠ ଖୋର୍ଦ୍ଧା ଜିଲାର ଐତିହ୍ୟ କୀର୍ତ୍ତିରାଜି। ଖୋର୍ଦ୍ଧାଗଡ଼ ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଥିବା ବେଳେ ବୁଖାରୀ ପୀଠ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ଭାଇଚାରାର ବାର୍ତ୍ତା ବହନ କରେ। ଏହାର ସଂରକ୍ଷଣ ଏବଂ ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ପୂର୍ବତନ ସଭାପତି ଶିଶିର ପରିଡ଼ା, ଆଇନଜୀବୀ ବିକ୍ରମ ଚମ୍ପତିରାୟ, ସୁବାସ ସାମନ୍ତରାୟ, ଶତ୍ରୁଘ୍ନ ପ୍ରଧାନ, ବାଲାଜୀ ପାତ୍ର, ବିକାଶ ମଞ୍ଚର ସଂଯୋଜିକା ଶର୍ମିଷ୍ଠା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ଗାୟତ୍ରୀ ବୋଷ୍ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ଦାବିପତ୍ର

## ୨୭ରେ ଏଏପି କର୍ମୀ ସମାବେଶ

ବେଗୁନିଆ,୨୩।୧୦(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମା ଅଧୀନ ମା' ବରମୂଳେଇଙ୍କ ପୀଠ ପରିସରରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ନିର୍ବାଚନମଣ୍ଡଳୀର ଏଏପି ସଭାପତି କଳ୍ପତରୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ। ବୋଲଗଡ଼ ବ୍ଲକ ସଭାପତି ଅକ୍ଷୟ ବଳିୟାରସିଂହ, କିଶୋର ସାହୁ, ନିଗମାନନ୍ଦ ପଣ୍ଡା,କୈମୁର ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଆସନ୍ତା ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ଆମ୍ ଆଦ୍‌ମୀ ପାର୍ଟି ବିଜୟୀ ହେବ ବୋଲି ଆଶା ରହିଛି। ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ଆସନ୍ତା ୨୭ ତାରିଖରେ ଏକ କର୍ମୀ ସମାବେଶ ଆୟୋଜନ ହେବ। ବରମୂଳେଇଙ୍କ ପୀଠ ପରିସରରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ବହୁସଂଖ୍ୟକ କର୍ମୀ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଥିବା ସଭାପତି ପଣ୍ଡା କହିଛନ୍ତି।


ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଆନୁକୂଲ୍ୟରେ ରବିବାର ସ୍ଥାନୀୟ ପୂର୍ତ୍ତବଙ୍ଗଳାରେ ବରିଷ୍ଠ ନେତା ପଦ୍ମଚରଣ ରାୟଙ୍କ ସଭାପତିତ୍ୱରେ ବିଚିତ୍ର କୁମାର ବଡ଼ଜେନା ଓ ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ବିୟୋଗରେ ଅନୁଷ୍ଠିତ ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥିମାନେ।

## ୮୬ ଗ୍ରାମ ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୨୩।୧୦

ବ୍ରାଉନସୁଗାର କାରବାରର ହବ୍ ପାଲଟିଛି ଖୋର୍ଦ୍ଧା ସହର। କୋଲକାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡ଼ୋଶୀ ଜିଲା ସହିତ ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ବ୍ରାଉନସୁଗାର କାରବାର ଥମୁନି। ରବିବାର ଖୋର୍ଦ୍ଧା ଅବକାରୀ ପୋଲିସ ଆଦର୍ଶ ଥାନା ଅନ୍ତର୍ଗତ ପୁରୁସାହି ଗ୍ରାମ ସ୍ଥିତ କଲେଜ ନିକଟରେ ଚଢ଼ାଉ କରି ୮୬ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ବେପାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ଗୋଟିଏ ବାଇକ(ଓଡି୦୨ ବିପି ୦୯୨୨) ଜବତ ହୋଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୮ଲକ୍ଷ ୬୦ ହଜାର ଟଙ୍କା ହେବ। ଏହି ଘଟଣାରେ ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୮୬/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତୁ ପଠାଇ ଦିଆଯାଇଛି। ପୂର୍ବାହ୍ନରେ ଅଭିଯୁକ୍ତ ପ୍ରଶାନ୍ତ ବାଇକରେ ଗ୍ରାହକ ଅପେକ୍ଷା କରିଥିବା ବେଳେ ଖବରପାଇ ଜିଲା ମୋବାଇଲ ୟୁନିଟ ରାଜଶେଖର ସ୍ୱାଇଁ ଓ ଏସଆଇ ବି.ମନୋଜ କୁମାର ଚଢ଼ାଉ କରି ଧରିଥିଲେ।


ଗିରଫ ଅଭିଯୁକ୍ତ।

# ସବୁଜ ବାଣକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ

ଖୋର୍ଦ୍ଧା ଅଫିସ,୨୩।୧୦

### ଚଢ଼ାଉ ଭୟରେ ବଜାରରୁ ବାଣ ଉଭାନ

ଦୀପାବଳିରେ କେବଳ ପରିବେଶ ଅନୁକୂଳ ସବୁଜ ବାଣ (ଗ୍ରୀନ କ୍ରାକର) ଫୁଟାଇବାକୁ ଉଚ୍ଚ ନ୍ୟାୟାଳୟ ଅନୁମତି ପ୍ରଦାନ କରିଛନ୍ତି। ସୋମବାର ରାତି ୮ରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପଟେ ଏହି ସବୁଜ ବାଣକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖାଦେଇଛି। ଚଳିତ ବର୍ଷ ବିଳମ୍ବରେ ବାଣ ଦୋକାନ ଖୋଲିବାକୁ ଅନୁମତି ମିଳିଥିଲା। ଫଳରେ ଅଧିକାଂଶ ବାଣ ଦୋକାନ ଖୋଲିପାରି ନାହିଁ। ପୁଣି ପୋଲିସ ଚଢ଼ାଉ ଭୟରେ ଛୋଟ ବାଣ ଦୋକାନ ନାହିଁ। ଅନ୍ୟପଟେ ଜଟଣୀ ବଜାରରେ ଶନିବାର ପୋଲିସ, ଅଗ୍ନିଶମ ବାହିନୀ ଏବଂ ପ୍ରଦୂଷଣ ବୋର୍ଡ କର୍ମକର୍ତ୍ତା ମିଳିତ ଭାବେ ବାଣ ଦୋକାନରେ ଚଢ଼ାଉ କରି ଶବ୍ଦଭେଦୀ ବାଣ ଯାଞ୍ଚ କରିଥିଲେ। ତେବେ ସବୁଜ ବାଣ (ଗ୍ରୀନ କ୍ରାକର)କୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ରହିଛି। ବଜାରରେ ବାଣ ନ ଥିବାରୁ ବହୁ ଗ୍ରାହକ ନିରାଶ ହୋଇଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ଶବ୍ଦଭେଦୀ ବାଣ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ପ୍ରାଣୀ ଜଗତ ଏବଂ ଗୁରୁତର ରୋଗୀଙ୍କ ଉପରେ ପ୍ରଭାବ ପଡ଼ିଥାଏ। ଏଣୁ ପରିବେଶ ଅନୁକୂଳ ସବୁଜ ବାଣ ଫୁଟାନ୍ତୁ। ହାଇକୋର୍ଟ ମଧ ପରିବେଶ ଅନୁକୂଳ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଂଗ୍ରେସ ନେତା ଶିଶିର ପରିଡ଼ା କହିଛନ୍ତି, ଏହି ସବୁଜ ବାଣ କ'ଣ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଚଢାଉ ଯୋଗୁ ବଜାରରେ ବାଣ ନାହିଁ। ସରକାର ଏ ସମ୍ପର୍କରେ ପୂର୍ବରୁ ଜନସାଧାରଣଙ୍କୁ ଅବଗତ କରିବାର ଥିଲା ବୋଲି ସେ ମତ ଦେଇଛନ୍ତି। ସାମାଜିକ କର୍ମୀ ଗୋପାଳ ଦାସ କହିଛନ୍ତି, ଗତବର୍ଷ କରୋନା କଟକଣା ଯୋଗୁ ବାଣ ଫୁଟାଇବା ବନ୍ଦ ରହିଥିଲା। ଚଳିତ ବର୍ଷ ଗ୍ରୀନ ବାଣକୁ ଅନୁମତି ମିଳିଛି। ତେବେ ବଜାରରେ ବାଣ ନାହିଁ। ପରିବେଶପ୍ରେମୀ ଧନେଶ୍ୱର ବିଧାର କହିଛନ୍ତି, ଗ୍ରୀନ କ୍ରାକର ଅନ୍ୟ ବାଣ ତୁଳନାରେ କମ୍ ପ୍ରଦୂଷଣ ସୃଷ୍ଟି କରିଥାଏ। ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ଗ୍ରୀନ କ୍ରାକର ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବାଣ ଦୋକାନରେ ଚଢ଼ାଉ କରାଯାଉଛି। ବିନା ଅନୁମତିରେ ବାଣ ବିକ୍ରି କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସମାଜରେ ପ୍ରତିଷ୍ଠିତ କରାଏ କର୍ମ

ଖୋର୍ଦ୍ଧା ଅଫିସ,୨୩।୧୦

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଆନୁକୂଲ୍ୟରେ ରବିବାର ସ୍ଥାନୀୟ ପୂର୍ତ୍ତବଙ୍ଗଳାରେ ବରିଷ୍ଠ ନେତା ପଦ୍ମଚରଣ ରାୟଙ୍କ ସଭାପତିତ୍ୱରେ ଦୁଇ ବରିଷ୍ଠ ନେତା ବିଚିତ୍ର କୁମାର ବଡ଼ଜେନା ଓ ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ବଡ଼ଜେନା ଓ ଚମ୍ପତିରାୟଙ୍କ ସ୍ମୃତିଚାରଣ କରିବା ସହ ମନୁଷ୍ୟକୁ ତା'ର କର୍ମ ସମାଜରେ ପ୍ରତିଷ୍ଠିତ କରାଇଥାଏ ବୋଲି କହିଥିଲେ। ବିଚିତ୍ର ବଡ଼ଜେନା ଖୋର୍ଦ୍ଧା ଅଦାଲତରେ ପ୍ରଥମ ସରକାରୀ ଓକିଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଖୋର୍ଦ୍ଧା ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଉତ୍କଳ ସମ୍ମିଳନୀର ସଭ୍ୟ ଓ ରାଜ୍ୟ ସମ୍ପାଦକ ରହିଥିଲେ। ସେହିପରି କାଇପଦର ଗ୍ରାମରେ ଜନ୍ମିତ ବିଚିତ୍ରାନନ୍ଦ ଚମ୍ପତିରାୟ ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ଲାଗି ପଦକ୍ଷେପ ନେଇଥିଲେ। କାଇପଦରରେ ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ବିଚିତ୍ରାନନ୍ଦଙ୍କ ଅବଦାନ ରହିଛି। ପିସିସି ସଭ୍ୟ ଶିଶିର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଅମିତ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ, ନିରାକାର ବଳିଆରସିଂ, ପ୍ଲାବନ ପଟ୍ଟନାୟକ, ପ୍ରଦୋଷ ସାହୁ, ବିଶ୍ୱଭୂଷଣ ଛୋଟରାୟ, ପ୍ରମୋଦ ପଟ୍ଟନାୟକ, କେଫାତୁଲା ଖାନ୍, ଜିତେନ୍ଦ୍ର ଚମ୍ପତି, ହଲିମ ଖାନ୍, ଅଙ୍କିତ ଶତପଥୀ, ପୁଲିନ୍ ଦାସ ଏବଂ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖୋରଧା ଧନ୍ୱନ୍ତରୀ ସମ୍ମାନ ପ୍ରଦାନ ସମାରୋହ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୨୩।୧୦

ଖୋରଧା ସାହିତ୍ୟ ସଂସଦ ଭବନ ଠାରେ ଅଖିଳ ଭାରତୀୟ ସେବା ସଂଘ ଏବଂ ଖୋରଧା ଜିଲ୍ଲା ଧନ୍ୱନ୍ତରୀ ପାଳନ ସମିତିର ମିଳିତ ଆନୁକୂଲ୍ୟରେ ଜୟନ୍ତୀ କମିଟିର ସଭାପତି ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଜୟନ୍ତୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଆୟୁର୍ବେଦ ସେବା ସଂଘର କେନ୍ଦ୍ରୀୟ ସଭାପତି ପ୍ରଫେସର ଯୋଗେଶ ଚନ୍ଦ୍ର ରଥ, ସମ୍ପାଦକ ଯୋଗେନ୍ଦ୍ର ପଣ୍ଡା, ବୀରେନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୁର୍ବେଦିକ ଚିକିତ୍ସକ ଦିବଙ୍ଗତ ଡା.ଦିବାକର ମହାପାତ୍ରଙ୍କୁ ମରଣୋତର ଭାବେ 'ଖୋରଧା ଧନ୍ୱନ୍ତରୀ ସମ୍ମାନ' ତାଙ୍କ ପୁଅ ଡା.ସତ୍ୟନାରାୟଣ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ କବିରାଜ ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ ପରେ ମୁଖ୍ୟ ବକ୍ତା ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ସଂସଦର ସଭାପତି ଗୋପାଳ କୃଷ୍ଣ ଦାସ, ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂହ, ପ୍ରଫେସର ନାରାୟଣ ରାଓ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବୃନ୍ଦାବନ ପଣ୍ଡା, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଜବାହାରଲାଲ ସୁବୁଦ୍ଧି, ଗୁରୁପ୍ରସାଦ ମହାପାତ୍ର, ଚପଳା ପଣ୍ଡା ପ୍ରମୁଖ ଭଗବାନ ଧନ୍ୱନ୍ତରୀଙ୍କ ଗୁଣଗାନ କରିଥିଲେ। ତପନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପଣ୍ଡିତ ବାସୁଦେବ ସାହୁ, ଅନସ୍ୱୟା ସମାନ୍ତରାୟ, ବଂଶୀଧର ଦାସ, ଇତିଶ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୋଲଗଡ଼ ଗାଁ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ

ବୋଲଗଡ଼,୨୩।୧୦(ଡି.ଏନ୍.ଏ.)



ବୋଲଗଡ଼ ବ୍ଲକ ଅନ୍ତର୍ଗତ ବୋଲଗଡ଼ ଗାଁ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରାୟ ଏକ କିଲୋମିଟର ଲମ୍ବବିଶିଷ୍ଟ ଏହି ରାସ୍ତା ମରାମତି ଅଭାବରୁ ନଷ୍ଟ ହୋଇଗଲାଣି। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଉଭୟପଟେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ପ୍ରାୟ ୧୫ ଗାଁର ଲୋକେ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ନୂଆସାହି, କାଚେରା ସାହି, ବଣିଆସାହି, ତଳସାହି, ଗଡ଼ସାହି, ଜଗଦ୍ଦେବ ସାହି, ବନ୍ଧସାହି, ପଟ୍ଟନାୟକ ସାହି ସମେତ ଗ୍ରାମର ଅନ୍ୟ ସାହି ବାସିନ୍ଦା ଦୈନନ୍ଦିନ ଚଳପ୍ରଚଳ କରିଥାନ୍ତି। ତୃତୀୟା ଦେବ(ଜଗନ୍ନାଥ ମନ୍ଦିର )ସମେତ କୁଞ୍ଜବିହାରୀ ଦେବଙ୍କ ମନ୍ଦିର, ବ୍ରଜମୋହନ ଦେବ ମଠ ଓ ମଙ୍ଗଳା ମନ୍ଦିରକୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ସ୍ଥାନୀୟ ଲୋକେ ନିର୍ଭର କରିଥାନ୍ତି। ତେବେ ଏହି ରାସ୍ତାଟି ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପରିଡା, ଅଶ୍ୱିନୀ ପଟ୍ଟନାୟକ, ବୀର ଦାସ, ସୌରାଂଶୁ ପରିଡା, ଧୀରେଶ ଚନ୍ଦ୍ର ମହାପାତ୍ର, ବୁଲୁ ସାହୁ ପ୍ରମୁଖ ତୁରନ୍ତ ରାସ୍ତାର ମରାମତି କିମ୍ବା ନୂତନ ନିର୍ମାଣ କରାଯିବାକୁ ଦାବି କରିଛନ୍ତି।

# ଏନ୍‌ଏଚ୍ ପାଲଟିଛି ଗୋରୁଙ୍କ ଆଡ୍ଡାସ୍ଥଳୀ

ବୋଲଗଡ଼,୨୩।୧୦(ଡି.ଏନ୍.ଏ.)



ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ରାଜସୁନାଖଳା ବଜାରରେ ସନ୍ଧ୍ୟା ହେଲେ ଗୋରୁପଲଙ୍କ ଭିଡ଼ ଜମୁଛି। ଏ ନେଇ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ରାଜସୁନାଖଳା ବଜାର ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ। ଶୁଖୁଆ ବଜାର ଏବଂ ସୁନାଗହଣା ଦୋକାନ ପାଇଁ ଏହା ପ୍ରସିଦ୍ଧି ଲାଭ କରିଛି। ପରିବା ହାଟ, ଶପିଙ୍ଗ୍ ମଲ୍ ଏବଂ ବସ୍ ରହଣିସ୍ଥଳ ଏଠାରେ ରହିଛି। ଏଥିସହ ସ୍କୁଲ, କଲେଜ, କୋଚିଂ ସେଣ୍ଟର, ମେଡିକାଲ, ବ୍ୟାଙ୍କ, ରେଳଷ୍ଟେଶନ ପାଇଁ ବଜାର ଅଞ୍ଚଳ ସର୍ବଦା ଜନଗହଳି ରହିଥାଏ। ତେବେ ବୁଲାଷଣ୍ଢ ଓ ଗୃହପାଳିତ ଗୋରୁଙ୍କ ରାସ୍ତାରେ ସ୍ୱଚ୍ଛନ୍ଦ ବିଚରଣ ଏବଂ ଶୋଇ ରହୁଥିବାରୁ ଯାନବାହନ ଚଳାଚଳରେ ବାଧା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ଏନେଇ ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ କୁହନ୍ତି, ଗ୍ରାମର ପ୍ରତ୍ୟେକ ସାହିରେ ଢେଙ୍ଗୁରା ଓ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ଗୃହପାଳିତ ପ୍ରାଣୀଙ୍କୁ ବାହାରକୁ ନ ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କେତେଜଣ ଅମାନିଆ ନିର୍ଦ୍ଦେଶ ମାନୁନାହାନ୍ତି। ତେଣୁ ଗୋରୁଙ୍କୁ ଅଟକ ରଖାଯାଇ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବା ନେଇ ସ୍ଥିର ହୋଇଛି।

# ଶିଶୁଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରେ ସୁରଭି

ବୋଲଗଡ଼,୨୩।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ୧୪ଟି କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ନିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନ ଏବଂ ସହ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା, ସିଦ୍ଧେଶ୍ୱର ସାହୁ ଓ ଭିକାରୀ ପୃଷ୍ଟିଙ୍କ ମିଳିତ ପର୍ଯ୍ୟବେକ୍ଷଣରେ ଏହା ଅନୁଷ୍ଠିତ ହୋଇଥିଲା। ନୂଆସାହି କ୍ଲଷ୍ଟର ଅନ୍ତର୍ଗତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ସଂପୁରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ସେହିପରି ବାଙ୍କୋଇଦେଶ କ୍ଲଷ୍ଟର ଅନ୍ତର୍ଗତ କାନ୍ତାଇଲୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମକୁ କ୍ଲଷ୍ଟର ସଂଯୋଜକ ଧୀରେନ୍ଦ୍ର ପାତ୍ର ସଂଯୋଜନା କରିଥିଲେ। ଭୀମପଡ଼ା କ୍ଲଷ୍ଟର ଅନ୍ତର୍ଗତ ଭୀମପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବାନାମ୍ବର ଷଡ଼ଙ୍ଗୀଙ୍କ ସଭାପତିତ୍ୱ ଏବଂ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବେହେରାଙ୍କ ସଂଯୋଜନାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅସରଳା, ଦେଉଳି, ଅରଖପଲ୍ଲୀ, ସାଗରଗୁଆଁ, ମାଣିବନ୍ଧ, କଡ଼ବ, ଗେଡ଼ିଆପଲ୍ଲୀ, ସାନପଦର, ଶଙ୍କରପୁର ଆଦି କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବିଦ୍ୟାଳୟରେ ସ୍ଥାନୀୟ ଜନପ୍ରତିନିଧି, ପରିଚାଳନା ପରିଷଦର ସଭାପତି ଓ ଅନ୍ୟମାନେ ଅତିଥିଭାବେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବସ୍ ଧକ୍କାରେ ବୃଦ୍ଧ ଗୁରୁତର**

କଟକ ଅଫିସ: ବାଦାମବାଡ଼ି-ଲିଙ୍କରୋଡ୍ ରାସ୍ତାର ଅରୁଣୋଦୟ ମାର୍କେଟ ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ସେ ରାସ୍ତା ପାର ହେଉଥିବାବେଳେ ମଧୁପାଟଣା ପଟୁ ବାଦାମବାଡ଼ି ବସଷ୍ଟାଣ୍ଡ ଅଭିମୁଖେ ଆସୁଥିବା ବସ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋରେ ମେଡିକାଲ ପଠାଇଥିଲେ।

## ସଂକ୍ଷେପରେ

### ନବଜାତ ବାଛୁରିକୁ ଝୁଣି ଖାଇଗଲେ କୁକୁର

ନିଶ୍ଚିନ୍ତକୋଇଲି, ୨୩।୧୦(ସ୍ୱ.ପ୍ର)- ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମରେ ଏକ ନବଜାତ ବାଛୁରିକୁ କୁକୁର ପଲ ଝୁଣି ଖାଇଯାଇଥିଲା ବେଳେ ମା' ଗାଈ କୁକୁର କାମୁଡ଼ାରେ ଗୁରୁତର ଆହତ ହୋଇପଡ଼ିଛି। ସରପଡା ଗ୍ରାମର ବିଚିତ୍ରାନନ୍ଦ ପୃଷ୍ଟିଙ୍କର ଏକ ଜର୍ସି ଗାଈ ଶୁକ୍ରବାର ରାତ୍ରରେ ଏକ ଅଣ୍ଡିରା ବାଛୁରି ଜନ୍ମ ଦେଇଥିଲା। ଶନିବାର ଘର ଲୋକେ ଅନ୍ୟ କାମରେ ବ୍ୟସ୍ତ ଥିଲାବେଳେ ଦଳେ ବୁଲା କୁକୁର ନବଜାତ ବାଛୁରିକୁ ଝୁଣି ଖାଇଯାଇଥିଲେ। ଗାଈଟିକୁ ମଧ କାମୁଡ଼ି ଆହତ କରିଥିଲେ।

### ପ୍ରଦୂଷଣମୁକ୍ତ ଦୀପାବଳି ପାଳନ ପାଇଁ ସଚେତନତା

ବାଙ୍କୀ, ୨୩।୧୦(ସ୍ୱ.ପ୍ର)- ଦୀପାବଳିକୁ କିପରି ପ୍ରଦୂଷଣମୁକ୍ତ କରାଯାଇ ପାରିବ ସେ ସମ୍ପର୍କରେ ରବିବାର ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଦୀପ ଜାଳିବା ସହିତ ବାଣ ନ ଫୁଟାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ବାଙ୍କୀ ବ୍ଲକ ବ୍ରହ୍ମପୁରା ଗ୍ରାମର ବଜରଙ୍ଗୀ ଯୁବ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ କଲେଜ ଉପାଧକ୍ଷ ମନୋଜ କୁମାର ମହାପାତ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅଧାପକ ସତ୍ୟଜିତ୍ ଦାସ ପରିଚାଳନା କରିଥିଲେ। ବଜରଙ୍ଗୀ ଯୁବ କ୍ଲବର ତପସାଗର ପରିଡା, ପୂର୍ଣ୍ଣଚନ୍ଦ୍ର ରାଉତ ଓ ପ୍ରଶାନ୍ତ ରଣା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଘରେ ଘରେ ମାଟି ଦୀପ ବଣ୍ଟନ କରିଥିଲେ।

### ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ନିର୍ବାଚନ

ବାଙ୍କୀ, ୨୩।୧୦(ସ୍ୱ.ପ୍ର)- ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ୫ଟି ଜୋନ୍ ପାଇଁ ରବିବାର ବି.କେ.ବିଦ୍ୟାପୀଠ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ଜୋନ୍ ନଂ ୨ରେ ଅଶାନ୍ତି ବେହେରା, ଜୋନ୍ ନଂ ୫ ନିରଞ୍ଜନ ସାହୁ, ଜୋନ୍ ନଂ ୯ ଅଜୟ କୁମାର ରାଉତ, ଜୋନ୍ ନଂ ୧୦ ସୁବାସ ଚନ୍ଦ୍ର ପାଢ଼ୀ, ଜୋନ୍ ନଂ ୧୧ରେ ଗତିକୃଷ୍ଣ ସ୍ୱାଇଁ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଘୋଷଣା କରିଛନ୍ତି। ଆଠଗଡ଼ ସମବାୟ ସର୍କଲ ସହକାରୀ ନିବନ୍ଧକ ଅଶୋକ କୁମାର ପାଣି ଏବଂ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ବନଶ୍ରୀ ମଲ୍ଲିକ ସହଯୋଗ କରିଥିଲେ।

### ଦୀପାବଳି ପାଇଁ ରାଜଧାନୀରେ ୧୭ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ) ଆଲୋକର ପର୍ବ ଦୀପାବଳୀ ପାଇଁ ରାଜଧାନୀ ଚଳଚଞ୍ଚଳ ହୋଇଉଠିଛି। କରୋନା ପ୍ରକୋପରେ ଦୀପାବଳୀ ଓ ପୂଜା ଦୀର୍ଘ ୨ ବର୍ଷ ଧରି ବନ୍ଦ ଥିବାରୁ ଚଳିତବର୍ଷ ଧୂମଧାମରେ ଏହାକୁ ପାଳନ କରିବେ ରାଜଧାନୀବାସୀ । ତେବେ ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଲାଗି ରାଜଧାନୀକୁ ୧୭ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ଏ ନେଇ ରବିବାର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ଚଳିତବର୍ଷ ଭୁବନେଶ୍ୱର କାଳୀପୂଜା ପାଇଁ ୧୯ଟି ମେଢ ହୋଇଛି । ସେଠାରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ସେହିଭଳି ଦୀପାବଳୀ ପାଇଁ ସମସ୍ତ ଥାନା ଅଞ୍ଚଳରେ ଫୋର୍ସ ମୁତୟନ କରାଯିବା ସହ ମୋବାଲ୍ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଇଛି। ଦୀପାବଳୀ ପାଇଁ ୮ ପ୍ଲାଟୁନ ଫୋର୍ସ ରାଜଧାନୀରେ ମୁତୟନ କରାଯାଇଛି । ଦୀପାବଳୀ ଓ କାଳିପୂଜା ପାଇଁ ମୋଟ ୬ ଜଣ ଅତିରିକ୍ତ ଡିସିପି, ୭ ଏସିପି, ୨୫ ଆଇଆଇସି, ୪୦ ଏସଆଇ/ଏଏସଆଇ ଓ ୧୭ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଛି ।

# ଜିମ୍ ସେଣ୍ଟରରେ ଅଗ୍ନିକାଣ୍ଡ





- ଅଳ୍ପକେ ବର୍ତ୍ତିଲେ ମାଲିକ
- ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ
- ନିଆଁ ଲିଭାଇଲା ଅଗ୍ନିଶମ ବାହିନୀ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ରାଜଧାନୀରେ ଦୀପାବଳି ଦିନକ ପୂର୍ବରୁ ଏକ ଅଘଟଣ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ରୋଡସ୍ଥିତ 'ଅଲ୍ ଟାଇମ୍ ଫିଟନେସ୍' ଜିମ ସେଣ୍ଟରରେ ରବିବାର ରାତି ପ୍ରାୟ ୯ଟା ୧୫ ସମୟରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଜିମ୍ ସେଣ୍ଟରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ସୂଚନା ମିଳିଛି। ଦମକଳ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକେ ପ୍ରାୟ ୪୫ ମିନିଟ୍ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିପାରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରରେ ଏକ ରେସ୍ତୋରାଁ ଥିବାବେଳେ ଏହାର ଉପରିସ୍ଥ ୩ଟି ଫ୍ଲୋରରେ ଜିମ୍ ସେଣ୍ଟର ରହିଛି। ରବିବାର ଜିମ୍ ସେଣ୍ଟର ବନ୍ଦ ଥିବାରୁ ଗହଳି ନ ଥିଲା। ହେଲେ ମାଲିକ ବିଜନ ବାରିକ ଜିମ୍ ସେଣ୍ଟରର ୩ୟ ମହଲାରେ କୌଣସି କାର୍ଯ୍ୟ କରୁଥିଲେ। ରାତି ୯ଟା ୧୫ରେ ଗ୍ରାଉଣ୍ଡ ଫ୍ଲୋର କଟ୍‌ଆଉଟ୍ ପାଖରୁ ନିଆଁ ଲାଗି ଧୂଆଁ ବାହାରିଥିଲା। ସଙ୍ଗେସଙ୍ଗେ ଉପର ମହଲାକୁ ନିଆଁ ଓ ଧୂଆଁ ବ୍ୟାପିଯାଇଥିଲା। ପ୍ରବେଶ ପଥରେ ହୁତୁ ହୁତୁ ହୋଇ ନିଆଁ ଜଳୁଥିବାରୁ ବିଜନ ବାହାରକୁ ବାହାରିପାରି ନ ଥିଲେ। ସ୍ଥାନୀୟ ଲୋକେ ରୁଣ୍ଡହୋଇ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀର ୨ଟି ଟିମ୍ ୨ଟି ଗାଡି ସହ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। ପୋଲିସ ଓ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଧୂଆଁ ଭିତରେ ପଶି ଉପର ମହଲାରେ ଫସିରହିଥିବା ମାଲିକ ବିଜନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ତଳକୁ ଆଣିଥିଲେ। ରାତି ପ୍ରାୟ ୧୦ଟା ବେଳକୁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ତେବେ ପ୍ରଥମ ମହଲାରେ ଥିବା ଏକ ଏସି ଓ ଅନ୍ୟ କିଛି ସାମଗ୍ରୀ ଜଳିଯାଇଥିବା ସୂଚନା ମିଳିଛି। ପ୍ରାଥମିକ ତଦନ୍ତରୁ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି।

## ୫୦ବର୍ଷରେ ପହଞ୍ଚିବ ଶାନ୍ତିସ୍ତୂପ ଧଉଳି

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଦେଶର ଅନ୍ୟତମ ବୌଦ୍ଧ ଐତିହ୍ୟ ଶାନ୍ତିସ୍ତୁପ ଧଉଳିକୁ ଆସନ୍ତା ୨୮ ତାରିଖରେ ୫୦ବର୍ଷ ପୂରୁଛି। ତେଣୁ ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଏଥିରେ ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ୟାସୀ ଯୋଗଦେବେ। ଉଦ୍‌ଘାଟନୀ ଦିନ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହେବା ସହ ପୂଜା ଆରମ୍ଭ ହେବ। ତେଣୁ ରବିବାର ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର

**୨ଦିନରେ କାମ ସାରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ**

ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ପରିଦର୍ଶରେ ଯାଇ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ୨ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଲାଇଟ୍, ସାଉଣ୍ଡ୍ ବ୍ୟବସ୍ଥା ସହ ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ପୂର୍ବରୁ କିଭଳି ସରିବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ନେଇ ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଚନ୍ଦନ ମଲିକ, ଭଗବାନ ସାହୁ, ସୁବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣଜୟନ୍ତୀ ପାଳନ ନେଇ ସମୀକ୍ଷା କରୁଛନ୍ତି ମୁଖ୍ୟ ସଚିବ ଓ ଅଧିକାରୀ।



ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ୫ଟି ଜୋନ୍‌ରେ ନିର୍ବାଚିତ ପ୍ରତିନିଧି ।

## ଭୁଜାଲି ଦେଖାଇ ଡକାୟତି

ଭୁବନେଶ୍ୱର,୨୩।୧୦(ବ୍ୟୁରୋ):

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ଦମ୍ପତିଙ୍କୁ ୫ ଦୁର୍ବୃତ୍ତ ଭୁଜାଲି ଦେଖାଇ ମାଡ଼ମାରି ସୁନା ଅଳଙ୍କାର ସମେତ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବୁଧବାର ଏହି ଘଟଣା ଘଟିଥିବାବେଳେ ରବିବାର ଜଣାପଡିଛି। ପୋଲିସ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଦିନ ୧୧ଟାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ ହାଉସିଂ ବୋର୍ଡ କଲୋନୀସ୍ଥିତ ଫ୍ଲାଟ୍ ନଂ. ଏଚ୍‌ଆଇଜି ୧୬/୬ରେ ରହୁଥିବା ସକୁନ୍ତଳା ମହାରଣାଙ୍କ ଘରର କଲିଂ ବେଲ୍ ମାରିଥିଲେ। ସକୁନ୍ତଳା ଗେଟ୍ ଖୋଲିବାରୁ ଦୁର୍ବୃତ୍ତମାନେ ଘର ଭିତରକୁ ଧସେଇ ପଶିଥିଲେ। ସେମାନେ ସକୁନ୍ତଳାଙ୍କୁ ଧକ୍କା ମାରି ତଳେ ପକାଇ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ସକୁନ୍ତଳା ପିନ୍ଧିଥିବା ସୁନା ବାଲା, ହାର, କାନ ଫୁଲ ନେଇଯାଇଥିଲେ। ସେହିପରି ତାଙ୍କ ସ୍ୱାମୀଙ୍କୁ ମଧ ସେମାନେ ଭୁଜାଲି ଦେଖାଇ ସୁନା ମୁଦି, ୨ଟି ମୋବାଇଲ, ଗୋଟିଏ ଟ୍ୟାବ୍ ଓ ୩ ହଜାର ଟଙ୍କା ନେଇଯାଇଥିଲେ।

## ଗୀତା ଆବୃତ୍ତିରେ ମୁସଲମାନ ଛାତ୍ରୀ ପୁରସ୍କୃତ

ତିଗିରିଆ, ୨୩।୧୦(ଡି.ଏନ.ଏ):

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟଠାରେ ରବିବାର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୩ଟି ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗ୍ରୁପ ଏ'ରେ ଦିବ୍ୟସ୍ମିତା ପାତ୍ର ପ୍ରଥମ, ସ୍ନେହାଶ୍ରୀ ଦାସ ୨ୟ, ଆଦ୍ୟାଶା ପ୍ରିୟଦର୍ଶିନୀ ୩ୟ, ଗ୍ରୁପ ବି'ରେ ଆୟୁଷ ପାଣିଗ୍ରାହୀ ୧ମ, ପ୍ରିୟଙ୍କା ତୋଷ ୨ୟ ଓ ଅଲେମା ଆଫ୍ରିନ ୩ୟ, ଓ ଗ୍ରୁପ ସି'ରେ ଅମତୁଲ ଓ୍ୱକିଲ ୧ମ, ନିତୁସ୍ମିତା ସାହୁ ୨ୟ ଓ ମୁସ୍‌କାନ ବେଗମ ୩ୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଅତିଥି ଓ ବିଚାରକ ଭାବେ ନରସିଂହପୁରର ବ୍ରହ୍ମଚାରୀ କାହ୍ନା ବାବା, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ପ୍ରଫେସର ନରୋତ୍ତମ ଗାଣ, ବାବା ଅଞ୍ଜନେୟ ନନ୍ଦ ଗିରି ଓ ପବିତ୍ର କୁମାର ଦାସ, ବିରଞ୍ଚି ପାତ୍ର, ମହାବୀର ମହାରଣା ଯୋଗ ଦେଇଥିଲେ। ସଞ୍ଚାଳକ ଭାବେ ଶିକ୍ଷକ ଅମର କୁମାର ମହାରଣା ଓ ସୁଶାନ୍ତ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସୂଚନାଯୋଗ୍ୟ, ତିନୋଟି ବିଭାଗରେ ୯ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୩ଜଣ ମୁସଲମାନ ଛାତ୍ରୀ ଗୀତା ଆବୃତ୍ତି କରି ପୁରସ୍କୃତ ହୋଇଛନ୍ତି।



ଗୀତା ଆବୃତ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ୨୫.୫ ଲକ୍ଷ ଟଙ୍କା ଠକେଇ, ବାପ-ପୁଅ ଗିରଫ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କଠାରୁ ସାଢେ ୨୫ ଲକ୍ଷ ଟଙ୍କା ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବାପ ଓ ପୁଅଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ରାଜେନ୍ଦ୍ର କୁମାର ରାଜପୁତ (୫୩) ଓ ପୁଅ ଆଶିଷ କୁମାର ରାଜପୁତ (୨୮)। ଏମାନଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ କରାଯାଇ ନ ଥିବା ଜଣାପଡିଛି। ଏନେଇ ପୋଲିସ ମାମଲା (ନଂ.୪୨୯/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏଥିସହ ଘଟଣାରେ ସଂପୃକ୍ତ ଥିବା ବୃନ୍ଦାବାଦୀ ନାମକ ଜଣେ ମହିଳାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି। ସୂଚନାନୁସାରେ, ୨୦୧୯ରେ ଏହି ଠକେଇ ହୋଇଥିବାବେଳେ ୨୦୨୧ ଅକ୍ଟୋବର ୧୩ରେ ଠକେଇର ଶିକାର ହୋଇଥିବା ଚୂଡ଼ାମଣି କିଷାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଚୂଡ଼ାମଣିଙ୍କ ଅଭିଯୋଗ ଅନୁସାରେ, ବଡ଼ପୁଅ ରୋହିତ କୁମାର ପଢାପଢି ସାରିବା ପରେ ଚାକିରି ସନ୍ଧାନରେ ଥିଲେ। ୨୦୧୯ ମାର୍ଚ୍ଚରେ ଗିରଫ ଅଭିଯୁକ୍ତଦ୍ୱୟଙ୍କ ସହ ବୃନ୍ଦାବାଦୀ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ସମ୍ପର୍କରେ ଥିବା କଥା କହି ପୁଅ ରୋହିତଙ୍କ ପାଇଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରେଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଚେକ୍ ଓ ୫୦ ହଜାର ଟଙ୍କା ନଗଦ ଆକାରରେ ଦେବାକୁ କହିଥିଲେ। ଚାକିରି ନ ଦେଲେ ସମସ୍ତ ଟଙ୍କା କିଛିଦିନ ମଧ୍ୟରେ ଫେରସ୍ତ କରାଇଦେବେ ବୋଲି କଥା ଛିଣ୍ଡିଥିଲା। ହେଲେ ସେମାନେ ଚୂଡ଼ାମଣିଙ୍କଠାରୁ କଥା ଅନୁସାରେ ଟଙ୍କା ନେବା ପରେ ଅଭିଯୁକ୍ତମାନେ ଚାକିରି କରାଇପାରି ନ ଥିଲେ। ଏନେଇ ଚୂଡ଼ାମଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି।

## ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ ୨୩।୧୦(ସ୍ୱ.ପ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ୩୭ ନମ୍ବର ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତଙ୍କ ଏକାଦଶାହରେ ବିଲିପଡା ପଞ୍ଚାୟତଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସ୍ୱର୍ଗତ ତ୍ରିଲୋଚନ ରାଉତ ବିଜେଡିର ଜଣେ ଆଗଧାଡିର ନେତା ଥିଲେ। ସେ ବିଲିପଡ଼ା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ ଉପାଧକ୍ଷ ଭାବରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ବିଜେଡିର ଅପୂରଣୀୟ କ୍ଷତି ଘଟିଛି। ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ ପଟେଲ୍, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଓ ମିନତୀ ମହାପାତ୍ର, ଡମପଡ଼ା ବ୍ଲକ ବିଜେଡି ସଭାପତି ଭାଗୀରଥି ପାଣି, ଉତ୍କଳ ମନ୍ତ୍ରୀ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଆର୍ତ୍ତତ୍ରାଣ ସ୍ୱାଇଁ, କବି କୌଶିକ ନାୟକ, ଭଗବାନ ସାମଲ, ଲଳିତ ମହାପାତ୍ର, ଆଇନଜୀବୀ ପ୍ରକାଶ ବେଉରା, ମାନସ ମହାପାତ୍ର, ନାରାୟଣ ଜେନା, ରାଜକିଶୋର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀ ସୁଦର୍ଶନ ପରିଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅଧାପକ ନିରୋଜ ମନ୍ତ୍ରୀ ପରିଚାଳନା କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡି ଜନସମ୍ପର୍କ ପଦଯାତ୍ରାରେ ନେତା ଓ କର୍ମୀ ।

ତିଗିରିଆ, ୨୩।୧୦(ଡି.ଏନ.ଏ):

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପଦଯାତ୍ରା ବାଣେଶ୍ୱର ଦେବଙ୍କ ପୀଠରୁ ଆରମ୍ଭ ହୋଇ ବିନ୍ଧାଣିମା ଗ୍ରାମ ପରିକ୍ରମା କରି ମା' ଲୋଭି ଠାକୁରାଣୀଙ୍କ ପୀଠଠାରେ ଶେଷ ହୋଇଥିଲା। ବ୍ଲକ ବିଜେଡି ସଭାପତି ଅଜିତ ଧୀର, ବିନ୍ଧାଣିମା ପଞ୍ଚାୟତ ବିଜେଡି ସଭାପତି ମାୟାଧର ରାଉତ, ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ଉପାଧକ୍ଷ ମାନସ ସାହୁ, ସମସୁରା ବେଗମ, ରୁପା ଦଳେଇ, ସସ୍ମିତା ବେହେରା, ରଶ୍ମିତା ମହାଳିକ, ମିଟୁ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସହାୟତା

ମାହାଙ୍ଗା, ୨୩।୧୦(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକ ପୋଡ଼ାମରାଇ ପଞ୍ଚାୟତ ଇଡୁକରା ଗ୍ରାମର ବୃଦ୍ଧ କାମଦେବ ସେଠୀ ଓ ପତ୍ନୀ ସୁଲୋଚନା ସେଠୀ ଅତି ଦୟନୀୟ ଅବସ୍ଥାରେ ଏକ ଭଙ୍ଗା ଚାଳ ଛପର ଘରେ ରହୁଛନ୍ତି । ଘରର ଛପର ନଷ୍ଟ ହୋଇଯାଇଥିବାରୁ ଜରି ପାଲ ଟାଣି ରହୁଛନ୍ତି । ଖବର ପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିତାମାତା ସେବକ ସଂଘ' ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଂଘର ସଭାପତି ବିନୟ ରଞ୍ଜନ ପ୍ରଧାନ, ସଂଗଠନ ସମ୍ପାଦକ ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଶିବଚରଣ ଜେନା, ଉପସଭାପତି ଅଶୋକ କୁମାର ଦାଶ, ପ୍ରକାଶ କୁମାର ନାୟକ ପ୍ରମୁଖ ଇଡୁକୁରା ଗ୍ରାମକୁ ଯାଇ ବୃଦ୍ଧ ଦମ୍ପତିଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହ ତାଙ୍କୁ ପାଲ, ବସ୍ତ୍ର ଓ ଅର୍ଥରାଶି ସହାୟତା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ସଞ୍ଜୟ କୁମାର ରାଉତ, ଉପଦେଷ୍ଟା ରଞ୍ଜନ କୁମାର ରାଉତ, ଉପସଭାପତି ଅରୁଣ କୁମାର ଲେଙ୍କା, ଉପଦେଷ୍ଟା ଅଭୟ ଚରଣ ପଣ୍ଡା, ରଜନୀକାନ୍ତ ପରିଡା, ରବୀନ୍ଦ୍ର ପୃଷ୍ଟି, ସହ ସମ୍ପାଦକ ଚିରଞ୍ଜିବୀ ଜେନା, ସାମ୍ବାଦିକ ଦାମୋଦର ପରିଡା, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗର ହାତ ବଢାଇଥିଲେ।



'ପିତାମାତା ସେବକ ସଂଘ' ପକ୍ଷରୁ ଅସହାୟା ବୃଦ୍ଧା ସୁଲୋଚନା ସେଠୀଙ୍କୁ ସହାୟତା ପ୍ରଦାନ ।

## ୬ ବାଣ ଦୋକାନକୁ ମିଳିଛି ଅନୁମତି, ଖୋଲିଛି ବହୁ ଅଧିକ

ନିଶ୍ଚିନ୍ତକୋଇଲି, ୨୩।୧୦(ସ୍ୱ.ପ୍ର)

ସରକାର ବାଣ ପ୍ରସ୍ତୁତ କରିବା, ବିକ୍ରୟ କରିବା ଓ ଫୁଟାଇବା ପାଇଁ କଡ଼ାକଡ଼ି ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଗାଁରୁ ସହର ସବୁଆଡ଼େ ବହୁ ବାଣ ଦୋକାନ ବେଆଇନ ଭାବେ ଖୋଲା ହୋଇଥିବା ଦେଖିବାକୁ ମିଳୁଛି। ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥାଇ ରାଜରାସ୍ତା କଡ଼ରେ ଓ ଜନଗହଳି ସ୍ଥାନରେ ବିସ୍ଫୋରକ ବାଣ ବିପଦସଙ୍କୁଳ ଭାବେ ବିକ୍ରୟ କରାଯାଉଛି। ନିଶ୍ଚିନ୍ତକୋଇଲି ବଜାର, ସୁକରପଡା ବଜାର, ମାଳିଆଛକ, କଟିକଟା, ଅସୁରେଶ୍ୱର ବ୍ଲକ ଛକ, ବୁହାଲୋ, ନଡକାଇ ସମେତ ବ୍ୟବସାୟୀଙ୍କ ପେଣ୍ଠରେ ନାମକୁ ମାତ୍ର ମହମବତି ଓ ଧପଧପି ବାଣ ରଖି ଚଢ଼ା ଦାମରେ ବିସ୍ଫୋରକ ବାଣ (ଯାହାକି ସରକାରୀ କଟକଣାଯୁକ୍ତ) ବେଧଡକରେ ବେପାର କରୁଛନ୍ତି। ଏପରିକି ନଡକାଇ, ବୁହାଲୋ, ଖଣ୍ଡସାହି, ଅସୁରେଶ୍ୱର ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ବାଣ କାରଖାନା ଗଢ଼ି ଉଠିଛି। ସେହିଭଳି ନେମାଳ ଥାନା ଅନ୍ତର୍ଗତ ବନ୍ଧୁପୁର, ସାନ୍ତପୁର, ନରେନ୍ଦ୍ରପୁର, ତରତ, ନଗସପୁର, ବର୍ଗିହାଟ ପ୍ରଭୃତି ସ୍ଥାନରେ ବିପଦ୍‌ଜନକ ଭାବେ ବାଣ ଭିଡ଼ାଯାଉଥିବା ଦେଖିବାକୁ ମିଳିଛି। ତେବେ ପୋଲିସ ବେଆଇନ ବାଣ କାରଖାନା ଓ ଦୋକାନ ସମ୍ପର୍କରେ ଅବଗତ ଥାଇ ମଧ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କିଛି ବାଣ ବ୍ୟବସାୟୀ ପୋଲିସକୁ ହାତ କରି ଅଧିକ ଦାମରେ ବାଣ ବିକ୍ରୟ କରୁଥିବା ଅଭିଯୋଗ ହେଉଛି। ତେଣୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ବେଆଇନ କାରବାର ଉପରେ ଦୃଷ୍ଟିଦେଇ ସ୍ୱତନ୍ତ୍ର ସ୍କ୍ୱାଡ ସହାୟତାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଚିନ୍ମୟୀ ସାହୁ କହିଛନ୍ତି, ସ୍ୱୀକୃତିପ୍ରାପ୍ତ ବାଣ ଦୋକାନ ୬ରୁ ୭ଟି ଅଛି। ଛୋଟମୋଟ କିଛି ସ୍ଥାନରେ ମହମବତୀ ଓ ଧପଧପି ବିକ୍ରି ହୋଇଛି। ଏନେଇ କୌଣସି ମାମଲା ଥାନାରେ ରୁଜୁ ହୋଇନାହିଁ।






୨୩।୧୦।୨୦୨୨

| | |
|---|---|
| ୫,୪୪,୦୧୧ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

# ରୋଗୀଙ୍କୁ ମିଳୁନି ୧୦୨ ଆମ୍ବୁଲାନ୍ସ ସେବା

## ଫୋନ୍ କରିବାର ଅଧଘଣ୍ଟା ପରେ ଆସୁଛି ଗାଡ଼ି

ଗୋପ,୨୩।୧୦(ଡି.ଏନ୍.ଏ.)

ଗୋପ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସେବା ପାଇଁ ୧୦୮ ଆମ୍ବୁଲାନ୍ସ ରହିଛି। ହେଲେ ପ୍ରକୃତରେ ଏହି ୧୦୮ ଆମ୍ବୁଲାନ୍ସ ସେବା ଲୋକଙ୍କ ଆବଶ୍ୟକ ସମୟରେ ମିଳୁ ନ ଥିବା ଅଭିଯୋଗ ହେଉଛି। ପ୍ରାୟ ସମୟରେ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଲେ, ତାହା ଅଧଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଳମ୍ବରେ ଆସୁଛି। ଗୋପ ଅଞ୍ଚଳରେ ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିବା ବେଳେ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏ ଅଞ୍ଚଳର ଏକ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୮ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି। ଦୈନିକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହଜାର ହଜାର ରୋଗୀ ନିର୍ଭର କରୁଥିବା ସମୟରେ କାର୍ଯ୍ୟରତ ୧୦୮, ୧୦୨ ଆମ୍ବୁଲାନ୍ସ ଠିକ୍ ଭାବରେ ରୋଗୀମାନଙ୍କୁ ସେବା ଯୋଗାଇ ଦେଇପାରୁନି। ନାଗପୁରରେ ରହିଥିବା ୧୦୮ ଆମ୍ବୁଲାନ୍ସଟି ଦୈନିକ ପୁରୀ ସଦର ହସ୍ପିଟାଲରୁ ରୋଗୀ ନେଇ ଭୁବନେଶର, କଟକ ଯାଉଥିବା ବେଳେ ଗୋପ, କୋଣାର୍କରେ ଥିବା ୧୦୨ ଆମ୍ବୁଲାନ୍ସ ଡାକ୍ତରଖାନାରେ ରହୁନାହିଁ। ଫଳରେ ପ୍ରସୂତି ମହିଳା ଓ ଶିଶୁ ମାନଙ୍କ ଲାଗି ୧୦୨ ଆମ୍ବୁଲାନ୍ସଟି କଲ ହେବାର ଘଣ୍ଟାଏ ପରେ ଆସୁଛି। ଏହି ଦୁଇ ଆମ୍ବୁଲାନ୍ସ କେଉଁଠି ରହୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସରକାର ମାଗଣାରେ ଜରୁରିକାଳୀନ ଆମ୍ବୁଲାନ୍ସ ଯୋଗାଇଦେବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏପରି ହେଉଥିବା ରୋଗୀ ଓ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ଥିବା ୪ଟି ୧୦୮ ଆମ୍ବୁଲାନ୍ସର ମରାମତି, ନୂଆ ଚକା ସହିତ ଆଉ କେତେକ ରୋଗୀ ସେବା ପାଇଁ ଜିନିଷରେ ବ୍ୟାପକ ହରିଲୁଟ ହେଉଥିବା ବେଳେ ଏହାର ତଦନ୍ତ ହେବା ସହ ରୋଗୀଙ୍କୁ ଆବଶ୍ୟକ ଅନୁସାରେ ସେବା ଯୋଗାଇ ଦେବାକୁ ଦାବି କରାଯାଇଛି। ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ଗସ୍ତରେ ଆସିଥିବା ବେଳେ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାରେ ବିଫଳ, ଆମ୍ବୁଲାନ୍ସ ନାଁ ହରିଲୁଟ ହେଉଥିବା ଭଳି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜସ୍ମିନ ଆଫ୍ରୋଜଙ୍କୁ ପଚାରିବାରେ ଏପରି ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ସହ ଦୃଷ୍ଟି ଦେବି ବୋଲି କହିଛନ୍ତି।

# ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହରିଣ, ବାର୍ହା



ଗାଁ ନିକଟ ପଡ଼ିଆରେ ହରିଣମାନେ ଚରୁଛନ୍ତି।

କାକଟପୁର,୨୩।୧୦(ଡି.ଏନ୍.ଏ.)

କାକଟପୁର ଅଞ୍ଚଳରେ ବାର୍ହା ଓ ହରିଣଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଶନିବାର ରାତିରେ କାକଟପୁର ନିକଟ ବୋଇତିକୁନ୍ଦ ଗ୍ରାମର ଧାନକ୍ଷେତରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ହରିଣ ଓ ବାର୍ହା ପଶି ଧାନଗଛ ମୂଳ ନଷ୍ଟ କରିଦେଇଛନ୍ତି। କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଏମାନେ ଗାଁମୁହାଁ ହେଉଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। କିଛିଦିନ ହେବ ବନ୍ୟପ୍ରାଣୀଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ଗ୍ରାମବାସୀ ରାତି ଉଜାଗର ରହି ଜଗୁଥିବା ଜଣାପଡ଼ିଛି। ଏଥିପ୍ରତି ସ୍ଥାନୀୟ ବନ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଜିମ୍ ସେଣ୍ଟରରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ରାଜଧାନୀରେ ଦୀପାବଳିର ଦିନକ ପୂର୍ବରୁ ଏକ ଅଘଟଣ ଘଟିଛି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ରୋଡସ୍ଥିତ ଆଇଟିଆର୍ କଲେଜ ନିକଟରେ ଥିବା 'ଅଲ୍ ଟାଇମ୍ ଫିଟନେସ୍' ଜିମ ସେଣ୍ଟରେ ସୋମବାର ରାତି ପ୍ରାୟ ୯ଟା ୧୫ ବେଳେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଉକ୍ତ ଜିମ୍ ସେଣ୍ଟରର କିଛି ସାମଗ୍ରୀ ନଷ୍ଟ ହୋଇଥିବା ସୂଚନା ମିଳିଛି। ଦମକଳ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ପରିଶ୍ରମ ଫଳରେ ୪୫ ମିନିଟ ପରେ ନିଆଁକୁ ଆୟତ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରରେ ଏକ ରେଷ୍ଟୁରାଣ୍ଟ ଥିବାବେଳେ ଏହାର ଉପରିସ୍ଥ ୩ଟି ଫ୍ଲୋରରେ ଜିମ୍ ସେଣ୍ଟର ରହିଛି। ରବିବାର ଜିମ୍ ସେଣ୍ଟର ବନ୍ଦ ଥିବାରୁ ଗହଳି ନ ଥିଲା। ହେଲେ ମାଲିକ ବିଜନ ବାରିକ ଜିମ୍ ସେଣ୍ଟରର ୩ୟ ମହଲାରେ ରହି କୌଣସି କାର୍ଯ୍ୟ କରୁଥିଲେ। ରାତି ୯ଟା ୧୫ରୁ ଗ୍ରାଉଣ୍ଡ ଫ୍ଲୋରର କଟ୍ ଆଉଟ୍ ପାଖରୁ ନିଆଁ ଲାଗି ଧୁଆଁ ବାହାରିଥିଲା। ଫଳରେ ଉପର ମହଲାକୁ ନିଆଁ ସହ ଧୁଆଁ ବ୍ୟାପିଯାଇଥିଲା। ଏନେଇ ବିଜନ ଦେଖିବାକୁ ପାଇଥିଲେ। ପ୍ରବେଶ ପଥରେ ହୁତୁ ହୁତୁ ହୋଇ ନିଆଁ ଜଳୁଥିବାରୁ ସେ ବାହାରକୁ ବାହାରି ପାରି ନ ଥିଲେ। ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇ ନିଆଁ ଲିଭାଇବାକୁ ପ୍ରୟାସ ଆରମ୍ଭ କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ୨ଟି ଟିମ୍ ୨ଟି ଗାଡି ସହ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ପ୍ରୟାସ ଆରମ୍ଭ କରିଥିଲେ। ପୋଲିସ ଓ ଲୋକମାନେ ମଧ୍ୟ ଏଥିରେ ସହଯୋଗ କରିଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ବିଜନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ତଳକୁ ଆଣିଥିଲେ। ରାତି ପ୍ରାୟ ୧୦ଟା ବେଳକୁ ଅଗ୍ନୀଶମ କର୍ମଚାରୀମାନେ ନିଆଁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ତେବେ ପ୍ରଥମ ମହଲାରେ ଥିବା ଏକ ଏସି ଓ ଅନ୍ୟ କିଛି ସାମଗ୍ରୀ ଜଳିଯାଇଛି। ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି।

### ମଦ ଜବତ, ବେପାରୀ ଗିରଫ

ନିରାକାରପୁର,୨୩।୧୦(ଡି.ଏନ୍.ଏ.): ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତର ହାଡ଼ପଦା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୨ ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ହାଡ଼ପଦା ଗ୍ରାମର ରତ୍ନାକର ବାହିନୀପତି। ଦୀର୍ଘଦିନ ଧରି ରତ୍ନାକର ବେଆଇନ ଭାବେ ମଦ ବେପାର କରିଆସୁଥିଲେ। ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଧରିବା ସହ ମଦ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।




ଆୟୁର୍ବେଦ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଆନୁକୂଲ୍ୟରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଆୟୁର୍ବେଦ ପ୍ରତି ସଚେତନତାକୁ ଗୁରୁତ୍ୱ

## ସପ୍ତମ ଜାତୀୟ ଆୟୁର୍ବେଦ ଦିବସ

ପୁରୀ ଅଫିସ, ୨୩।୧୦

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଆନୁକୂଲ୍ୟରେ ରବିବାର ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ୭ମ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପକ୍ଷରୁ ୭ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରକଳା, ଆୟୁର୍ବେଦ ଖାଦ୍ୟପାନ ପ୍ରଦର୍ଶନ, ଆୟୁର୍ବେଦୀୟ ପୁସ୍ତକ ମେଳା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ପ୍ରତି ସଚେତନତା ବୃଦ୍ଧି କରିବା ନିମନ୍ତେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆୟୁର୍ବେଦୀୟ ଔଷଧୀୟ ଚାରାରୋପଣ ଏବଂ ଜାତୀୟ ଆୟୁଷ ମନ୍ତ୍ରାଳୟର ବାର୍ତ୍ତା (ହରଦିନ୍ ହର ଘର ଆୟୁର୍ବେଦ) ଜନମାନସରେ ପହଞ୍ଚାଇବା ପାଇଁ ମହାବିଦ୍ୟାଳୟଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା ହୋଇଥିଲା। ମହାବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ପ୍ରଫେସର ଡା. ସୁଦର୍ଶନ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବଲ୍ଲଭ କୁମାର ଜୟସିଂ, ପ୍ରଫେସର ଡ. ନାରାୟଣ ମହାନ୍ତି, ପ୍ରଫେସର ଡ. ନାରାୟଣ ଦାସ, ପ୍ରଫେସର ଡ. ରାମକୃଷ୍ଣ ପାଣିଗ୍ରାହୀ, ସାମ୍ବାଦିକ ମଧୁସୂଦନ ମିଶ୍ର ଏବଂ ସାମାଜିକ କର୍ମୀ ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇ ଆୟୁର୍ବେଦର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ଡ. ଶିବ ପ୍ରସାଦ ମିଶ୍ର, ଡ. ସୋନାଲିକା ଜେନା ଏବଂ ଡ. ଚନ୍ଦନ କୁମାର ସାହୁ ପରିଚାଳନା କରିଥିଲେ। ଡ. ପ୍ରତିମା ଦେବୀ ଧନ୍ୟବାଦ ଦେଇଥିଲେ।

# ୨୫.୫ ଲକ୍ଷ ଟଙ୍କା ଠକେଇ, ବାପ-ପୁଅ ଗିରଫ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କଠାରୁ ସାଢେ ୨୫ ଲକ୍ଷ ଟଙ୍କା ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବାପ ଓ ପୁଅଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ରାଜେନ୍ଦ୍ର କୁମାର ରାଜପୁତ (୫୩) ଓ ପୁଅ ଆଶିଷ କୁମାର ରାଜପୁତ (୨୮)। ଏମାନଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ କରାଯାଇ ନ ଥିବା ଜଣାପଡିଛି। ଏନେଇ ପୋଲିସ ମାମଲା (ନଂ.୪୨୯/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏଥିସହ ଘଟଣାରେ ସଂପୃକ୍ତ ଥିବା ବୃନ୍ଦାବାଦୀ ନାମକ ଜଣେ ମହିଳାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି। ସୂଚନାନୁସାରେ, ୨୦୧୯ରେ ଏହି ଠକେଇ ହୋଇଥିବାବେଳେ ୨୦୨୧ ଅକ୍ଟୋବର ୧୩ରେ ଠକେଇର ଶିକାର ହୋଇଥିବା ଚୂଡ଼ାମଣି କିଷାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଚୂଡ଼ାମଣିଙ୍କ ଅଭିଯୋଗ ଅନୁସାରେ, ବଡ଼ପୁଅ ରୋହିତ କୁମାର ପଢାପଢି ସାରିବା ପରେ ଚାକିରି ସନ୍ଧାନରେ ଥିଲେ। ୨୦୧୯ ମାର୍ଚ୍ଚରେ ଗିରଫ ଅଭିଯୁକ୍ତଦ୍ୱୟଙ୍କ ସହ ବୃନ୍ଦାବାଦୀ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ସମ୍ପର୍କରେ ଥିବା କଥା କହି ପୁଅ ରୋହିତଙ୍କ ପାଇଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରେଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଚେକ୍ ଓ ୫୦ ହଜାର ଟଙ୍କା ନଗଦ ଆକାରରେ ଦେବାକୁ କହିଥିଲେ। ଚାକିରି ନ ଦେଲେ ସମସ୍ତ ଟଙ୍କା କିଛିଦିନ ମଧ୍ୟରେ ଫେରସ୍ତ କରାଇଦେବେ ବୋଲି କଥା ଛିଣ୍ଡିଥିଲା। ହେଲେ ସେମାନେ ଚୂଡ଼ାମଣିଙ୍କଠାରୁ କଥା ଅନୁସାରେ ଟଙ୍କା ନେବା ପରେ ଅଭିଯୁକ୍ତମାନେ ଚାକିରି କରାଇପାରି ନ ଥିଲେ। ଚୂଡ଼ାମଣି ଟଙ୍କା ଫେରସ୍ତ ପାଇଁ କହିବାରୁ ଅଭିଯୁକ୍ତମାନେ ତାଙ୍କ ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଧକ୍କା ଓ ଗୋଇଠା ମାରିଥିଲେ।

# ରାଜ୍ୟସ୍ତରୀୟ ସେବାପୂଜା ପ୍ରଶିକ୍ଷଣ କର୍ମଶାଳା

ପୁରୀ ଅଫିସ, ୨୩।୧୦

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସେବାପୂଜା ପ୍ରଶିକ୍ଷଣ କର୍ମଶାଳା ରବିବାର ଶରଧାବାଲି ନିକଟସ୍ଥ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ସଚ୍ଚିଦାନନ୍ଦ ଦାସ ବାବାଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରତିଷ୍ଠାନର ସେବାପୂଜା ଓ କର୍ମଶାଳା ସଚିବ ପ୍ରଫେସର ଦିବାକର ମହାପାତ୍ର ପ୍ରଶିକ୍ଷଣ କର୍ମଶାଳାର ଆଭିମୁଖ୍ୟ ଉପସ୍ଥାନ କରି କହିଥିଲେ, ମୂଳପୀଠ ପୁରୀରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ପୂଜାବିଧି ଓ ଯାନିଯାତ୍ରା ପ୍ରଭୃତି ଅନନ୍ୟ। ଶ୍ରୀଜଗନ୍ନାଥ ମନ୍ଦିରଗୁଡ଼ିକରେ ଏଠାରେ ଅନୁଷ୍ଠିତ ସମସ୍ତ ନୀତି ପାଳନ କରିବା ଅସମ୍ଭବ। ମୂଳପୀଠରେ ଦାରୁବ୍ରହ୍ମଙ୍କ ସେବାପୂଜା ପାଇଁ ୧୨୦ ପ୍ରକାର ସେବକ ନିୟୋଜିତ ଥିବାବେଳେ ଅନ୍ୟ ମନ୍ଦିରଗୁଡ଼ିକରେ ସୀମିତ ସଂଖ୍ୟକ ସେବକ ସେବା ନିର୍ବାହ କରୁଛନ୍ତି। ତେଣୁ ସେସବୁ ମନ୍ଦିରଗୁଡିକରେ କିଭଳି ସେବାପୂଜା କରାଯିବ ସେଥିପାଇଁ ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଦାରୁବ୍ରହ୍ମଙ୍କ ସେବା ପରମ୍ପରା ଓ ସଂକ୍ଷିପ୍ତ ପୂଜାବିଧି ନାମକ ଏକ ପ୍ରାମାଣିକ ପୁସ୍ତକ ପ୍ରକାଶିତ ହୋଇଛି। ଏହି ପୁସ୍ତକ ଆଧାରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପଣ୍ଡିତମାନଙ୍କୁ ଏହି କର୍ମଶାଳାରେ ପ୍ରଶିକ୍ଷଣ ଦିଆଯିବ। ପରେ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶିକ୍ଷକ ଭାବେ ପ୍ରଫେସର ଦିବାକର ମହାପାତ୍ର, ଡ. ସିଦ୍ଧେଶ୍ୱର ମହାପାତ୍ର, ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ଗୋଛିକାର ଏବଂ ହରେକୃଷ୍ଣ ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରଶିକ୍ଷାର୍ଥୀ ଭାବେ ଅନେକ ପଣ୍ଡିତମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାପ୍ରଭୁଙ୍କ ସେବା, ପୂଜା, ଯାନିଯାତ୍ରା, ବେଶ, ପରମ୍ପରା ପ୍ରଭୃତି ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନେ ଅନେକ ପ୍ରଶ୍ନ ପଚାରିଥିଲେ ଓ ପ୍ରଶିକ୍ଷକମାନେ ଉତ୍ତର ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଶିକ୍ଷଣରେ ଭାଗ ନେଇଥିବା ପଣ୍ଡିତମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ଆଶୀର୍ବଚନ ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ଅର୍ଥ ସଚିବ ରବିନାରାୟଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। କର୍ମଶାଳାକୁ କରୁଣାକର ପ୍ରଧାନ ଓ ସନ୍ତୋଷ କୁମାର ପାତ୍ର ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ କରି ଗିରଫ

ନିମାପଡ଼ା,୨୩।୧୦(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକଠାରେ ଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶି ଜଣେ ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ କରିବା ଅଭିଯୋଗରେ ନିମାପଡ଼ା ପୋଲିସ ତାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ବାଲୁଙ୍କ ଗ୍ରାମର ବିନୋଦ ପ୍ରଧାନ। ଏନେଇ ପୋଲିସ ଏକ ମାମଲା(ନଂ. ୩୫୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ସୂଚନା ମୁତାବକ, ବିନୋଦ ନିଶାସକ୍ତ ଅବସ୍ଥାରେ ଶନିବାର ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶି କର୍ତ୍ତବ୍ୟରତ ଡାକ୍ତର ବିଭୂତି ଭୂଷଣ ମିଶ୍ରଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ବିଭିନ୍ନ ଧମକଚମକ ଦେଇ ଠେଲାପେଲା କରିଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଠେଲାପେଲା ସହ ଗାଳି କରିଥିଲେ। ଅନ୍ୟପଟେ ବିନୋଦ ନିମାପଡ଼ା ଥାନାରେ ଜଣେ ପୋଲିସ କର୍ମଚାରୀଙ୍କୁ ଗାଳି ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଡା. ମିଶ୍ର ଚାରିଛକ ଫାଣ୍ଡି ଓ ନିମାପଡ଼ା ଥାନାରେ ଶନିବାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ବିନୋଦଙ୍କୁ ଶନିବାର ଗିରଫ କରିଥିଲା।

# ୩୯୦ କେଜି ଭାଙ୍ଗ ଜବତ, ୨ ଗିରଫ

ବାରଙ୍ଗ,୨୩।୧୦(ଡି.ଏନ୍.ଏ.)

କଟକ ଅବକାରୀ ବିଭାଗ ରବିବାର ବାରଙ୍ଗର ପୃଥକ୍ ସ୍ଥାନରେ ଚଢାଉ କରି ୩୯୦କେଜି ଭାଙ୍ଗ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ଗାନ୍ଧୀପଲ୍ଲୀ ଅଞ୍ଚଳର ରଞ୍ଜିତ ମଲ୍ଲିକ ଓ ବିହାର ଗୟା ଜିଲାର ଟିକରିଥାନା ଅଧୀନ କୁସପ ଗ୍ରାମର ମନୋଜ ଗାନ୍ଧୀ। ସୂଚନା ମୁତାବକ, ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ନାରାଜ ମାର୍ଥପୁର ରେଳ ଷ୍ଟେଶନ ଓ ତ୍ରିଶୂଳିଆ ସୁବାସ ସେତୁ ନିକଟରେ ଏକସମୟରେ ଚଢ଼ାଉ କରି ଭାଙ୍ଗ ଜବତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ।

# କବିତା ସଙ୍କଳନ 'ଏକା ଏକା ରାସ୍ତାରେ' ଲୋକାର୍ପିତ

ପୁରୀ ଅଫିସ, ୨୩।୧୦

ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ରବିବାର ସୁଲଭ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଡ. ଅର୍ଚ୍ଚନା ଆଚାର୍ଯ୍ୟଙ୍କ ରଚିତ କବିତା ସଙ୍କଳନ 'ଏକା ଏକା ରାସ୍ତାରେ'ର ଲୋକାର୍ପଣ ହୋଇଛି। କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ଆକାଶବାଣୀ କେନ୍ଦ୍ରର ପ୍ରାକ୍ତନ ସଂଯୋଜକ ରାଜେନ୍ଦ୍ର ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି କବି ହରିହର ମିଶ୍ର , କେନ୍ଦ୍ର ବାଲ୍ ପୁରସ୍କାରପ୍ରାପ୍ତ ଲେଖକ ବୀରେନ୍ଦ୍ର ମହାନ୍ତି, କବି ଡ. ଚିତ୍ତରଞ୍ଜନ ମିଶ୍ର, ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟର ପୂର୍ବତନ ନିର୍ଦ୍ଦେଶକ କବି ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡ. ଆଚାର୍ଯ୍ୟଙ୍କ କବିତା ସଂକଳନର ପ୍ରଶଂସା କରିବା ସହ କହିଥିଲେ, କିଏ କେତେ କାଳ ବଞ୍ଚିଲା ବଡ଼ କଥା ନୁହେଁ କିଏ ସମାଜକୁ କ'ଣ ଦେଲା ବଡ଼ କଥା। ସେହି ଅନୁଭବକୁ କବି ଖୋଜୁଥାଏ। ଏହି ଅବସରରେ ଅତିଥିମାନେ ଏହି କବିତା ସଂକଳନ ଲୋକାର୍ପଣ କରିଥିଲେ। ପରେ ଡ. ପ୍ରସ୍ତୁତି ଦାଶ, ଡ. ବିଶ୍ୱନାଥ ବଳିୟାରସିଂ, ହେମାଙ୍ଗିନୀ ମହାନ୍ତି, ଡ. ସ୍ନେହ ନନ୍ଦ, ସନ୍ନ୍ୟାସୀ ନାୟକ, ଯୋଗେଶ୍ୱର ପ୍ରହରାଜ, ଶ୍ୟାମପ୍ରକାଶ ସେନାପତି, ଚନ୍ଦ୍ରଶେଖର ମହାରଣା, ଡ. ଚାରୁବାଳା ଦାଶ, ଆର୍ତ୍ତତ୍ରାଣ ମାନସିଂହ, ଡ. ହେମନ୍ତ ଛୋଟରାୟ, ମିନତି ପଟ୍ଟନାୟକ, ରୂପକଲ୍ପ ମିଶ୍ର, ପ୍ରବାସିନୀ ମିଶ୍ର, ଉମାକାନ୍ତ ମହାପାତ୍ର, ବିଜୟ ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡାକ୍ତର ପ୍ରଦ୍ୟୁମ୍ନ କୁମାର ବଡ଼ପଣ୍ଡା ସହଯୋଗ କରିଥିଲେ। ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ୮୬ ଗ୍ରାମ ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୨୩।୧୦

ବ୍ରାଉନସୁଗାର କାରବାରର ହବ୍ ପାଲଟିଛି ଖୋର୍ଦ୍ଧା ସହର। କୋଲକାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡ଼ୋଶୀ ଜିଲା ସହିତ ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ବ୍ରାଉନସୁଗାର କାରବାର ଥମୁନି। ରବିବାର ଖୋର୍ଦ୍ଧା ଅବକାରୀ ପୋଲିସ ଆଦର୍ଶ ଥାନା ଅନ୍ତର୍ଗତ ପୁରୁସାହି ଗ୍ରାମ ସ୍ଥିତ କଲେଜ ନିକଟରେ ଚଢ଼ାଉ କରି ୮୬ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ବେପାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ଗୋଟିଏ ବାଇକ(ଓଡି୦୨ ବିପି ୦୯୨୨) ଜବତ ହୋଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୮ଲକ୍ଷ ୬୦ ହଜାର ଟଙ୍କା ହେବ। ଏହି ଘଟଣାରେ ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୮୬/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବ୍ରତ ବିକିଲେ ସଂସାର ଚଳେ

ଗୋପ,୨୩।୧୦ (ଡି.ଏନ୍.ଏ.)

ବୟସର ଅପରାହ୍ନରେ ପହଞ୍ଚି ଥିଲେ ସୁଦ୍ଧା ସଂସାର ଚଳାଇବାକୁ ହେଲେ କିଛି ନା କିଛି କରିବାକୁ ପଡ଼ିଥାଏ। ଆଖିକୁ ଭଲ ଦେଖାଯାଉ ନ ଥିଲେ ମଧ୍ୟ ପେଟ ପାଇଁ ସ୍ୱାମୀ ସ୍ତ୍ରୀ ଗାଁ ଗାଁ ବୁଲି ବ୍ରତ ବିକ୍ରି କରିଥାନ୍ତି। ଯାହା ଆୟ ହୁଏ, ସେଥିରେ ସଂସାର କଷ୍ଟେମଷ୍ଟେ ଚଳିଯାଏ ବୋଲି କୁହନ୍ତି ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ୭୦ ବର୍ଷୀୟ ପ୍ରଫୁଲ୍ଲ କୁଣ୍ଡୁ। ସେ ୨୦ ବର୍ଷ ବୟସରେ ଯାତ୍ରା ପାର୍ଟିରେ ଯୋଗ ଦେଇଥିଲେ। ପ୍ରଥମେ ଶାତଶଙ୍ଖ ଅପେରା ଓ ପରେ ଡେଲାଙ୍ଗ, ରାଢ଼ଙ୍ଗ, ଗ୍ରାଜୁଏଟ୍ ଅପେରା ସହିତ ଆଉ କେତେକ ଯାତ୍ରା ପାର୍ଟିରେ ନିଖୁଣ ଅଭିନୟ କରିଥିଲେ। କିନ୍ତୁ ଯାତ୍ରା ପାର୍ଟିର ଉଜ୍ଜ୍ୱଳ ଆଲୋକରେ ତାଙ୍କ ଆଖି ଖରାପ ହେବାରୁ ସେ ୪୨ ବର୍ଷ ବୟସରେ ଯାତ୍ରା ପାର୍ଟି ଛାଡ଼ିଥିଲେ। ସେଠାରେ ପ୍ରଫୁଲ୍ଲ ୨/୩ ଜଣଙ୍କୁ ବିବାହ କରିଥିବାରୁ ତାଙ୍କର ୨ଟି ପୁଅ ଓ ୨ଟି ଝିଅ ଅଛନ୍ତି। ତାଙ୍କ ବଡ଼ଝିଅ ଯାତ୍ରା ପାର୍ଟିର ଆଗ ଧାଡ଼ିରେ ଅଭିନୟ କରୁଥିବାବେଳେ ବଡ଼ ପୁଅ ମଧ୍ୟ ଯାତ୍ରାପାର୍ଟିରେ କାର୍ଯ୍ୟ କରୁଛନ୍ତି। ଅନ୍ୟ ଗୋଟିଏ ଝିଅ ଓ ଗୋଟିଏ ପୁଅ ଘରେ ଅଛନ୍ତି। ପ୍ରଫୁଲ୍ଲ ଏବେ ଗୋପ, ନିମାପଡ଼ା, ବାଲିପାଟଣା ସହିତ ବିଭିନ୍ନ ଗାଁରେ ବୁଲି ବୁଲି ବ୍ରତ ବିକ୍ରି କରୁଛନ୍ତି। ତାଙ୍କ ସହିତ ତାଙ୍କ ସ୍ତ୍ରୀ କନକ କୁଣ୍ଡୁ(୫୦) ମଧ୍ୟ ଏହି ବ୍ରତ ବିକ୍ରି କରୁଛନ୍ତି। ସୁଦଶା ବ୍ରତ, ଷଠୀ, ଖୁଦୁରୁକୁଣୀ, ଦଶହରା ଭଳି ବିଭିନ୍ନ ପର୍ବ ପାଇଁ ବ୍ରତ ବିକିଥାନ୍ତି। କେତେକ ବେପାରୀ ତାଙ୍କଠାରୁ ବ୍ରତ ନେଉଥିବା ସେ କହିଛନ୍ତି। ଏଥିସହ ସମୟ ମିଳିଲେ ତାଙ୍କ ସ୍ତ୍ରୀ ମୂଲ ମଜୁରି ଲାଗିବାକୁ ମଧ୍ୟ ଯାଆନ୍ତି। ପ୍ରଫୁଲ୍ଲ ଏବେ ବଡ଼ ଦୁଃଖରେ ପରିବାର ଭରଣପୋଷଣ କରୁଥିବାବେଳେ ସାନ ପୁଅ ଦୋକାନରେ କାମ କରୁଛନ୍ତି। ୧୯୯୯ ମହାବାତ୍ୟାରେ ପ୍ରଫୁଲ୍ଲଙ୍କ କଳାକାର ସାର୍ଟିଫିକେଟଟି ନଷ୍ଟ ହୋଇଯିବାରୁ ସରକାର ଦେଉଥିବା କଳାକାର ଭତ୍ତାରୁ ମଧ୍ୟ ସେ ବଞ୍ଚିତ ହୋଇଛନ୍ତି। ତାଙ୍କୁ ସରକାରୀ ସହାୟତା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ପ୍ରସଙ୍ଗରେ ପ୍ରଫୁଲ୍ଲଙ୍କୁ ପଚାରିବାରେ, ସବୁ ସେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା। ବୃଦ୍ଧ କାଳରେ ଘର ଘର ବୁଲି ଦଶ ପାଞ୍ଚ ଟଙ୍କାରେ ବ୍ରତ ବିକ୍ରି କରି ସଂସାର ଚଳାଇବା କେତେ କଷ୍ଟ କେବଳ ଭଗବାନ ଜାଣିପାରୁଥିବେ। ଏବେ କିନ୍ତୁ ନିଜ ଭାଗ୍ୟକୁ ଦୋଷ ଦେଇ ଅନ୍ତିମ ଯାତ୍ରାକୁ ଅପେକ୍ଷା ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।



**ସ୍ୱାସ୍ଥ୍ୟ ପରୀକ୍ଷା ଶିବିର**

ଫୁଲନଖରା,(ଡି.ଏନ୍.ଏ.): ପାହାଳ ଥାନା ପରିସରରେ ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜୋନ୍-୪ ଏସିପି ସୁରେନ୍ଦ୍ର ନାଥ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଶତାଧିକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ପାହାଳ ଥାନା ଅଞ୍ଚଳରେ ରହୁଥିବା ୩୧ ଜଣ ବରିଷ୍ଠ ନାଗରିକଙ୍କୁ କମିଶନରେଟ୍ ପୋଲିସ ପକ୍ଷରୁ ସିକ୍ୟୁରିଟି ସେଲ୍ କାର୍ଡ ପ୍ରଦାନ କରାଯାଇଥିଲା। ପାହାଳ ଥାନା ଆଇଆଇସି ସୁଚିତ୍ରା ପରିଡା, ଜୀବନ ଜାଗୃତି ଟ୍ରଷ୍ଟର ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଦାଶ, ଏସ୍‌ଆଇ ବିଭୁତି ଭୂଷଣ ମୁଦୁଲି, ଅମିୟ ମଲ୍ଲିକ, ଏଏସ୍‌ଆଇ ପ୍ରମୋଦ ଚନ୍ଦ୍ର ମହାନ୍ତି, ନୀଳାମ୍ବର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୩୯୦ କେଜି ଭାଙ୍ଗ ଜବତ, ୨ ଗିରଫ

**କଟକ ଅଫିସ,୨୩।୧୦:** ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ରବିବାର ଚଢ଼ାଉ କରାଯାଇ ମୋଟ ୩୯୦ କେଜି ଭାଙ୍ଗ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ନରାଜ ମାର୍ଥାପୁର ରେଳଷ୍ଟେଶନ ନିକଟରୁ ଚାଉଳିଆଗଞ୍ଜ ଥାନା ଅଧୀନ ଗାନ୍ଧିପଲ୍ଲୀର ରଞ୍ଜିତ ମଲ୍ଲିକଙ୍କୁ ଗିରଫ କରାଯାଇ ୧୫୦ କେଜି ଭାଙ୍ଗ ଜବତ କରାଯାଇଛି। ସେହିପରି ତ୍ରିଶୂଳିଆ ପୋଲ ନିକଟରୁ ବିହାର ଗୟା ଜିଲାର କୁର୍‌ଶପ ଗ୍ରାମ ବାସିନ୍ଦା ମନୋଜ ଗାନ୍ଧୀଙ୍କୁ ଗିରଫ କରାଯାଇ ୨୪୦ କେଜି ଭାଙ୍ଗ ଜବତ କରାଯାଇଛି।

### ରେଭେନ୍ସା ସୋସିଓଲୋଜି ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ,୨୩।୧୦:** ରେଭେନ୍ସା ବିଶ୍ୱବିଦ୍ୟାଳୟର ସୋସିଓଲୋଜି ବିଭାଗ ଓ ଭାରତୀୟ ବାଣିଜ୍ୟ ପ୍ରତିଷ୍ଠାନର ମିଳିତ ସହଯୋଗରେ କଟକସ୍ଥିତ ଏକ ହୋଟେଲରେ ଜାତୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜ ବିଜ୍ଞାନର ଗବେଷଣା କ୍ଷେତ୍ର, କ୍ଷେତ୍ର ତଥ୍ୟ ସଂଗ୍ରହ, କ୍ଷେତ୍ର ଗବେଷକ ଦୃଷ୍ଟିକୋଣରୁ ଶିକ୍ଷାଦାନ ଏବଂ ଗବେଷଣା ଶୀର୍ଷକରେ ଆଲୋଚନା ହୋଇଥିଲା। ଏଥିରେ କୋଲକାତାସ୍ଥିତ ବାଣିଜ୍ୟ ପ୍ରତିଷ୍ଠାନର ପ୍ରଫେସର ଦିବ୍ୟାନ୍ଦୁ ନନ୍ଦୀ, ଡ. ଅନିର୍ବାଣ ମଣ୍ଡଳ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ଉପ ନିର୍ଦ୍ଦେଶକ ଡ. ବିମଳ ଚନ୍ଦ୍ର ନନ୍ଦ, ସୋସିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗବେଷକମାନେ ତଥ୍ୟର ସତ୍ୟତା ଏବଂ ମୌଳିକ ମାନବୀୟ ମୂଲ୍ୟବୋଧ ପ୍ରତି ଯତ୍ନବାନ୍ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଏହି ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଅଧାପିକାଅଧାପକ, ଗବେଷିକାଗବେଷକ ଯୋଗ ଦେଇଥିଲେ। ବିଭାଗର ଅଧାପିକା ଡ. ମନୋସ୍ମିତା ମହାପାତ୍ର, ଡ. ରୋଶିନା ୟୁସୁଫ୍, ଡ. ଲୁସି ମିଶ୍ର ଡ. ଜ୍ଞାନରଞ୍ଜନ ପୃଷ୍ଟି, ସାଗରଜିତ ଭଟ୍ଟାଚାର୍ଯ୍ୟ, ଗବେଷିକା ସିଲନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋସିଓଲୋଜି ସ୍ନାତକ ଛାତ୍ର ରୋହିତ ଦାସ, ଯଶ୍ ଶର୍ମା ଏବଂ ଭାରତୀୟ ବାଣିଜ୍ୟ ପ୍ରତିଷ୍ଠାନର ପ୍ରତିନିଧି ଆଶୁତୋଷ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଟକ ଡିଷ୍ଟ୍ରିକ୍ଟ ଟାଟା ମ୍ୟାଜିକ ଅଟୋ ସଂଘର ଲୋଗୋ ଉନ୍ମୋଚିତ

**କଟକ ଅଫିସ, ୨୩।୧୦:** କଟକ ଡିଷ୍ଟ୍ରିକ୍ଟ ଟାଟା ମ୍ୟାଜିକ ଅଟୋ ଆସୋସିଏଶନ୍ ପକ୍ଷରୁ ଲୋଗୋ ଓ ଆଇକାର୍ଡ ଉନ୍ମୋଚିତ ହୋଇଯାଇଛି। ଏନେଇ ସିଡିଏ ସେକ୍ଟର-୯ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଡ଼ିଆଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ସାହୁ ଯୋଗଦେଇ ଲୋଗୋ ଓ ଆଇକାର୍ଡକୁ ଉନ୍ମୋଚନ କରିଥିଲେ। ଏହାପରେ ଆସୋସିଏଶନ ପକ୍ଷରୁ କଟକ ଜିଲାର ସମସ୍ତ ସ୍କୁଲ୍ ଗାଡ଼ିରେ ଲୋଗୋ ଲଗାଯିବା ସହିତ ଡ୍ରାଇଭରମାନଙ୍କ ପାଇଁ ଆଇକାର୍ଡ ଦିଆଯାଇଥିଲା। ଏଥିରେ କଟକ ଅଟୋ ମହାସଂଘ ସାଧାରଣ ସମ୍ପାଦକ ଶୈଳେନ୍ଦ୍ର କୁମାର ଧଳ, ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀ, ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ତୋଫାନ କୁମାର ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ସୁଦାମ ଜେନା, ଉପସଭାପତି ପ୍ରଦୀପ ମିଶ୍ର, ସହ ସମ୍ପାଦକ କବୀନ୍ଦ୍ର କୁମାର ମଲ୍ଲିକ, କୋଷାଧକ୍ଷ ସୁଧାଂଶୁ ଷଡ଼ଙ୍ଗୀ, କମିଟି ମୁଖ୍ୟ ଗଗନ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ

**କଟକ ଅଫିସ, ୨୩।୧୦:** ଶହୀଦ ଯବାନ, ସ୍ୱର୍ଗଧାମ ସଂସ୍କାର ବ୍ୟକ୍ତି ତଥା ପୂର୍ବଜଙ୍କ ଉଦ୍ଦେଶ୍ୟରେ ଖାନ୍‌ନଗରସ୍ଥିତ ସ୍ୱର୍ଗଧାମ ପରିସରରେ ରବିବାର ଶତାଧିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ 'ଓମ୍' ଜପ କରାଯାଇ ଦେଶାତ୍ମବୋଧକ ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗଧାମ ସେବା ସମିତି ସଭାପତି ଶରତ କୁମାର ସାହୁ, ଉପ ସଭାପତି କ୍ଷେତ୍ରମୋହନ ସାହୁ, କୋଷାଧକ୍ଷା ରେଶ୍ମା ମହାରଣା, ସୁଜାତା ସ୍ୱାଇଁ, ସ୍ମିତାଞ୍ଜଳି ସାହୁ, ସ୍ମୃତିରଞ୍ଜନ ମହାପାତ୍ର, ପ୍ରୀତିକାନ୍ତ ମହାରଣା, ପ୍ରଶାନ୍ତ ଆଚାର୍ଯ୍ୟ, ବିଶ୍ୱ ହିନ୍ଦୁ ପରିଷଦର ପ୍ରଶାନ୍ତ ପଣ୍ଡା, ମାନସ ପଣ୍ଡା, ଗୌତମ ପରିଡ଼ା, ପରୀକ୍ଷିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# କାଳୀପୂଜା ପାଇଁ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ

**କଟକ ଅଫିସ,୨୩।୧୦**


ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଉଛନ୍ତି।

ଚଳିତବର୍ଷ ଦୀପାବଳି ଓ କାଳୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷିତ ଦୀପାବଳି ପାଇଁ ପୋଲିସ ପକ୍ଷରୁ କେତେକ ନିୟମ କଡ଼ାକଡ଼ି କରାଯାଇଛି। ୨୪ରେ କାଳୀପୂଜା ଓ ଦୀପାବଳି ଉତ୍ସବ ପାଳନ ହେବ। ୨୮ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ସହରର ୯୦ଟି ମଣ୍ଡପରେ ମା' କାଳୀଙ୍କ ପୂଜା କରାଯିବ। ୨୫ଟି ମଣ୍ଡପରେ ଚାନ୍ଦୀମେଢ଼ ଓ ସ୍ୱର୍ଣ୍ଣ ଅଳଙ୍କାରରେ ମା' ଶୋଭାପାଇବେ। ତେବେ ସୁରକ୍ଷା ଦୃଷ୍ଟିରୁ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ପୋଲିସ ବ୍ୟବସ୍ଥା କଡ଼ାକଡ଼ି ହେବା ସହ ସହରରେ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏଥିସହ ଅତିରିକ୍ତ ଡିସିପି ପାହ୍ୟାର ୬ ଜଣ, ଏସିପି ପାହ୍ୟାର ୩୭ ଜଣ, ଇନ୍ସପେକ୍ଟର ର୍‍ୟାଙ୍କର ୫୫ ଜଣ, ସବ୍-ଇନ୍ସପେକ୍ଟର ଓ ସହକାରୀ ସବ୍-ଇନ୍ସପେକ୍ଟର ର୍‍ୟାଙ୍କର ୨୮୨ ଜଣ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ରବିବାର କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଖବରଦାତା

- ୨୩ରୁ ୨୮ ପର୍ଯ୍ୟନ୍ତ ପୋଲିସ ବ୍ୟବସ୍ଥା କଡ଼ାକଡ଼ି
- ରାତି ୮ରୁ ୧୦ଟା ବାଣଫୁଟା
- ୯୦ ମଣ୍ଡପରେ କାଳୀପୂଜା

ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ଅନୁମତି ଦିଆଯାଇଛି। ବାଣଫୁଟା ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ, ଗଳିରାସ୍ତା ଓ ସର୍ବସାଧାରଣ ସ୍ଥାନରେ ନିଷେଧ କରାଯାଇଛି। ଉଚ୍ଚ ଶବ୍ଦ ସୃଷ୍ଟିକାରୀ, ରାସାୟନିକ ବାଣ ବିକ୍ରି ଓ ଫୁଟାଇବାକୁ ବାରଣ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଓ ପୋଲିସ ଅଧିକାରୀ ମିଳିତ ଭାବେ ଏହାର ଯାଞ୍ଚ କରିବେ। ପୋଲିସ କର୍ମଚାରୀ ସହରରେ ପଇଁତରା ମାରିବେ। କୌଣସିଠାରେ ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିଶାସେବନକାରୀଙ୍କ ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଛୋଟ ପିଲାମାନେ ବାଣ ଫୁଟାଉଥିଲେ ସେମାନଙ୍କ ଅଭିଭାବକ ସାଙ୍ଗରେ ରହିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଏଥିସହ ସହରବାସୀ ନିୟମ ମାନି ସୁରକ୍ଷିତ ଭାବେ ଦୀପାବଳି ପାଳନ କରିବାକୁ ଡିସିପି ନିବେଦନ କରିଛନ୍ତି। ସେହିପରି ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ନିଜ କର୍ମସ୍ଥଳୀରେ ପହଞ୍ଚିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ନ ହେବା ଉପରେ ଗୁରୁତ୍ୱ ଦେବାକୁ ଡିସିପି ପରାମର୍ଶ ଦେଇଛନ୍ତି।

# ବାଲିଯାତ୍ରା: ବଢ଼ିଲା ଆବେଦନ ତାରିଖ

**କଟକ ଅଫିସ,୨୩।୧୦**

କଟକ ବାଲିଯାତ୍ରାରେ ପାର୍କିଂ ଟେଣ୍ଡର ପାଇଁ ଆବେଦନ ତାରିଖ ବୃଦ୍ଧି ପାଇଛି। ପୂର୍ବରୁ ଆସନ୍ତା ୨୫ ତାରିଖ ଆବେଦନର ଶେଷ ତାରିଖ ଥିଲା। ହେଲେ ୨୫ରେ ସୂର୍ଯ୍ୟୋପରାଗ ପାଇଁ ଛୁଟି ଘୋଷଣା କରାଯାଇଥିବାରୁ ଆବେଦନ ତାରିଖ ୨୬କୁ ବୃଦ୍ଧିକରାଯାଇଛି। ଏନେଇ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନକାରୀ ୨୬ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପାର୍କିଂ ଟେଣ୍ଡର ପାଇଁ ଆବେଦନ କରିପାରିବେ। ଏହାପରେ ଉକ୍ତ ଦିନ ଅପରାହ୍ନ ସାଢେ ୩ଟାରେ ସିଏମ୍‌ସି ବିଜୁ ଭବନ ପରିସରରେ ଟେଣ୍ଡର ଫାଇଲ ଖୋଲାଯିବ। ନଭେମ୍ବର ୭ରୁ ୧୭ ପର୍ଯ୍ୟନ୍ତ ବାଲିଯାତ୍ରା ପଡିଆ ନିକଟବର୍ତ୍ତୀ ସ୍ଥାନ ପାଇଁ ସିଏମ୍‌ସି ଏହି ଟେଣ୍ଡର ଡାକିଛି। ତେବେ ସର୍ବାଧିକ କାଉ୍ତିକେଶ୍ୱର ଗଡାର ପୂର୍ବ ଓ ପଶ୍ଚିମ ପଟ ପାଇଁ ୨ ଲକ୍ଷ ଲେଖାଏ ଦର ଧାର୍ଯ୍ୟ କରାଯାଇଛି। ସେହିପରି ସର୍ବନିମ୍ନ ଗୋରାକବର ପଡିଆ, ଭୁଆସୁଣି ପଡିଆର ଚହଟାପଟ, ବକ୍ସି ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପାଇଁ ୫୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ସିଏମ୍‌ସିର ଅନ୍ୟ ୩ଟି ସ୍ଥାନ ପାର୍କିଂ ପାଇଁ ୧ ବର୍ଷ ଲାଗି ୨୫ ହଜାର ଟଙ୍କା ଲେଖାଏ ଧାର୍ଯ୍ୟ କରାଯାଇଛି। ଏହି ୩ ସ୍ଥାନକୁ ବାଦ୍ ଦେଲେ ବାଲିଯାତ୍ରାରେ ପାର୍କିଂ ପାଇଁ ମୋଟ ୨୫ ଲକ୍ଷ ୨୦ ହଜାର ଟଙ୍କାର ଟେଣ୍ଡର ଡାକିଛି ସିଏମ୍‌ସି।

# ମସ୍‌ଜିଦ୍ ଉନ୍ନୟନ କାର୍ଯ୍ୟ ଦେଖିଲେ ଏମ୍‌ପି



**କଟକ ଅଫିସ,୨୩।୧୦**

କଟକର କଦମ-ଏ-ରସୁଲ ମସ୍‌ଜିଦ୍‌ର ଉନ୍ନତିମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି ଏମ୍‌ପି ଭର୍ତ୍ତୃହରି ମହତାବ। ଏହି ମସ୍‌ଜିଦ୍‌ର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଉକ୍ତ କାର୍ଯ୍ୟ କିଭଳି ଚାଲିଛି ସେ ନେଇ ରବିବାର ଏମ୍‌ପି ମହତାବ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ବହୁ ଅଧିକାରୀ ତଦାରଖ କରିଥିଲେ। ଏହି ଅବସରରେ ଏମ୍‌ପି ମହତାବ ଏକ କମ୍ୟୁନିଟି ହଲ୍ ଉଦ୍‌ଘାଟନ କରିଥିଲେ। ଏ ନେଇ ମହାତାବ କହିଛନ୍ତି, ମସ୍‌ଜିଦ୍‌ରେ ୫୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟ ଶେଷ ହୋଇଛି। ବାକି କାମ ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ। ସେହିପରି ଜିଲାପାଳ କହିଛନ୍ତି, କଦମ-ଏ-ରସୁଲରେ ନମାଜ ପଢିବା ପାଇଁ ନୂତନ ଘର, ଶେଡ୍ ଭଳି କାର୍ଯ୍ୟ କରାଯାଇଛି।

# 'ମହୋତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ହୁଏ'



ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ।

**ଖୁଣ୍ଟୁଣୀ,୨୩।୧୦(ଡି.ଏନ.ଏ.)**

**ଶିଶୁ ମହୋତ୍ସବ ସୁରଭି**

ଆଠଗଡ଼ ବ୍ଲକ ରାଧାକିଶୋରପୁରସ୍ଥିତ ଗୋବିନ୍ଦ ଚନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ରର ସଂଯୋଜକ ଅକ୍ଷୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଧାକିଶୋରପୁର ସରପଞ୍ଚ ବିନୋଦ କୁମାର ମାଝୀ, ମୁଖ୍ୟବକ୍ତା ସମିତିସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଶିକାନ୍ତ ସ୍ୱାଇଁ, ଜମ୍ବେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ଗୋବିନ୍ଦ ଚନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପିରୋଇ ପ୍ରମୁଖ ଯୋଗଦେଇ କହିଥିଲେ, ସୁରଭି ମହୋତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ମାନସିକ ବିକାଶ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧଲିଖନ, ଚିତ୍ରକଳା ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନୀଳମଣି ନାୟକ, ସୁଧୀର କୁମାର ପରିଡା, ପ୍ରଦୋଷ କୁମାର ସ୍ୱାଇଁ, ସଞ୍ଜୟ କୁମାର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ

**ଫୁଲନଖରା,୨୩।୧୦(ଡି.ଏନ୍.ଏ.)**

କଟକ ମହାନଗର ନିଗମ(ସିଏମ୍‌ସି)ର ୫୬ନଂ. ୱାର୍ଡସ୍ଥିତ ବାଲିକୁଦାର ଏକ ମଣ୍ଡପରେ ସଦର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ରାଜକୁମାରୀ ସ୍ୱାଇଁଙ୍କ ନେତୃତ୍ୱରେ ଅନ୍ୟ ଦଳର ୪୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର ଜିଲା ସଭାପତି ମଧୁସୂଦନ ସାହୁ, ଜୀବନବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ପୂର୍ବତନ କର୍ପୋରେଟର ସଞ୍ଜୟ ବରାଳ, ଜ୍ଞାନରଞ୍ଜନ ସାହୁ, ପ୍ରମୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚୌଦ୍ୱାରରେ ଖୋଲିଲା ନିଶା ନିବାରଣ କେନ୍ଦ୍ର

**ଚୌଦ୍ୱାର,୨୩।୧୦(ଡି.ଏନ୍.ଏ.)**

ପଥଭ୍ରଷ୍ଟ କିଶୋରମାନଙ୍କୁ ନିଶା ସେବନରୁ ମୁକ୍ତ କରିବା ଲକ୍ଷ୍ୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ କଳିଙ୍ଗ ଛକଠାରେ ଏକ ନିଶା ନିବାରଣ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପ ନଗରପାଳ ଶୁଭେନ୍ଦୁ ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ କମିଟି ଅଧକ୍ଷା ମନ୍ଦାକିନୀ ଜେନା, ସଦସ୍ୟ ଅମିୟ ବିଶ୍ୱାଳ, ସାମାଜିକ କର୍ମୀ ଶୈଳ ବେହେରା, ସୁଭଦ୍ରା ଦାସ, ସସ୍ମିତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କେନ୍ଦ୍ରରେ ରହୁଥିବା କିଶୋରମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗ, ପ୍ରାଣାୟମ, ସୁଷମ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ସଙ୍ଗଠନର ସଭାପତି ନରୋତ୍ତମ ଦାସ ସୂଚନା ଦେଇଛନ୍ତି।

# କଟକ ଜିଲା ଛାତ୍ର କଂଗ୍ରେସ କମିଟିର ବନ୍ଧୁମିଳନ

**କଟକ ଅଫିସ, ୨୩।୧୦**

କଟକ ଜିଲା ଛାତ୍ର କଂଗ୍ରେସ କମିଟିର ବନ୍ଧୁମିଳନ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପର୍ଣ୍ଣାଶା ପଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ କଟକ ଜିଲା ସଭାପତି ମାନସ ଚୌଧୁରୀ, ଡ. ବିପ୍ଳବ ଶିଳାଦିତ୍ୟ, ଶୋଭା ସିଂ, ମନୋଜ ବିଶ୍ୱାଳ, ଶିଶିର ରଥ, ଆକ୍ବବ ଖାନ୍, ଶିବ ଅଗ୍ରୱାଲ, ସତୀଶ ଶେଖର, ଦୀପକ ମହାନ୍ତି, ଆଶୁତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**କଟକ ସଦର,୨୩।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ରବିବାର ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ନେତୃତ୍ୱରେ ସାମାଜିକ କର୍ମୀମାନେ ବିରିବାଟିସ୍ଥିତ ରତ୍ନାକର ବିଦ୍ୟାମନ୍ଦିରରେ ପହଞ୍ଚି ଶିକ୍ଷାବିତ୍, ପ୍ରାବନ୍ଧିକ ସ୍ୱର୍ଗତ ରତ୍ନାକର ପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସିଦ୍ଧେଶ୍ୱରପୁର ଯାଇ ଓଡ଼ିଶା ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ସାମାଜିକ କର୍ମୀ ସ୍ୱର୍ଗତ କେଶବ ଚନ୍ଦ୍ର ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ସଙ୍ଗଠନ ସମ୍ପାଦକ ସୁନାମଣୀ ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ କମିଟି ସଭ୍ୟା ଡା. ଗାୟତ୍ରୀ ଦେବୀ, ବିଜୟଲକ୍ଷ୍ମୀ ନାୟକ, ବ୍ରହ୍ମାନନ୍ଦ ମହାନ୍ତି, ମୁରଲୀଧର ଶତପଥୀ, ତପନ ସ୍ୱାଇଁ, ଶଶିକାନ୍ତ ରାଉତ, ଦିଲ୍ଲୀପ ଦାସ, ସରୋଜିନୀ ମିଶ୍ର, ସୁକାନ୍ତ ନନ୍ଦ ଓ ସରୋଜ କୁମାର ସାମଲ ପ୍ରମୁଖ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# 'ଆୟୁର୍ବେଦ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା'

**କଟକ ଅଫିସ, ୨୩।୧୦**



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ସ୍ୱାସ୍ଥ୍ୟ ସନ୍ଦେଶ' ଉନ୍ମୋଚନ କରୁଛନ୍ତି।

**ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରୀଙ୍କ ଜୟନ୍ତୀ**

ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରୀଙ୍କ ଜୟନ୍ତୀ ଓ ବିଶ୍ୱ ଆୟୁର୍ବେଦ ଦିବସରେ କଟକ କାଳୀଭବନଠାରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଏହାକୁ ଉଦ୍‌ଘାଟନ କରି ଆୟୁର୍ବେଦ ଚିକିତ୍ସା ଭାରତରୁ ବିକାଶ ଲାଭ କରି ଆଜିପର୍ଯ୍ୟନ୍ତ ଲୋକପ୍ରିୟତା ବୃଦ୍ଧି କରିପାରିଛି ବୋଲି କହିଥିଲେ। ସେହିପରି ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ଅଧକ୍ଷ ଡା. ଦୀନବନ୍ଧୁ ମହାରଣା ଉତ୍ସବରେ ସଭାପତିତ୍ୱ କରି କହିଥିଲେ, ଆୟୁର୍ବେଦ ଏକ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା। ଏଣୁ ଜନସାଧାରଣ ଆୟୁର୍ବେଦ ଚିକିତ୍ସାର ସୁଯୋଗ ନିଅନ୍ତୁ। ରାଜ୍ୟ ସରକାର ପ୍ରତି ଜିଲାରେ ଏବଂ ଆୟୁର୍ବେଦ କଲେଜଗୁଡିକରେ ଅତ୍ୟାଧୁନିକ ଆୟୁର୍ବେଦୀୟ ପଞ୍ଚକର୍ମ ହସ୍ପିଟାଲ ସ୍ଥାପନ କରିବା ପାଇଁ ଡା. ମହାରଣା ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ, ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରୀ, ମହର୍ଷି ଚରକ, ଶୁଶ୍ରୁତ ଓ ପତଞ୍ଜଳିଙ୍କ ଭଳି ମୁନିଋଷିଙ୍କ ଅବଦାନ ପାଇଁ ଆୟୁର୍ବେଦ ସମଗ୍ର ବିଶ୍ୱରେ ଆଦର ଲାଭ କରିଛି। ବିଶିଷ୍ଟ ଅତିଥି ଭାବେ ଗବେଷକ ବିଷ୍ଣୁପଦ ଦାସ ଯୋଗଦେଇ ଆୟୁର୍ବେଦ ଚିକିତ୍ସାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଡା. ମିନତୀ ମହାରଣା, ଡା. ଦିବ୍ୟଜ୍ୟୋତି ଯୋଗଦେଇ ଆୟୁର୍ବେଦ ବିକାଶ ପାଇଁ ଧନ୍ୱନ୍ତରୀଙ୍କ ଅବଦାନ ଉପରେ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା ଧର୍ମୀ ପୁସ୍ତକ 'ସ୍ୱାସ୍ଥ୍ୟ ସନ୍ଦେଶ' ଉନ୍ମୋଚିତ ହୋଇଥିଲା। ଆଇନଜୀବୀ ଅଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।


କଟକ ଖାନ୍‌ନଗର ସ୍ୱର୍ଗଧାମଠାରେ ରବିବାର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଉଛି।



ଖାନ୍‌ନଗର ବୈଷ୍ଣବ ପାଣି ଉଦ୍ୟାନ ନିକଟସ୍ଥ ପଡିଆରେ ଖୋଲିଥିବା ବାଣ ଦୋକାନରେ ରବିବାର ଗ୍ରାହକଙ୍କ ଭିଡ।

## ସଂକ୍ଷେପରେ

### ମଦ ଜବତ, ବେପାରୀ ଗିରଫ

ନିରାକାରପୁର,୨୩।୧୦(ଡି.ଏନ୍.ଏ.): ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତର ହାଡ଼ପଦା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୨ ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ହାଡ଼ପଦା ଗ୍ରାମର ରତ୍ନାକର ବାହିନୀପତି। ଦୀର୍ଘଦିନ ଧରି ରତ୍ନାକର ବେଆଇନ ଭାବେ ମଦ ବେପାର କରିଆସୁଥିଲେ। ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଧରିବା ସହ ମଦ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୩୫୭/୨୨) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କହିଛନ୍ତି।

### ୩୯୦ କେଜି ଭାଙ୍ଗ ଜବତ, ୨ ଗିରଫ

ବାରଙ୍ଗ,୨୩।୧୦(ଡି.ଏନ୍.ଏ.): କଟକ ଅବକାରୀ ବିଭାଗ ରବିବାର ବାରଙ୍ଗର ପୃଥକ୍ ସ୍ଥାନରେ ଚଢ଼ାଉ କରି ୩୯୦କେଜି ଭାଙ୍ଗ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ଗାନ୍ଧୀପଲ୍ଲୀ ଅଞ୍ଚଳର ରଞ୍ଜିତ ମଲ୍ଲିକ ଓ ବିହାର ଗୟା ଜିଲାର ଟିକରିଥାନା ଅଧୀନ କୁସପ ଗ୍ରାମର ମନୋଜ ଗାନ୍ଧୀ। ସୂଚନା ମୁତାବକ, ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ନାରାଜ ମାର୍ଥପୁର ରେଳ ଷ୍ଟେଶନ ଓ ତ୍ରିଶୂଳିଆ ସୁବାସ ସେତୁ ନିକଟରେ ଏକସମୟରେ ଚଢ଼ାଉ କରି ଭାଙ୍ଗ ଜବତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ।

### ଓଡ଼ିଶା ଇତିହାସରେ ନୂଆ ଯୁଗ ସୃଷ୍ଟି କରିଥିଲେ ଭଗବତୀ ଚରଣ

ପୁରୀ ଅଫିସ,୨୩।୧୦: ଓଡ଼ିଶାର ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀ ଏକ ନୂଆ ଯୁଗ ସୃଷ୍ଟି କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଖ୍ୟାତ ଜନନେତା ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରବିବାର ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ କବି ମାନସ ରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦାନ କରି କହିଥିଲେ, ଓଡ଼ିଶାର ସାହିତ୍ୟ ରଚନା ଇତିହାସରେ ଭଗବତୀ ଏକ ନୂଆ ଯୁଗ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ନବଯୁଗ ସାହିତ୍ୟ ସଂସଦ ଶୋଷିତ ମଣିଷର ସ୍ୱରକୁ ଉତ୍ତୋଳିତ କରି ପ୍ରଗତିଶୀଳ ଓ ସୃଜନଶୀଳ ସାହିତ୍ୟର ଭିତ୍ତିଭୂମି ପକାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ କବି ପବିତ୍ର ମୋହନ ଦାସ ଭଗବତୀଙ୍କୁ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ବାସ୍ତବ ଉତ୍ତରାଧିକାରୀ ବୋଲି ଚିତ୍ରଣ କରିଥିଲେ। ଭଗବତୀଙ୍କ ରଚିତ ଗଳ୍ପ ଓ ପ୍ରବନ୍ଧଗୁଡ଼ିକ ଓଡ଼ିଶାର ସାହିତ୍ୟ ଓ ରାଜନୀତିର ଏକ ପ୍ରତିଫଳନ ଭାବେ ଗଢି ତୋଳି ସାହିତ୍ୟ ଜରିଆରେ ବିପ୍ଳବ ପାଇଁ ସେ ଆହ୍ୱାନ ଦେଇଥିଲେ। ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଯୋଗଦାନ କରି କହିଥିଲେ, ଭଗବତୀ ହେଉଛନ୍ତି ଓଡ଼ିଶାରେ ସାମ୍ୟବାଦୀ, ରାଜନୀତି, ଦର୍ଶନ ଓ ସଙ୍ଗଠନର ଆଦ୍ୟ ପ୍ରବର୍ତ୍ତକ। ଓଷ୍ଟାର ପୁରୀ ଜିଲା ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ନେତା ଚନ୍ଦନ ସାହୁ ଓ ରାକ୍ଷୀ ସ୍ୱାଇଁ ସଂଯୋଜନା କରିଥିଲେ।

# ଜିମ୍ ସେଣ୍ଟରରେ ଅଗ୍ନିକାଣ୍ଡ






ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

■ଅଳ୍ପକେ ବର୍ତ୍ତିଲେ ମାଲିକ
■ନିଆଁ ଲିଭାଇଲା ଅଗ୍ନିଶମ ବାହିନୀ

ରାଜଧାନୀରେ ଦୀପାବଳିର ଦିନକ ପୂର୍ବରୁ ଏକ ଅଘଟଣ ଘଟିଛି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ରୋଡସ୍ଥିତ ଆଇଟିଆର୍ କଲେଜ ନିକଟରେ ଥିବା 'ଅଲ୍ ଟାଇମ୍ ଫିଟନେସ୍' ଜିମ ସେଣ୍ଟରେ ସୋମବାର ରାତି ପ୍ରାୟ ୯ଟା ୧୫ ବେଳେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଉକ୍ତ ଜିମ୍ ସେଣ୍ଟରର କିଛି ସାମଗ୍ରୀ ନଷ୍ଟ ହୋଇଥିବା ସୂଚନା ମିଳିଛି। ଦମକଳ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ପରିଶ୍ରମ ଫଳରେ ୪୫ ମିନିଟ ପରେ ନିଆଁକୁ ଆୟତ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରରେ ଏକ ରେଷ୍ଟୁରାଣ୍ଟ ଥିବାବେଳେ ଏହାର ଉପରିସ୍ଥ ୩ଟି ଫ୍ଲୋରରେ ଜିମ୍ ସେଣ୍ଟର ରହିଛି। ରବିବାର ଜିମ୍ ସେଣ୍ଟର ବନ୍ଦ ଥିବାରୁ ଗହଳି ନ ଥିଲା। ହେଲେ ମାଲିକ ବିଜନ ବାରିକ ଜିମ୍ ସେଣ୍ଟରର ୩ୟ ମହଲାରେ ରହି କୌଣସି କାର୍ଯ୍ୟ କରୁଥିଲେ। ରାତି ୯ଟା ୧୫ରୁ ଗ୍ରାଉଣ୍ଡ ଫ୍ଲୋରର କଟ୍ ଆଉଟ୍ ପାଖରୁ ନିଆଁ ଲାଗି ଧୂଆଁ ବାହାରିଥିଲା। ଫଳରେ ଉପର ମହଲାକୁ ନିଆଁ ସହ ଧୂଆଁ ବ୍ୟାପିଯାଇଥିଲା। ଏନେଇ ବିଜନ ଦେଖିବାକୁ ପାଇଥିଲେ। ପ୍ରବେଶ ପଥରେ ହୂତୁ ହୂତୁ ହୋଇ ନିଆଁ ଜଳୁଥିବାରୁ ସେ ବାହାରକୁ ବାହାରି ପାରି ନ ଥିଲେ। ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇ ନିଆଁ ଲିଭାଇବାକୁ ପ୍ରୟାସ ଆରମ୍ଭ କରିଥିଲେ। ଏପଟେ ଖବର ପାଇ ଅଗ୍ନିଶମ ବାହିନୀର ୨ଟି ଟିମ୍ ୨ଟି ଗାଡି ସହ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ପ୍ରୟାସ ଆରମ୍ଭ କରିଥିଲେ। ପୋଲିସ ଓ ଲୋକମାନେ ମଧ୍ୟ ଏଥିରେ ସହଯୋଗ କରିଥିଲେ। ଅଗ୍ନୀଶମ ବାହିନୀର କର୍ମଚାରୀମାନେ ଧୂଆଁ ଭିତରେ ପଶି ଉପର ମହଲାରେ ଥିବା ମାଲିକ ବିଜନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ତଳକୁ ଆଣିଥିଲେ। ରାତି ପ୍ରାୟ ୧୦ଟା ବେଳକୁ ଅଗ୍ନୀଶମ କର୍ମଚାରୀମାନେ ନିଆଁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ତେବେ ପ୍ରଥମ ମହଲାରେ ଥିବା ଏକ ଏସି ଓ ଅନ୍ୟ କିଛି ସାମଗ୍ରୀ ଜଳିଯାଇଥିବା ସୂଚନା ମିଳିଛି। ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନୀଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି।

# ୨୫.୫ ଲକ୍ଷ ଠକେଇ, ବାପ-ପୁଅ ଗିରଫ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦବୀରେ ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କଠାରୁ ସାଢେ ୨୫ ଲକ୍ଷ ଟଙ୍କା ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବାପ ଓ ପୁଅଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ରାଜେନ୍ଦ୍ର କୁମାର ରାଜପୁତ (୫୩) ଓ ପୁଅ ଆଶିଷ କୁମାର ରାଜପୁତ (୨୮)। ଏମାନଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ କରାଯାଇ ନ ଥିବା ଜଣାପଡିଛି। ଏନେଇ ପୋଲିସ ମାମଲା (ନଂ.୪୨୯/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଏଥିସହ ଘଟଣାରେ ସଂପୃକ୍ତ ଥିବା ବୃନ୍ଦାବାଦୀ ନାମକ ଜଣେ ମହିଳାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି।

ସୂଚନାନୁସାରେ, ୨୦୧୯ରେ ଏହି ଠକେଇ ହୋଇଥିବାବେଳେ ୨୦୨୧ ଅକ୍ଟୋବର ୧୩ରେ ଠକେଇର ଶିକାର ହୋଇଥିବା ଚୂଡ଼ାମଣି କିଷାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଚୂଡ଼ାମଣିଙ୍କ ଅଭିଯୋଗ ଅନୁସାରେ, ବଡ଼ପୁଅ ରୋହିତ କୁମାର ପଢାପଢି ସାରିବା ପରେ ଚାକିରି ସନ୍ଧାନରେ ଥିଲେ। ୨୦୧୯ ମାର୍ଚ୍ଚରେ ଗିରଫ ଅଭିଯୁକ୍ତଦ୍ୱୟଙ୍କ ସହ ବୃନ୍ଦାବାଦୀ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ସମ୍ପର୍କରେ ଥିବା କଥା କହି ପୁଅ ରୋହିତଙ୍କ ପାଇଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରେଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଚେକ୍ ଓ ୫୦ ହଜାର ଟଙ୍କା ନଗଦ ଆକାରରେ ଦେବାକୁ କହିଥିଲେ। ଚାକିରି ନ ଦେଲେ ସମସ୍ତ ଟଙ୍କା କିଛିଦିନ ମଧ୍ୟରେ ଫେରସ୍ତ କରାଇଦେବେ ବୋଲି କଥା ଛିଣ୍ଡିଥିଲା। ହେଲେ ସେମାନେ ଚୂଡ଼ାମଣିଙ୍କଠାରୁ କଥା ଅନୁସାରେ ଟଙ୍କା ନେବା ପରେ ଅଭିଯୁକ୍ତମାନେ ଚାକିରି କରାଇପାରି ନ ଥିଲେ। ଚୂଡ଼ାମଣି ଟଙ୍କା ଫେରସ୍ତ ପାଇଁ କହିବାରୁ ଅଭିଯୁକ୍ତମାନେ ତାଙ୍କ ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଧକ୍କା ଓ ଗୋଇଠା ମାରିବା ସହିତ ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ପ୍ରକାର କଟୁ କଥା କହିଥିଲେ। ଏନେଇ ଚୂଡ଼ାମଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି।

# ଭୁଜାଲି ଦେଖାଇ ଡକାୟତି

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

**ପୂର୍ବ ଦିନ ରାତିରୁ ହୋଇଥିଲା ଯୋଜନା**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ଦିବାଲୋକରେ ଡକାୟତି ହୋଇଛି। ଏକ ଦମ୍ପତିଙ୍କୁ ୫ ଦୁର୍ବୃତ୍ତ ଭୁଜାଲି ଦେଖାଇ ମାଡ଼ମାରି ସୁନା ଅଳଙ୍କାର ସମେତ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବୁଧବାର ଏହି ଘଟଣା ଥିବାବେଳେ ରବିବାର ଜଣାପଡିଛି। ପୋଲିସ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଦିନ ୧୧ଟାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ ହାଉସିଂ ବୋର୍ଡ କଲୋନୀସ୍ଥିତ ଫ୍ଲଟ୍ ନଂ. ଏଚ୍‌ଆଇଜି ୧୬/୬ରେ ରହୁଥିବା ସକୁନ୍ତଳା ମହାରଣାଙ୍କ ଘରର କଲିଂ ବେଲ୍ ମାରିଥିଲେ। ସକୁନ୍ତଳା ଗେଟ୍ ଖୋଲିବାରୁ ଦୁର୍ବୃତ୍ତମାନେ ଘର ଭିତରକୁ ଧସେଇ ପଶିଥିଲେ। ସେମାନେ ସକୁନ୍ତଳାଙ୍କୁ ଧକ୍କା ମାରି ତଳେ ପକାଇ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ସକୁନ୍ତଳା ପିନ୍ଧିଥିବା ସୁନା ବାଲା, ହାର, କାନ ଫୁଲ ନେଇଯାଇଥିଲେ। ସେହିପରି ତାଙ୍କ ସ୍ୱାମୀଙ୍କୁ ମଧ୍ୟ ସେମାନେ ଭୁଜାଲି ଦେଖାଇ ସୁନା ମୁଦି, ୨ଟି ମୋବାଇଲ, ଗୋଟିଏ ଟ୍ୟାବ୍ ଓ ୩ ହଜାର ଟଙ୍କା ନେଇଯାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ସକୁନ୍ତଳା ମଧ୍ୟ ଆହତ ହୋଇଥିଲେ। ତେବେ ୭ରୁ ୮ ମିନିଟ୍ ମଧ୍ୟରେ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇ ସେଠାରୁ ଫେରାର ହୋଇଯାଇଥିଲେ।

ଦୁର୍ବୃତ୍ତମାନେ ଡକାୟତି କରିବା ପାଇଁ ଘଟଣାର ପୂର୍ବ ଦିନ ରାତିରେ ଅର୍ଥାତ ମଙ୍ଗଳବାର ଯୋଜନା କରିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଉକ୍ତ ଗ୍ୟାଙ୍ଗରୁ ୨ଜଣ ଯୁବକ ସକୁନ୍ତଳାଙ୍କ ଘରକୁ ଆସିଥିଲେ। ଏସି ଖରାପ ହୋଇଛି, ଏନେଇ କମ୍ପ୍ଲେନ୍ ଦେଇଛନ୍ତି କି ବୋଲି ସକୁନ୍ତଳାଙ୍କୁ ଉଭୟ ପ୍ରଶ୍ନ କରିଥିଲେ। ସକୁନ୍ତଳା ତାଙ୍କୁ ମନା କରିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ତେବେ ଏହି ସମୟରେ ଦମ୍ପତିଦ୍ୱୟ କି ଅଳଙ୍କାର ପିନ୍ଧିଛନ୍ତି, କେଉଁ ଉପାୟରେ ଡକାୟତି କରିହେବ, କିପରି ସେଠାରୁ ଯାଇ ହେବ ସେନେଇ ପୂର୍ବ ପ୍ରସ୍ତୁତି କରି ଯାଇଥିଲେ।

# ଶିଶୁ ବାଟିକା କର୍ମଶାଳା ଉଦ୍‌ଯାପିତ



କର୍ମଶାଳାରେ ଯୋଗ ଦେଇଥିବା ଗୁରୁ ମା'ମାନେ।

ଜଟଣୀ,୨୩।୧୦(ଡି.ଏନ୍.ଏ.)

ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିରରେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ପକ୍ଷରୁ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ଶିଶୁ ବାଟିକା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବ ସମ୍ଭାଗ ସଂଯୋଜକ ଶିରିଶ କୁମାର ହାତି, ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ସହ ନିରୀକ୍ଷକ ନୃସିଂହ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ୧୩୮ ବିଦ୍ୟାଳୟରୁ ଶତାଧିକ ଶିଶୁ ବାଟିକା ଗୁରୁମା ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ କର୍ମଶାଳାରେ ପୂର୍ବ ସମ୍ଭାଗର ଶିଶୁ ବାଟିକା ପ୍ରମୁଖ ରୀନା ରାଉତରାୟ ସଂଯୋଜନା କରିଥିଲେ। କର୍ମଶାଳା ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଉପସଭାପତି ସରୋଜ ବଳିୟାରସିଂ, କୋଷାଧକ୍ଷ ସୁରେନ୍ଦ୍ରନାଥ ସାହୁ, ସମ୍ପାଦକ ଅଶୋକ ଶର୍ମା ଅତିଥିଭାବେ ଯୋଗଦେଇଥିବା ବେଳେ ପୂର୍ବ ସମ୍ଭାଗ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଜଟଣୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ଗୀତାରାଣୀ ରଥ ଶିଶୁ ମନୋବିଜ୍ଞାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୨ଟି ବ୍ୟବସ୍ଥାକୁ ପ୍ରକ୍ରିୟାକରଣ କରାଯାଇଥିବା ବେଳେ ସମସ୍ତ ବ୍ୟବସ୍ଥାକୁ ପିପିଟି ମାଧ୍ୟମରେ ଚର୍ଚ୍ଚା କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ଅଶୋକ ଶର୍ମା ଏବଂ ପୁରୀ ସହ ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବ୍ରାଉନସୁଗାର ଜବତ: ୨ ଗିରଫ

ପୁରୀ ଅଫିସ, ୨୩।୧୦

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ପୁରୀ ସଦର ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଜଟଣୀ ଦେଉଳପାଟଣାର ଚନ୍ଦନ ସେଠ ଏବଂ ଜଟଣୀ ଟ୍ରାଫିକ କଲୋନୀର ଏମ୍. କ୍ରିଷ୍ଣା ରାଓ। ପୋଲିସ ଏ ନେଇ ଏକ କେସ୍ (ନଂ.୨୭୬/୨୨) ରୁଜୁ କରିଛି। ପୋଲିସ ଅଭିଯୁକ୍ତ ନିକଟରୁ ୮୨ ଗ୍ରାମ୍ ବ୍ରାଉନ ସୁଗାର ସହ ନଗଦ ୩୮୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଦୀପାବଳୀ ଉପଲକ୍ଷେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ପୁରୀ ସଦର ଥାନା ପୋଲିସ ପକ୍ଷରୁ ରବିବାର ବୀରହରେକୃଷ୍ଣପୁର ଛକ ନିକଟରେ ଯାଞ୍ଚ ଚାଲିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ପୁରୀ ଅଭିମୁଖେ ଆସୁଥିଲେ। ପୋଲିସ ଉଭୟଙ୍କୁ ଅଟକାଇ ଯାଞ୍ଚ କରିବାରୁ ବ୍ରାଉନ ସୁଗାର ମିଳିଥିଲା। ନୀଳଚକ୍ରନଗରକୁ ବ୍ରାଉନ ସୁଗାର ନେଇ ଯାଉଥିବା ସେମାନେ କହିଥିଲେ।

# ଆୟୁର୍ବେଦ ପ୍ରତି ସଚେତନତାକୁ ଗୁରୁତ୍ୱ

ପୁରୀ ଅଫିସ, ୨୩।୧୦

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଆନୁକୂଲ୍ୟରେ ରବିବାର ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ୭ମ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପକ୍ଷରୁ ୭ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରକଳା, ଆୟୁର୍ବେଦ ଖାଦ୍ୟପାନ ପ୍ରଦର୍ଶନ, ଆୟୁର୍ବେଦୀୟ ପୁସ୍ତକ ମେଳା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ପ୍ରତି ସଚେତନତା ବୃଦ୍ଧି କରିବା ନିମନ୍ତେ ସ୍ୱାସ୍ଥ୍ୟ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା।

# ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

**ସରିଲା ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୧୫ ତାରିଖରୁ ଏକାମ୍ର ହାଟଠାରେ ଆରମ୍ଭ ହୋଇଥିବା ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ରବିବାର ଶେଷ ହୋଇଛି। ମେଳାରେ ୨ଲକ୍ଷରୁ ଅଧିକ ଲୋକ ହୋଇଥିବାବେଳେ ୨କୋଟି ୩ଲକ୍ଷ ୪୭ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ଦିଆଯାଇଛି। ରାଜ୍ୟର ୨୬ ଜିଲାରୁ ୨୫୦ରୁ ଅଧିକ ହସ୍ତଶିଳ୍ପ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ୪୦ରୁ ଊର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି। କୁଇ ବାହାଲ ଓ ସିଲାଟି(ସୁବର୍ଣ୍ଣପୁର), ବରପାଲି( ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣକୁଆ (ଜଗତ୍‌ସିଂହପୁର), କୁସୁମି (କୋରାପୁଟ) ପରି କେତେକ ମୁଖ୍ୟ ଟେରାକୋଟା ପୁଞ୍ଜ ସହିତ ଅନ୍ୟ ସମସ୍ତ ଜିଲାର ଟେରାକୋଟା କାରିଗର ଓ ବ୍ୟବସାୟୀ ଯୋଗଦେଇ ସେମାନଙ୍କ ସାମଗ୍ରୀର ବିକ୍ରି ସହ ପ୍ରଦର୍ଶନ କରିଥିଲେ। ମାଟି ତିଆରି ଘର ସଜା ସାମଗ୍ରୀ, ହାଣ୍ଡି, କଡ଼େଇ ଆଦି ରୋଷେଇଘର ସାମଗ୍ରୀ, ଅଳଙ୍କାର, ଦୀପ, ବଗିଚା ସାମଗ୍ରୀର ଚାହିଦା ମେଳାରେ ଦେଖିବାକୁ ମିଳିଥିଲା।

# ୫୦ବର୍ଷରେ ପହଞ୍ଚିବ ଶାନ୍ତିସ୍ତୂପ ଧଉଳି


ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଦେଶର ଅନ୍ୟତମ ବୌଦ୍ଧ ଐତିହ୍ୟ ଶାନ୍ତିସ୍ତୂପ ଧଉଳିକୁ ଆସନ୍ତା ୨୮ ତାରିଖରେ ୫୦ବର୍ଷ ପୂରୁଛି। ତେଣୁ ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଏଥିରେ ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ନ୍ୟାସୀ ଯୋଗଦେବେ। ଉଦ୍‌ଘାଟନୀ ଦିନ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହେବା ସହ ପୂଜା ଆରମ୍ଭ ହେବ। ତେଣୁ ରବିବାର ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ପରିଦର୍ଶରେ ଯାଇ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ୨ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଲାଇଟ୍, ସାଉଣ୍ଡ୍ ବ୍ୟବସ୍ଥା ସହ ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ପୂର୍ବରୁ କିଭଳି ସରିବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ନେଇ ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଚନ୍ଦନ ମଲିକ, ଭଗବାନ ସାହୁ, ସୁବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀପାବଳି ପାଇଁ ବଜାରରେ ଭିଡ଼

ଖୋର୍ଦ୍ଧା ଅଫିସ,୨୩।୧୦



ଆଲୋକର ପର୍ବ ଦୀପାବଳି ପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇ ଉଠିଛି। ସୁନାଦୋକାନ, ମାଟିଦୀପ, ଆଲୋକମାଳା, କାଉଁରିଆ କାଠି, ଫୁଲମୂଳ ପ୍ରଭୃତି କିଣିବା ପାଇଁ ବଜାରରେ ପ୍ରବଳ ଭିଡ଼ ହୋଇଛି। ଦୁଇ ବର୍ଷ କରୋନା କଟକଣା ପରେ ଦୀପାବଳିକୁ ଧୁମଧାମରେ ପାଳନ ଲାଗି ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ଛକରେ ମାଟି ଦୀପର ପସରା ମେଳିଛି। ୨ଟଙ୍କାରୁ ୧୦ଟଙ୍କା ପର୍ଯ୍ୟନ୍ତ ମାଟି ଦୀପ ବ୍ରିକି ହେଉଥିବା ବେଳେ ବିଭିନ୍ନ ଟେରାକୋଟା ମାଟିଦୀପର ଚାହିଦା ରହିଛି। ସେହିପରି ଦିପାବଳୀରେ ଅନେକ ପରିବାର ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା କରିଥାନ୍ତି। ଗ୍ରାହକଙ୍କ ଚାହିଦା ଅନୁସାରେ ବଜାରରେ ବିଭିନ୍ନ ପ୍ରକାର ଚାଇନା ମାଳର ବିକ୍ରି ହେଉଛି। ୫୦ଟଙ୍କାରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଭେରାଇଟିର ଲାଇଟ ବ୍ରିକି ହେଉଛି ବୋଲି ବେପାରୀ ସୁବ୍ରତ ସାହୁ କହିଛନ୍ତି। ସେହିପରି ଧନତେରସରେ ଝାଡୁ କିଣିବାର ପରମ୍ପରା ରହିଛି। କୁହାଯାଏ, ଧନତେରସରେ ଝାଡୁ କିଣିଲେ ଶ୍ରୀବୃଦ୍ଧି ଘଟିଥାଏ। ରବିବାର ବଜାରରେ ଫୁଲଝାଡୁ, ପହଁରା, ଖଡିକା ଦିନତମାମ ବ୍ରିକି ଚାଲିଛି। ଟ୍ରାଫିକ ଛକ, ଏସବିଆଇ ଛକ, ପୁରୁଣା ବସଷ୍ଟାଣ୍ଡ, ମାରୱାଡି ପଟି ସମେତ ସମସ୍ତ ଛକ ସ୍ଥାନରେ ଝାଡୁର ପସରା ମେଳିଛି। ଫୁଲଝାଡୁ ୮୦ରୁ ୯୦, ଖଡିକା ୩୦ରୁ ୪୦ଟଙ୍କା ଏବଂ ପହଁରା ୨୦ରୁ ୩୦ ଟଙ୍କାରେ ବିକ୍ରି କରାଯାଉଥିବା ବେପାରୀ ଅଜିତ ଦାସ କହିଛନ୍ତି। ଏନେଇ ଦଳେଇପୁଟ ଗ୍ରାମର ଭରତ ସୁବୁଦ୍ଧି କୁହନ୍ତି, ଧନତେରସରେ ସୁନା ଅଳଙ୍କାର ଓ ଝାଡୁ କିଣିବା ପରମ୍ପରା ରହିଛି। ପ୍ରତିବର୍ଷ ମୁଁ ରୁପା,ସୁନା କଏନ ଏବଂ ଝାଡୁ କିଣି ଘରକୁ ନେଇଥାଏ। ସେହିପରି ଶରଧାପୁରଗ୍ରାମର ଜିତେନ୍ଦ୍ରୀୟ ବେହେରା କହିଛନ୍ତି, ପ୍ରତିବର୍ଷ ଧନତେରସରେ ରୁପା ଅଳଙ୍କାର ସହିତ ଫୁଲଝାଡୁଟିଏ କିଣି ନେଇଥାଏ। ଚଳିତବର୍ଷ ଦର ଅଧିକା ରହିଛି। ତେବେ ପରମ୍ପରା ରକ୍ଷା ଲାଗି ଝାଡୁ କିଣିଛି। ସେହିପରି ଗୁରୁଜଙ୍ଗର ହରିହର ଖାଡଙ୍ଗା କହିଛନ୍ତି,ଏହି ସମୟରେ ମୁଁ କିଛି ସୁନାରୁପା କିଣିଥାଏ। ଏଥିସହିତ ଝାଡୁଟିଏ ଘରକୁ ନେବାକୁ ଭୂଲି ନଥାଏ। ଅନ୍ୟପଟେ ବଜାରରେ ବିଭିନ୍ନ ଫଳ ଦର ବୃଦ୍ଧି ପାଇଛି। ଶ୍ରୀରାମନଗର ବାସିନ୍ଦା ମଧୁସ୍ମିତା ଦାସ କହିଛନ୍ତି, ଦିପାବଳୀରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ତେବେ ଚଳିତବର୍ଷ ସବୁ ଫଳ ଦର ଅଧିକା ରହିଛି। ଜନୈକ ଫଳ ବ୍ୟବସାୟୀ କହିଛନ୍ତି, ଚାହିଦା ମୁତାବକ ଫଳ ଠିକ୍ ସମୟରେ ଆସିପାରିଲା ନାହିଁ। ଫଳରେ ଦରରେ ସାମାନ୍ୟ ଅଧିକା ରହିଛି। କାଉଁରିଆ କାଠି ୨୦ରୁ ୩୦ଟଙ୍କା, ଆଖୁ ଖଣ୍ଡ ୪୦ରୁ ୫୦ ଟଙ୍କା ଓ ଫଳ କେଜି ପିଛା ୧୫୦ ଟଙ୍କା ଉପରକୁ ରହିଥିବା ଗୁରୁଜଙ୍ଗର ରାକେଶ ସାହୁ କହିଛନ୍ତି।

## ସଂକ୍ଷେପରେ

### ୱାର୍ଡସଭ୍ୟଙ୍କ ଦକ୍ଷତା ବୃଦ୍ଧି ଶିବିର ଉଦ୍‌ଯାପିତ

**କଣାସ,୨୩।୧୦(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଶନିବାର ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ଦକ୍ଷତା ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ସୁଦର୍ଶନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସାମାଜିକ କର୍ମୀ ଉମାକାନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତର ବିକାଶ ପାଇଁ ୱାର୍ଡ ସଭ୍ୟାସଭ୍ୟାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ନିଷ୍ଠାର ସହିତ କାର୍ଯ୍ୟ କଲେ ପଞ୍ଚାୟତର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଅଶୋକ କୁମାର ସ୍ୱାଇଁ ଓ ବେଣୁଧର ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ଅଣ୍ଡାଳସିଂହ, ଦୋକନ୍ଦା, ଗଡ଼ଖାରଦ, ଦେଇପୁର ପଞ୍ଚାୟତର ୪୬ଜଣ ୱାର୍ଡ ସଭ୍ୟାସଭ୍ୟ ୩ଦିନ ଧରି ପ୍ରଶିକ୍ଷଣ ନେବା ପରେ ଶେଷରେ ସେମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଭୂମି ପୂଜନ

**କଣାସ, ୨୩।୧୦(ସ୍ୱ.ପ୍ର):** କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ୪୩ତମ ବିଶ୍ୱଶାନ୍ତି ମହାଯଜ୍ଞ ହେବାକୁ ଯାଉଛି। ଏଥିଲାଗି ରବିବାର ଭୂମିପୂଜନ, ହଳ ପ୍ରବାହ ସହ ଖୁଣ୍ଟି ଅନୁକୂଳ ସମ୍ପନ୍ନ ହୋଇଯାଇଛି। ଆଚାର୍ଯ୍ୟ କାଳିପ୍ରସାଦ ପରମଗୁରୁ, ପଣ୍ଡିତ ବାଉରିବନ୍ଧୁ ତ୍ରିପାଠୀ ଏବଂ ଅନ୍ୟ ପଣ୍ଡିତମାନେ ଯୋଗଦେଇ କାର୍ଯ୍ୟକ୍ରମ ସମାପନ କରିଥିଲେ। ସଭାପତି ଧନେଶ୍ୱର ରାଉତ, ସମନ ଭୋଳ, ବେଣୁଧର ପାଇକରାୟ, ହାଡ଼ିବନ୍ଧୁ ପାଢୀ, ଶ୍ରୀକାନ୍ତ ପାଟଯୋଷୀ, ଗୁଣ୍ଡେଇ ପ୍ରଧାନ, ଅରିକ୍ଷିତ ଦାସ, ମୂଷା ମହାପାତ୍ର, ପ୍ରଭାକର ବଳିୟାରସିଂହ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଯଜ୍ଞ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଭୁଜାଲି ଦେଖାଇ ଡକାୟତି

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ଦିବାଲୋକରେ ଡକାୟତି ହୋଇଛି। ଏକ ଦମ୍ପତିଙ୍କୁ ୫ ଦୁର୍ବୃତ୍ତ ଭୁଜାଲି ଦେଖାଇ ମାଡ଼ମାରି ସୁନା ଅଳଙ୍କାର ସମେତ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବୁଧବାର ଏହି ଘଟଣା ଥିବାବେଳେ ରବିବାର ଜଣାପଡିଛି। ପୋଲିସ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଦିନ ୧୧ଟାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ ହାଉସିଂ ବୋର୍ଡ କଲୋନୀସ୍ଥିତ ପ୍ଲଟ୍ ନଂ. ଏଚ୍‌ଆଇଜି ୧୬/୬ରେ ରହୁଥିବା ସକୁନ୍ତଳା ମହାରଣାଙ୍କ ଘରର କଲିଂ ବେଲ୍ ମାରିଥିଲେ। ସକୁନ୍ତଳା ଗେଟ୍ ଖୋଲିବାରୁ ଦୁର୍ବୃତ୍ତମାନେ ଘର ଭିତରକୁ ଧସେଇ ପଶିଥିଲେ। ସେମାନେ ସକୁନ୍ତଳାଙ୍କୁ ଧକ୍କା ମାରି ତଳେ ପକାଇ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ସକୁନ୍ତଳା ପିନ୍ଧିଥିବା ସୁନା ବାଲା, ହାର, କାନ ଫୁଲ ନେଇଯାଇଥିଲେ। ସେହିପରି ତାଙ୍କ ସ୍ୱାମୀଙ୍କୁ ମଧ ସେମାନେ ଭୁଜାଲି ଦେଖାଇ ସୁନା ମୁଦି, ୨ଟି ମୋବାଇଲ, ଗୋଟିଏ ଟ୍ୟାବ୍ ଓ ୩ ହଜାର ଟଙ୍କା ନେଇଯାଇଥିଲେ।

# ଐତିହ୍ୟ, ପ୍ରାକୃତିକ ସମ୍ପଦ ସୁରକ୍ଷା ଉପରେ ଗୁରୁତ୍ୱ

## ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳିତ

ପୁରୀ ଅଫିସ, ୨୩।୧୦



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ଜିଲା ହେଉଛି ଐତିହ୍ୟ ଓ ପ୍ରକୃତିର ଗନ୍ତାଘର। ବିକାଶମୂଳକ କାର୍ଯ୍ୟ ସମୟରେ ଏହାର ସଂରକ୍ଷଣ କରାଯାଉ। ପୁରୀକୁ ଦେଶର ଆଧ୍ୟାତ୍ମିକ ରାଜଧାନୀ ବୋଲି କୁହାଯାଏ। ପୁରୀ ସମଗ୍ର ଓଡ଼ିଶାର ପରିଚୟ ହୋଇଥିବାରୁ ଏହାର ସ୍ୱତନ୍ତ୍ରତା, ପବିତ୍ରତା ଓ ଧାର୍ମିକ ପରିବେଶ ଅକ୍ଷୁର୍ଣ୍ଣ ରଖାଯିବାକୁ ବିଶିଷ୍ଟ ବ୍ୟକ୍ତିମାନେ ପରାମର୍ଶ ଦେଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ରହିଥିବା ପ୍ରାଚୀନ ଐତିହ୍ୟ, କୀର୍ତ୍ତିରାଜି ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ରବିବାର ପୁରୀ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ୟୁଥ୍ ହଷ୍ଟେଲରେ ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରାଯିବ। ଲୋକଙ୍କ ସହଯୋଗ ବିନା ଏହା ସଫଳ ହୋଇପାରିବ ନାହିଁ। ପୁରୀରେ ରହିଥିବା ସବୁ ମଠ ମନ୍ଦିର ଏବଂ ପ୍ରାଚୀନ ଐତିହ୍ୟଗୁଡ଼ିକର ସୁରକ୍ଷା କରାଯିବ। ଜନସାଧାରଣଙ୍କ ପରାମର୍ଶ ଏବଂ ପ୍ରସ୍ତାବକୁ ସ୍ୱାଗତ କରାଯାଉଛି। ଆଗାମୀ ବର୍ଷଠାରୁ ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଜିଲା ପ୍ରଶାସନ ସବୁ ପ୍ରକାର ସହଯୋଗ ଯୋଗାଇଦେବ। ପ୍ରତିଷ୍ଠା ଦିବସକୁ ସଂକଳ୍ପ ଦିବସ ଭାବେ ପାଳନ ପାଇଁ ସେ ପରାମର୍ଶ ଦେଇଛନ୍ତି। ପୁରୀ ବିକାଶ ପରିଷଦର ଏଭଳି ଉଦ୍ୟମକୁ ସେ ସାଧୁବାଦ୍ ଜଣାଇଛନ୍ତି। ଜିଲାର ବିକାଶ ପାଇଁ ବୁଦ୍ଧିଜୀବୀମାନେ ପ୍ରସ୍ତାବ ଦେବାକୁ ଅତିରିକ୍ତ ଜିଲାପାଳ କହିଛନ୍ତି। ପୁରୀ ପୌର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସେ କହିଥିଲେ, ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ। ପୁରୀର ଐତିହ୍ୟ, ସଂସ୍କୃତି, ପରମ୍ପରା ଏବେ ବିଶ୍ୱବ୍ୟାପୀ ହୋଇଛି। ପୁରୀକୁ ନେଇ ପ୍ରତ୍ୟେକ ଅଧିବାସୀ ଆଜି ଗର୍ବ କରିବା ଉଚିତ। ପୁରୀକୁ ସ୍ୱଚ୍ଛ, ସବୁଜ ଏବଂ ପ୍ରଦୂଷଣମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅଭିଯାନରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି। ପ୍ରାଚୀନ ଐତିହ୍ୟର ସୁରକ୍ଷା ସହ ବିକାଶ କରାଯିବ ବୋଲି ସେ କହିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ଏବଂ ବିଶିଷ୍ଟ ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଜାତିର ଜନକ ମହାତ୍ମା ଗାନ୍ଧୀ ପୁରୀକୁ ଭଲ ପାଇବା ସହ ବାରମ୍ବାର ଏଠାକୁ ଆସି ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହିମାର ପ୍ରଚାର କରିଥିବା ପରିଡ଼ା ମତ ଦେଇଥିଲେ। ସେ କହିଥିଲେ ଯେ, ଗାନ୍ଧିଜୀ ତାଙ୍କ ସମ୍ପାଦକୀୟରେ ପୁରୀ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି। ପୁରୀ ବିକାଶ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ମନୋଜ କୁମାର ରଥ, ସୂର୍ଯ୍ୟନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶରତ ଜୟସିଂହ, ସୌମେନ୍ଦ୍ର ଦାସ, ଦେବୀ ପ୍ରସନ୍ନ ନନ୍ଦ, ସନ୍ତୋଷ କୁମାର ମହାନ୍ତି, ବିଶ୍ୱନାଥ ବେହେରା, ଅଧ୍ୟାପକ ସୁକାନ୍ତ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ଲୋପାମୁଦ୍ରା ମିଶ୍ର, ସିପ୍ରା ମିଶ୍ର, ଶୁଭସ୍ମିତା ପ୍ରିୟଦର୍ଶିନୀ, ଚିରଶ୍ରଦ୍ଧା ମହାନ୍ତି, ଆୟୁଷା ପରିଡ଼ା, କ୍ରିଷ୍ଣା କାବେରୀ ମହାପାତ୍ର, ସଙ୍ଗୀତା ପ୍ରଧାନ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଙ୍ଗଠନ ସମ୍ପାଦକ ସ୍ୱାଧୀନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଉପସଭାପତି ସୁକାନ୍ତ ପଣ୍ଡା, ଡାକ୍ତର ରାଧାଶ୍ୟାମ ରଥ, ପ୍ରାନ୍ତସିନି ଜେନା, ବାପିନା ସାମନ୍ତରାୟ, ଗୋବିନ୍ଦ ଦାସ ଘୋଷ, ଡାକ୍ତର କୈଳାଶ ଭୂଷଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୮୨ ଗ୍ରାମ୍ ବ୍ରାଉନ ସୁଗାର ଜବତ: ୨ ଗିରଫ

ପୁରୀ ଅଫିସ, ୨୩।୧୦

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ପୁରୀ ସଦର ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଜଟଣୀ ଦେଉଳପାଟଣାର ଚନ୍ଦନ ସେଠ ଏବଂ ଜଟଣୀ ଟ୍ରାଫିକ କଲୋନୀର ଏମ୍. କ୍ରିଷ୍ଣା ରାଓ। ପୋଲିସ ଏ ନେଇ ଏକ କେସ୍ (ନଂ.୨୭୬/୨୨) ରୁଜୁ କରିଛି। ପୋଲିସ ଅଭିଯୁକ୍ତ ନିକଟରୁ ୮୨ ଗ୍ରାମ୍ ବ୍ରାଉନ ସୁଗାର ସହ ନଗଦ ୩୮୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଦୀପାବଳୀ ଉପଲକ୍ଷେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ପୁରୀ ସଦର ଥାନା ପୋଲିସ ପକ୍ଷରୁ ରବିବାର ବୀରହରେକୃଷ୍ଣପୁର ଛକ ନିକଟରେ ଯାଞ୍ଚ ଚାଲିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ପୁରୀ ଅଭିମୁଖେ ଆସୁଥିଲେ। ପୋଲିସ ଉଭୟଙ୍କୁ ଅଟକାଇ ଯାଞ୍ଚ କରିବାରୁ ବ୍ରାଉନ ସୁଗାର ମିଳିଥିଲା। ନୀଳଚକ୍ରନଗରକୁ ବ୍ରାଉନ ସୁଗାର ନେଇ ଯାଉଥିବା ସେମାନେ କହିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି ଆଇପିସି ଦଫା ୨୧(ବି)/୨୯ ଏନଡିପିଏସ୍ ଆକ୍ଟରେ କୋର୍ଟ ଚାଲାଣ କରିଛି।

# ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଅଭିନ୍ନ


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ପୁରୀ ଅଫିସ, ୨୩।୧୦

ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ପରସ୍ପର ପରିପୂରକ ଏବଂ ଅଭିନ୍ନ। ପ୍ରାଥମିକ ସ୍ତରରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଓଡ଼ିଆ ଭାଷାରେ ଶିକ୍ଷାଦାନ ବାଧ୍ୟତାମୂଳକ ହେବା ଉଚିତ। ଓଡ଼ିଆ ଭାଷା ପ୍ରାଚୀନ ମଗଧି, ଉଡ୍ର ମାଗଧି, ଉଡ୍ରଜା, ଉଡ୍ରବିଭାଷା ଓ ଉଡୀୟାନ ଭାଷା ରୂପେ ପରିଚିତ। ଏହାର ଶବ୍ଦ ଭଣ୍ଡାର ଜ୍ଞାନ ଏକ ପ୍ରାଚୀନତମ ପ୍ରୟୋଗଶାଳା ବୋଲି ଅତିଥିମାନେ ମାତୃଭାଷାର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଛନ୍ତି। ଭାଷା ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ରବିବାର ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ରାଣୀସତୀ ଭବନରେ ଡ. ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଓ ବକ୍ତା ଭାବେ ଡ. ପ୍ରମୋଦ କୁମାର ଦଳାଇ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଗବେଷକ ଓ ଐତିହାସିକ ମଦନମୋହନ ମହାପାତ୍ର, ଚିଲିକା ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ରଙ୍ଗନାଥ ସେଠୀ, ପ୍ରତିଭା ତ୍ରିପାଠୀ, ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ , ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଓଡ଼ିଆ ଭାଷା ପ୍ରଶାସନିକ ଭାଷା ହେବା ଉଚିତ। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଏକ ବଡ଼ ଜନ ଆନ୍ଦୋଳନର ସମ୍ମୁଖୀନ ହେବେ ବୋଲି ଅତିଥିମାନେ କହିଥିଲେ। ଶରତ ଚନ୍ଦ୍ର ସାହୁ, ସଦାଶିବ ମିଶ୍ର, ଇଂ. କେଶବ ପାତ୍ର, ସୁରେଶ ପଟ୍ଟନାୟକ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ବିଚିତ୍ର ରଞ୍ଜନ ମହାପାତ୍ର, ପ୍ରଭାତ ରଥ, ଆଶାଲତା ପ୍ରଧାନ, ଦାଶରଥି ମହାପାତ୍ର, ବିଜୟ ଛାଟୋଇ, ରତିକାନ୍ତ ପ୍ରତିହାରୀ, ଜୁପିଟର ଦାସ, ଭବାନୀ ପ୍ରସାଦ ବଳିଆର ସିଂହ, ହେମାଙ୍ଗିନି ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଶିବ ସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସରିଲା ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ

## ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେପାର

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୧୫ ତାରିଖରୁ ଏକାମ୍ର ହାଟଠାରେ ଆରମ୍ଭ ହୋଇଥିବା ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ରବିବାର ଶେଷ ହୋଇଛି। ମେଳାରେ ୨ଲକ୍ଷରୁ ଅଧିକ ଲୋକ ହୋଇଥିବାବେଳେ ୨କୋଟି ୩ଲକ୍ଷ ୪୭ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ଦିଆଯାଇଛି। ରାଜ୍ୟର ୨୬ ଜିଲାରୁ ୨୫୦ରୁ ଅଧିକ ହସ୍ତଶିଳ୍ପ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ୪୦ରୁ ଉର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜି ରହିଛି। କୁଇ ବାହାଲ ଓ ସିଲାଟି(ସୁବର୍ଣ୍ଣପୁର), ବରପାଲି( ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣୁକୁଆ (ଜଗତ୍‌ସିଂହପୁର), କୁସୁମି (କୋରାପୁଟ) ପରି କେତେକ ମୁଖ୍ୟ ଟେରାକୋଟା ପୁଞ୍ଜି ସହିତ ଅନ୍ୟ ସମସ୍ତ ଜିଲାର ଟେରାକୋଟା କାରିଗର ଓ ବ୍ୟବସାୟୀ ଯୋଗଦେଇ ସେମାନଙ୍କ ସାମଗ୍ରୀର ବିକ୍ରି ସହ ପ୍ରଦର୍ଶନ କରିଥିଲେ। ମାଟି ତିଆରି ଘର ସଜା ସାମଗ୍ରୀ, ହାଣ୍ଡି, କଡ଼େଇ ଆଦି ରୋଷେଇଘର ସାମଗ୍ରୀ, ଅଳଙ୍କାର, ଦୀପ, ବଗିଚା ସାମଗ୍ରୀର ଚାହିଦା ମେଳାରେ ଦେଖିବାକୁ ମିଳିଥିଲା। ଦୀପାବଳି ଥିବାରୁ ଦୀପ ଚାହିଦା ସର୍ବାଧିକ ଥିଲା। ଗ୍ରାହକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁବର୍ଷ ଅପେକ୍ଷା ଅଧିକ ଭିଡ଼ ଦେଖିବାକୁ ମିଳିଥିଲା।

# ଓଡ଼ିଶା ଇତିହାସରେ ନୂଆ ଯୁଗ ସୃଷ୍ଟି କରିଥିଲେ ଭଗବତୀ ଚରଣ

ପୁରୀ ଅଫିସ,୨୩।୧୦

ଓଡ଼ିଶାର ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀ ଏକ ନୂଆ ଯୁଗ ସୃଷ୍ଟି କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଖ୍ୟାତ ଜନନେତା ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରବିବାର ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ କବି ମାନସ ରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦାନ କରି କହିଥିଲେ, ଓଡ଼ିଶାର ସାହିତ୍ୟ ରଚନା ଇତିହାସରେ ଭଗବତୀ ଏକ ନୂଆ ଯୁଗ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ନବଯୁଗ ସାହିତ୍ୟ ସଂସଦ ଶୋଷିତ ମଣିଷର ସ୍ୱରକୁ ଉତ୍ତୋଳିତ କରି ପ୍ରଗତିଶୀଳ ଓ ସୃଜନଶୀଳ ସାହିତ୍ୟର ଭିତ୍ତିଭୂମି ପକାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ କବି ପବିତ୍ର ମୋହନ ଦାସ ଭଗବତୀଙ୍କୁ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ବାସ୍ତବ ଉତ୍ତରାଧିକାରୀ ବୋଲି ଚିତ୍ରଣ କରିଥିଲେ। ଭଗବତୀଙ୍କ ରଚିତ ଗଳ୍ପ ଓ ପ୍ରବନ୍ଧଗୁଡ଼ିକ ଓଡ଼ିଶାର ସାହିତ୍ୟ ଓ ରାଜନୀତିର ଏକ ପ୍ରତିଫଳନ ଭାବେ ଗଢି ତୋଳି ସାହିତ୍ୟ ଜରିଆରେ ବିପ୍ଳବ ପାଇଁ ସେ ଆହ୍ୱାନ ଦେଇଥିଲେ। ଶିକ୍ଷକ ନେତା ତଥା ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଯୋଗଦେଇ କହିଥିଲେ, ଗୋପବନ୍ଧୁ ଦାଶ ସମାଜସେବା ବିପ୍ଳବର ଯେଉଁ ବାର୍ତ୍ତା ସମାଜର ସମ୍ପାଦକୀୟରେ ଲେଖି ପରିଚୟ କରାଇଥିଲେ, ଭଗବତୀ ଓ ସେମାନଙ୍କ ସାଥୀମାନେ ଓଡ଼ିଶାରେ ସେହି ସାମ୍ୟବାଦୀ ଆନ୍ଦୋଳନର ସୂତ୍ରପାତ କରିଥିଲେ। ଭଗବତୀ ହେଉଛନ୍ତି ଓଡ଼ିଶାରେ ସାମ୍ୟବାଦୀ, ରାଜନୀତି, ଦର୍ଶନ ଓ ସଙ୍ଗଠନର ଆଦ୍ୟ ପ୍ରବର୍ତ୍ତକ ଏବଂ ମୁଖ୍ୟ ସୂତ୍ରଧର। କାର୍ଯ୍ୟକ୍ରମରେ ଛାତ୍ରନେତା ମାନସ ରଞ୍ଜନ ଦଳବେହେରା, ସର୍ବେଶ୍ୱର ମହାନ୍ତି ଓ ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ଦାଶ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଷ୍ଟାର ପୁରୀ ଜିଲା ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଚନ୍ଦନ କୁମାର ସାହୁ ଓ ରାକ୍ଷୀ ସ୍ୱାଇଁ ସଂଯୋଜନା କରିଥିଲେ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

ପୁରୀ ଅଫିସ, ୨୩।୧୦

ନିଫା ପଶ୍ଚିମବଙ୍ଗ ଓ ନିଫା ପୁରୀର ମିଳିତ ସହଯୋଗରେ ସମୁଦ୍ରକୂଳ ଲାଇଟ ହାଉସ୍ ଛକଠାରେ ରବିବାର ନିଶାଦ୍ରବ୍ୟ ବର୍ଜନ ପାଇଁ ଏକ ସଚେତନତାମୂଳକ ପ୍ରଥପ୍ରାନ୍ତ ନାଟକ ପରିବେଷିତ ହୋଇଛି। ପୁରୀ ନିଫାର ସଭାପତି ଶିବନାରାୟଣ ଭଞ୍ଜ ଏବଂ ସମ୍ପାଦକ ଅଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଶ୍ଚିମବଙ୍ଗ ନିଫା ଟିମ୍‌କୁ ସ୍ୱାଗତ କରିଥିଲେ। ଜନସାଧାରଣ କିପରି ନିଶାଠାରୁ ଦୂରେଇ ରହିବେ, ନିଶା ସେବନର କୁପରିଣାମ, କିପରି ସମାଜକୁ ସୁସ୍ଥ ରଖିହେବ ସେ ନେଇ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ ନିଫା ଓଡ଼ିଶା ଶାଖାର ପଦାଧିକାରୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ, ନିଫା ପୁରୀର ଗଣମାଧ୍ୟମ ସମ୍ପାଦକ ମହେନ୍ଦ୍ର ବିଶୋୟୀ, ମନୋଜ କୁମାର ମହାନ୍ତି, ଜ୍ୟୋତି ପ୍ରକାଶ ମହାରଣା, ମନୋରଞ୍ଜନ ତ୍ରିପାଠୀ, ଦୀପ୍ତି ମିଶ୍ର, ଅଜୟ କୁମାର ସେଠୀ, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନିଫା ପଶ୍ଚିମବଙ୍ଗର ଟିମ୍ ଲିଡର ଅନିବେଶ ଦେବରାୟଙ୍କୁ ପୁରୀ ଟିମ୍ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜନ୍ମ ଦିବସରେ ଚାରାରୋପଣ କଲେ ଛାତ୍ର

ଗୋପ,୨୩।୧୦(ଡି.ଏନ୍.ଏ.)

**ଗୋପ ବ୍ଲକ ଅଧୀନ** କୁଶୁପୁରୁ ଗ୍ରାମର ଅଭିଜିତ୍ ସାହୁ ନିଜ ଜନ୍ମଦିନରେ ୭ଟି ଚାରାରୋପଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ନିମାପଡ଼ା ଡିଏଭି ସ୍କୁଲର ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ର ଅଭିଜିତ୍ କୁହନ୍ତି, ଦିନକୁ ଦିନ ବିଭିନ୍ନ ଅଞ୍ଚଳରେ ବୃକ୍ଷ କଟାଯାଉଛି। ଫଳରେ ପରିବେଶ ନଷ୍ଟ ହେଉଛି। ମୋ ଜନ୍ମ ଦିବସରେ ଯେତିକି ଟଙ୍କା ଖର୍ଚ୍ଚ ହୋଇଥାନ୍ତା ସେହି ଟଙ୍କାରେ ଚାରା କିଣି ଲଗାଇଥିବା କହିଛନ୍ତି। ଜନ୍ମ ଦିବସରେ ଚାରାରୋପଣ କରିବା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ନିଃସ୍ୱାର୍ଥ ପରିବାରର ଉପଦେଷ୍ଟା ପ୍ରକାଶ କୁମାର ଖଟୋଇ, ସଭାପତି ରତ୍ନାକର ସେଠୀ, ସମ୍ପାଦକ ସିଲନ କୁମାର ମହାନ୍ତି, ସମରେନ୍ଦ୍ର ସିଂ ପ୍ରମୁଖ କହିଛନ୍ତି।

# ସରପଞ୍ଚ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ବୁଲିଲା

## ୪ରେ ଯଶୁଆପୁର ପଞ୍ଚାୟତ ଉପନିର୍ବାଚନ

ପିପିଲି,୨୩।୧୦(ଡି.ଏନ୍.ଏ.)

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତ ସରପଞ୍ଚ ପଦ ପାଇଁ ନଭେମ୍ବର ୪ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଆସନ ଲାଗି ବିଭିନ୍ନ ଦଳର ସମର୍ଥିତ ପ୍ରାର୍ଥୀ ଗାଁ ଗାଁ ବୁଲି ସେମାନଙ୍କ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ରବିବାର ବୁଦ୍ଧେଶ୍ୱର ଦେବଙ୍କ ନିକଟରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସନ୍ତୋଷ କୁମାର ମହାନ୍ତିଙ୍କ ପାଇଁ ୨ଟି ଗାଡ଼ି ପୂଜାର୍ଚ୍ଚନା କରାଯାଇ ପ୍ରଚାର ପାଇଁ ବାହାରିଥିଲା। ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ଧରଣୀଧର ସାହୁ, ନାରାୟଣ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, କିଶୋର ଛୋଟରାୟ, ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ସେକ୍ ବାକୁ, ପଦ୍ମନାଭ ସାମନ୍ତରାୟ, ରଶ୍ମିରଞ୍ଜନ ଭଞ୍ଜ, ପ୍ରଦୀପ୍ତ କୁମାର ମିଶ୍ର, ଦେବାଶିଷ ନନ୍ଦ, ଅନନ୍ତ ନାୟକ, ଅର୍ଜୁନ ରାଉତ, ରାଧୁଚରଣ ଜେନା, ଆଶିଷ ବରାଳ, ଆର୍ତ୍ତବନ୍ଧୁ ସାମନ୍ତରାୟ, ଲିପିକା ମହାପାତ୍ରଙ୍କ ସମେତ ଶତାଧିକ ସମର୍ଥକ ଯୋଗଦେଇ ସରପଞ୍ଚ ପ୍ରାର୍ଥୀ ସନ୍ତୋଷଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ।


ପ୍ରାର୍ଥୀଙ୍କ ସପକ୍ଷରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଅନ୍ୟମାନେ ପ୍ରଚାର କରୁଛନ୍ତି।

# ଦୀପ, ବାଣ ପାଇଁ ବଜାରରେ ଭିଡ଼

## ଉତ୍ସବମୁଖର ଶ୍ରୀକ୍ଷେତ୍ର

ପୁରୀ ଅଫିସ, ୨୩।୧୦

ଆଲୋକର ପର୍ବ ଦୀପାବଳୀ ପାଇଁ ପୁରୀ ସହର ଏବେ ଉତ୍ସବମୁଖର ହୋଇଉଠିଛି। ଲୋକେ ବିଭିନ୍ନ ପ୍ରକାର ବାଣ, ମାଟି ଦୀପ ସହ ମହମବତି କିଣୁଥିବା ଦେଖିବାକୁ ମିଳିଛି। ଦୀପାବଳୀରେ ପୟାଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ତେଣୁ ରବିବାର ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ କାଉଁରିଆ କାଠି ବିକ୍ରି ହେଉଛି। କୋଭିଡ କଟକଣା କାରଣରୁ ଦୁଇବର୍ଷ ହେବ ଦୀପାବଳି ଫିକା ପଡ଼ିଥିଲା। କିନ୍ତୁ ଚଳିତ ବର୍ଷ କଟକଣା ନ ଥିବାରୁ ଧୁମଧାମରେ ଦୀପାବଳି ପର୍ବକୁ ପାଳନ କରିବାକୁ ଲୋକେ ଉତ୍ସାହିତ ହୋଇପଡ଼ିଛନ୍ତି। କିଏ ଘରକୁ ସୁନ୍ଦର ଆଲୋକମାଳାରେ ସଜାଇଛି ତ କିଏ ବିଭିନ୍ନ ରଙ୍ଗ ବେରଙ୍ଗ ରଙ୍ଗ ଓ ରଙ୍ଗୋଲିରେ ଦୀପାବଳୀକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇଛି। କୁମ୍ଭାକାରମାନଙ୍କଠାରୁ ଆରମ୍ଭ କରି ବାଣ ବ୍ୟବସାୟୀମାନେ ବ୍ୟବସାୟକୁ ନେଇ ଆଶାବାଦୀ ଅଛନ୍ତି। ପୁରୀ କୁମ୍ଭାରପଡ଼ା, ଚିକରପଡା ଆଦି ସ୍ଥାନରେ ବସବାସ କରୁଥିବା କୁମ୍ଭକାରମାନେ ବିଭିନ୍ନ ପ୍ରକାର ଓ ଆକୃତିର ଦୀପ ନିର୍ମାଣ କରିଛନ୍ତି। ପଇସିକା ଦୀପ ଠାରୁ ଆରମ୍ଭ କରି ଅମାବାସ୍ୟା ଦୀପ, ପଞ୍ଚଦୀପ, ସାତଦୀପ ଆଦି ପ୍ରସ୍ତୁତ କରାଯାଇଛି। ଏକ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ଦୀପଗୁଡିକର ମୂଲ୍ୟ ରହିଛି। ଗ୍ରାହକଙ୍କ ଚାହିଦାକୁ ନେଇ ଦୀପ ପ୍ରସ୍ତୁତ କରାଯାଇଥିବା କୁମ୍ଭକାରଙ୍କ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଦୀପର ଚାହିଦା ରହିଛି। ତାଳବଣିଆ ପଡ଼ିଆରେ ବ୍ୟବସାୟ ଲାଗି ବାଣ ବ୍ୟବସାୟୀମାନଙ୍କୁ ଷ୍ଟଲ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀମାନେ ଦୋକାନ କରିଛନ୍ତି। ଚଳିତ ବର୍ଷ ଭଲ ବ୍ୟବସାୟ ନେଇ ବ୍ୟବସାୟୀମାନେ ଆଶା ରଖିଛନ୍ତି। ଚଳିତ ବର୍ଷ ଅନେକ ଭେରାଇଟିର ବାଣ ବଜାରକୁ ଆସିଛି। ତେବେ ଦର ଅଧିକ ରହିଛି। କୌଣସି ଅଘଟଣକୁ ଏଡାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଯେପରି ଶ୍ରଦ୍ଧାଳୁମାନେ ସୁବିଧାରେ ଶ୍ରୀମନ୍ଦିର ନିକଟରେ ବଡ଼ଦେଉଳଙ୍କୁ ଡାକିପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି।


ତାଳବଣିଆଠାରେ ଖୋଲିଥିବା ବାଣ ଦୋକାନ।